# ବୋଇତ ଯାତ୍ରୀ
## ବା
# ପୋହ୍ଲାଦ୍ୱୀପ

*

ଅଧ୍ୟାପକ ଡକ୍ଟର ଶ୍ରୀ ଜୟକୃଷ୍ଣ ମହାନ୍ତି
ଏମ୍. ବି., ବି. ଏସ୍., ଏମ୍. ଡି. (ନିଉଜିଲାଣ୍ଡ)

ଲେଖକ—

ଅଧ୍ୟାପକ ଡକ୍ଟର ଶ୍ରୀ ଜୟକୃଷ୍ଣ ମହାନ୍ତ

ଏମ୍. ବି., ବି. ଏସ୍., ଏମ୍. ଡି. (ନିଉଜିଲ୍ୟାଣ୍ଡ)

ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ—୧

**All Copy rights of this book are reserved by the author.**

ପ୍ରଥମ ମୁଦ୍ରଣ

ମୁଦ୍ରାକର

ଶ୍ରୀ ରାଇମୋହନ ଦାସ

ଉଗର ପ୍ରେସ୍, କଟକ

ପ୍ରକାଶକ

# ଓଡ଼ିଶା ବୁକ୍ ଷ୍ଟୋର

କଟକ

ମୂଲ୍ୟ—ଦୁଇଟଙ୍କା ପଚିଶ ନୂଆ ପଇସା

ଅତିରିକ୍ତ ବନ୍ଧେଇ ପଚିଶ ନୂଆ ପଇସା

# ପଦେ ଅଧେ

ଅଧ୍ୟାପନା, ବୈଜ୍ଞାନିକ ଗବେଷଣା ଓ ରୋଗୀ ଚିକିତ୍ସା କରି ମନଟା ଅବସନ୍ନ ହୋଇ ପଡ଼ିଲେ, ଚିତ୍ତ-ବିନୋଦନ ପାଇଁ ସାହିତ୍ୟରେ ମାତିଯାଏ । ଏ ସଉକ ଯୋଗୁଁ ଏ ଯାଏ ଅଠର ଖଣ୍ଡି ପାଣ୍ଡୁଲିପି ଲେଖି ସାଇତି ରଖିଛି । କିନ୍ତୁ ଏଥିରୁ ଗୋଟିଏ ହେଲେ ପ୍ରକାଶ କରିବାକୁ ଆଜିଯାଏ ଚେଷ୍ଟା କରି ନ ଥିଲି । କେବଳ ଯା' ମୋର କେତେ ଗୁଡ଼ିଏ ପ୍ରବନ୍ଧ ଓ କବିତା, ଝଂକାର, ସହକାର, ଡଗର, ସମାଜ ପ୍ରଭୃତି ସାହିତ୍ୟିକ ପତ୍ର ପତ୍ରିକା ଓ ବିଜ୍ଞାନ ପ୍ରଚାର ସମିତିର ଗ୍ରନ୍ଥମାଳାରେ ପ୍ରକାଶ ପାଇଛି ।

ବୈଜ୍ଞାନିକ ଗବେଷଣାରେ ଯେଉଁ ଶ୍ରମ ଓ ସାଧନା ବିନିଯୋଗ କରିଛି, ତା'ର କାଣିଚାଏ ସୁଦ୍ଧା ସାହିତ୍ୟ ଆଲୋଚନାରେ ଖଟେଇ ନାହିଁ । ତେଣୁ ମୋର ସାହିତ୍ୟିକ ଲେଖାର ଉପାଦେୟତାରେ ମୁଁ ସନ୍ଦିହାନ । ଏହି ସଂଶୟ ମୋର ଲେଖାଗୁଡ଼ିକର ପ୍ରକାଶନରେ ଆଜିଯାଏ ଅନ୍ତରାୟ ହୋଇଥିଲା । ଏବେ କେତେକ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ବନ୍ଧୁମାନଙ୍କର ଅନୁରୋଧ ଓ ଉତ୍ସାହରେ ମୋର ପାଣ୍ଡୁଲିପି ଗୁଡ଼ିକ ପଦାକୁ ବାହାର କରିବାକୁ ସାହସ କରୁଛି । "ବୋଇତ ଯାତ୍ରୀ"ର ପ୍ରକାଶ ଏ ଉଦ୍ୟମର ପ୍ରଥମ ଫଳ ।

ଏ ପୁସ୍ତକଟି ସାତରୁ ଚଉଦବର୍ଷ ବୟସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏପରି ପିଲାମାନଙ୍କର ଉଚ୍ଚ ମନୋବୃତ୍ତିର ବିକାଶ ଓ ଜ୍ଞାନର ପ୍ରସାର, ଏହାର ଲକ୍ଷ୍ୟ । ଏହାର ବିଷୟବସ୍ତୁ ପିଲାଙ୍କ ବୁଝିବାଭଳି ଆଧୁନିକ ଓଡ଼ିଆ ଭାଷାରେ ଲେଖା

ଯାଇ ଥିଲେହେଁ, ଗଳ୍ପର ଘଟନାକାଳ ଖ୍ରୀଷ୍ଟପର ପ୍ରଥମ ସହସ୍ରାବ୍ଦର ଶେଷ ପାଦରେ ପ୍ରକ୍ଷେପିତ । ପ୍ରସଙ୍ଗକ୍ରମେ ଗଳ୍ପଟିରେ କଳିଙ୍ଗ ଓ ଦରିଆପାରି କଳିଙ୍ଗ (ଜବଦ୍ୱୀପରେ ଓଡ଼ିଆ ଉପନିବେଶ)ର ଇତିହାସରୁ ଅନେକ କଥା ଉଲ୍ଲେଖ କରି ଯାଇଛି । ଏଥିରେ ସେ ଯୁଗରେ ଆଗ୍ନେୟାସ୍ତ୍ରର ବ୍ୟବହାର କଥା ଲେଖା ଯାଇଛି । ସେ କାଳରେ ଆମର ଆଗ୍ନେୟାସ୍ତ୍ର ଥିଲା କି ନାହିଁ, ଏ ବିଷୟରେ ଦୁଇ ବିଭିନ୍ନ ମତ ପ୍ରକାଶ ପାଏ । କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର' ଓ ଭୋଜଦେବଙ୍କର 'ସମରାଙ୍ଗନ ସୂତ୍ରଧାର'ରେ ଗୋଲନ୍ତ୍ର, ଅଗ୍ନିଯୋଗ ଗୁଟିକା, ଧୂମଯୋଗ ପ୍ରଭୃତିର ବିଶଦ୍ ବର୍ଣ୍ଣନା ଥିବାରୁ ଅନେକ ବିଶ୍ୱାସ କରନ୍ତି ଯେ ଆମର ସେ ଯୁଗରେ ଆଗ୍ନେୟାସ୍ତ୍ର ଥିଲା । ଏହି ମତ ଅନୁସରଣ କରି ଏ ଗଳ୍ପ ଯୋଜନା କରିଛି ।

ମୋର ସାହିତ୍ୟିକ ବନ୍ଧୁ ଶ୍ରୀ ଫତୁରାନନ୍ଦଙ୍କର ଉତ୍ସାହ ଓ ସାହାଯ୍ୟ ବିନା ଏହାର ପ୍ରକାଶ ବୋଧହୁଏ ସମ୍ଭବ ହୋଇ ନ ଥାନ୍ତା । ତାଙ୍କୁ କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ, ମୁଁ ତାଙ୍କ ପାଖରେ ଚିର-ଦିନ ଋଣୀ ହୋଇ ରହିଲି । ମୋର ଶ୍ରଦ୍ଧେୟ ଗୁରୁ ଡାକ୍ତର ଶ୍ରୀମାନ୍ ଭୁବନାନନ୍ଦ ପାଣ୍ଡୁଲିପିର ଶୁଦ୍ଧି ଲିଖନ କରିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଦେଉଛି । ଏ ବହିରେ ଥିବା ମାନଚିତ୍ରଟି ଶ୍ରୀ ଭଗବାନ ନାୟକ ଅଙ୍କନ କରି ଦେଇଛନ୍ତି । ସେଥିପାଇଁ ମୁଁ ତାଙ୍କ ଠାରେ କୃତଜ୍ଞ ।

ମେଡ଼ିକାଲ କଲେଜ, କଟକ
ତା ୪।୧୨।୫୮ ରିଖ

ବିନୀତ
ଶ୍ରୀ ଜୟକୃଷ୍ଣ ମହାନ୍ତି


# ଉତ୍ସର୍ଗ

ଗୌରବମୟ ଓଡ଼ିଆର ଅତୀତ ଇତିହାସରୁ ପ୍ରେରଣା ପାଇ ମୋ
ଜାତିର ଉଜ୍ଜ୍ୱଳ ଭବିଷ୍ୟତ କୋମଳମତି ବାଳକ ବାଳିକା
ଜୀବନର ପ୍ରଗତି ପଥରେ ଅଗ୍ରସର ହେବେ, ଏହି ଆଶା
ପୋଷଣ କରି ସେମାନଙ୍କର କର୍ମଚଞ୍ଚଳ
କୋମଳ କରରେ ଅର୍ପଣ କଲି ।

"ଡକାଇତ ଯାତ୍ରୀ"

ବା

"ଖୋଜିଲା ଦ୍ୱୀପ" ଲେଖକ


ନଦୀ
ନୌପଥ
ବନ୍ଦର
କଳିଙ୍ଗ (ଓଡ଼ିଶା)
କଳିଙ୍ଗ (ଦରିଆପାରି
(ଜାଭାରେ ଓଡ଼ିଶାର ଉପନବେଶ)
ଜଳଭାଗ
ସ୍ଥଳଭାଗ
ନିକୋବର

# ଏକ

ଅନ୍ଧାର ରାତି । କୁଟିକୁଟିଆ ଅନ୍ଧାର । ଭୟଙ୍କର ଝଡ଼ତୋଫାନ । ଆକାଶରେ ଚାରିମେଘ ଏକାଠି ହୋଇଛନ୍ତି । ଚନ୍ଦ୍ର ଉଦଅ କଲକଲର ବିଜୁଳି ମାରିବାରୁ ବେଳେ ବେଳେ ଚାରିଆଡ଼େ ଆଲୁଅ ହୋଇ ଯାଉଛି । ଭାରତ ମହାସାଗର ମଝି । ଏଠି ଗୋଟିଏ ବୋଇତ ଲଙ୍ଗର କରିଛି । ଚାରିଅଡ଼ ଜଳମୟ । କେଉଁଠି ଥଳକୂଳ ନାହିଁ । ଥିଲେ ଅବା ବୋଇତଟି ଅଶ୍ରା ନିଅନ୍ତା !

ବୋଇତର ଚାରିପାଖେ ଅତଳ ଗମ୍ଭୀର ଜଳ । ଚାହିଁଲେ ଜୀବନ ଚକଳରେ ହଂସା ଉଡ଼ିଯାଉଛନ୍ତି । ପବନରେ ବରଡ଼ା ପତ୍ର ଥରିଲା ପରି ତୋଫାନରେ ବୋଇତଟି ଦୋହଲୁଛି । ସମୁଦ୍ରରେ ପର୍ବତ ଆକାରର ଲହରୀ ଉଠୁଛି । ଲହରୀ ଆଘାତରେ ବୋଇତଟି ଅତ୍ୟନ୍ତ ବେଶି ଦୋହଲିଯାଉଛି । କେତେବେଳେ ସେ ଓଲଟି ପଡ଼ି ବୁଡ଼ିଯିବ, ତାର ଠିକ୍ ନାହିଁ ।

ନାଉରି ଗୁଡ଼ିକ ଜୀବନର ଆଶା ଛାଡ଼ି ଦେଲେଣି । ଖାଲି ଭଗବାନଙ୍କୁ ଡାକୁଛନ୍ତି ।

ଏଇ ରାତିରେ, ଏଇ ବୋଇତରେ ମୋର ଜନ୍ମ । ମୋର ବାପା ଏହି ବୋଇତରେ ଜଣେ ମଙ୍ଗୁଆଳ । ସମୁଦ୍ରରେ ଥରେ ବୋଇତ ମେଲିଲେ ନିଜ ଦେଶକୁ ଫେରୁ ଫେରୁ ଦୁଇ ତିନି ବର୍ଷ ଲାଗିଯାଏ । ସେଥିଲାଗି ଅଧିକାଂଶ ବୋଇତଆଳ ସଙ୍ଗରେ ଆପଣାର ପରିବାରକୁ ନେଇ ଯାଆନ୍ତି । ମୋ ବାପା ମଧ୍ୟ ଏଇଆ କରୁଥିଲେ ।

ଏଇ ଝଡ଼ ତୋଫାନ ରାତିରେ, ଭାରତ ମହାସାଗର ମଝିରେ ମୁଁ ଜନ୍ମ ହେଲି । ମୋର ଜୀବନରେ ଅନେକ ଦୁଃଖ ବିପଦ ପଡ଼ିବ, ଏକଥା ମୁଁ ପିଲାଦିନେ ଅନେକଙ୍କଠାରୁ ଶୁଣିଛି । ସେମାନେ କିଛି ଅଗତ ଭବିଷ୍ୟ ଜାଣି ନ ଥିଲେ; କେବଳ ମୋର ଜନ୍ମସ୍ଥାନ ଓ ସମୟରୁ ଏହା ଅନୁମାନ କରୁଥିଲେ ।

କଥାଟା ସତ ବୋଲି ମୋର ପ୍ରତ୍ୟୟ ହୁଏନାହିଁ । କିନ୍ତୁ ଲୋକର କପର ଏଥିରେ ଗୋଟାଏ ଦୃଢ଼ ବିଶ୍ୱାସ ଥିଲା । ବାପା ବୁଢ଼ା ହୋଇଯିବାରୁ ବୋଇତ କାମ ଛାଡ଼ିଦେଲେ । କଳିଙ୍ଗର ପ୍ରଧାନ ବନ୍ଦର 'ଗୁରୁଦ'ରେ ଖଣ୍ଡିଏ ଘରକରି ରହିଲେ ।

ମୋ ବାପା ତ ବୋଇତର ଜଣେ ମଙ୍ଗୁଆଳ । ମୋ ସା'ଆନ୍ତ ବାପା ମଧ୍ୟ ଜଣେ କର୍ଣ୍ଣଧାର ଥିଲେ । ତାଙ୍କ ବାପା ମଧ୍ୟ ଜଣେ ମଙ୍ଗୁଆଳ ଥିଲେ ବୋଲି ମୋର ସା'ନ୍ତମା କହନ୍ତି । ମୋର ଅଜା ମଧ୍ୟ ବୋଇତରେ ଗୁମାସ୍ତି କରିଥିଲେ । ତାଙ୍କ ବାପା ନୌସେନା ବିଭାଗରେ ଥିଲେ ବୋଲି ଲୋକେ କହେ । ଯାହାହେଉ ମୋର ପିତୃକୁଳ ଓ ମାତୃକୁଳରୁ ଅନେକ ଯେ ବୋଇତରେ ଚଢ଼ି ଦେଶ ବିଦେଶ ବୁଲିଥିଲେ, ଏଥିରେ ସନ୍ଦେହ ନାହିଁ ।

ମଞ୍ଜି ଗୁଣେ ଗଛ । ମୁଁ ସେମାନଙ୍କଠାରୁ ଜନ୍ମ । ମୋର ବା କିପରି ସେ ଗୁଣ ନ ରହିବ । ତୁଳସୀ ଦୁଇପତ୍ରରୁ ବାସେ, ବିଛୁଆତି ଦୁଇପତ୍ରରୁ ଗନ୍ଧ ହୁଏ । ପିଲାଦିନରୁ ମୋର ବୁଲା ଗୁଣ ଜଣା ପଡ଼ୁଥିଲା । ମୁଁ ପିଲାଦିନରୁ ବୁଲିବାକୁ ଭାରି ଭଲ ପାଉଥିଲି । ତେବେ ସେତେବେଳେ ଏ ଘର, ସେ ଘର, ଦାଣ୍ଡ, ବାଡ଼ି, ସାଇ ପଡ଼ିଶା ଘର ଛଡ଼ା ଆଉ କେଉଁଆଡ଼େ ଯାଇ ନ ଥିଲି । କାରଣ ସେ ସମୟରେ ମୁଁ ନିହାତି ପିଲା । ବୁଲିବାକୁ ସେତେ ଜୋର ହୋଇ ନ ଥାଏ ।

କ୍ରମେ ମୋତେ ସାତ ଆଠ ବର୍ଷ ହୋଇଗଲା । ମୁଁ ଆମ ଘର ପାଖ ଗାଁ ଗଣ୍ଡା, ବିଲ ଗହୀର, ବଣ ପର୍ବତ, ନଈକୂଳ, ସମୁଦ୍ରକୂଳ ପ୍ରଭୃତି ସ୍ଥାନଆଡ଼େ ବୁଲିବାକୁ ଲାଗିଲି । ଯେତେ ବୁଲିଲି ସେତେ ଭଲ ଲାଗିଲା । ଆହୁରି ଦୂରକୁ ଦୂରକୁ ଯିବାକୁ ମନ ବଳିଲା । ମନ ହେଲେ କି କିଏ କେଉଁ କଥା ଶୁଣେ । ମୁଁ ବାପା ବୋଉଙ୍କଠାରୁ ଗାଳି ଖାଇଲେ ସୁଦ୍ଧା ଦୂରକୁ ଦୂରକୁ ବୁଲି ଚାଲିଯାଏ ।

ବାପା ବୋଉ ଭାରି ବ୍ୟସ୍ତ ହୁଅନ୍ତି । କାହିଁକି ନା ମୁଁ ତାଙ୍କର ଗୋଟିଏ ବୋଲି ପୁଅ । ମତେ ଭେଲ ବସରରେ ବଢ଼ାଇଥାନ୍ତି । ବୋଉର ଇଚ୍ଛା ମୋତେ ଦଣ୍ଡେ ତା ଆଖି ଆଗରୁ ଛାଡ଼ିବ ନାହିଁ । ମତେ ଦଣ୍ଡେ ନ ଦେଖିଲେ ସେ କାନ୍ଦିପକାଏ । କିନ୍ତୁ ମୁଁ ତା ମନର କଥା ବୁଝିପାରେ ନାହିଁ । ବରଂ ମତେ ବୁଲିବାକୁ ମନା କରିବାରୁ ମୁଁ ତା' ଉପରେ ଚିଡ଼େ ।

ସବୁଠୁଁ ମୁଁ ବେଶି ବୁଲିବାକୁ ଭଲପାଏ ସମୁଦ୍ର କୂଳରେ । ସମୁଦ୍ର କୂଳରେ ଓ ବନ୍ଦରରେ ବୁଲି ବୋଇତ ସବୁ ଯିବା ଆସିବାର ଦେଖେ । ମୋର ଭାରି ମନ ହୁଏ ଟିକିଏ ବୋଇତରେ

ଚଢ଼ନ୍ତି । ବୋଇତରେ ଚଢ଼ି ଅଥଳ, ଅକୂଳ, ନୀଳ ସାଗରରେ ଝିଙ୍କଏ ବୁଲିଆସନ୍ତି ।

ମୁଁ ପିଲାଦିନେ ବେଶି ଚଗଲା ନ ଥିଲି । ସେତେ ଗୁଣିଆ ମଧ୍ୟ ନୁହେଁ । ବରଂ ଦୁଣ୍ଡାଳିଆ ରକମର । ମୋର ବେଶି ବାଲ୍ୟ-ସୁଲଭ ଚପଳତା ନ ଥିଲା । ମୁଁ ଅନ୍ୟ ପିଲାଙ୍କ ଭଳି ଗୁଡ଼ାଏ ଗପେ ନାହିଁ । ଏମିତି କି ମତେ କେହି ନ ପଚାରିଲେ ମୁଁ କିଛି କହେ ନାହିଁ । ମୁଁ ଜାଣିଶୁଣି ଏପରି ଯେ ମୌନ ରହେ ତାହା ନୁହେଁ । ଏଇଟା ମୋର ସ୍ୱଭାବ ।

ଏସବୁ ଗୁଣ ସତ୍ତ୍ୱେ ମୋର ବୁଲିବାକୁ ଭାରି ଇଚ୍ଛା । ଖାଲି ଆମ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଅଜଣା ଅଶୁଣା ରାଇଜରେ ବୁଲି, ନୂଆ ନୂଆ କଥା ଦେଖିବାକୁ ମୋର ଭାରି ମନ । ଏଇଟା ପିଲାଦିନଠାରୁ ସମସ୍ତେ ଠଉରାଇଥିଲେ । ସେଥିଲାଗି ମୋ ସାଙ୍ଗମାନେ ମତେ 'ବୁଲା' ବୋଲି ଡାକନ୍ତି । ମୋର ନିଜ ନାମ ବ୍ରଜକିଶୋର । କିନ୍ତୁ ବାପା ବୋଉ ଶରଧାରେ 'ବରଜୁ' ବୋଲି ଡାକୁଥିଲେ । 'ବୁଲା' କହିଲେ ମୁଁ ମଧ୍ୟ ରାଗୁ ନ ଥିଲି । କାଳକ୍ରମେ ମୋର ଡାକ ନାମ ହୋଇଗଲା 'ବୁଲା ବରଜୁ' ।

ମୋର ଏ ବୁଲା ଖୋଇ ଯୋଗେ ବେଳେ ବେଳେ ବାପା ମୋ ଉପରେ ଭାରି ଚିଡ଼ନ୍ତି । ଅମାନିଆ ବୋଲି ମଧ୍ୟ ଗାଳି ଦିଅନ୍ତି । ଆଉ ଏପରି ଭାବେ ନ ବୁଲିବାକୁ ମତେ ଅଟକ କରନ୍ତି । ବାପାଙ୍କ ଇଚ୍ଛା ବିରୁଦ୍ଧରେ କିଛି ନ କରିବାକୁ ମୋର ମନ । କିନ୍ତୁ ବୁଲିବା ଖୋଇ ମୋର ଏତେ ବେଶି ଯେ ମୁଁ ବେଳେ ବେଳେ ତାଙ୍କ କଥା ନ ମାନି ବୁଲି ଚାଲିଯାଏ । ଶେଷରେ ମୋର ଏ ଖୋଇ ଛଡ଼ାଇ ଦେବାକୁ ବାପା ଗୋଟିଏ ଉପାୟ ପାଞ୍ଚିଲେ ।

ସେତେବେଳେ ବେପାର କରିବାକୁ ଲୋକେ ବଡ଼ ବଡ଼ ବୋଇତରେ ବିଦେଶକୁ ଯାଉଥାଆନ୍ତି । କେତେକ ଛୋଟ ଛୋଟ ବୋଇତରେ ସମୁଦ୍ର କୂଳେ କୂଳେ ବେପାର କରନ୍ତି । ବାପା ଏହିପରି ଗୋଟିଏ ଛୋଟ ବୋଇତରେ କାମ ଶିଖିବାକୁ ମତେ ଲଗାଇଦେଲେ ।

ସେତେବେଳେ ମତେ ଦଶ ବାର ବରଷ । ଏତେ ଅଳ୍ପ ବୟସରେ ବୋଇତରେ କାମ କରିବାକୁ କେହି ଭଲ ପାଏନା' । କିନ୍ତୁ ମୋ କଥା ତ ଭିନେ । କାମ କଥା ଯାହାହେଉ ମୁଁ ସେ ବୋଇତରେ ଚଢ଼ି ବୁଲିବି ଓ ଅନେକ ଜାଗା ଦେଖିପାରିବି, ଏଇ କଥା ଭାବି ମୋର ମନ ଆନନ୍ଦରେ ଫୁଲିଉଠିଲା । କାମ ଶିଖିବାକୁ ରାଜି ହେଲି ।

କାମ ଶିଖିବାକୁ ଗଲାଦିନ ବୋଉଠୁ ବିଦା ହୋଇ ଖୁବ୍ ଖୁସିରେ ଚାଲିଗଲି । କାମ ଶିଖି ମୁଁ ତିନିବର୍ଷ କାଳ କଟାଇ ଦେଲି । ସମୁଦ୍ରକୂଳର ଅନେକ ସ୍ଥାନ ଓ ବନ୍ଦର ଦେଖିଲି । ଅନେକ ବଡ଼ ବଡ଼ ବୋଇତର ନାଉରି ଓ ଯାତ୍ରୀମାନଙ୍କ ସଙ୍ଗେ ଚିହ୍ନା ପରିଚୟ ହୋଇଗଲା । ସେମାନେ ପୃଥିବୀର ଅନେକ ଅଢ଼ ବୁଲିଛନ୍ତି । ସେମାନେ ଆପଣା ଆପଣାର ଅନୁଭୂତ କଥା ମୋ ଆଗରେ ଗପନ୍ତି ।

କିପରି ସେମାନେ ଅଜଣା ଦେଶ ସବୁ ବୁଲି ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ବିଷୟ ଦେଖିଛନ୍ତି । କିପରି ଅନ୍ୟାନ୍ୟ ଦେଶର ଶିକ୍ଷିତ, ଅଶିକ୍ଷିତ ଲୋକଙ୍କ ସଙ୍ଗେ ମିଳାମିଶା କରିଛନ୍ତି, କିପରି ଝଡ଼ ତୋଫାନ ସହିଛନ୍ତି, କେତେ ଆପଦ ବିପଦରୁ ପାର ହୋଇଛନ୍ତି, କେଉଁ ଦେଶରେ କି କି ଭଲ ଜିନିଷ ମିଳେ, ଏମିତି ଅନେକ କଥା

ସେମାନଙ୍କଠାରୁ ଶୁଣେ । ଏସବୁ ଶୁଣି ସେମାନଙ୍କ ସବୁ ବୁଲିବାକୁ ମୋର ଭାରି ମନ ହେଲା ।

ସେମାନଙ୍କଠାରୁ ଶୁଣିଥିଲି ଯେ ପୂର୍ବରେ ଗୋଟିଏ ମହାସାଗର ଅଛି । ତା'ର ନାମ ପ୍ରଶାନ୍ତମହାସାଗର । ଏଥିରେ ଅନେକ ଛୋଟ ଛୋଟ ସୁନ୍ଦର ଦ୍ୱୀପ ଅଛି । ପୋହଳା ବୋଲି ଗୋଟିଏ ପ୍ରକାର ଜୀବ ସମୁଦ୍ରର ତଳ ଦେଶରେ ଥାଆନ୍ତି । ସେମାନେ କାଳକ୍ରମେ ଏଇ ଦ୍ୱୀପସବୁ ତିଆରି କରିଛନ୍ତି ସେମାନଙ୍କ ହାଡ଼ ବା ଖପରରେ ।

ସେ ପୋହଳା ପୋକଗୁଡ଼ିକ ଦେଖିବାକୁ ଭାରି ସୁନ୍ଦର ଓ ଆଶ୍ଚର୍ଯ୍ୟ ଧରଣର । ସେମାନେ ଯେପରି ଭାବେ ଏ ଦ୍ୱୀପ ସବୁ ଗଢ଼ନ୍ତି ତାହା ଅଦ୍ଭୁତ ଆଶ୍ଚର୍ଯ୍ୟ ରକମର । ଏ ଦ୍ୱୀପସବୁ ନାନାରକମ ଫଳ ଫୁଲ ଗଛରେ ଭରା । ସବୁଦିନେ ଏଠି ବସନ୍ତ ଋତୁ । ସବୁଦିନେ ମଳୟ ବହୁଛି । ବେଶି ଶୀତ ନାହିଁ, କି ବେଶି ଗରମ ନାହିଁ ।

କିନ୍ତୁ ଏଭଳିଆ ଅଧିକାଂଶ ଦ୍ୱୀପର ଲୋକମାନେ ମଣିଷ ମାଂସ ଖାଆନ୍ତି । ସେମାନେ ଲଙ୍ଗଳା ହୋଇ ବୁଲନ୍ତି । ଗୃହବାସ କରି ଜାଣନ୍ତି ନାହିଁ । ଖାଲି ଶିକାର କରି ମାଂସ ଖାଇ ବଞ୍ଚନ୍ତି । ପାଠ ଶାଠ ଜାଣନ୍ତି ନାହିଁ । ଦେଖିବାକୁ ନିହାତି କାଳିଆ ଓ ଧୂଣ୍ଡା ଧୂଣ୍ଡା । କେବଳ ଯେ କେତୋଟି ଦ୍ୱୀପକୁ ବୌଦ୍ଧ ସନ୍ନ୍ୟାସୀମାନେ ଯାଇଁ ଲୋକମାନଙ୍କ ଭିତରେ ବୌଦ୍ଧ ଧର୍ମ ପ୍ରଚାର କରିଛନ୍ତି, ସେହି ଦ୍ୱୀପଗୁଡ଼ିକର ଲୋକେ ମଣିଷ ମାଂସ ଖାଆନ୍ତି ନାହିଁ । ସେମାନେ ଚାଷ କରନ୍ତି ଓ ଯାହା ଖାଆନ୍ତି ରାନ୍ଧି କରି ଖାଆନ୍ତି ।

ଏହି ପୋହଳା ଦ୍ୱୀପ ଗୁଡ଼ିକ କଥା ଶୁଣି ମୋର ଭାରି ମନ ହେଲା, ମୁଁ କିପରି ଏଗୁଡ଼ିକରେ ବୁଲନ୍ତି । ଭାବନ୍ତି ମୁଁ କାହାକୁ

ମଗାଇଲି । କିନ୍ତୁ ମତେ ଦୂର ବିଦେଶକୁ ପଠାଇବାକୁ ବାପା ଆଦୌ ରାଜି ହେଉ ନ ଥାନ୍ତି । ତାଙ୍କର ଭୟ ହେଉଥାଏ—"ପିଲା ପୁଅ ଏତେ ଅଳ୍ପ ବୟସରେ ଅଜଣା ଅଶୁଣା ଦୂର ଦେଶରେ କିପରି ଚଳିବ ! ପୁଣି ସମୁଦ୍ରରେ ଯିବା ମାନେ ଜୀବନକୁ ପାଣି ଛଡ଼ାଇ ଯିବା । କେତେବେଳେ ସେ କଣ ହେବ ଠିକ ନାହିଁ । ଝଡ଼ ତୋଫାନ ପ୍ରଭୃତି କେତେ ବିପଦ ଆପଦ ରହିଛି ।"

କିନ୍ତୁ ଶେଷରେ ମୁଁ ବାପାଙ୍କୁ କହିଲି, "ତମେ କଣ ଏମିତି ବୋଇତରେ ଦେଶ ବିଦେଶ ବୁଲି ନ ଥିଲେ ଏତେବଡ଼ ମଣିଷ ହୋଇ ପାରିଥାନ୍ତ ! ମୁଁ ବିଦେଶ ଗଲେ କେତେ ଲୋକଙ୍କ ସଙ୍ଗରେ ମିଶିବି । କେତେ ନୂଆ କଥା ଶିଖିବି । ଦୁଃଖ କଷ୍ଟ ବିପଦ ଆପଦ ସହିଲେ ଭବିଷ୍ୟତରେ ପୋଖତ ମଣିଷ ଭଳି କାମ କରିବି । ଡାବରେ ପଡ଼ିଲେ ସିନା ବଞ୍ଚାଇ ଶିଖନ୍ତି । ପୁଣି ପିଲା ଦିନଟା ଶିଖିବା ସମୟ । ପିଲାଦିନେ ଘରୁ ପର ଘରେ ବସିରହିଲେ ଆଉ କଣ ବଡ଼ ଦିନେ ଶିଖିପାରିବି ?—ନା ଜୀବନରେ ବଡ଼ ହୋଇ ପାରିବି ? କୋଠାର ମୂଳଦୁଆ ଗଢ଼ିଲା ପରି ପିଲାଦିନେ ଭବିଷ୍ୟତ ଜୀବନର ମୂଳଦୁଆ ଗଢ଼ିବାକୁ ହେବ । ମୂଳଦୁଆ ସିନା ଝଡ଼ ବର୍ଷା, ଖରା କାକର ଖାଇଥିଲେ କୋଠା ଦମ୍ଭ ହେବ ! ତା' ନ ହେଲେ କୋଠା ଭାଙ୍ଗିପଡ଼ିବ । ସେମିତି ବିପଦ ଆପଦ ନ ସହିଥିଲେ ଭବିଷ୍ୟତରେ ଲୋକ ବଡ଼ ହୋଇ ପାରିବ ନାହିଁ ।"

ବାପା ମୋ କଥାର ସତ୍ୟତା ବୁଝି ପାରିଲେ । ଶେଷରେ ମତେ ପଠାଇବାକୁ ରାଜି ହେଲେ । ତାଙ୍କର ଜଣେ ସାଙ୍ଗ ଥିଲେ । ସେ ଜଣେ ବଡ଼ ସାଧବ । ତାଙ୍କର ଅନେକ ବୋଇତ ଥିଲା ଓ ସେଥିରେ

ବଣିଜ ଚଳୁଥିଲା । ନିକଟରେ ତାଙ୍କର ଗୋଟିଏ ବୋଇତ ସୁବର୍ଣ୍ଣ, ଯବ ଓ ସୁମାତ୍ରା ଦ୍ୱୀପ ଦେଇ ବାଲି ଦ୍ୱୀପକୁ ଯିବାର ଥାଏ । ଏ ବୋଇତଟିର ନାଁ 'ତାର' । ସେଥିରେ ସେ ନିଜେ ଯାଉଥାନ୍ତି । ବାପା ମୋତେ ତାଙ୍କୁ ସମର୍ପି ଦେଲେ । ସେ ଆନନ୍ଦରେ ମୋର ସମୁଦାୟ ଭାର ନେଲେ ।

ମୋର ଯିବାର ସବୁ ଠିକ୍ ହୋଇଗଲା । ମୋର ମନ ଭାରି ଖୁସି, ସୋହଳା ଦ୍ୱୀପ ଦେଖିବି । ବାପା ରାଜି ହେବାରୁ ବୋଉ ଆଉ କିଛି କହିଲା ନାହିଁ । ଯେତେବେଳେ ମୁଁ ତା'ଠାରୁ ବିଦା ହେଲି ତା'ର ଦୁଃଖରେ କୋହ ଉଠୁଥାଏ । ତା' ଦୁଇ ଆଖିରୁ ଝର ଝର ଲୁହ ଗଡ଼ିପଡ଼ୁଥାଏ । ସେ ମତେ କୋଳକୁ ଟାଣିନେଲା । କାନ୍ଦ କାନ୍ଦ ମୁହଁରେ ମୋ ମୁଣ୍ଡ ଆଉଁସି ଦେଇ ମୋ ମୁଣ୍ଡରେ ଗୋଟିଏ ଚୁମା ଦେଲା ଓ କହିଲା, "ବାପା ! କଲ୍ୟାଣ କରୁଛି, ଭଗବାନଙ୍କୁ ଡାକୁଛି, ତୋର ଯାତ୍ରା ଶୁଭ ହେଉ । କିନ୍ତୁ ବାପା, ଶୀଘ୍ର ଫେରି ଆସିବୁ । ଆମେ ବୁଢ଼ାବୁଢ଼ୀ ହୋଇଗଲୁଣି । ଆଉ ବା କେତେଦିନ ବଞ୍ଚିବୁ ?"

ଆଉ କଣ କହିଥାନ୍ତା ! କିନ୍ତୁ କୋହରେ ତାର କଣ୍ଠ ବନ୍ଦ ହୋଇଗଲା । ଏଥିରେ ମୋର ମନ ଆହୁରି ପାଙ୍ଗୁଳି ହୋଇଗଲା । ମୁଁ ସମ୍ଭାଳି ନ ପାରି ଟିକିଏ କାନ୍ଦି ପକାଇଲି । ତା'ପରେ ବୋଉକୁ ଦଣ୍ଡବତ ହୋଇ ବାହାରି ପଡ଼ିଲି । ବିଦା ହେଲାବେଳେ ସେ ମତେ ଦୁଇଟି ଉପଦେଶ ଦେଇଥାଏ । ପ୍ରଥମଟିରେ ପ୍ରତିଦିନ 'ଗୀତା' ବା 'ବୌଦ୍ଧ ଗାନ ଓ ଦୋହା'ରୁ କିଛି କିଛି ପଢ଼ିବାକୁ । ଏ ପୋଥି ଦୁଇଟି ମଧ୍ୟ ମତେ ଦେଇଥାଏ । ଦ୍ୱିତୀୟଟିରେ ପ୍ରତିଦିନ ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ । ମୁଁ ଏହା କରିବି ବୋଲି ତାକୁ କହିଲି ।

ବାପା ମୋ ସଙ୍ଗେ ସଙ୍ଗେ ବୋଇତ ଯାଏ ଗଲେ । ବୋଇତର ସାଧବଙ୍କୁ ମୋ ସମ୍ବନ୍ଧରେ ନାନା ରକମ କୁହାବୋଲା କଲେ । ଶେଷରେ ମତେ କେତେକ ଉପଦେଶ ଦେଇ କାନ୍ଦ କାନ୍ଦ ମୁହଁରେ ଘରକୁ ଫେରିଲେ ।

—ଦୁଇ—

ଆମେ ଯେଉଁ ଦିନ ବାହାରିଲୁ ସେଦିନ ପାଗଟା ଭଲ ଥାଏ । ସକାଳ ସମୟ । ସମୁଦ୍ର କୂଳିଆ ପବନ ଧୀରେ ଧୀରେ ବହୁଥାଏ । ପୂର୍ବ ଆକାଶରୁ ଅବିର ବୁଣି ବୁଣି ଲାଲ୍ ରଙ୍ଗର ସୂର୍ଯ୍ୟ ଉଇଁ ଆସୁଥାନ୍ତି । ତାଙ୍କର ରଙ୍ଗ କିରଣ ପଡ଼ି ସମୁଦ୍ରର ନୀଳ ପାଣି ଟିକିଏ ରଙ୍ଗା ଦିଶୁଥାଏ । ସମୁଦ୍ରର ଲହରି ଗୋଟାକ ପଛେ ଗୋଟାଏ ବେଳା ଭୂଇଁରେ ବାଡ଼େଇ ହେଉଥାନ୍ତି ।

ପାଗ ଯୋଗ ଠିକ୍ ଦେଖି ପାଟ ମଙ୍ଗୁଆଳ ପାଲ ଟାଣିବାକୁ ହୁକୁମ ଦେଲେ । ପାଲ୍ ଟଣା ହୋଇଗଲା । ଲଙ୍ଗର ଉଠାହେଲା । ଆଗରୁ ମାଲ୍‌ମତା ବୋଝେଇ ସରିଥାଏ । ଯାତ୍ରୀମାନେ ବୋଇତରେ ଚଢ଼ିସାରିଥାନ୍ତି । କ୍ରମେ ବୋଇତଟି କୂଳ ଛାଡ଼ି ନୀଳ ସାଗର ଭିତରକୁ ଭାସି ଭାସି ଗଲା ।

ଅଉ କାହା ମନ କିପରି ହେଉଥାଏ କେଜାଣି ମୋ ମନରେ ଭାରି ଫୁର୍ତ୍ତି ଥାଏ । ମନରେ କେତେକ ନୂଆ ନୂଆ କଥା ଭାବୁଥାଏ । ଶୁଣିଥିବା କେତେ ଦେଶ ମନେ ମନେ ଦେଖିଯାଉଥାଏ । ଏହିପରି ଭାବୁ ଭାବୁ ବେଳାଭୁଇଁ ଦୂର ଦିଗ୍‌ବଳୟ ତଳେ ଲୁଚିଗଲା ।

ବୋଇତରେ ମୋ ପରି ଆହୁରି କେତେଗୁଡ଼ିଏ ପିଲା ଥାଆନ୍ତି । ତା'ଭିତରୁ ଦୁଇଜଣଙ୍କ ସଙ୍ଗେ ମୋର ଭଲ ମେଳାପ ହୋଇଗଲା । ଜଣକର ନାଁ ବୀର । ତାକୁ ପ୍ରାୟ ଅଠର ଉଣେଇଶ ବରଷ । ସେ ଦେଖିବାକୁ ଭାରି ସୁନ୍ଦର । ଟିକିଏ ମୋଟାସୋଟା । ସେ ଭଲ ପାଠ ପଢ଼ିଥିଲା । ଭାରି ଚଲାଖ ଓ ସାହାସୀ । ତା'ର ସ୍ୱଭାବ ବଡ଼ ଧୀର ସ୍ଥିର । ସେ ସବୁବେଳେ ହସ ହସ ମୁହଁରେ ମିଠା କଥା କୁହେ ।

ଅନ୍ୟ ଜଣଙ୍କର ନାଁ ଅନନ୍ଦ । ତାକୁ ପ୍ରାୟ ଷୋଳ ସତର ବରଷ । ସେ ଭାରି ନବଜଆ ଓ ଖିଣ୍ଡିକୁହା । କଥାରେ କଥାରେ ହସେଇ ହସେଇ ପେଟ ବଥା କରାଇଦିଏ । ସବୁ କଥାରେ ତାର ଥଟ୍ଟା । କିନ୍ତୁ ତାର ବ୍ୟବହାର ଭଲ । ଭାରି ବୁଦ୍ଧିଆ ମଧ୍ୟ । ବୟସ ତୁଳନାରେ ସେ ଢେର କଥା ଜାଣେ । ଏମିତିକି ମୁଁ ତା ସଙ୍ଗେ ସରି ନୁହେଁ ବୋଲି ମନେ ମନେ ହାର ମାନେ ।

ଅଳ୍ପ ସମୟ କଥାବାର୍ତ୍ତା ପରେ ଆମ ତିନିଜଣଙ୍କର ଭାରି ମନ ମିଳିଗଲା । ଆମେ ତିନିହେଁ ଏକା ଜାଗାରେ ଖାଉଁ, ଏକା କୋଠରୀରେ ରହୁଁ । ଅନେକ ବିଷୟରେ କଥା କୁହାକୋହି ହୋଇ ସମୟ କଟାଇଦେଉ ।

ଏମିତି କେତେଦିନ ଚାଲିଗଲା । ଆମ ବୋଇତ ଚାଲିଥାଏ । ମୁଁ ବେଳେ ବେଳେ ସମୁଦ୍ର ପାଣିକୁ ଅନାଇଁ ମାଛଙ୍କର ଖେଳ ଦେଖୁଥାଏ । କେତେ ରକମର ମାଛ । ସେମାନେ ପାଣି ଉପରେ ପହଁରୁଥାନ୍ତି । ଗୋଟିଏ ପ୍ରକାର ମାଛ ଅଛି ତା'ନାଁ 'ଉଡ଼ନ୍ତା ମାଛ'

(Exo coetus) । ଶୁଣିଲି ସେ କୁଆଡ଼େ ଉଡ଼ିପାରେ । ମୋର କୌତୁହଳ ହେଲା । ମୁଁ ଟିକିଏ କେମିତି ଏ ମାଛ ଦେଖନ୍ତି ବୋଲି ଭାବୁଥାଏ । ସତ କି ମିଛ ବିଶ୍ୱାସ କରି ପାରୁ ନ ଥାଏ ।

ସତକୁ ସତ ଦିନେ ଗୋଟିଏ ଏଇ ଉଡ଼ନ୍ତା ମାଛ ପାଣି ଉପରୁ ତିନି ଚାରିହାତ ଉଚ୍ଚରେ ଡେଇଁ ପଡ଼ିଲା ପରି ଟିକିଏ ଉଡ଼ିଲା । ତାକୁ ଖାଇବାକୁ ଗୋଟିଏ ମଗର ଗୋଡ଼ାଇଥାଏ । ମାଛଟି ଉଡ଼ି ଉଡ଼ି ଆସି ଆମ ବୋଇତର ଠିକ ସମୁଦ୍ର ପାଣିର ଉପରକୁ ଥିବା ଡେକ୍ ବାରଣ୍ଡାରେ ପଡ଼ିଲା । ସତକୁ ସାନ୍ଧରୁ ବୋଲି ତାକୁ ମାଡ଼ି ବସିଲି ।

ମୁଁ ଦେଖିଲି ଏ ମାଛର ଚଢ଼ାଇ ପରି ଡେଣା ନାହିଁ । ଅନ୍ୟ ସବୁ ମାଛପରି ଡେଣା, କିନ୍ତୁ ଏହାର ଦେହ ତୁଳନାରେ ଡେଣା ଗୁଡ଼ିକ, ବିଶେଷତଃ ଗୁଣ୍ଡ ପାଖର ଡେଣା ଦୁଇଟି ଅତିଶୟ ବଡ଼ । ଏ ପାଣିରେ ଭଲ ପହଁରି ପାରେ । କିନ୍ତୁ ବାୟୁରେ ଭଲ ଉଡ଼ି ପାରେନାଁ । ଏ ମାଛ ପକ୍ଷୀମାନଙ୍କ ପରି ଡେଣା ଚାଳନ କରି ପାରେନାଁ । ଏହାର ବଡ଼ ଡେଣା ଦୁଇଟି ପରିଛନ୍ଦିକା ବା ପାରାଚୁଟ୍‌ର କାମ କରେ । ଏ ତିନି ଚାରି ହାତ ଉଚ୍ଚରେ ଡେଇଁଲା-ପରି ଯାହା ଟିକିଏ ଉଡ଼ିପାରେ ।

ଆମ ବୋଇତଟି 'ବୋଲନ୍ଦଅ' ଶ୍ରେଣୀର । ତେଣୁ ଏହା ଖୁବ୍ ବଡ଼ । ଏଥିରେ ହଜାର ଯାଏ ଯାତ୍ରୀ ଯାଇପାରିବେ । କିନ୍ତୁ ଏ ଯାତ୍ରାରେ ନାବିକମାନଙ୍କୁ ମିଶାଇ ମୋଟେ ଦୁଇଶହ ଯାଏ ଲୋକ ଥାନ୍ତି । ମାଲମତାରେ ବୋଇତଟି ଭର୍ତ୍ତି ହୋଇଥାଏ । ବେପାରବଣିଜ କରିବା ଏହାର ମୂଳ କାମ ।

କିଛିଦିନ ପରେ ଆମ ବୋଇତଟି ସୁବର୍ଣ୍ଣ ଦ୍ୱୀପର 'ଅଜନ' ବନ୍ଦରରେ ଲାଗିଲା । ଅଜନ ସହରଟି ବନ୍ଦରକୁ ଲାଗିଛି । ଏହା

ଗୋଟିଏ ବଡ଼ ସହର ଓ 'କାମ୍ବି' ରାଜ୍ୟର ଅନ୍ତର୍ଗତ । କାମ୍ବି 'ଶ୍ରୀବିଜୟ ସାମ୍ରାଜ୍ୟ'ର ଗୋଟିଏ କରଦ ରାଜ୍ୟ । ଆମେ ଅଜନ ସହର ଭଲ କରି ବୁଲି ଦେଖିଲୁ । ଏ ସହର ଶିବ ମନ୍ଦିର, ବୌଦ୍ଧ ବିହାର ଓ ପାନ୍ଥଶାଳାରେ ପୂର୍ଣ୍ଣ । ଆମ ବୋଇତ ଏଠାରେ ଦଶଦିନ ରହି ଜିନିଷପତ୍ର କିଣା ବିକା କଲା । ତା'ପରେ ଆମ ବୋଇତଟି କାମ୍ବି ରାଜ୍ୟର 'ସାମୁଦ୍ର' ବନ୍ଦରକୁ ଯାତ୍ରା କଲା ।

ସାମୁଦ୍ର ମଧ୍ୟ ଗୋଟିଏ ବଡ଼ ସହର । ବୋଇତଟି ସେଠାରେ ଛଅଦିନ ରହି 'ପ୍ରଲେକ' ବନ୍ଦରକୁ ଗଲା ଓ ସେଠାରୁ ମାଳୟ ଉପଦ୍ୱୀପର 'କେଦାର' ରାଜ୍ୟକୁ ଯାତ୍ରା କଲା । କେଦାର ରାଜ୍ୟରେ ତିନୋଟି ଭିନ୍ନ ଭିନ୍ନ ବନ୍ଦରରେ ବୋଇତଟି ମାସେକାଳ ରହି କିଣା ବିକା କଲା । ତା'ପରେ 'ସିଂହପୁର'କୁ ଯାତ୍ରା କଲା । ସିଂହପୁରରେ ସପ୍ତାହେ ରହି ସୁବର୍ଣ୍ଣ ଦ୍ୱୀପର ଶ୍ରୀବିଜୟ ସହରକୁ ବୋଇତଟି ପାଲ ଭିଡ଼ିଲା ।

ଶ୍ରୀବିଜୟ ଗୋଟିଏ ବଡ଼ ସହର । ଏହା ଶ୍ରୀବିଜୟ ସାମ୍ରାଜ୍ୟର ରାଜଧାନୀ । ଆମ କଳିଙ୍ଗର ଶୈଳେନ୍ଦ୍ର ବଂଶର ମହାରାଜାମାନେ ଏହି ସାମ୍ରାଜ୍ୟର ଚକ୍ରବର୍ତ୍ତୀ ଭାବେ କେତେ ଶହ ବର୍ଷରୁ ରାଜୁତି କରୁଥାନ୍ତି । ବନ୍ଦରରେ ବୋଇତରୁ ଓହ୍ଲାଇ ସହରକୁ ଗଲୁ । ଯିବା ବାଟରେ 'ବିଦ୍ୟାଧର ତୋରଣ' ଦେଖି ମୋର ଆଖି ଝଲସି ଗଲା । ଏପରି କାରୁକାର୍ଯ୍ୟରେ ଖଞ୍ଜା ହୋଇଥିବା ଏତେ ବଡ଼ ଫାଟକ ମୁଁ କେବେ ଦେଖି ନ ଥିଲି ।

ଶ୍ରୀବିଜୟ ସହରରେ ଖାଲି ବଡ଼ବଡ଼ କୋଠା ସବୁ ଭର୍ତ୍ତି ହୋଇଥାଏ । ବଜାରର ସାଜସଜ୍ଜା ଅତି ଚମତ୍କାର । ଦୂରରୁ ରାଜନଅର ଇନ୍ଦ୍ରପୁରୀ ପରି ଦିଶୁଥାଏ । ମାଳୟ ଉପଦ୍ୱୀପ, ସୁବର୍ଣ୍ଣ

ରାଙ୍ଗ, ବକୁଲପୁର, ଯବ, ମଟୁରା, ବାଲି ପ୍ରଭୃତି ଦ୍ୱୀପରେ ଥିବା ରାଜାମାନେ ଶ୍ରୀବିଜୟ ମହାରାଜାଙ୍କର ଅଧୀନ ।

ଯବ ଦ୍ୱୀପରେ ତରୁମା, କଳିଙ୍ଗ ଓ ଜାଗଳ ନାମରେ ତିନୋଟି ରାଜ୍ୟ ଅଛି ବୋଲି ଶୁଣିଥିଲି । ଏହା ଭିତରେ କଳିଙ୍ଗ ରାଜ୍ୟ ସବୁଠୁ ବଡ଼ । କେତେ ଶହ ବର୍ଷ ହେଲା ଆମର ଦେଶରୁ ବହୁତ ଲୋକ ଆସି ଏଠାରେ ଘରଦୁଆର କରି ରହୁଛନ୍ତି । ସେମାନେ ଆମର ଦେଶର ନାମ ଅନୁସାରେ ଏ ରାଜ୍ୟର ନାମ ଦେଇଥିଲେ 'କଳିଙ୍ଗ' । ସାଗର ପାରି ଏହି କଳିଙ୍ଗ ରାଜ୍ୟ ବୁଲି ସେଠାରେ ଥିବା ଆମ ଜାତିର ଲୋକମାନଙ୍କ ସଙ୍ଗେ ମିଳାମିଶା କରିବାକୁ ମୋର ଭାରି ମନ ଥାଏ ।

ତିନି ସପ୍ତାହ ପରେ ଆମ ବୋଇତଟି ଶ୍ରୀବିଜୟ ବନ୍ଦର ଛାଡ଼ିଲା । ତା'ପରେ ଆମେ ଯବ ଦ୍ୱୀପର 'କଳାପ' ବନ୍ଦରରେ ପହଞ୍ଚିଲୁ । କଳାପ ସହର 'ତରୁମା' ରାଜ୍ୟର ରାଜଧାନୀ । ସେଠି କିଛିଦିନ ରହି ଆମ ବୋଇତଟି କଳିଙ୍ଗ ରାଜ୍ୟର 'ସମରଙ୍ଗ' ବନ୍ଦରକୁ ଗଲା । ଏଠି ବୋଇତଟି ପନ୍ଦର ଦିନ ରହି ବିକା କିଣା କଲା ।

ଏହି ପନ୍ଦର ଦିନ ଭିତରେ ମୁଁ ଏ ଦେଶରେ ବହୁତ ଜାଗା ବୁଲି ଦେଖିଲି । ଏ ଦେଶର ଅଧିକାଂଶ ଲୋକ ଆମର ଜାତିଆ ଓ ଆମର ଭାଷା କହୁଥାନ୍ତି । ଆମକୁ କୁଣିଅଘର ଅସିଲା ପରି ଲାଗୁଥାଏ । ଆମେ କେତେ ଲୋକଙ୍କ ସାଙ୍ଗରେ ଚିହ୍ନା ପରିଚୟ ହେଲୁ । କେତେକ ଲୋକଙ୍କ ସାଙ୍ଗରେ ବନ୍ଧୁତା କଲୁ । ଆମ ବୋଇତଟି ଯେଉଁଦିନ ସମରଙ୍ଗ ବନ୍ଦର ଛାଡ଼ିଲା, ସେଦିନ ଆମକୁ ବିଦାୟ ଦେବାକୁ ଆମର ଅନେକ ବନ୍ଧୁ ଓ ସାଙ୍ଗ ମଇତ୍ର ଆସିଥିଲେ ।

ତା'ପରେ ଆମ ବୋଇତଟି 'ଯାପତ୍ରା' ଓ 'ହିବାଣି' ବନ୍ଦର ଦେଇ ମଥୁରା ଦ୍ୱୀପରେ ପହଞ୍ଚିଲା । ମଥୁରା ଦ୍ୱୀପରେ ଜମା ଦୁଇଦିନ ରହି ପୁଣି ଯବ ଦ୍ୱୀପର 'ସୁରବାୟୁ' ବନ୍ଦରକୁ ଆସିଲା । ଏହି ବନ୍ଦର କଳିଙ୍ଗ ଓ 'ଜାଙ୍ଗଳ' ରାଜ୍ୟର ସୀମା ଦେଶରେ । ଏଠାରେ ଆଠ ଦିନ ବଜାକଣା କରି ବୋଇତଟି 'ବାଲି' ଦ୍ୱୀପକୁ ଯାଇ ଭିଡ଼ିଲା ।

ସୁରବାୟୁ ଛାଡ଼ିବାର ପରଦିନ ଯବ ସାଗରରେ ଆମ ବୋଇତଟି ଚାଲୁଥାଏ । ସେଦିନ ପାଗଟା ଭଲ ନ ଥାଏ । ଆକାଶରେ ମେଘ ଘୋଟି ଚାରିଆଡ଼ ଅନ୍ଧାର ହୋଇଥାଏ । ଖୁବ୍ ଜୋରରେ ପବନ ବୋହୁଥାଏ । ସମୁଦ୍ରରେ କରାଳ ଲହରୀ ଉଠୁଥାଏ । ତୋଫାନ ହେବାର ଆଶଙ୍କା ହେଉଥାଏ । ସେଥିଯୋଗୁଁ ନାବିକମାନେ ବିପଦ ଗଣିଲେ । ଏଠି ବରାବର ଏପରି ହୁଏ ବୋଲି ପୁରୁଣା ନାବିକମାନେ କହିଲେ । ଯାହାହେଉ ସେପରି କିଛି ବିପଦରେ ନ ପଡ଼ି ଆମ ବୋଇତ ପାର ଉତ୍ତର ହୋଇଗଲା ।

ବେଶ୍ ସୁଲୁସୁଲିଆ ଅନୁକୂଳ ପବନ ବହୁଥାଏ । ଆମ ବୋଇତ ଚାଲୁଥାଏ । କ୍ରମେ ବୋଇତଟି ପ୍ରଶାନ୍ତ ମହାସାଗରର କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପପୁଞ୍ଜ ବାଟେ ଚାଲିଲା । କେଡ଼େ ସୁନ୍ଦର ସେ ଦ୍ୱୀପ ସବୁ । ତା'ର ବେଳାଭୂଇଁରେ ସୂର୍ଯ୍ୟ କିରଣ ପଡ଼ି ଚକ୍ ଚକ୍ ଦିଶୁଥାଏ । ଉପକୂଳରେ ତାଳ, ନଡ଼ିଆ ଗଛ ପ୍ରଭୃତି ସଜ୍ଜା ହୋଇ ରହିଲାପରି ଦିଶୁଥାଏ । ମୋର ମନ ହେଉଥାଏ ଟିକିଏ ଓହ୍ଲାଇ ଦେଖି ଆସନ୍ତି । କିନ୍ତୁ ବୋଇତପତିଙ୍କ ହୁକୁମ ନ ହେଲେ କିଏ ବୋଇତ ଲଙ୍ଗର କରିବ ? —ନା' କିଏ ଓହ୍ଲାଇବ ? ଯାହାହେଉ ଏପରି ଛୋଟ ଛୋଟ ସୁନ୍ଦର ଦ୍ୱୀପ ସବୁ ଦେଖି ଦେଖି ଆମେ ବୋଇତରେ ଚାଲିଲୁ ।

ତା' ପରଦିନ ରାତିରେ ଭାରି ତୋଫାନ ଉଠାଇଲା । ହୁହୁଁ ହୁହୁଁ ପ୍ରଳୟ ବେଗରେ ବତାସ ବହିଲା । ସମୁଦ୍ରରେ ପର୍ବତ ଆକାରର ଲହରୀ ଉଠିଲା । ଆମ୍ଭେମାନେ ବୋଇତର ପାଲ ଫିଟାଇ ଦେଲୁ । ତେବେ ସୁଦ୍ଧା ବୋଇତଟି ଏକର ସେକର ଦୋହଲୁଥାଏ । ଓଲଟିପଡ଼ି ବୁଡ଼ି ଯିବାର ଆଶଙ୍କା ପ୍ରତି ମୁହୂର୍ତ୍ତରେ ଘାରି ଥରାଇ ଦେଉଥାଏ । ହଠାତ୍ ବୋଇତର ମଣିସ୍ତମ୍ଭ ଭାଙ୍ଗିପଡ଼ିଲା । ଆମ୍ଭେମାନେ ନିରୁପାୟ । ପବନ ତା'ର ଇଚ୍ଛା ମୁତାବକ ବୋଇତଟିକୁ ଭସାଇ ନେଲା !

ସମୁଦ୍ର ଭିତରେ ଅନେକ ପାହାଡ଼ ଥାଏ । ପୁଣି ଏଠାରେ ପୋହଳା ପାହାଡ଼ ବହୁ । କେତେକ ପାଣି ଉପରକୁ ଦିଶୁଥାଏ, କେତେ ବୁଡ଼ିକରି ଥାଏ । ସମସ୍ତେ ଭାବିଲୁ ନିଶ୍ଚୟ ଆମ ବୋଇତ ଖଣ୍ଡି ପାହାଡ଼ରେ ପିଟିହୋଇ ଭାଙ୍ଗିଯିବ । ସେଥିଯୋଗେ ନିଜ ନିଜ ଜୀବନର ଆଶା ଛାଡ଼ିଦେଲୁ ।

ଏହିପରି ପାଞ୍ଚଦିନ ପାଞ୍ଚରାତି ବାଆ ବତାସ ହେଲା । ଛଅଦିନ ସକାଳୁ ଆମ୍ଭେମାନେ ନିକଟରେ ଗୋଟିଏ ଦ୍ୱୀପ ଦେଖିଲୁ । ଦ୍ୱୀପର ଚାରି ପାଖରେ ପାଚେରି ପରି ପୋହଳା ପାହାଡ଼ମାଳାଟିଏ ଘେରି ରହିଥାଏ । ସେଥିଯୋଗେ ଦ୍ୱୀପ ଓ ପାହାଡ଼ମାଳା ମଝିରେ ଥିବା ହ୍ରଦର ପାଣି ସ୍ଥିର ଥାଏ । ସମୁଦ୍ର ଗର୍ଭ ପରି ସେଥିରେ ପ୍ରଳୟ ତରଙ୍ଗ ନ ଥାଏ । ତା' ଭିତରକୁ ଯିବାକୁ ମଧ୍ୟ ଗୋଟିଏ ଅଣଓସାରିଆ ମୁହାଣ ଥାଏ । ସେଇ ମୁହାଣ ଭିତରକୁ ବୋଇତ ଖଣ୍ଡି ଚଳାଇବାକୁ ସାଧୁ ମଙ୍ଗୁଆଲ ଆଦେଶ ଦେଲେ । କିନ୍ତୁ ଏତିକିବେଳେ ପାଣିରେ ବୁଡ଼ି ରହିଥିବା ପୋହଳା ପାହାଡ଼ରେ ବାଡେଇ ହୋଇ ଆମ ବୋଇତର ମଙ୍ଗ ଭାଙ୍ଗିଗଲା ।

ଆମେ ବା ଆଉ କରବୁ କ'ଣ ? ଠେଉ ଓ ତୋଫାନର ଦୟା ଉପରେ ନିର୍ଭର କର ରହିଲୁ । ସେତେବେଳକୁ ସମୁଦ୍ରରେ ଆମର ସବୁ ଭସିଭସି ଯାଇଥାଏ । କେବଳ ଖଣ୍ଡିଏ ମାତ୍ର ଛୋଟ ଜୀବନ ତରୀ ଥାଏ । ସେଖଣ୍ଡି ସଜ କରିବାକୁ ପୋତପତି ହୁକୁମ୍ ଦେଲେ ।

ଏତେବେଳକୁ ବୋଇତରେ ଅଧାଅଧି ପାଣି ପଶିଗଲଣି । ଅଳ୍ପ ସମୟ ପରେ ଯେ ବୋଇତଟି ବୁଡ଼ିଯିବ ଏଥିରେ ସନ୍ଦେହ ନାହିଁ । ସମସ୍ତେ ତରତର ହୋଇ ସେ ତରୀ ଖଣ୍ଡିକରେ ବସିବାକୁ ଗଲେ । କିନ୍ତୁ ଏ ଛୋଟ ତରଣୀ ଖଣ୍ଡି ଯେ ଅଥଳ ଅକୂଳ ସାଗରରୁ ଅସି କୂଳରେ ଲାଗିବ, ଏ ଆଶା କାହାରି ନ ଥାଏ । ତଥାପି ପ୍ରାଣ ଥାଉ ଥାଉ କେହି ଆଶା ଓ ଉଦ୍ୟମ ଛାଡ଼ନ୍ତି ନାହିଁ ।

ଏହି ସମୟରେ ବୀର ଅସି ମତେ ଓ ଆନନ୍ଦକୁ କହିଲ "ଭାଇ ! ସବୁ ତ ଶେଷ ! ଏ ନାହାଖଣ୍ଡି ଯେ କୂଳରେ ଲାଗିବ ମୋର ଆଶା ନାହିଁ । ତେବେ ମୁଁ ଦୂରବୀକ୍ଷଣ ସାହାଯ୍ୟରେ ଦେଖୁଛି ଆମ ବୋଇତ ଖଣ୍ଡି ଭାସିଯାଇ ଏ ପାହାଡ଼ର ନାସିରେ ଧକ୍କା ଖାଇବ । ସେ ନାସି ପାଖରେ ହ୍ରଦ ଭିତରକୁ ଗୋଟିଏ ମୁହାଣ ଅଛି । ଚାଲ ଆମେ ସବୁ ଗୋଟିଏ ଅହୁଲାର ଆଶ୍ରା ନବା । ବୋଇତ ସେ ନାସି ପାଖରେ ଭାଙ୍ଗିଗଲେ ଅହୁଲା ସାହାଯ୍ୟରେ ପହଁରି ପହଁରି କୂଳରେ ପହଞ୍ଚିପାରିବା । ହ୍ରଦ ଭିତରର ପାଣି ମଧ୍ୟ ଥିର ଅଛି ।"

ଏ କଥାଟା ଆମ ମନକୁ ପାଉ ନ ପାଉ—ଏଥିରେ ଆମେ ରାଜି ହୋଇଗଲୁ । କ୍ଷେପରେ ଗୋଟିଏ ବଡ଼ ଲହରୀ ଅସି ବୋଇତ ଖଣ୍ଡିକୁ ନାସି ପାଖକୁ ଭସାଇ ନେଇଗଲା । ସ୍ରୁହୁଁ ସ୍ରୁହୁଁ ଭୁସ୍‌ଭୁସ

ହୋଇ ବୋଇତରେ ପାଣି ପଶିଗଲା । ଆମେ ତିନୀହେଁ ଗୋଟିଏ ଅହ୍ଲକୁ ଅଣ୍ଟା ଭର ପାଣିକୁ ଖପ୍‌ଖାପ୍ ଡେଇଁ ପଡ଼ିଲୁ ।

ଦୁର୍ଯୋଗକୁ ସେତିକିବେଳେ ବୋଇତର ଗୋଟିଏ ଦଉଡ଼ିରେ ଅମ ଅହ୍ଲ ଖଣ୍ଡି ଛନ୍ଦହୋଇଗଲା । ସ୍ଥାର ଭରଭର ହୋଇ ଦଉଡ଼ିଟା କାଟି ଦେବାକୁ ଖଣ୍ଡେ ଟାଙ୍ଗିଅରେ ଚୋଟେ ପକାଇଲା । କିନ୍ତୁ କପାଳ ଅବଲରୁ ସେ ଚୋଟ ଦଉଡ଼ିରେ ନ ବାଜି ଆହ୍ଲରେ ବାଜିଲା । ଯାହାହେଉ ଗୋଟିଏ ଢେଉ ଆସି ଆମ ଆହ୍ଲ ଖଣ୍ଡିକୁ ବୋଇତରୁ ଛଡ଼ାଇ ଦେଲା ।

ଆମ୍ଭେମାନେ ଅତଳ ସାଗରରେ ଭାସିଲୁ । ପ୍ରାଣପଣେ ଚେଷ୍ଟା କରୁଥାଉ କିପରି ହ୍ରଦ ଭିତରର ଥିର ପାଣିକୁ ଯିବୁ । ଏହି ସମୟରେ ମୁଁ ମୁଣ୍ଡରେ ବଡ଼ ଆଘାତ ପାଇଲି । ମୋର ମଥା ଘୂରିଗଲା । ସଙ୍ଗେ ସଙ୍ଗେ ମୁଁ ଅଚେତ୍ ହୋଇଗଲି । ତା’ପରେ କଣ ଘଟିଲା ମୁଁ ଜାଣେ ନାହିଁ ।

ପରେ ଯେତେବେଳେ ମୋର ଚେତା ହେଲା, ଦେଖିଲି ମୁଁ ଗୋଟିଏ ଘାସପୂର୍ଣ୍ଣ ହ୍ରଦକୂଳରେ ଶୋଇଛି । ସ୍ଥାର ମୋ ପାଖରେ ଠିଆ ହୋଇଛି । ଅନନ୍ତ ମୋ କପାଳରେ ଲାଗିଥିବା କାଦୁଅକୁ ଧୋଉଛି ଓ ମୁଣ୍ଡରୁ ବହୁଥିବା ରକ୍ତ ବନ୍ଦ କରିବାକୁ ଚେଷ୍ଟା କରୁଛି । ଆମ ମୁଣ୍ଡ ଉପରେ ଖଣ୍ଡେ ପାହାଡର ନାସି ଝୁଲି ରହିଛି ।

ମୁଁ ମୋହରୁ ଉଠି ପଡ଼ିଲି କିଛି ବୁଝିପାରିଲି ନାହିଁ । କେଉଁଠି ଅଛି ମଧ୍ୟ ମୋତେ ଜଣାପଡ଼ିଲା ନାହିଁ । ଭାବିଲି ବୋଧହୁଏ ମୁଁ ବହୁତ ବେଳ ଶୋଇପଡ଼ିଛି । ସେଥିପାଇଁ ଭରଭର ହୋଇ ଉଠିବାକୁ ଚେଷ୍ଟା କଲି । କିନ୍ତୁ ଜୋର ପାଇଲି ନାହିଁ । ମୋ ଦେହ ଝିମ୍‌ଝିମ୍ ହୋଇଗଲା । ମୁଣ୍ଡ ଘୂରାଇ ଦେଲା ।

[ ପ୍ରକୃତିର ତାଣ୍ଡବ ଉତ୍ତାଳ ସମୁଦ୍ର ତରଙ୍ଗ ଭରା—ଜାହାଜକୁ ଉଠାଇ ଆଉ ଗିଳିବ । ]



ଏହି ସମୟରେ ସମୁଦ୍ର ଗର୍ଜନ ମୋ କାନରେ ବାଜିଲା । ମୋର ମନେ ପଡ଼ିଗଲା ଆମ ବୋଇତ କଥା ଓ ତୋଫାନ କଥା । ମୁଁ ଆଖି ଫିଟାଇ ଅନାଇଲି । ଏତିକି ବେଳେ ବୀର ମୋତେ ପଚାରିଲା "ଟିକିଏ ଭଲ ଲାଗୁଛି ?"

ଭଲ ଲାଗିବ କଣ ? ମୁଁ କିଛି ବୁଝି ପାରିଲି ନାହିଁ । ମୁଁ ତ ଭଲ ଅଛି । ମୋର କଣ ବା ହୋଇଛି ? କପାଳରେ ହାତ ବୁଲାଇ ଦେଖିଲି ମୋ ମୁଣ୍ଡ ଫାଟି ଯାଇଛି । ଏତିକିବେଳେ ମତେ ସୁସ୍ଥ ଦେଖି ଆନନ୍ଦ କହିଲା, "ହଇରେ ! ତୋର ମୋ ଠାରେ କି ଅହନ୍ତା ଥିଲା କିରେ ? ତୁ କାହିଁକି ମୋର ତଣ୍ଟି ଚିପି ଦେଲୁ, ମୋ ଦାନ୍ତ ଭାଙ୍ଗିଦେଲୁ ?"

ଏ କଥାର ଅର୍ଥ ମୁଁ ବୁଝି ନ ପାରି ବୀର ଅଡ଼କୁ ଅନାଇଲି । ସେ ମୋର ଗୁହାରୀରୁ ବୁଝିପାରି କହିଲା—"ତୁ ବେଶି କଥା କହ ନାହିଁ । ସବୁ ଘଟଣା ମୁଁ କହୁଛି । ତୋର ମନେଥିବ ଆମ ବୋଇତ କଥର ପାହାଡ଼ ନାସିରେ ଧକ୍କା ଖାଇଲା । ତା'ପରେ ଆମେ ତିନିହେଁ ଅହୁଲାକୁ ଧରି ପହଁରିବାକୁ ଲାଗିଲେ । ସେତିକି-ବେଳେ ଅହୁଲା ବାଜିବାରୁ ତୋ ମୁଣ୍ଡ ଫାଟିଗଲା । ସେତେବେଳେ ତୁ ଆନନ୍ଦ ଗଳାକୁ କୁଣ୍ଢାଇ ଧରିଲୁ, ସେ ତା' ଗଳା ଚୁପି ହୋଇ-ଗଲା । ତୁ ମଧ୍ୟ ଦୂରବୀକ୍ଷଣଟା ଗଣ୍ଠିଧନପରି ଦୃଢ଼କରି ଧରିଥିଲୁ । ସେଟା ଆ'ନ ଦାନ୍ତରେ ବାଜି ହୋଇଯିବାରୁ ତା' ଦାନ୍ତରୁ ରକ୍ତ ବୋହିଲା । ତା'ପରେ ମୁଁ ତୁମ୍ଭମାନଙ୍କୁ ଠେଲି ଠେଲି କୂଳକୁ ଆଣିଲି ।"

ମୁଁ ବୋଇତ କଥା ଓ ଅନ୍ୟ ସମସ୍ତଙ୍କ କଥା ପଚାରିଲି । ସେ କହିଲା ଯେ ବୋଇତଟି ପାଣିରେ ବୁଡ଼ିଗଲା । ଅନ୍ୟ ସମସ୍ତେ ଯେଉଁ ଡଙ୍ଗାଟିରେ ବସିଥିଲେ ତାହା କୁଆଡ଼େ ଭାସିଗଲା ।

ସେମାନେ ଏହି ହ୍ରଦ ଭିତରକୁ ଆସିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ସମ୍ମୁଖୀ ପବନ ବହୁବାରୁ ଆସି ପାରିଲେନାହିଁ । ସମୁଦ୍ରରେ ଏହିପରି ବହୁତ ଛୋଟ ଛୋଟ ଦ୍ୱୀପ ଅଛି । ସେମାନେ କୌଣସି ଗୋଟିଏ ଦ୍ୱୀପରେ ଲାଗିଥିବେ । ଏତିକି କହି ବୀର ତୁନି ହେଲା ।

ମୁଁ ଆମର ଅବସ୍ଥା ବିଷୟରେ ଅନେକ ଭାବିଲି । ଗୋଟାଏ ଅଜଣା ଦ୍ୱୀପରେ ପହଞ୍ଚିଲୁ । ଏଠି ଲୋକବାକ ଅଛନ୍ତି କି ନାହିଁ ଜଣାନାହିଁ । ଖାଇବା ସାମଗ୍ରୀ ମିଳିବ କି ନାହିଁ ସନ୍ଦେହ । ଭଲା ବୋଇତରୁ କିଛି ଖାଦ୍ୟ ପଦାର୍ଥ ଅସ୍ତ୍ର ଶସ୍ତ୍ର ଆଣିଥାନ୍ତୁ ! କିନ୍ତୁ ଦୁର୍ଯୋଗକୁ ତାହା କରିପାରିଲୁ ନାହିଁ । ପୁଣି ଏଠାରେ ଯଦି ସେହି ମଣିଷ ମାଉଁସଖିଆ ନଙ୍ଗଡ଼ା ଜାତିର ଲୋକ ଥିବେ ତେବେ ଆମକୁ ଛପାଡ଼ି ଖାଇଯିବେ । ଏହିକଥା ଭାବି ଭାବି ମୁଁ କହି ପକାଇଲି "କି ଦୁର୍ଭାଗ୍ୟ !"

ସାଙ୍ଗେ ସାଙ୍ଗେ ଅଂଧ କହିଲା "ଦୁର୍ଭାଗ୍ୟ କାହିଁକି ? କହ ସୌଭାଗ୍ୟ ! ତୁ ଭୁଲ ବୁଝିଛୁ । ମୁଁ ଭାବୁଁଛି ଆମେ ଏହି ଦ୍ୱୀପକୁ ଯାଇ ଏଠାକାର ଅଦମ ଅଧିବାସୀଙ୍କ ସର୍ଦ୍ଦାର ଅଧୀନରେ ଚାକିରି କରିବା । ଆମେ ବୁଦ୍ଧିଆ ଶିକ୍ଷିତ ଲୋକ । ଶୀଘ୍ର ଉଚ୍ଚ ପଦକୁ ଉତ୍ତୀର୍ଣ୍ଣ ହୋଇଯିବା । ଶେଷରେ ଏହି ଦ୍ୱୀପର ସର୍ଦ୍ଦାର ବା ରାଜାଙ୍କୁ ତଡ଼ିଦେଇ ଆମେ ରାଜା ହେବା । ବୀର ରାଜା ହେବ । ତୁ ମନ୍ତ୍ରୀ ହେବୁ । ଆଉ ମୁଁ—ମୁଁ ବେଶି ଦରମାରେ ଗୋଟାଏ ଚାକିରି କରିବି ଯେଉଁଥିରେ କିଛି କାମ କରିବାକୁ ପଡ଼ିବ ନାହିଁ ।"

ମୁଁ କହିଲି—"ଯଦି ଜନଶୂନ୍ୟ ଦ୍ୱୀପ ହୋଇଥାଏ, ଆମେ ଏଠି ଘର କରିବା । ବଗିଚା କରିବା । ସୁଖବାସ କରିବା । ତାହାହେଲେ ଆଉ କିଛି ଅଭାବ ରହିବ ନାହିଁ ।"

ବୀର ଚମକ ଦେଇ କହୁଲ—"ବଲୁଆ ବସ୍ତ୍ର କଣ କରୁଛ। ବର୍ତ୍ତମାନ ତୁମର ଅବସ୍ଥା କଣ ଓ କର୍ତ୍ତବ୍ୟ କଣ ଭାବୁଛ-ଟିକି! ପାଖରେ ଅସ୍ତ୍ର ଶସ୍ତ୍ର କଣ—ଛୁରୀ ଖଣ୍ଡେ ସୁଦ୍ଧା ନାହିଁ। ଏ ନିର୍ଜନ ଦ୍ୱୀପରେ କିପରି ଜୀବନ ଧାରଣ କରିବା, ତାର ଉପାୟ ଚିନ୍ତାକର।"

—ତିନି—

ପାଣିରେ ପହଁରି ଆମ ଲୁଗାପଟା ସବୁ ଓଦା ହୋଇ ଯାଇଥିଲା । କିନ୍ତୁ ମୁଁ ଯେତେବେଳେ ଅଚେତ୍ ହୋଇ ପଡ଼ିଥିଲି, ମୋର ସାଙ୍ଗ ଦୁଇଜଣଯାକ ସେତେବେଳେ ତାକୁ ଚିପୁଡ଼ି ଶୁଖାଇ ଦେଇଥିଲେ । ମତେ ଆରାମ ଲାଗିବାରୁ ମୁଁ ଉଠିଲି । ସମସ୍ତେ ଶୁଖିଲା ଲୁଗାପଟା ପିନ୍ଧିଲୁ ।

ତା'ପରେ ଆମେସବୁ ଯାଇ ଗୋଟାଏ ପଥର ଉପରେ ବସିଲୁ । ଆମ୍ଭମାନଙ୍କ ପାଖରେ ଯାହା ଯାହା ଥିଲା ତାକୁ ସେଇ ପଥର ଉପରେ ରଖିଲୁ । ଜିନିଷଭିତରେ ଖଣ୍ଡିଏ ଦନ୍ତୁରି ଛୁରୀ, ଖଣ୍ଡେ ଛ'ଗଜ ଲମ୍ବ ଡୋରି, ଗୋଟିଏ ସାଲ୍ ସିଅଁ ଛୁଞ୍ଚି, ଗୋଟିଏ ଟିଲିଟି ପେନସିଲ୍ ଖୋଳ, ଗୋଟିଏ ସୂର୍ଯ୍ୟକାନ୍ତ କାଚ, ଖଣ୍ଡେ ସୋଲ ଓ ଦୂରବୀକ୍ଷଣଟି । ଦୂରବୀକ୍ଷଣଟିର କାଚ ଭାଙ୍ଗିଯାଇଥାଏ ।

ସେଥିଯୋଗେ ଏଟା ଅଜାଣି । ବାର ଅଙ୍ଗୁଳିରେ ଗୋଟିଏ ପିତଳ ମୁଦ ଥିଲା ।

ପୋଷାକପତ୍ର ଭିତରେ ପ୍ରତ୍ୟେକଙ୍କର ହଳେ ହଳେ ଚଢ଼ୋଇ ଜୋତା ଓ, ଖଣ୍ଡେ ଖଣ୍ଡେ ଲୁଗା ଥିଲା । ତା'ଛଡ଼ା ବାବର ଖଣ୍ଡିଏ ନାଲିଆ ଅଙ୍ଗରଖା, ଖଣ୍ଡେ ନେଳିଆ କୋଟ, ହଳେ ମୋଜା ଓ ଖଣ୍ଡେ ରୁମାଲ ଥିଲା । ଅ'ଢର ଖଣ୍ଡିଏ ଗାରଗାରକିଆ ଅଙ୍ଗରଖା, ହଳେ ମୋଜା ଓ ଖଣ୍ଡେ ଛିଟ ରୁମାଲ ଥିଲା । ମୋର ମଧ୍ୟ ଖଣ୍ଡେ ନେଳିଆ ଅଙ୍ଗରଖା, ଖଣ୍ଡେ ନେଳିଆ କୋଟ ଓ ହଳେ ମୋଜା ଥିଲା ।

ଆମର ଘରଦ୍ୱାର କର ଚଳିବାକୁ ଜିନିଷ ବୋଲି ଏତିକି । ଭାବିଲାରୁ ଭାରି ମନ କଷ୍ଟ ହେଲା । କିପରି ଚଳିବୁ ! ଯାହାହେଉ ଭଗବାନ ଯେ ଜୀବନରେ ରଖିଲେ ଏଇ ଖୁବ୍ ! ଏହିସବୁ କଥା ନେଇ ଅମେ ଗପସପ ହେଉଛୁ—ଏତିକିବେଳେ ବାବ କହିଲା—"ଅରେ ଭୁଲି ଯାଇଛେ, ଅମ ଅହ୍ଲଟା !"

ସମସ୍ତଙ୍କର ଅହ୍ଲ କଥା ମନେ ପଡ଼ିଗଲା । କିନ୍ତୁ ସେଟା କି ଦରକାରରେ ଅସିବ ! ତେବେ ସେଥିରେ ଗୋଟାଏ କୁଣ୍ଡା ଅଙ୍କୁଶୀ ଥିଲା । ସେଖଣ୍ଡ କାମରେ ଲାଗିବ; ଏହି କଥା ଭାବି ଅହ୍ଲ ପାଖକୁ ଗଲୁ । ଯାଇ ଦେଖିଲୁ ଯେ ଅମ ସୌଭାଗ୍ୟରୁ ଟାଙ୍ଗିଅ ଖଣ୍ଡେ ଅହ୍ଲରେ ଲାଗିଛି ।

ଏଇଟା ଏଥିରେ କିପରି ଲାଗିଲା, ସେକଥା ମନେପଡ଼ିଗଲା ।

ଜୀର ଦଉଡ଼ିକୁ କାଟିବାକୁ ଟେଣ୍ଟ ମାରିଲାବେଳେ ସେ ଟେଣ୍ଟ ଦଉଡ଼ିରେ ନ ବାଜି ଅହ୍ଲରେ ବାଜିଲା । ସାଙ୍ଗେ ସାଙ୍ଗେ ଦଉଡ଼ିଟାଏ ତ ଅମ ଅହ୍ଲକୁ ମୁକୁଳାଇ ଦେଲା । କିନ୍ତୁ ସେ ଟେଣ୍ଟ ଏତେ ଜୋରରେ ବାଜିଥିଲା ଯେ ଟାଙ୍ଗିଅଟା ସେ ଅହ୍ଲରେ

ଲାଗିଗଲା । ଆମ କରମକୁ ଏତେ ପହଁରାପହଁରି, ଉତ୍ତାଳତରଙ୍ଗରେ ମଧ୍ୟ ଖସି ନ ଯାଇ ସେମିତି ଲାଗିଥିଲା ।

ଅ'ଧ ତାକୁ ଦୁଗାଳିବାକୁ ଚେଷ୍ଟା କଲି, କିନ୍ତୁ ପାରିଲି ନାହିଁ । ବୀର ଠାଙ୍ଗିଅଟିକୁ ଝିଙ୍କି ବାହାର କଲା । ଅହୁଲା ଧାରରେ ଲୁହାପାତ ମରାହୋଇଥିଲା । ତାକୁ ଠାଙ୍ଗିଅରେ ବାହାର କରିବାକୁ ଚେଷ୍ଟା କଲୁ । କିନ୍ତୁ ହେଲାନାହିଁ । ତେଣୁ ଅହୁଲାଟିକୁ ଆମର ବଡ଼ ପଥର ପାଖକୁ ଟେକି ଆଣିଲୁ । ଭାବିଲୁ ଦରକାର ପଡ଼ିଲେ ଅହୁଲାକୁ ପୋଡ଼ି ଲୁହାପାତ ବାହାର କରିବୁ । ଅହୁଲାରେ ମଧ୍ୟ ଲୁହା ଅଙ୍କୁଶିଟିଏ ଥିଲା । ତାକୁ ବି ନେଲୁ । ଯାହାକୁ ସବୁ ନେଇ ସେ ପଥର ପାଖରେ ରଖିଲୁ ।

ତା'ପରେ ବୀର କହିଲା, "ଏ ଦ୍ୱୀପର ନାସିରେ ବୋଇତଟା ବୁଡ଼ିଗଲା । ଚାଲ ଦେଖିବା କାଳେ ସେଠି କିଛି ଜିନିଷ କୂଳରେ ଲାଗିଥିବ ।" ସେଇଠୁ ତିନିଜଣଯାକ ସାଙ୍ଗ ହୋଇ ନାସି ପାଖକୁ ଗଲୁ ।

ଆମେ ଯେଉଁଠି ଥିଲୁ ସେଠିକି ନାସିଟା ପ୍ରାୟ କୋଶେ ବାଟ । ଗଲାବେଳେ ବାଟରେ ଅନେକ ଫଳ ଗଛ ଦେଖିଲୁ । କେତେ ଗଛରେ ଫଳ ଗୋଟା ଗୋଟା ହୋଇ ଓ ଆଉ କେତେକରେ ଲେନ୍ଥା ଲେନ୍ଥା ହୋଇ ଝୁଲୁଥାଏ । କେତେ ଫଳ ପାଚି ଲାଲ ଟହଟହ ଦେଖାଯାଉଥାଏ । ନାନା ରକମର କୋଳି ବୁଦାବୁଦାରେ ହୋଇଥାଏ । କିନ୍ତୁ ସେ ସବୁ କି ଫଳ ଆମେ ଚିହ୍ନି ନ ଥାଉ । ବିଷ ଫଳ କି ଭଲ ଫଳ ଜାଣି ନ ଥାଉ ।

ତେବେ ବୀର ପାଞ୍ଚ ଛ' ପ୍ରକାରର ଫଳ ଚିହ୍ନିଛି ବୋଲି କହିଲା । ସେ କେବେ ଏଠିକି ଆସି ନ ଥିଲା । ଖାଲି 'ଏମିତିଆ ଦ୍ୱୀପର ଫୁଲ ଫଳ ବିଷୟରେ ଯାହା ବହିରୁ ପଢ଼ିଥିଲା । ସେଥିରୁ

ସ୍ଥାନରୁ ଭେଦଭେଦ ଫଳ ଚାଖିଲି । ସମସ୍ତେ କିନ୍ତୁ ନଡ଼ିଆ ଗଛ ଚିହ୍ନି ପାରିଲୁ ।

ବାଟରେ ଯାଉ ଯାଉ ଅନ୍ଧକୁ ଶୋଷ ହେଲା । ବୀର ଗୋଟିଏ ନଡ଼ିଆଗଛ ମୂଳକୁ ଯାଇ ତାକୁ ଗୋଟିଏ ପଇଡ଼ ପାରିବାକୁ କହିଲା ଓ ଖଣ୍ଡିଏ ଛୁରୀ ଗୋଟିକରେ ପଇଡ଼ କଣା କରି ତାକୁ ପିଇବାକୁ ଦେଲା ।

ଦିନ ଉତରିବା ବେଳକୁ ଆମେ ଯାଇଁ ସେ ନାସିରେ ପହଞ୍ଚିଲୁ—ଗୁହାଆଡ଼ ଖୋଜିଲୁ । ଜିନିଷ ଭିତରେ ଗୋଟିଏ ଗସ୍ ଓ ଗୋଟିଏ ଅବଖୁସ୍ କୂଳରୁ ପାଇଲୁ । ଆଉ କିଛି ପାଇଲୁ ନାହିଁ । ସେଇଠୁ ଫେରିବାକୁ ବସିଥିଲୁ, ଏତିକିବେଳେ ପାଣି ଭିତରେ କଣ ଗୋଟାଏ କଳା ଜିନିଷ ଦେଖାଗଲା । ଆମେ ଯାଇ ଦେଖିଲୁ—ହଲେ ବୁଟ୍ ଯୋତା । କିଛି ଦୂରରେ ଗୋଟିଏ ମୁର୍ଦ୍ଦାର ଭାସୁଥିବାର ଦେଖିଲୁ । ସେ ଶବଟି ଆମ ବୋଇତପତିଙ୍କର । ଆମେ ଚିହ୍ନି ପାରିଲୁ । ସେ ଯୋତା ଖୋଲି ପହଁରି ଆସୁ ଆସୁ ବୋଧେ ମରିଛନ୍ତି, ଏହିକଥା ଠିକ୍ କଲୁ ।

ବୀର ଗୋଡ଼କୁ ସେ ଯୋତା ଠିକ୍ ହେଲା । ଯୋତା ହଳକ ନେଇ ସେଠାରୁ ଫେରିଲୁ । ବାଟରୁ କେତେଗୁଡ଼ିଏ କୋଳି, ଫଳ, ଓ ନଡ଼ିଆ ତୋଳି ଆଣିଲୁ । ଏ ଫଳଗୁଡ଼ିକ ଯେ ବିଷ ନୁହେଁ ଏହା ଆମେ ଭଲ କରି ଜାଣିଥିଲୁ । କାହିଁକି ନା, ଆମେ ଦେଖିଲୁ ଯେ କେତେଗୁଡ଼ିଏ ଚଢ଼େଇ ସେ ଫଳ ସବୁ ଖାଉଛନ୍ତି ଓ ସେମାନେ ମରିଯାଉନାହାନ୍ତି । ଆମ ବସା ପାଖରେ ପହଞ୍ଚିଲା ବେଳକୁ ମୁହଁସଞ୍ଜ ହୋଇଯାଇଥିଲା । ଆମ ବସା ପାଖରେ ଗୋଟିଏ ଝର ବହି ଯାଉଥିବାର ଦେଖିଲୁ । ଝର ପାଣି ଭାରି ନିର୍ମଳ ଦିଶୁଥାଏ । ଗସ୍ ନେଇ ସେଠୁ ଗସ୍‌ଏ ପାଣି ଆଣିଲୁ ।

ତା'ପରେ ଆମେ ଅଲୁଅ ଲଗାଇବାକୁ ଭାବିଲୁ । କିନ୍ତୁ ନିଆଁ କୁଆଡ଼ୁ ଆଣିବୁ ? ଆମ ପାଖରେତ ଖଣ୍ଡେ ସୂର୍ଯ୍ୟକାନ୍ତ କାଚ ଥାଏ । କିନ୍ତୁ ସୂର୍ଯ୍ୟତ ବୁଡ଼ିଯାଇଥିଲେ । ସେଥିରେ କପର ବା ନିଆଁ ଧରିବ ! ନିକଟରେ ଅନେକ ଚକମକି ପଥର ପଡ଼ିଥିଲା । ଆମ ପାଖରେ ମଧ୍ୟ ଖଣ୍ଡିଏ ସୋଲ ଥିଲା । କିନ୍ତୁ ଇସ୍ପାତ କାହିଁ ? ବୀର ଭାବି ଭାବି ଖଣ୍ଡିଏ ଚକମକି ପଥର ଆଣି ଲୁହା ଅଙ୍ଗୁଠିରେ ବାଡ଼େଇଲା । ଟିକିଏ ଟିକିଏ ନିଆଁ ଝଡ଼ିଲା । କିନ୍ତୁ ସେ ସୋଲ ଭଲ ନ ଥିବାରୁ ନିଆଁ ଧରିଲା ନାହିଁ ।

ତା'ପରେ କଣ ଭାବି ବୀର ଦୁଇଖଣ୍ଡ ଶୁଖିଲା କାଠ ଆଣିଲା । କି କାଠ ମୁଁ ଜାଣେନା । ସେ କାଠ ଦୁଇଖଣ୍ଡ ଖୁବ୍ ଜୋରରେ ଘଷିଲା । ତା'ତଳେ ସୋଲ ଧରିଥାଉଁ । କିଛି ସମୟ ପରେ ସୋଲ ନିଆଁ ଧରିଲା । ଆମେ ଶୁଖିଲା କାଠ ଆଣି ନିଆଁ ଜାଳିଲୁ । ସୁନ୍ଦରଅଡ଼େ ଅଲୁଅ ହୋଇଗଲା । ନଡ଼ିଆରୁ ଓ ସେ ଫଳରୁ ପେଟେ ଲେଖାଏଁ ଖାଇଲୁ ।

ଖାଇସାରି ତାଳପତ୍ର ଭାଙ୍ଗି ଆଣି ଗୋଟିଏ କୁଡ଼ିଆ ତିଆରି କଲୁ । ତଳେ ଶୁଖିଲା ଘାସ ଓ ପତ୍ର ବିଛାଇ ଦେଲୁ । ଭଗବାନଙ୍କୁ ଡାକି ସେ କୁଡ଼ିଆ ଭିତରେ ଶୋଇପଡ଼ିଲୁ । କୁଡ଼ିଆର ତାଳପତ୍ରର ଛାତ ଫାଙ୍କରେ ଆକାଶର ତାରା ସବୁ ଦିଶୁଥାନ୍ତି । ଆମର ମନେହେଲା ଯେପରି ଭଗବାନଙ୍କ ଆଦେଶରେ ସେମାନେ ରାତିରେ ଆମକୁ ଜଗି ବସିଛନ୍ତି । ସମୁଦ୍ରକୂଳିଆ ଧୀର ପବନ ବହୁଥାଏ । ଶୀତ ନ ଥାଏ । ଦଣ୍ଡିକ ଭିତରେ ଶୋଇପଡ଼ିଲୁ ।

—ଚାରି—

ତହିଁ ଆରଦିନ ସକାଳୁ ନିଦ ଭାଙ୍ଗିଗଲା । ଦେଖିଲି ମୋ ସାଙ୍ଗ ଦିହେଁ ନିଦରେ ଘମାଘୋଟ୍ । ସେମାନଙ୍କୁ ଉଠାଇଲି ନାହିଁ । ସକାଳଟା ମତେ ଭଲ ଲାଗୁଥାଏ । ସୂର୍ଯ୍ୟ ଉଇଁବାରୁ ଗୁହାଅ ଫର୍ଚ୍ଚା ଦିଶୁଥାଏ । ସୂର୍ଯ୍ୟ କିରଣ ପତର-ଗୁଡ଼ିକର ଫାଙ୍କରେ ଅନ କୁହୁଅ ଭିତରେ ଟିକିଏ ଟିକିଏ ପଡ଼ୁଥାଏ । ଧୀର ପବନ ବହୁଥାଏ । ଫଲର ସୁବାସ ନିକଟ ବଣରୁ ପବନ ବହି ଆଣୁଥାଏ । ଚଢ଼େଇ ଗୁଡ଼ିଏ ଗଛ ଚୂଡ଼ାମାନଙ୍କରେ କେଁଭଁର ହେଉଥାନ୍ତି । ସତେ ଯେପରି ସେମାନେ ତାଙ୍କ ରାଇଜରେ ଆମର ଅନଧିକାର ପ୍ରବେଶର କାରଣ ପଚାରୁଛନ୍ତି ।

ହ୍ରଦର ଜଳ ଧୀର ପବନରେ ଛୋଟ ଛୋଟ ଲହରୀ ଖେଳି କୁଳୁକୁଳୁ ନାଦ କରୁଥାଏ । ମୁଁ ଚିତ୍ ହୋଇ ଶୋଇଲି । ନୀଳ ଆକାଶକୁ ଅନାଇଁ ଦେଖିଲି ଧଳା ବଉଦ ଗୁଡ଼ିଏ ଭାସୁଛି । ଅନନ୍ତ

ଆକାଶ ଦିଗନ୍ତ ପୂରି ରହୁଛି । ଏ ସବୁ ଦେଖି ଓ ଆମର ନିଜ ଅବସ୍ଥା ଭାବୁ ଭାବୁ ସବୁଆଡ଼େ ସୃଷ୍ଟିକର୍ତ୍ତାଙ୍କର ମହିମା ଅନୁଭବ କଲି । ସେତେବେଳେ ମନେ ପଡ଼ିଗଲା—ବୋଉ ଦେଇଥିବା ଉପଦେଶ ଦୁଇଟି ।

ମୁଁ ଗୀତା, ଓ ବୌଦ୍ଧ ଗାନ ଓ ଦୋହା ପୋଥି ଦୁଇଟି ସମୁଦ୍ରରେ ହରାଇଥିଲି । ତେଣୁ ତା'ର ଦ୍ୱିତୀୟ ଉପଦେଶଟି ପାଳିବି ବୋଲି କୁଡ଼ିଆ ଭିତରୁ ଧୀରେ ଧୀରେ ବାହାରିଆସିଲି । ଗୋଟିଏ ବୁଦାମୂଳେ କେତେକ୍ଷଣ ଈଶ୍ୱରଙ୍କୁ ପ୍ରାର୍ଥନା କଲି । କୁଡ଼ିଆକୁ ଫେରି ଆସି ଦେଖିଲି ମୋ ସାଙ୍ଗ ଦୁଇଜଣ ଅଗପଛ ଶୋଇଛନ୍ତି । ସେମାନଙ୍କୁ ନ ଉଠାଇ ସେଇ ପତର ଶେଯ ଉପରେ ମୁଁ ଅଳସରେ ଶୋଇପଡ଼ିଲି ।

ଏତିକିବେଳେ ଗୋଟିଏ ଚଢ଼ାଇ ଉଡ଼ିଆସି ଆମ କୁଡ଼ିଆ ଉପରେ ବସିଲା । ସେ ବସିଥାଏ ଠିକ୍ ଅ'ନ୍ଦ ମୁହଁ ସିଧାରେ । କିଛିକ୍ଷଣ ପରେ ଚଢ଼ାଇଟି ମଳ ତ୍ୟାଗ କଲା । ମଳଗୁଡ଼ିକ ଆନନ୍ଦ ମୁହଁରେ ପଡ଼ିବାରୁ ସେ ଧଡ଼୍‌ପଡ଼୍ ହୋଇ ଉଠିଲା । ଚଢ଼ାଇଟିକୁ କେତେଗୁଡ଼ିଏ ଗାଳିଦେଲା । ତା'ପରେ ସିଧା ଦଉଡ଼ିଯାଇ ହ୍ରଦ ପାଣିରେ ପଡ଼ିଲା । ଟିକିଏ ପରେ ବୀର ଉଠିଲା । ସେ ଆନନ୍ଦକୁ ପାଣିରେ ବୁଡ଼ୁଥିବାର ଦେଖି ନିଜେ ଗାଧୋଇ ଚାଲିଗଲା । ମୁଁ ଆଉ ସମ୍ଭାଳି ହୋଇ ପାରିଲି ନାହିଁ । ମୁଁ ବି ଗାଧୋଇଗଲି ।

ଆମ୍ଭମାନଙ୍କ ଭିତରେ ବୀର ଭଲ ପହଁରି ଓ ବୁଡ଼ିପାରେ । ଅ'ନ୍ଦ ଅଦୌ ବୁଡ଼ି ପାରେନାହିଁ କି ପହଁରି ପାରେନାହିଁ । ଖାଲି ଅଳ୍ପ ପାଣିରେ ଟିକିଏ ଟିକିଏ ଖଣ୍ଡି ପହଁରି ଦିଏ । ହ୍ରଦରେ ଆମ୍ଭେମାନେ ଅନେକ ସମୟ ବୁଡ଼ିଲୁ । ବୀର ଓ ମୁଁ ବେଶି ପାଣିକୁ ଚାଲିଗଲୁ । ଅ'ନ୍ଦ ବିଚରା ଅଳ୍ପ ପାଣିରେ ଭାସୁଥାଏ ।

ହ୍ରଦରେ ଅଢେଡୀ ଲହରୀ ନ ଥାଏ । କାରଣ ପୋହଳା ପର୍ବତ ଏହାକୁ ପାଟେର ଘର ଦେଇ ରହୁ ଏହାକୁ ସମୁଦ୍ରରୁ ପୃଥକ କରୁଥାଏ । ପାଣି ମଧ୍ୟ ଭାରି ସ୍ୱଚ୍ଛ । ଏମିତକି ପନ୍ଦର କୋଡ଼ିଏ ହାତ ଗଭୀର ପାଣିରେ ତଳ ଦିଶୁଥାଏ ।

ଅମେ ତଳକୁ ବୁଡ଼ିଲୁ । ଭାବିଥିଲୁ କେବଳ ବାଲି କି ମାଟି ଥିବ । କିନ୍ତୁ ଦେଖିଲୁ ତଳେ ଖାଲି ପୋହଳା, ନାନା-ରକମର ଛୋଟ ଛୋଟ ତୃଣ ବୁଦା ଓ ସାମୁଦ୍ରିକ ଜୀବ । ନାଲିଆ, ନେଳିଆ ଧଳା ପ୍ରଭୃତି କେତେ ରକମର ପୋହଳା ତଳେ ଜମା ହୋଇଥାଏ । ଛୋଟ ଛୋଟ ବୁଦା ଯୋଗେ ଜଣାଗଲା ସତେ ଯେପରି ସମୁଦ୍ର ତଳେ ବଗିଚାଟିଏ ଅଛି ।

ଅମ ବୁଢ଼ାଙ୍କୁ ଭାରି ଭଲ ଲାଗିଲା । ଅମେ ମାଛ ଅଣ୍ଡାଳିଲୁ । କିନ୍ତୁ ଧରି ପାରିଲୁ ନାହିଁ । କେବଳ ଦୁଇ ଡଜନଟା ଶାମୁକା ଆଣିଲୁ । କିଛି ସମୟ ପରେ କୁଡ଼ିଆକୁ ଫେରିଆସିଲୁ ।

ନଡ଼ିଆ ଥିଲା । ଦୁଇ ଗୁହିଟା ଭାଙ୍ଗିଲୁ । ଶାମୁକାରୁ ମାଂସ ବାହାର କରି ନିଆଁରେ ପୋଡ଼ିଲୁ । ଗଛରେ କୁଡ଼ିଆ ପାଖ ଝରଣାରୁ ମଧୁର ପାଣି ଆଣିଲୁ । ଏଥିରୁ ବେଶ୍ ଗ୍ରାସେଟିଏ ପକାଇଲୁ । ତା'ପରେ ନିକଟରେ ଥିବା ପାହାଡ଼ ଉପରକୁ ଯିବାକୁ ଭାବିଲୁ ।

ପାହାଡ଼ ଶିଖକୁ ଗଲାବେଳକୁ ବଣ ଜଙ୍ଗଲ ପଡ଼ିବ । ବଣରେ କାଳେ ବାଘ ଭାଲୁ ଥିବେ । ମଣିଷଖିଆ ଭେଡ଼ା ଜାତର ଲୋକ ଥାଇପାରନ୍ତି । କେତେବେଳେ କି ବିପଦ ପଡ଼ିବ । ଏଥି ସକାଶେ ଠାଙ୍ଗିଆରେ ଦୁଇଖଣ୍ଡ ବାଣ ତିଆରି କଲୁ । ଖଣ୍ଡେ ବାଡ଼ି ମୁଁ ଧରିଲି, ଆଉ ଆର ଖଣ୍ଡିକ ଅ'ନ୍ଦ । ବାକି ଧରିଲା ଠାଙ୍ଗିଆ । ଏମିତ ଢଙ୍ଗାହେଁ କୁଡ଼ିଆରୁ ବାହାରିପଡ଼ିଲୁ ।

ମାଇଲ୍ ଏ ଖଣ୍ଡେ ସମୁଦ୍ର କୂଳରେ କୂଳରେ ଗଲୁ । ତା'ପରେ ଗୋଟିଏ ଛୋଟ ନଈ ମୁହାଁଣ ପଡ଼ିଲା । ଏହି ନଈ କୂଳେ କୂଳେ ଆମେ ଦ୍ୱୀପ ଭିତରକୁ ପଶିଲୁ । ଦେଖିଲୁ ଏଇଟି ଗୋଟିଏ ଉପତ୍ୟକା । ଷାତେବ ଷର ଦୁଇ ପାଖରେ ଦୁଇଟି ଛୋଟ ପାହାଡ଼ ଅଛି । ମଝିଟା କୋଶେ ଖଣ୍ଡେ ଓସାର । ବୃକ୍ଷଲତା ଜଙ୍ଗଲରେ ପୂର୍ଣ୍ଣ । କେତେ ପ୍ରକାରର ଗଛ । ଗଛରେ ଫଳ ଭରା । ଗୋଟିଏ ଗୋଟିଏ ଗଛରେ ପାଚିଲା ଫଳ, କଅଁା ଫଳ, ଫୁଲ, କଷି ସବୁ ଅଛି ।

ମୁଁ ଭାବିଥିଲି ଏଭଳିଆ ସ୍ଥାନରେ ବହୁତ ଫୁଲ ଗଛ ଥିବ । କିନ୍ତୁ ଦେଖିଲି ଫୁଲଗଛ ସେତେ ନାହିଁ । ଗଛପତ୍ର ଗହଳରେ ଖରା ତେଜ ତଳେ ପଡ଼ୁ ନ ଥାଏ । ତେବେ ଗଛପତ୍ର ତଳେ ତଳେ ଯିବାକୁ ବାଟ ଥାଏ । କିନ୍ତୁ ବୃକ୍ଷଲତା ଗହଳି ଯୋଗେ ଅଠର ବାଙ୍କରେ ଯିବାକୁ ପଡ଼େ ।

ମାଇଲ୍ ଏ ଖଣ୍ଡେ ଗଲାପରେ ଦୁଇଧାର ପାହାଡ଼ ଦେଖିଲୁ । ଦୁଇଟାଯାକ ଯାଇ ଗୋଟାଏ ବଡ଼ ପାହାଡ଼ରେ ମିଶିଛନ୍ତି । ଏ ବଡ଼ ପାହଡ଼ଟା ଭାରି ଉଚ୍ଚ । ମୂଳରୁ ଶିଖଯାଏ ପାହାଡ଼ରେ ବୃକ୍ଷଲତା ଭରି । ପାହାଡ଼ର ପାଦ ଦେଶରେ କଦଳୀ ବଣ । ଜାଗା ଜାଗା ପାହାଡ଼ ଦେହରେ ଅକମ୍ପା ଶିଳା । ଏ ଜାଗାଗୁଡ଼ାକରେ ଗଛ ନ ଥାଏ ।

ଆମେ ପାହାଡ଼ ଉପରକୁ ଉଠିବାକୁ ଠିକ୍ କଲୁ । ବରାବର ନଈ କୂଳେ କୂଳେ ଚାଲିଥାଉ । କିଛିଦୂର ଗଲାପରେ ଗୋଟାଏ ଭାରି ଉଡ଼ ଉଡ଼, ମଡ଼ ମଡ଼ ଶବ୍ଦ ହେଲା । ଆମେ ଭୟରେ ଟିକିଏ ପଛକୁ ହଟିଗଲୁ ।

ଆଗରେ କଦଳୀ ବଣ । ସେଥିଯୋଗେ କିଛି ଦିଶୁ ନ ଥାଏ । ଶାବକ ବାଘ ଭାଲୁ ପ୍ରଭୃତି କୌଣସି ବନ୍ୟଜନ୍ତୁ ହୋଇଥିବ । ନଚେତ୍ ମଣିଷ ମାଉଁସ ଖିଆ ବେଡ଼ା ଜାତିର ଲୋକ ହୋଇଥିବ । ବୋଧହୁଏ ଆମକୁ ଆକ୍ରମଣ କରିବାକୁ ଆସୁଛି । ସେଥିଯୋଗେ ଭଉଭାଉ ହୋଇ ବାଡ଼ି ଲଗୁଡ଼ି ଧରି ତିଆରି ରହିଲୁ । କଦଳୀ ବଣର ଓସାରିଆ ପତ୍ରଗୁଡ଼ିକ ଆଡ଼େଇ ଦେଇ ଖାଲି ଉଙ୍କିମାରି ଅନାଇଲୁ । କିନ୍ତୁ କିଛି ଦେଖିବାକୁ ପାଇଲୁ ନାହିଁ ।

କ୍ରମେ ଶବ୍ଦଟା ବେଶି ଜୋରରେ ଶୁଭିଲା । ଏହା ଶୁଣି ଆମ ଦେହ ଥରହରେଲା । ଦେଖି ଦେଖୁ ଗୋଟାଏ ମସ୍ତବଡ଼ ଅକସ୍ମାଁ ଶିଳା ଦୁଲ୍ ଦୁଲ୍, ଭୁସ୍ ଭାସ୍ ଶବ୍ଦ କରି ତଳେ ପଡ଼ିଲା । ଏଥିରେ ଅନେକ ଛୋଟ ଛୋଟ ବୁଦା ଭାଙ୍ଗିଗଲା । ପଥରଟା ଆମର ଅଳ୍ପ ଦୂରରେ ପଡ଼ିଲା । ଆମ ଉପରେ ପଡ଼ିଥିଲେ ଆମ ଦଫା ରଫା ହୋଇଥାନ୍ତା । ଆମ୍ଭେମାନେ ପଥର ତଳେ ଚୂନା ହୋଇ-ଯାଇଥାନ୍ତୁ ।

ପଥର ଖସିବାର କାରଣ କଣ ବୁଝି ପାରିଲୁ ନାହିଁ । ଟିକିଏ ଆଗକୁ ଯାଇ ଦେଖିଲୁ ଏଟି ପାହାଡ଼ଟା ଭାର ତଳ । ସେଥିଯୋଗେ ପାହାଡ଼ ଉପରୁ ବେଳେ ବେଳେ ପଥର ଖଣ୍ଡେ ଖଣ୍ଡେ ଖସେ । ଆଗରୁ ଏମିତି ଅନେକ ଗୁଡ଼ାଏ ପଥର ଖସି ତଳେ ଜମା ହୋଇ ଥିବାର ଦେଖିଲୁ । ଆଉ ଏବାଟେ ଆଗକୁ ଯିବୁନାହିଁ ବୋଲି ଠିକ୍ କରି ପାହାଡ଼ ଉପରକୁ ଉଠିଲୁ ।

ପାହାଡ଼ ଶିଖରରେ ପହଞ୍ଚି ଦେଖିଲୁ ଯେ ଏ ପାହାଡ଼ଟା ଦ୍ୱୀପର ବଡ଼ ପାହାଡ଼ ନୁହେଁ । ଆମ ଆଗରେ ଆଉ ଗୋଟିଏ ବଡ଼ ପାହାଡ଼ ଦିଶିଲା । ଏ ପାହାଡ଼ ଓ ସେ ପାହାଡ଼ ଭିତରେ [illegible] ବିସ୍ତୃତ ସମତଳ ଭୂଇଁ । ଏ ଉପତ୍ୟକାଟା ବଡ଼ ବଡ଼ [illegible]

ବଣ ଜଙ୍ଗଲରେ ପୂର୍ଣ୍ଣ । ଏଥିରେ ବହୁତ ନଡ଼ିଆ ଗଛ ଓ ରୁଟି ଗଛ ଅଛି ।

ବାପା ରୁଟି ଗଛ ଚିହ୍ନିଲେ । ସେ ବହିରେ ଏ ଗଛ ବିଷୟ ପଢ଼ିଥିଲେ । ପ୍ରକୃତରେ ଏ ଗଛରେ ରୁଟି ଫଳେ ନାହିଁ । କିନ୍ତୁ ଏହାର ଫଳ କଞ୍ଚା ବେଳେ ପାଉଁରୁଟି ଭଳିଆ ଦେଖାଯାଏ । ଏ ଫଳ ପୋଖତ ହେଲେ ପଣସ ପରି ଦେଖାଯାଏ । ଏ ଫଳର ସ୍ୱାଦ ମନ୍ଦ ନୁହେଁ । ଏହାମଧ୍ୟ ପୁଷ୍ଟିକର ।

ତା'ପରେ ଆମେ ସେ ବଡ଼ ପାହାଡ଼କୁ ଯିବାକୁ ବସିଲୁ । ବାପା ଆଗେ ଆଗେ ଚାଲିଲେ । ଆ'ନ ମଝିରେ ରହିଲା । ମୁଁ ପଛେ ପଛେ ଚାଲିଥାଏ ।

ଆମେ ଗଲାବେଳେ ଗୋଟିଏ ବିଷୟ ଦେଖିଲୁ । ଭାରି ଆଶ୍ଚର୍ଯ୍ୟ କଥା । ଆମେ କିଛି ଠିକ୍ କରି ନ ପାରି ଅବାକ୍ ହୋଇଗଲୁ । ଦେଖିଲୁ, ଖୁବ୍ ଗୋଟିଏ ବଡ଼ ଗଛ କୁରାଢ଼ିରେ କଟାଯାଇଛି । ତା'ର ମୂଳଟା ଅଛି । କଟା ଜାଗାରେ ଶିଉଳି ଲାଗି ଛତୁ ଫୁଟି ଯାଇଥାଏ । ବୋଧହୁଏ ଅନେକ ଦିନରୁ ଗଛଟା କଟାଯାଇଥିଲା । କିଏ କାଟିଲା ଆମେ ବୁଝିପାରିଲୁ ନାହିଁ । ଏଠି ତ ଲୋକବାକ ଥିବାର ପତା ନାହିଁ । ଏ ଗଛ କିଏ ବା କାଟିଲା ?

ଭାବିଲୁ କେହି ବୋଇତରେ ଆସି କାଟି ନେଇଯାଇଥିବ । କିନ୍ତୁ ସେପରି କେହି ଆସିଥିଲେ ସମୁଦ୍ର କୂଳ ବଣରୁ ଗଙ୍ଗା ଗଛ ସବୁ ନେଇଯାଇଥାନ୍ତା । ଏ ପାହାଡ଼ ପାରିହୋଇ ଅଝାଡ଼ ବଣ ଭିତରକୁ କାହିଁକି ଆସିଥାନ୍ତା ? ଆସିଥିଲେ ଏତେବଡ଼ ଗଛଟା କାହିଁକି କାଟନ୍ତା ? କିଛି ଠିକ୍ କରି ପାରିଲୁ ନାହିଁ । ତେବେ ବେଳ ଢଳିଯାଉଥିବାରୁ ଆଉ କିଛି ନ ଭାବି ପାହାଡ଼ ଆଡ଼କୁ ଚାଲିଲୁ ।

କିଛି ସମୟ ପରେ ସେ ପାହାଡ଼ର ଶିଖରରେ ପହଞ୍ଚିଲୁ । ଏଇଟା ଏ ଦ୍ୱୀପର ବଡ଼ ପାହାଡ଼ । ପ୍ରାୟ ହଜାରେ ହାତ ଉଚ୍ଚ ହେବ । ଆଉ ପାହାଡ଼ଟା ଉଚ୍ଚରେ ଏହାର ଅଧା ହେବ । ମଝିରେ ବିସ୍ତୃତ ସମତଳ ଭୂଇଁ । ଭୂଇଁଟାର ମଝିଟା ଟିକିଏ ଉଚ୍ଚ । କ୍ରମେ ଭୂଇଁ ଢଗରେ ସମୁଦ୍ର ଆଡ଼କୁ ଗଡ଼ାଣିଆ । ଆମେ ପହଞ୍ଚିଲେ ଯେଉଁ ଉପତ୍ୟକା ବାଟେ ଆସିଥିଲୁ, ସେଇଟା ଏହା ଅପେକ୍ଷା ସାନ ।

ଆହୁରି ଅନେକ ଗୁଡ଼ାଏ ଛୋଟ ଛୋଟ ପାହାଡ଼ ଓ ଉପତ୍ୟକା ଥିବାର ଦେଖିଲୁ । ଗୁହାଅଡ଼ ବୃକ୍ଷଲତା ଗହଳରେ ଓ ଘଞ୍ଚ ଜଙ୍ଗଲରେ ପୂର୍ଣ୍ଣ । ମଝିରେ ମଝିରେ ଛୋଟ ଛୋଟ ଝରଣା ଗୁଡ଼ାଏ ବହିଯାଉଛି । ଦ୍ୱୀପଟା ଅଡ଼ ଦୈର୍ଘ୍ୟରେ ପାଞ୍ଚ କୋଶ ହେବ । ଏକରକମ ବୃତ୍ତାକାର ।

ଦ୍ୱୀପର ଚାରିପାଖରେ ପାଚେରି ପରି ପୋହଳା ପାହାଡ଼ କୂଳରୁ ମାଇଲ୍‌ଏ କି ଅଧମାଇଲ୍‌ଏ ଛାଡ଼ି ଘେରି ରହିଛି । କୂଳ ଓ ପାହାଡ଼ ମଧ୍ୟରେ ଥିବା ପାଣି ସ୍ଥିର । ଏକ ପ୍ରକାର ହ୍ରଦ ପରି । ଏ ହ୍ରଦର ସମୁଦ୍ରକୁ ତିନୋଟି ମୁହାଁଣ ଅଛି । ସେଥିରୁ ଦୁଇଟି ଏ ବଡ଼ ଉପତ୍ୟକାର ଦୁଇ ପ୍ରାନ୍ତ ଭାଗ ସିଧାରେ । ଅନ୍ୟଟି ଆମେ ଯେଉଁଠି କୂଳରେ ଲାଗିଲୁ ସେଇ ସିଧାରେ । ଆମେ ତିନିଜଣ ସାକ ଏକମତ ହୋଇ ଏ ଦ୍ୱୀପର ନାଁ ଦେଲୁ 'ପୋହଳା ଦ୍ୱୀପ' ।

ଶେଷରେ ଆମେ କୁଡ଼ିଆକୁ ଫେରିଆସିବାକୁ ବସିଲୁ । ଆସୁ ଆସୁ ବାଟରେ ଆମେ ଆଉ ଗୋଟିଏ କଥା ଦେଖିଲୁ । ଖଣ୍ଡିଏ ଚଉଅଂଶିଆ କାଠ ଓ ଦୁଇଖଣ୍ଡ ବାଉଁଶ ପଡ଼ିଛି । ଏ ଗୁଡ଼ାକ ଡଙ୍ଗିଆରେ ବା ବାରଙ୍ଗିରେ ଓଳାହୋଇଥିଲା ପରି ଜଣାଗଲା । ଅନେକ ଦିନ ପଡ଼ିରହି ପାଂଶୁଆ ହୋଇଯାଇଥାଏ । ଏଥିରୁ ଅନୁମାନ କଲୁ । ଅଳ୍ପଦିନ ତଳେ ଏ ଦ୍ୱୀପରେ ଲୋକବାକ ଥିଲେ ।

କିନ୍ତୁ ଦିନପରେ ରାତି ରାତିପରେ ଦିନ ଏମିତି କେତେଦିନ ଗ୍ରାଲିଗଲା । ବୋଇତଟିଏ ଦେଖିବାକୁ ପାଇଲୁ ନାହିଁ । ମଣିଷ-ମାଙ୍କ ଘଞ୍ଚିଆ ଦେଓ୍ୱା କାତର ଲୋକ ମଧ୍ୟ ଦେଖିଲୁ ନାହିଁ । ତେଣୁ ଭାବିଲୁ ସେ ନିକଟରେ ଏଠାରୁ ଯିବା ଅସମ୍ଭବ । ବୋଧହୁଏ କେତେଦିନ ଏଠାରେ ରହିବାକୁ ଆମର ଭାଗ୍ୟରେ ଅଛି । ସୁତରାଂ ଈଶ୍ୱରଙ୍କଠାରେ ସବୁ ନିର୍ଭର କରି ଅମ୍ଭେମାନେ ମନ ସ୍ଥିର କଲୁ ।

ଏଥିଏ ଅମେ ସେହି ପଥର କୁଡ଼ିଆରେ ଥାଉ । ତାକୁ ଭଉତରରେ ଝାଲରି ଭିତରେ ଯେପରି କରିଥିଲୁ ସେପରି ଥାଏ । ଆଉ ଟିକିଏ ଲାଗି ତାକୁ ଭଲରକମ ତିଆରି କରିପାରି ନ ଥାଉ । ଏଇକ୍ଷଣି ସେଥିରେ ଲାଗିଗଲୁ । ଦିନେ ଦୁଇଦିନ ଲାଗି ସେ କୁଡ଼ିଅଟିକୁ ଭଲରକମ ତିଆରି କରିଦେଲୁ । ଆଗକୁ କିପରି ଚଳିବୁ ସେ କଥା ଅମେ ଭାବୁଥାଉ । ଅନେକ ଉପାୟ ମଧ୍ୟ ପାଞ୍ଚୁଥାଉ ।

ଏହା ଭିତରେ ବୀର ଗୋଟିଏ କାମ କରିଥାଏ । ଅକୁଶୀ ଲାହାକୁ ତିନି ଇଞ୍ଚ ଖଣ୍ଡେ ନେଇ ସେ ଗୋଟିଏ ଛୁରୀ ତିଆରି କଲା । ପହିଲୁ ସେ ଅକୁଶୀଟାକୁ ନିଆଁରେ ପଚେଇଲା । ତା'ପରେ ସେଥିରୁ ତିନିଇଞ୍ଚ ଖଣ୍ଡେ ଭାଙ୍ଗିନେଲା । ତାକୁ ପୁଣି ନିଆଁରେ ପଚେଇ ଗୋଟିଏ ଟାଣ ପଥର ଉପରେ ରଖି ଠାଙ୍ଗିଆ ପଣାରେ ବାଡ଼େଇଲା । ବାଡ଼େଇ ବାଡ଼େଇ ଗୋଟିଏ ପାଖ ପତଳା ପରି ହେଲା । ଅନ୍ୟ ପାଖଟା ଡାମଣ ପରି ହେଲା ।

ଅଗକୁ ସେ ଖଣ୍ଡେ କାଠ ବେଣ୍ଟ ଠାଙ୍ଗିଅରେ ତିଆରି କରିଥିଲା । ଡାମଣ ପରି ହୋଇଥିବା ପାଖକୁ ନିଆଁରେ ତତେଇ ସେ ବେଣ୍ଟରେ ମାରିଲା । ତା'ପରେ ସେ ଚେପଟା ପାଖକୁ ଗୋଟିଏ ଚଟଡ଼ା ପଥରରେ ଝାଳିଏ ଖଣ୍ଡେ ଘଷିଲା । ଏମିତି ଘଷିବାକୁ ଲାଗିଲା

ଗୋଟାଏ ପାଖରେ ଧାର ହୋଇଗଲା । ଏହିପରି ଭାବରେ ଛୁରୀ ଖଣ୍ଡିଏ ତିଆରି କଲା ।

ଅନନ୍ତ ଭାରି ବୁଦ୍ଧିଆ । ତା' ଉପାୟରେ ସେ ଲାଗିଥାଏ । ଅମ ପାଖରେ ଥିବା ଡୋରରୁ ଖଣ୍ଡେ ନେଇ ସେ ବନ୍ସୀ ଭଳିଆ କରି ମାଛ ଧରେ । ଡୋରି ଅଗରେ ଥୋପ ଗୁଞ୍ଜି ପାଣିରେ ପକାଏ । ମାଛ ଥୋପ ଗିଳିଲାକ୍ଷଣି ଓଟାରି ଆଣେ । ଏପରି ଭାବେ ନିତି ଦୁଇ ତିନୋଟି ମାଛ ଧରେ । ଅମର ମାଛ ଖାଇବାକୁ ଭଲ ଚଳେ । ତେବେ ସେ ଯେ ମାଛ ସବୁ ଧରେ ସେଗୁଡ଼ିକ ଛୋଟ । କାରଣ ସେ ଅଳପ ପାଣିରେ ମାଛ ଧରେ । ଅଳପ ପାଣିରେ ବେଶି ବଡ଼ ମାଛ ନ ଥାନ୍ତି । ବେଶି ପାଣିକୁ ଯିବାକୁ ମଧ୍ୟ ଉପାୟ ନ ଥାଏ ।

ଦିନେ ଆସି ସେ ବୀରକୁ କହିଲା, "ମତେ ଏପରି ଛୋଟ ଛୋଟ ମାଛ ଧରିବାକୁ ଲାଜମାଡ଼ୁଛି । ତୁ ମତେ ପିଠିରେ ବସାଇ ବେଶି ପାଣିକୁ ନେଇ ଚାଲ । ମୁଁ ବେଶି ପାଣିରେ ବଡ଼ ବଡ଼ ମାଛ ଧରିବି ।"

ବୀର ଟିକିଏ ଗୁମ୍ ଖାଇଗଲା । ପୁଣି କଣ ଭାବି ଭାବି କହିଲା, "ଭଲ ଡଙ୍ଗାଟାଏ ହେଲେ କିପରି ହେବ ?" କିନ୍ତୁ ଅନନ୍ତ ଅସ୍ତବ୍ୟସ୍ତ ହୋଇ କହିଲା, "ଡଙ୍ଗା ତିଆରି କଲେ ଡେରି ହେବ । ମୁଁ ଡେରି ସହିପାରିବି ନାହିଁ । ଏହିକ୍ଷଣି ବେଶି ପାଣିକୁ ଯାଇ ବଡ଼ ମାଛ ଧରିବି ।"

ବୀର କହିଲା, "ଅଚ୍ଛା, ଗୋଟାଏ ଉପାୟ କରିବା । ଗୋଟାଏ ବଡ଼ଗଛର ଗଣ୍ଡି ପାଣିରେ ଭସାଇବା । ତାଆରି ଉପରେ ବସି ବେଶି ପାଣିକୁ ଯାଇ ମାଛ ଧରିବା ।"

ମୁଁ ଗୋଟାଏ ଭେଳା ବାନ୍ଧିବାକୁ ଚାହିଁଲି । କିନ୍ତୁ ଭେଳା ବାନ୍ଧିବାକୁ ଦଉଡ଼ି ନ ଥାଏ । ବୀର ଠାଙ୍ଗିଅରେ ଗୋଟାଏ ବଡ଼ ଗଛ କାଟି ତା' ଗଣ୍ଡିଟିକୁ ଓଲାଇଲା । ଗଣ୍ଡିଟା ନିହାତି ମୋଟା । ପଚିଶ ହାତ ଯାଏ ଲମ୍ବ । ସେଥିଯୋଗେ ଏତେ ଭାରି ହେଲା ଯେ ଆମେ ତିନିହେଁ ଗଡ଼େଇପାରିଲୁ ନାହିଁ । ସେଥୁ ବୀର ତିନିଖଣ୍ଡ ଡାଳ ଓଲାଇ ତିନି ଖଣ୍ଡ ତଡ଼ା କଲା । ସେଇ ତଡ଼ାରେ ପେଲିପେଲି କରି ଗଣ୍ଡିଟାକୁ ନେଇ ପାଣିରେ ପକାଇଲୁ । ସେଥିରେ ବସି ଦେଖିଲୁ ସେ'ଟା ଥିର ନ ରହି ଖାଲି ପାଣିରେ ଘୂରିଗଲା । ଆମେ ଭୁସ୍ ଭାସ୍ ହୋଇ ପାଣିରେ ପଡ଼ିଗଲୁ ।

ସେଥିରେ ଥିର ହୋଇ ବସିବାକୁ ଘଣ୍ଟାଏ ଖଣ୍ଟେ ଅଭ୍ୟାସ କଲୁ । ଶେଷରେ ବାଗ ପାଇଗଲୁ । ସେ ଗଣ୍ଡି ଉପରେ ବସି ଅହୁଲାରେ ଅହୁଲେଇ ଅହୁଲେଇ ବେଶି ପାଣିକୁ ଗଲୁ । ଅ'ଧ ତା ଡୋରରେ ଥୋପ ଗୁନ୍ଥି ପକାଇଲା । କିଛି ସମୟ ପରେ ଗୋଟିଏ ମାଛ ସେ ଥୋପକୁ ଗିଳିଦେଲା । ଅ'ଧ ମାଛଟାକୁ ଟାଣି ଆଣିଲା । କିନ୍ତୁ ଟାଣିଲାବେଳେ ଏପରି ହଲଚଲ କଲା ଯେ ଗଣ୍ଡିଟା ପାଣିରେ ବୁଲିଗଲା । ଆମ୍ଭେମାନେ ଓଲଟିପଡ଼ି ପାଣିରେ ବୁଡ଼ିଗଲୁ । ତା ପରେ ପାଣିରୁ ଉଠି ଗଣ୍ଡି ଉପରେ ଥିର ହୋଇ ବସିଲୁ । ମାଛକୁ ମାରି ଗଣ୍ଡି ଉପରେ ଥୋଇଲୁ ।

ତା'ପରେ ଅହୁଲେଇ ଅହୁଲେଇ ଅଳ୍ପଟିକିଏ ଦୂରକୁ ଗଲୁ । ଅ'ଧ ଥୋପ ପକାଇଲା । ଏହି ସମୟରେ ଗୋଟାଏ ବଡ଼ ମାଛ ଭଳିଆ ଜଣଟାଏ ପାଣିରୁ ଶିର୍ କାଢ଼ି ଆମ ଆଡ଼କୁ ଆସିଲା । ବଡ଼ ମାଛଟାଏ ଭାବି ଅ'ଧ ଭାରି ଖୁସି ହେଲା । କିନ୍ତୁ ବୀର ହଠାତ୍ କହିଲା, "ଥୋପ ଉଠା, ଥୋପ ଉଠା । ଯେତେ ଶୀଘ୍ର ପାର କରୁ



[ଶଙ୍ଖମଗରଟି କାଠଗଣ୍ଡିର ଚାରିପାଖ ବୁଲିଲା ଏବଂ ବେଳେବେଳେ
ଆଁ କରି ପିଲମାନଙ୍କ ଆଡ଼କୁ କଟମଟ କରି ଅନାଉଥିଲା ]

ଆଡ଼କୁ ଆହୁଲ ମାର । ଏଇଟା ମାଛ ନୁହେ । ଶଙ୍ଖମଗରଟାଏ । ଆମକୁ ଗିଳିଦେବ । ।"

ଆ'ଉ ଭୟରେ ଥରଥର ହୋଇ ଥୋପ ଛଡ଼ାଇଦେଲୁ । କୂଳରେ ପହଞ୍ଚିବାକୁ ଆମେ ଜଣକହେଁ ପ୍ରାଣପଣେ ଆହୁଲ ମାରିଲୁ । କିନ୍ତୁ ଶଙ୍ଖମଗରଟା ଆମ ପାଖରେ ପହଞ୍ଚିଗଲା ।

ସେ ଜୋର ବେଗରେ ଆମ କାଠଗଣ୍ଡିର ଚାରିପାଖ ବୁଲିଲା । ବେଳେ ବେଳେ ଆଁ କରି ଆମ ଆଡ଼କୁ କଟମଟ କରି ଅନାଉ-ଥାଏ । କହୁଣୀ ପରି ପାଟିଟା ତା'ର । ତାକୁ ଦେଖି ଆମ ଜୀବନ ଉଡ଼ିଗଲା । ଆମେ ଠାକୁରଙ୍କୁ ଡାକୁଥାଉ, ତା' ମୁହଁରୁ କେମିତି ବର୍ତ୍ତିବୁ । ଆମକୁ ବୁଦ୍ଧି ଦିଶିଲା ନାହିଁ । ଅକାତକାତ ପାଣି । କୂଳ କେତେ ଦୂରରେ ଥାଏ । ଶେଷରେ ଶଙ୍ଖମଗରଟା ବୁଡ଼ିଗଲା ।

ମୁହୂର୍ତ୍ତିକ ପରେ ଆମ ଗଣ୍ଡି ପାଖରେ ଉଠିଲା । ଗଣ୍ଡି ଉପରକୁ ଉଠିବାକୁ ଚକ୍କି ମାରିଲା । ଆମେ ଭୟରେ ପାଣି [illegible] ଆହୁଲ ପିଟି 'ହୋ' 'ହୋ' କଲୁ । ସେ ଚିଡ଼ଏ [illegible] ଫେର୍ ପାଣି ଭିତରେ ବୁଡ଼ିଗଲା ।

ପରକ୍ଷଣରେ ଆଉଥରେ ଆମ ଗଣ୍ଡି ଚାରିପାଖ ବୁଲିଲା । ତାକୁ ପାଞ୍ଚ ସାତ ମିନିଟ୍ ଅଟକାଇଦେଲେ ଆମେ କୂଳରେ ପହଞ୍ଚି ପାରିବୁ । ଏଇ କଥା ଭାବି ମାଛଟାକୁ ତା' ଅଗକୁ ଫୋପାଡ଼ି ଦେଲୁ । ସେ ବୁଡ଼ିଗଲା । ଆମେ ଜୋରରେ ଆହୁଲି ମାରିଲୁ । କିଛିକ୍ଷଣ ପରେ ସେ ଉଠି ମାଛଟାକୁ ଟାକୁ କରି ଗିଳିଦେଲା ।

ତା'ପରେ ବୁଡ଼ାଟାଏ ମାରି ଫେର୍ ଆମ ପାଖରେ ହାଜର । ଏଥର ଆମର ବୁଦ୍ଧି ବଣା ହୋଇଗଲା । ଆମେ ଆହୁଲ ବନ୍ଦ କରି ନାବର ରହିଲୁ । ସେ ଆମ ଚାରିପାଖ ବୁଲୁଥାଏ । [illegible]

ବେଳେ ଆଁ ଠା କରି ଆମ ଆଡ଼କୁ କଟମଟ କରି ଅନାଇଁଥାଏ । ଶେଷରେ ବୀର ଅଡ଼କୁ ଆଁ କରି ଖେଦିଗଲା । ସେ ଯେତେବେଳେ ଆଁ କରି ଗଣ୍ଡି ଉପରକୁ ଉଠିଲା, ସେତିକିବେଳେ ବୀର ତା'ପାଟିରେ ଆହୁଲାଟାକୁ ଭର୍ତ୍ତି କରିଦେଲା ।

ଏତିକିବେଳେ ହଲଚଲ ହୋଇ ଆମର କାଠ ଗଣ୍ଡିଟା ବୁଲିଗଲା । ଆମେ ପାଣିରେ ପଡ଼ିଗଲୁ । କିନ୍ତୁ ଏତେବେଳକୁ ଆମେ କୂଳ ପାଖରେ ହୋଇଯାଇଥିଲୁ । ପହଁରି ଆସିବାକୁ ଚେଷ୍ଟା କଲୁ । ଆ'ନ ବୀର କାନ୍ଧକୁ ଧରି ପହଁରିଲା । ମୁଁ ଆପେ ଆପେ ପହଁରିଲି । ଜୀବନ ବିକଳରେ ବେଦମ୍ ହୋଇ ପହଁରିଲୁ । କିଛିସମୟ ପରେ କୂଳରେ ପହଞ୍ଚିଲୁ । ଭୟରେ ଦେହ ଥରୁଥାଏ । କିଛିସମୟ ପରେ ଲୁଗାପଟା ଚିପୁଡ଼ି ବସାକୁ ଫେରିଲୁ ।

ଏ ଦ୍ୱୀପକୁ ଆସିଲା ଦିନୁ ଦିନେହେଲେ ଆମେ ଏପରି ବିପଦରେ ପଡ଼ି ନ ଥିଲୁ । ଏଇଟା ପହିଲି ଘଟଣା । ଆମେ ଭାରି ଡରିଗଲୁ । ଆମେ ନ ଜାଣି ଆଗରୁ ବେଶି ପାଣିକୁ ଗାଧୋଇ ଚାଲି ଯାଉଥିଲୁ । ଏ କଥା ଭାବିଲାକୁ ଦେହ ଆହୁରି ଶୀତେଇ ପଡ଼ିଲା ।

ଏଣିକି ବେଶି ପାଣିକି ଗାଧୋଇ ଗଲୁନାହିଁ । ପାଣିରେ ବୁଡ଼ିବାକୁ ମଧ୍ୟ ଡର ମାଡ଼ିଲା । ସୁତରାଂ ଆମର ଗୋଟାଏ ମଜା ଚାଲିଗଲା । ଅଳ୍ପ ପାଣିରେ ବୁଡ଼ି ପାଣି ଭିତରେ ବଗିଚାରେ ଖେଳ ଖାଇଲୁ ନାହିଁ ।

କିନ୍ତୁ ଲୋକର ଅଭାବ ହେଲେ ତାକୁ ବୁଦ୍ଧି ଦିଶେ । ଆମେ ପାଞ୍ଚ କଲୁ । ଭାବିଲୁ ଗୋଟିଏ ବଡ଼ ପୋଖରୀ ହେଲେ ଭଲ ହୁଅନ୍ତା । ଯୋଗ ତ । ଆମେ ଅଳ୍ପ ଦିନ ମଧ୍ୟରେ ଏମିତିକା ପୋଖରୀଟିଏ ଦେଖିଲୁ । ଏଟା ମଣିଷ ଖୋଳା ପୋଖରୀ ନୁହେଁ । ତେବେ ଠିକ୍ ପୋଖରୀ ପରି ।

ହ୍ରଦଟା ଟେକା ଟେକା ହୋଇ ଦ୍ୱୀପ ଭଳିଆ ଦିଶି ଯାଉଥାଏ । ଏ ଗୋଟାଏ ସେମିତିକା ଟେକା ଜାଗା । ଗୋଟିଏ ଗଣ୍ଡପର । ତେଣେ ହ୍ରଦକୁ ଏହାର ମୁହାଁଣ ଥାଏ । ସେ ମୁହାଁଣ ଏତେ ଅଗଭୀରିଆ ଯେ ଶଙ୍ଖମଗର କଣ, ବଡ଼ ମାଛ ଯିବା ଅସମ୍ଭବ ।

ଏ ପୋଖରୀଟା ଆମର କୁଡିଆ ପାଖରୁ ଦଣ୍ଡେକର ବାଟ । ଏହାର କୂଳରେ ଟାଙ୍ଗରଟିଏ । ଏ ଟାଙ୍ଗରର ଗଣ୍ଡେ ମୁଣ୍ଡିଆ ପୋଖରୀ ଅଧକୁ ବୋଲି ଓହଳିଥାଏ । ଆମେ ଦେଖିଲୁ ଏ ପୋଖରୀଟା ହ୍ରଦ ଅପେକ୍ଷା ଆହୁରି ଭଲ ।

ହ୍ରଦଭିତର ପୋଖରୀ ତଳେ ସୁନ୍ଦର ସୁନ୍ଦର ସାମୁଦ୍ରିକ ଜୀବ, ଉଦ୍ଭିଦ ଓ ପୋକଜୋକ ଥାଏ । ଭାରି ଖୁସିହେଲୁ । ମୁଁ ଏ ପୋଖରୀର ନାଁ ଦେଲି 'ଜଳ ବଗିଚା' । ନିତି ଏଠାକୁ ଆସି ଘଣ୍ଟାଏ ଲେଖେ ବୁଲୁ । ଆ'ଉ ବାହାର ବୁଲି ପାରେନାହିଁ । ସେ ଓହଳିଥିବା ମୁଣ୍ଡିଆ ଉପରେ ବସି—ସବୁ କଥା ଦେଖେ । ପାଣିଟା ଭାରି [illegible] ସେଥିଯୋଗେ ସେ ଭଲ ରକମ ପୋଖରୀ ତଳ ଦେଖିପାରେ ।

ବାଉ ଓ ମୁଁ ଏଥିରେ ବୁଲି ଅନେକ ସମୟ କାଟୁ । ଆମକୁ ଏଟା ଭାରି ଭଲଲାଗେ । ପୋକଜୋକ, ମାଛ ଓ ଗଛଲତାର ଗତିବିଧି ଦେଖି ଆଶ୍ଚର୍ଯ୍ୟ ହେଉ । ମୁଁ ସେମାନଙ୍କ ବିଷୟରେ ଭଲ ରକମ ଜାଣିବାକୁ ଗୋଟିଏ ଉପାୟ କଲି ।

ପୋଖରୀ କୂଳର ଖୁଣ୍ଟିଲରେ ଗୋଟାଏ ଝାଲା ଖୋଳିଲି । ସେଥିରେ ପାଣି ଭର୍ତ୍ତି କରି ପୋକଜୋକ, ମାଛ, [illegible] ପ୍ରଭୃତି ଜଳଜୀବ ଛାଡ଼ିଲି । [illegible] ନାଳର ଗୁଳି ଚଳନ [illegible] [illegible] ଥିବା କାଚ ଖଣ୍ଡେ ବଡ଼ ଦରକାର [illegible] ଏଥିରେ ଅନାଇଲେ ଶ୍ରେଷ୍ଠ ଜଳଜ ସୁନ୍ଦର ବସ୍ତୁ ଦେଖାଯାଏ । ମୁଁ

ଏହାର ସାହାଯ୍ୟରେ ମାଛ ଓ କଙ୍କଡ଼ାଙ୍କର ଗତିବିଧି ଭଲ ରକମ ଦେଖି ପାରିଲି ।

ଏମିତି କିଛୁଦିନ ବିତିଗଲା । ପରେ ଦ୍ୱୀପର ଭିତରଅଡ଼ ବୁଲିବାକୁ ଭାବିଲୁ । ଅସନ୍ତା କାଲି ଯିବାକୁ ଠିକ୍ କଲୁ । ବାଟରେ କେତେ ବିପଦଆପଦ ଅଛି । ହାତ ହତିଆର ନେଇ ଯିବା ଉଚିତ । ଏଇଟା ସମସ୍ତଙ୍କ ମନକୁ ପାଇଲା ।

ଭାବିଲୁ ପ୍ରତ୍ୟେକେ ଖଣ୍ଡେ ଖଣ୍ଡେ ଧନୁ ଓ ଶର ନେଲେ ଭଲ ହେବ । କିନ୍ତୁ କାଲି ଯିବୁ—ଆଜି ଅସି ଓଳିଏ ବେଳ ହେଲାଣି । ଆଉ ଓଳକରେ ତିନିଟା ଧନୁ ଓ ଶର ଗୁଡ଼ାଏ କିପରି ତିଆରି କରିବୁ । ଶେଷରେ ଗୋଟିଏ ଧନୁ ଓ କେତେଟା ଶର ତିଆରି କରିବାକୁ ଠିକ୍ କଲୁ । ଅ'ଦ ଓ ମୁଁ ଅମର ଠେଙ୍ଗା ଦୁଇଖଣ୍ଡ ନେବୁ । ବୀର ଧନୁ ନେବ । ଏଇଆ ଠିକ୍ ହେଲା ।

ସେତେବେଳକୁ ଦିନ ଅଳପ ଥାଏ । ଗୋଟାଏ ଧନୁ ତିଆରି କରୁ କରୁ ରାତି ହୋଇଯିବ । ଅମର ତ ସେମିତି ଆଲୁଅ ନ ଥାଏ । ରାତିରେ ଅନ୍ଧାର । କିମିତି ଧନୁ ତିଆରି କରିବୁ । ତେବେ କାଠଗୁଡ଼ାଏ ହୁଳା ପରି ଜାଳିଲେ ଆଲୁଅ ହୁଅନ୍ତା । କିନ୍ତୁ ଏତେ ଗୁଡ଼ାଏ କାଠ ଜାଳିଲେ ଭାରି ଗରମ ହେବ । ନିଆଁ ପାଖରେ ବସି ହେବ ନାହିଁ । ଏହା ଭାବି କଣ ହେଲେ ଭଲ ହେବ ପାଞ୍ଚୁଥିଲୁ ।

ବୀର କହିଲା,—"ଏଇଲାଅ ଦ୍ୱୀପରେ ଗୋଟିଏ ପ୍ରକାର ଗଛ ଥାଏ । ସେ ଗଛର ନାମ 'ମଶାଲ ଗଛ' । ତା' ଫଳଗୁଡ଼ିକ ମଶାଲ ପରି ଜଳେ । ଏଠାକାର ଜେଡ଼ା ବାସିନ୍ଦାମାନେ ମଶାଲ ବଦଳରେ ତାକୁ ଜାଳନ୍ତି । ତା' ଫଳକୁ ଯେମିତି [illegible] ଜାଳନ୍ତି ତା' ମୁଁ ଜାଣେ । ତେବେ ସେ ଗଛ ମୁଁ [illegible] ନାହିଁ । କାରଣ ଏକଥା ମୁଁ ଖାଲି ବହିରେ ପଢ଼ିଥିଲି । ତା'ର ଚିତ୍ର

ବର୍ଣ୍ଣନା ଭୁଲି ଯାଉଛି । ତେବେ ଏତିକି ମନେ ଅଛି ଯେ ସେ ଗଛର ପତ୍ରଗୁଡ଼ିକ ଧଳା ଓ ଫଳଗୁଡ଼ିକ ବରକୋଳି ପରି ।

ଆନନ୍ଦ କହିଲା ଠିକ୍ ସେମିତିଆ ଗଛ ଗୋଟିଏ ସେ ଦେଖିଛି । ଏଠିକି ଅଳପ ବାଟରେ ସେ ଗଛଟିଏ ଅଛି । ଚାଲ ସେଠିକି ଯିବା । ଆମେ ତା' କଥାରେ ସେଠିକି ଗଲୁ । ବୀର ସେ ଗଛକୁ ଚିହ୍ନିଲା । ମଶାଲ ଗଛ ବୋଲି କହିଲା । ସେଥିରୁ କେତେଗୁଡ଼ାଏ ଫଳ ଆଣିଲୁ । ଗୋଟିଏ ନଡ଼ିଆ ଗଛରେ ଚଢ଼ି ଗୋଟିଏ ନଡ଼ିଆ ବାହୁଙ୍ଗା ମଧ୍ୟ ଆଣିଲୁ ।

କସାକୁ ଫେରି ଆସି ସେ ବାହୁଙ୍ଗାର ପତ୍ରରୁ କେତୋଟା ଖଡ଼ିକା କାଢ଼ିଲୁ । ପେନ୍‌ସିଲ ଖୋଳ ମୁନରେ ସେ ଫଳଗୁଡ଼ିକ ଫୋଡ଼ିଲୁ । ଗୋଟିଏ ନଡ଼ିଆ ପିଞ୍ଛୁରେ କେତେଗୁଡ଼ାଏ ଫଳ ଗୁନ୍ଥିଲୁ । ତା' ଅଗରେ ନିଆଁ ଲଗାଇ ଦେଲାରୁ ସେଟା ମଶାଲ ପରି ଜଳିଲା । ଭାରି ଖୁସି ହେଲୁ ।

ଧନୁ ପାଇଁ ଖଣ୍ଡେ କାଠ ଆଣିବାକୁ ବୀର ଠାଙ୍ଗିଆ ଖଣ୍ଡେ ନେଇ ବଣକୁ ଗଲା । ଠେଙ୍ଗା ଦୁଇଖଣ୍ଡ ପାଇଁ କାଠ ଆଣିବାକୁ ଆନନ୍ଦ ତା' ସାଙ୍ଗରେ ଗଲା । ମୁଁ କସାରେ ରହିଲି । ବସି ବସି ଦେଖିଲି ନଡ଼ିଆ ବାହୁଙ୍ଗା ମୂଳରେ ଖଣ୍ଡିଏ ନଡ଼ିଆ ଢାଲି ଲାଗିଛି । ଏଇଟା ଭାରି ମଜବୁତ୍, ଭାରି ଚେମଡ଼ା ।

ଶେଷରେ ବୀର ଓ ଆନନ୍ଦ ବଣରୁ ଫେରିଆସିଲେ । ବୀର ଧନୁପାଇଁ ଖଣ୍ଡେ ଚେମଡ଼ା କାଠ ଆଣିଥାଏ । ଆନନ୍ଦ ଠେଙ୍ଗାପାଇଁ ଦୁଇଖଣ୍ଡ ସଳଖ ଡାଳ ଆଣିଥାଏ । ସେତେବେଳକୁ [illegible] ହୋଇ ଆସିଲାଣି । କୁଡ଼ିଆ ଭିତରେ ମଶାଲ ଫଳ ଗୁନ୍ଥା ପିଞ୍ଛୁ ଖଣ୍ଡିଏ [illegible]ଲୁ । ତା' ଅଗରେ ନିଆଁ ଲଗାଇବାରୁ [illegible]

ଆଲୁଅ ହୋଇଗଲା । ତା'ପରେ ତୁନିତାନି ହୋଇ ପହଡ଼ଖଣ୍ଡେ କାମରେ ଲାଗିଗଲୁ ।

ସାର ଗୋଟିଏ ଧନୁ ଓ କେତେଟା ଶର ତିଆରିକଲା । ଆନନ୍ଦ ପେଙ୍ଗା ନ ଭଳ ତା' ପାଇଁ ଖଣ୍ଡେ ବର୍ଚ୍ଛା ତିଆରି କଲା । ସେ ପହିଲା ଖଣ୍ଡେ କାଠ ଓଲେଇଲା । ଖଣ୍ଡେ ଅଙ୍କୁଶୀ ଲୁହା ନିଆଁରେ ପଟଚଇ ଓ ଥାଙ୍ଗିଆ ପଣାରେ ପିଟି ମୁନିଆ କଲା । ତା'ପରେ ସେ କାଠ ଖଣ୍ଡିକରେ ମୁନିଆ ଲୁହା ଖଣ୍ଡ ମାରିଲା ।

ମୁଁ ସେଇଠୁ ମୋ ପାଇଁ ପେଙ୍ଗା ତିଆରି ନ ଭଳ ଛୁଟିକଣିଟାଏ ତିଆରି କଲି । ଖଣ୍ଡେ ନଡ଼ିଆ ଜାଲି ଓ ଅମ ପାଖରେ ଥିବା ଡୋରରେ ଛୁଟିକଣିଟି ତିଆରି କଲି । ସାର ଏ ଡୋରରୁ ଖଣ୍ଡିଏ ନେଇ ତା' ଧନୁରେ ଲଗାଇଲା । ଆମ୍ଭମାନଙ୍କର ନିଜ ନିଜ ହାତ ହତିଆର ତିଆରି ସରିଗଲା । ସେଇଦିନ ସେଥିରେ ପରୀକ୍ଷା କଲୁ । କିନ୍ତୁ ଦେଖିଲୁ ଆମର ଅଭ୍ୟାସ ନ ଥିବାରୁ ଭଲ ରକମ ଚଳାଇ ପାରୁନାହୁଁ ।

ଶର ମାରିବାରେ ସାରର ଲକ୍ଷ ଠିକ୍ ରହୁନାହିଁ । ଛୁଟିକଣିରେ ମୋର ମଧ୍ୟ ସେମିତି ହେଲା । ଆନନ୍ଦ ମଧ୍ୟ ଭଲରକମ ବର୍ଚ୍ଛା ଚଳାଇପାରୁନାହିଁ । ଭାବିଲୁ କାଲି ଦିନକ ହାତ ହତିଆର ଚିଳାଇ ଶିଖିବା । ପହରଦିନ ବୁଲିଯିବା । ସେଇଆ କଲୁ । ତହିଁଆରଦିନ ତମାମ ଲାଗିପଡ଼ି ହତିଆର ଚଳାଇବା ଶିଖିଲୁ । ଆମର ବେଶ୍ ଅଭ୍ୟାସ ହୋଇଗଲା ।

ସେଇଦିନ ରାତିରେ ଆମେ ଶୋଇବାକୁ ଯାଉଥିଲୁ, ଗୋଟିଏ ଭୟଙ୍କର ଶବ୍ଦ ହେଲା । ଆମ୍ଭେମାନେ ବାଲିବାଲିଆ ହୋଇ ପଦାକୁ ବାହାରି ଆସିଲୁ । ଜହ୍ନ ପଡ଼ିଥାଏ । ସମୁଦ୍ର ଢେଉ ମାଡ଼ି ବହୁଥାଏ । ଜହ୍ନ ଆଲୁଅରେ ହ୍ରଦ ବାହାରେ ସମୁଦ୍ର ଉପରେ ଢେଉ

ଦ୍ୱୀପଗୁଡ଼ିକ ପରସ୍ପର ଦେଖାଯାଉଥାଏ । ଶୁଣିଲୁ ସେଇଆଡ଼ୁ ଶବ୍ଦ ଆସିଲା । ଆମେ ଘଡ଼ିଏ ଯେଣ୍ଟେ ଥିର ହୋଇ ଅନାଇଲୁ । କିନ୍ତୁ ଦେଖିବାକୁ ପାଇଲୁ ନାହିଁ ।

ଫେର୍ ଶବ୍ଦଟା ବେଶି ଜୋରରେ ଶୁଭିଲା । ଆମେ ଆଶ୍ଚର୍ଯ୍ୟ ହୋଇଗଲୁ । ଅନେଇ ଅନେଇ କିଛି ଦେଖିବାକୁ ପାଇଲୁ ନାହିଁ । ଶେଷରେ ଶବ୍ଦଟା ବନ୍ଦ ହୋଇଗଲା ।

ଆମ୍ଭେମାନେ ଏ ବିଷୟରେ କେତେ କଣ ଭାବିଲୁ । ମୋର ଟିକିଏ ଭୟ ହେଉଥାଏ । କିନ୍ତୁ ବୀରର କିଛି ଭୟ ନ ଥାଏ । ଆନନ୍ଦ କହିଲା, "ଭୂତ ଏମିତି ପାଟି କରି ଗର୍ଜୁଛି ।" କିନ୍ତୁ ଆମ ଦୁହିଁଙ୍କର ଭୂତ ବିଶ୍ୱାସ ନ ଥାଏ । ସେଥିଯୋଗେ ଆମେ କୁହେଁ ଡରିଲୁ ନାହିଁ । କଣ ହୋଇଥିବ ପରେ ଜାଣିବା ଭାବି କୁଡ଼ିଆକୁ ଫେରିଆସିଲୁ । ଅନେକ ଗୁଡ଼ାଏ ରାତ ହୋଇଯାଇଥିଲା । ଖାଇପିଇ ଶୋଇ ପଡ଼ିଲୁ ।

# ଛଅ

ମୁଁ ଆଉ ଆନନ୍ଦ ଭୋରରୁ ଉଠିଲୁ । ଡେରିହେଲା ବୋଲି ପୋଖରୀକୁ ଗାଧୋଇ ଗଲୁ ନାହିଁ । ହୁଦର ଅଳ୍ପ ପାଣିରେ ବୁଡ଼ାଟାଏ ମାରି ଚାଲି ଆସିଲୁ । ଲୁଗାପଟା ହାତ ହତଆର ସଜାଡ଼ି ଯିବାକୁ ବାହାରିଲୁ ।

ବୀର ତା' ପୋଷାକ ଛଡ଼ା ଖଣ୍ଡିଏ ନଡ଼ିଆ ଛାଲି ଲୁଗା ଭଳିଆ ତା' ଅଣ୍ଟାରେ ଭିଡ଼ିଲା । ସେଥିରେ ତା' ଠାଙ୍ଗିଆ ଖଣ୍ଡ ଝୁଲାଇଦେଲା । ମତେ ମଧ୍ୟ ସେଥିରୁ ଖଣ୍ଡେ କମରରେ ବାନ୍ଧିବାକୁ କହିଲା । ମୁଁ ସେଥିରୁ ଖଣ୍ଡେ ବାନ୍ଧିଲି । ତା' କହିବା ମୁତାବକ ସେଥିରେ ଖଣ୍ଡେ ଠେଙ୍ଗଣିଆ ଝୁଲାଇଲି । ଆନନ୍ଦ ମଧ୍ୟ ସେ ନଡ଼ିଆ ଛାଲିରୁ ଖଣ୍ଡେ ଅଣ୍ଟାରେ ଭିଡ଼ିଲା । ଠେଙ୍ଗଣିଆଟାଏ ମଧ୍ୟ ଅଣ୍ଟାରେ ଝୁଲାଇଲା ।

ଆମେମାନେ ଖାଇବା ଜିନିଷ କିଛି ସାଙ୍ଗରେ ନେଇ ନାହୁଁ । କାରଣ ଯେଉଁଠିକି ଯିବୁ ସେଠି ତ କଞ୍ଚା ଓ ପାଚିଲା ବଦାମର ଖାଇବା ଫଳ ପାଇବୁ; ଆଉ ଦରକାର କଣ ? ମୁଁ ସାଙ୍ଗରେ ସୂର୍ଯ୍ୟକାନ୍ତ କାଚ ଖଣ୍ଡିଏ ନେଇଥାଏ, ଦରକାର ପଡ଼ିଲେ ନିଆଁ ଧରିବୁ ବୋଲି ।

ଏପରି ସଜିଲ ସାଜିଲ ହୋଇ ଖୁବ୍ ସଅଳ ସଅଳ ବାହାରିପଡ଼ିଲୁ । ମନଟା ଭାରି ଖୁସିଥାଏ । ସକାଳଟା ଭାରି ଭଲ ଲାଗୁଥାଏ । ଚାରିଆଡ଼ ନୀରବ । କେବଳ ହ୍ରଦ ପାଣିରେ ଉଡ଼ାଇ ଗୁଡ଼ିଏ ଟେଁ ଟୁଁ ହେଉଥାନ୍ତି । ଧୀରେ ଧୀରେ ପବନ ବହୁଥାଏ । ଏହି ପବନରେ ହ୍ରଦର ପାଣି ଛୋଟ ଛୋଟ ଲହରୀ ତୋଳି କୁଳୁ କୁଳୁ ଶବ୍ଦ କରୁଥାଏ । ଖଣ୍ଡେ ଦୂରରେ ସମୁଦ୍ରର ଲହରୀ ତୋହଲା ପାହାଡ଼ରେ ପିଟିହୋଇ ଘୋ, ଘୋ ଶବ୍ଦ କରୁଥାଏ ।

କିନ୍ତୁ ଏତେ ଶବ୍ଦରେ ସୁଦ୍ଧା ଚାରିଆଡ଼ ନୀରବ ଲାଗୁଥାଏ । ପ୍ରକୃତ ସ୍ଥିର ବୋଧ ହେଉଥାଏ । ଏହାର କାରଣ ଆମର ମନ ସ୍ଥିର ଥିଲା ଥାଏ । ମନରେ ଭାରି ଆନନ୍ଦ । ସେଥିଯୋଗେ ଶବ୍ଦକୁ ଅନନ୍ଦମୟ ବୋଧ ହେଉଥାଏ । ସତରେ ମନୁଷ୍ୟର ମନରେ ଶାନ୍ତି ଓ ଆନନ୍ଦ ଥିଲେ ତାକୁ ଜଗତଟା ସୁଖ ଓ ଆନନ୍ଦକର ବୋଧହୁଏ । ଆମର ଅବସ୍ଥାଟା ସେଇଆ ।

ଆମେ ବେଳା ଭୂଇଁ ବାଲିରେ ବହେ ବାଟ ଗଲୁ । ଆମେ ଧ ଭଙ୍ଗୀରେ ଚାଲୁଥାଉ । ବେଳା ଭୂଇଁ ବାଲିରେ ଏଣେ ସେଣେ ତଳକେଁ ଚାଲୁ । ବାଲି ବୁଲି ଅଣ୍ଡାକୁ ରହେ, ଅନେକ ମଝିରେ ଓ ମୁଁ ତାଙ୍କ [illegible] ଥାଏ । ବଣରେ ଚାଲିଲ କେତେ ଗୋଟିଏ ଶବ୍ଦରେ [illegible] । ବାଲି ପଣରେ, ଅନେକ ମଝିରେ ଓ ମୁଁ [illegible]

ବାଲଟର ଅଧ ମାଇଲ୍ ଏ ଖଣ୍ଡେ ଗଲାପରେ ଗୋଟିଏ ମୋଡ଼ ପଡ଼ିଲା । ଆମେ ମୋଡ଼ରେ ପଶିଲାରୁ ଆମ କୁଡ଼ୁଆ ଖଣ୍ଡି ଆଖି ଆଗରୁ ଲୁଚିଗଲା । ଏ ମୋଡ଼ଟରେ କେତେ ବାଟ ଗଲାପରେ ଆମେ ଗୋଟିଏ ମୁଣ୍ଡିଆ ପାର ହେଲୁ । ଆମେ ଯେଉଁ ଉପତ୍ୟକାରେ ପ୍ରଥମେ ଆସି ଲାଗିଲୁ ତା ନାଁ ଦେଇଥାଉ 'ଅଭାଗା ଉପତ୍ୟକା' । ଏ ମୁଣ୍ଡିଆ ସେହି ଉପତ୍ୟକାର ଗୋଟିଏ ପାଖରେ ପାଚେରି ପରି ଘେରି ରହିଥାଏ ।

ମୁଣ୍ଡିଆ ପାର ହୋଇ ଆମେ ଆଉ ଗୋଟିଏ ଉପତ୍ୟକାରେ ପହଞ୍ଚିଲୁ । ଏଇଟି ଭାରି ସୁନ୍ଦର । କେତେ ପ୍ରକାର ଗଛ ଲୁଗାରେ ଭରା । କେଡ଼େ ସୁନ୍ଦର ଦିଶୁଥାଏ । ଅଳ୍ପ ଆମେ ପାହାଡ଼ ଉପରୁ ଦେଖିଥିଲୁ । କିନ୍ତୁ ସେତେବେଳେ ଏତେ ସୁନ୍ଦର ଦେଖାଯାଉ ନ ଥିଲା । ପାଖରେ ଭାରି ସୁନ୍ଦର ଦିଶିଲା । ଆମେ ଏହାର ଗୁହାଗୁଡ଼ାକ ସବୁ ଦେଖିବାକୁ ଲାଗିଲୁ ।

ଏତିକିବେଳେ ଆନନ୍ଦ ପାଟିଟାଏ କଲା । ସଙ୍ଗେ ସଙ୍ଗେ ତା ବନ୍ଧୁମାନଙ୍କୁ ଲକ୍ଷ୍ୟ କରି ଧରିଲା; ଯେମିତି ସତେ ତାହାସଙ୍ଗେ ଲଢ଼ାଇ କରିବ । ଆମେ ଅନେଇ ଦେଖିଲୁ, ମୁଣ୍ଡିଆ ଉପରେ କୁହୁଡ଼ି ଭଳିଆ କଣ ଦିଶୁଛି । ଏବେ ଦେଖାଯାଉଛି, ପୁଣି କୁଆଡ଼େ ଲୁଚିଯାଉଛି । କିଛି ସମୟ ପରେ ପୁଣି ଦେଖାଯାଉଛି । ଯେପରି ସମୁଦ୍ରର ଲହରୀ ପିଟି ହେଲେ ପାଣିଗୁଡ଼ାକ କୁହୁଡ଼ି ପରି ହୋଇ ଉପରକୁ ଉଠିଯାଏ, ଠିକ୍ ସେପରି ଦେଖାଯାଉଛି ।

ଯେଉଁ ପୋଖରୀ ପାଚେରି ଓ କୂଳ ଭିତରେ, ବେଶି [illegible] ନ ଥାଏ । ସୁତରାଂ ହ୍ରଦ ନ ଥାଏ । ଆମେ ଏହାକୁ [illegible] ଭାବୁ ଥାଆନ୍ତୁ । କିନ୍ତୁ ଏ ଯେଉଁଠି ଉଡ଼ୁଥିଲା, [illegible] ସମୁଦ୍ର କୂଳରେ ନୁହେଁ; କୂଳଠୁ ଢେର ଦୂରରେ ହାତ [illegible]

ଭୂଇଁ ଉପରେ । ସେଥିପାଇଁ କଣ ବୋଲି ଠିକ୍ କରିପାରିଲୁ ନାହିଁ ।

ଶେଷରେ ସେ ଜାଗା ପାଖକୁ ଗଲୁ । ଆମେ ସେଠାରେ ବୁଲି ଏପାଖ ସେପାଖ ଦେଖୁଛୁ, ଏତିକିବେଳେ ଆମ ପାଖରେ ଘଡ଼ ଘଡ଼ ଶବ୍ଦ ହେଲା । ଶବ୍ଦ ଅଳ୍ପେ ଅଳ୍ପେ ବେଶି ଜୋରରେ ଶୁଭିଲା । ମୁହୂର୍ତ୍ତିକ ପରେ ଗୋଟାଏ ଫାଙ୍କବାଟେ ପାଣିସୁଅଟାଏ ଉପରକୁ ଉଠିଲା । ପାଣି ବହେ ଉପରକୁ ଉଠି ଚାରିଆଡ଼େ ଛିଟି ହୋଇପଡ଼ିଲା । ଆମେ ସବୁ ଡରିଗଲୁ । ଆନନ୍ଦ ଟିକିଏ ଦୂରରେ ଥିଲା । ସେ ଦଉଡ଼ି ପଳାଇଲା ।

ଦଣ୍ଡିକ ପରେ ସେହିପରି ପାଣି ବାହାରି ଚାରିକୁ ଓ ମଣିଷ ପୁଣି ଭିଜାଇଦେଲା । ଆମେ ଦୁହେଁ ଓଦା ସର ସର ହୋଇଗଲୁ । ଆମ ଅବସ୍ଥା ଦେଖି ଆନନ୍ଦ ଜାରି ଜାରି ହୋଇ ହସୁଥାଏ । [illegible] ପରମୁହୂର୍ତ୍ତିରେ ତା' ପାଖରେ ସେମିତି ଶବ୍ଦ ହେଲା । ସେ [illegible] ଡେଣିକି ଅନାଇ ପଳାଇ ଯାଉଥିଲା । କିନ୍ତୁ ଏଥର ପାଣି [illegible] ତା' ଗୋଡ଼ତଳେ ବାହାରିଲା । ପାଣି ଏତେ ଜୋରରେ ବାହାରିଲା ଯେ ତାକୁ ବହେ ଉପରକୁ ଟେକିଦେଲା । ସେ ଗୋଟାଏ କୁଦା ଉପରେ [illegible] ପଡ଼ିଗଲା ।

ଆମେ ତା ପାଖକୁ ଦଉଡ଼ିଗଲୁ । ଦେଖିଲୁ, ସେ କିଛି ଆଘାତ ପାଇନାହିଁ । ଖାଲି ଡରି କୁଡ଼ବୁଡ଼ ହୋଇଯାଇଛି । [illegible] ଖଣ୍ଡେବାଟ ଘୁଞ୍ଚିଆସିଲୁ । କୁଗାପଟା ଶପୁଡ଼ିଲୁ । ସୁଖିଲା ଡାଳ ଅଣି ନିଆଁ ଜାଳିଲୁ । ନିଆଁ ତାତରେ ଲୁଗାପଟା ସୁଖା[illegible]

[illegible] ସେ ସୁଅ ପାଖକୁ ଗଲୁ । ସେଠ ଦେଖିଲୁ, [illegible] ଲହରି ଏ ମଣିଅ ମଣିକ ପଡ଼ା [illegible]

ଆସୁଛି । ଏପରି ଲହରୀ ଆସିଲେ ମୁଣ୍ଡିଆ ଉପରେ ପାଣି ଉପରକୁ ବାହାରି ପଡୁଛି । ଆମେ ଠିକ୍ କଲୁ ଯେ ଏହାତଳେ ଗୋଟାଏ ଖୋଲ ଅଛି । ସେ ଖୋଲରୁ ସମୁଦ୍ର ଭିତରକୁ ବାଟ ଅଛି । ବଡ଼ବଡ଼ ଲହରୀ ଆସିଲେ ସେ ଖୋଲରେ ପାଣି ପେଲିହୋଇ ପଶିଯାଏ । ଆଉ ବାହାରକୁ ଆସିବାକୁ ବାଟ ନ ପାଇ ଉପରେ ଥିବା ଫାଙ୍କବାଟେ ବାହାରିପଡ଼େ ।

ସୁବଚନ୍ଦ୍ର ଏ କଥା ଠିକ୍ କରି ଆମେ ଫେରି ଆସୁଛୁ, ଏତିକିବେଳେ ଅନନ୍ତ କହିଲା, "ହେଇ ଗୋଟାଏ ଶଙ୍ଖମଗର !"

ମୁଣ୍ଡିଆ ମୁଣ୍ଡରୁ ଅଳ୍ପ ଦୂରରେ ସମୁଦ୍ର ପାଣି ଭିତରେ ପାଉଁଶିଆ ରଙ୍ଗର କ'ଣ ଗୋଟାଏ ଦିଶୁଥାଏ । ଟିକିଏ ଟିକିଏ ହଲ୍‌ଚଲ୍ ହେଲାପରି ମଧ୍ୟ ଜଣା ଯାଉଥାଏ । ବୀର ବର୍ଚ୍ଛାଟାକୁ ନେଇ ତା'ଉପରକୁ ଫୋପାଡ଼ିଲା । କିନ୍ତୁ ବର୍ଚ୍ଛାଟା ଖସି ପଡ଼ିଲା । ତା'ଦେହରେ ବର୍ଚ୍ଛାଟା ବାଜିଲେ ସୁଦ୍ଧା ତା'ର କିଛି ହେଲାନାହିଁ । ସିମିତି ସେ ଅଟଳ ପଡ଼ି ଥାଏ । ଆମେ ଏମିତି କେତେଥର ତା' ଉପରକୁ ବର୍ଚ୍ଛା ଫୋପାଡ଼ିଲୁ । କିନ୍ତୁ ସେ ହୁଙ୍କିଲା ନାହିଁ । ଶେଷରେ ସେଇଟା କଣ ଠିକ୍ କରିପାରିଲୁ ନାହିଁ । ତେବେ ଏଠି ବେଶି ସମୟ ନ କଟେଇ ଆମେ ବୁଲିବାକୁ ଚାଲିଗଲୁ । ଅ[illegible]ନ ଏଇଠିକି ଆସି ଏଇଟା କ'ଣ ଭଲ କରି ଦେଖିବୁ ବୋଲି ଠିକ୍ କଲୁ ।

ଆମ୍ଭେମାନେ ସେ ଛୋଟ ଉପତ୍ୟକାକୁ ଫେରିଗଲୁ । ତା'ର ଚାରିଅଡ଼ ବୁଲି ଦେଖିଲୁ । ସେତେବେଳକୁ ବେଳ ବୁଡ଼ି ଆସୁଥାଏ । ଆମେ ପଦାକୁ ପଳାଇ ଆସିଲୁ । ମୁଣ୍ଡିଆବାଟେ ବୁଲି [illegible] ଗୋଟିଏ ଉପତ୍ୟକାରେ ପଶିଲୁ । ଏଇଟା ସେ [illegible] ଉପତ୍ୟକା ।

ଏହାର ମଝିରେ ବଡ଼ ଝରଣାଟିଏ ବହି ଯାଉଛି । ସେଥି-ଯୋଗୁଁ ଏ ଉପଗ୍ରହଙ୍କର ମାଟି ଭାରି ବଳୁଆ । ଗଛ ବୁଦା ସବୁ ଭଲ ବଢ଼ୁଥିଲାଅ । କେତେ ଜାତିର, କେତେ ପ୍ରକାରର ଗଛ ବୁଦା । କେତେ ରଙ୍ଗର ପତ୍ର ସବୁ । ଖଣ୍ଡା ଛକିଲା ଦିଶୁଥାଏ । ସତେ ଯେମିତି ଗୋଟାଏ ଚିତ୍ର !

ଲୁଣି ଗଛ ଭର୍ତ୍ତି ହୋଇଥାଏ । ଏଥିରେ ଫଳ ଗୁଡ଼ାଏ ଝୁଲୁଥି ଥାଏ । ଓସାରିଆ ଓସାରିଆ ସବୁଜ ପତ୍ର ଗୁଡ଼ିକରେ ଗଛ ଗୁଡ଼ିକ ଢାଙ୍କି ହୋଇଥାଏ । ଭାରି ଗହଳ ପତ୍ର । ତଳେ ଖରା ଧାସ ପଡ଼ୁ ନ ଥାଏ । ଗଛରେ ଫୁଲ କଷି ଲଦି ହୋଇଥାଏ । ଅନେକ [illegible] ଗଛ ଦେଖିଲୁ । ତା'ର ରୁପେଲି ପତ୍ରରେ ଜହ୍ନାଳିଆ ଖରା ପଡ଼ି ଚକ ଚକ ଦିଶୁଥାଏ । ରୁପା ଫଳ ପରି ଫଳ ଗୁଡ଼ାଏ ଝୁଲୁଥାଏ ।

ଅହୁରି କେତେ ରକମର ଫଳ ଗଛ ଦେଖିଲୁ । ସବୁ [illegible] ସୁନ୍ଦର । ଅଧିକାଂଶ ଖାଇବା ଫଳ । ମଝିରେ ମଝିରେ ନଡ଼ିଆ [illegible] ଗୁଡ଼ିକ ଉପରକୁ ମୁଣ୍ଡ ଟେକି ଛିଡ଼ା ହୋଇଥାଏ । ଏଗୁଡ଼ିକ ସତେ ଯେପରି ବଣର ଜଗୁଆଳି !

କେତେ ପ୍ରକାରର ମୂଳ ଦେଖିଲୁ । ଗାର ଦୁଇ ତିନୋଟି ମୂଳ ଚାଖିଲୁ । ଗୋଟାଏ ଜାତିର ବଣ ଅଛି ନାଁ—'ଠୁଙ୍ଗା' । ଦେଖିବାକୁ ଲଦନୁକ ପରି । ରେଷା ଫାଙ୍କିଆ । ସିଝେଇ ଖାଇଲେ ମନ୍ଦ ଲାଗେ ନାହିଁ । [illegible] ଖାଇଲୁ । ଖମ୍ବଆଳୁ ମଧ୍ୟ [illegible] ନେଲୁ । ତା'ପରେ ସମୁଦ୍ରକୂଳ [illegible]

ଯାଉଁ ଯାଉଁ ବାଟରେ ଗୋଟାଏ ଟେକା ବରଗଛ ଦେଖିଲୁ । ସେଥିରେ କେତେ ଓହଳ ଓହଳିଥାଏ । ଗଛଟା ଦୁଇ ତିନିମାଣ ଜାଗା ମାଡ଼ି ବସିଥାଏ ।

ତା'ପରେ ଆମେ ଯାଉଁ ଯାଉଁ ଗୋଟାଏ ଅଦ୍ଭୁତ ଜାତର ଗଛ ଦେଖିଲୁ । ଗଛରେ ବହେ ଉଚ ଯାଏ ଡାଳପତ୍ର ନଥାଏ । କିନ୍ତୁ ଆଶ୍ଚର୍ଯ୍ୟ କଥା ଯେ ଗଛର ଗଣ୍ଡି ଚାରିପାଖେ ପାଞ୍ଚ ଛଅ ଖଣ୍ଡ ପଟା ଡେରିହୋଇ ପରି ଦିଶୁଥାଏ । ନିକଟକୁ ଯାଇଁ ଦେଖିଲୁ, ଏଗୁଡ଼ାକ ତିନି ଚାରି ଅଙ୍ଗୁଳି ମୋଟା । ଦୁଇହାତ ଯାଏଁ ଓସାର ।

କିନ୍ତୁ ଏଗୁଡ଼ାକ କରତ ଚିରା ପଟା ନୁହେଁ । ଏ ଗଛର ଏମିତିକା ପଟାକାଟିଆ ଓହଳ ଥାଏ । ଏ ଓହଳ ପଟା ଗୁଡ଼ିକ ଗଛର ମୂଳରୁ ଦୁଇ ତିନି ହାତ ଦୂରରେ ଭୂଇଁରେ ପଶିଥାଏ । ଉପରେ ଗଛ ଯେଉଁଠାରେ ଡାଳ ମେଲିଥାଏ ସେଇଠାରୁ ବାହାରି ଥାଏ । ଝଡ଼ ତୋଫାନରେ ଏହି ପଟା କାଟିଆ ଓହଳ ଯୋଗେ ଏହି ଗଛ ସହଜରେ ଭାଙ୍ଗି ଯାଏନାହିଁ । ଗଛର ବକଳ ପରି ସେ ପଟାରେ ବକଳ ।

ବୀର ଏଥିରୁ ଖଣ୍ଡିଏ କାଟିଲା । ଖୁବ ଟେମଡ଼, କିନ୍ତୁ ସହଜରେ କାଟି ହୋଇଗଲା । ଭାରି ଖୁସି ହେଲୁ । ଆମ ପାଇଁ ଏ ଦ୍ୱୀପରେ ଈଶ୍ୱର ଏମିତିକା ପଟା ସୃଷ୍ଟି କରି ରଖିଛନ୍ତି । ଆମର ଅନେକ ଉପକାରରେ ଆସିବ । ଆମେ ଏ ଗଛର ନାଁ ଦେଲୁ 'ପଟାଗଛ' ।

ତା'ପରେ କୂଳକୁ ଆସୁ ଆସୁ ଅନେକ ପ୍ରକାର ଚଢ଼େଇ ଦେଖିଲୁ । ବଣି, ଶୁଆ, ବାଘୁଆ, ମୟୂର, ଗୋ[illegible] ଟିଆ ଓ କାପ୍ତା ପ୍ରଭୃତି କେତେ ଜାତିର [illegible] ମାରିବାକୁ ଚେଷ୍ଟା କଲୁ । କିନ୍ତୁ ପାରିଲୁ [illegible]

ଗୋଟାଏ ସୁକ୍‌-ସାଅ ଶବ୍ଦ ହେଲା । ଅନେଇ ଦେଖିଲୁ, ଆମ ମୁଣ୍ଡ ଉପରେ ପଲେ ହଂସରାଳି ଉଡ଼ି ଯାଉଛନ୍ତି । କେଉଁଠି ପଡ଼ିବେବୋଲି ଗୋଡ଼େଇଲୁ । ଦେଖିଲୁ ଗୋଟାଏ ଦହରେ ପଡ଼ିଲେ ।

ଦହରେ କେତେ ରକମର ପାଣି ଚଢ଼ାଇ ଭାସୁଥାନ୍ତି । ବୋଳ-ହାଞ୍ଜି ପରି ଦଳ ଗୁଡ଼ାଏ ଭର୍ତ୍ତି ହୋଇଥାଏ । କଳରେ ଜାବୁଅ । କୂଳ ଗୁରପାଖେ କୋଇଲଖିଆ ଜଣ୍ଡାଗଛ ଦୁର୍ଣ୍ଣି । ସେ ଚଢ଼େଇ ଗୁଡ଼ିକରୁ ଗୋଟିଏ ମାରିବାକୁ ଚେଷ୍ଟା କଲୁ । ଆମକୁ ଦେଖି ସେମାନେ ଫଡ଼୍‌ଫାଡ଼୍‌ ଉଡ଼ି ପଳାଇଲେ । ବହୁତ ଚେଷ୍ଟାରେ ଗୋଟାଏ ହଂସରାଳି ମୁଁ ଛୁଟିକଣିରେ ମାରିଲି । ଅଗରୁ ଅନନ୍ତକୁ ସମୁଦ୍ର କୂଳକୁ ପଠାଇ ଦେଇଥାଉ । ଭାତ ଓ ପାଣି ଅଣି ରୋଷାଇ ଯୋଗାଡ଼ କରିବାକୁ କହିଥାଉ ।

ପରେ ଅମେ ଅସ୍ତ ଅସ୍ତ ବାଟରେ ଗୋଟିଏ [illegible] ପଲେ ଘୁଘୁରି ଦେଖିଲୁ । ଏଇଠା 'ହାତୀଅ ଜାମୁ ଗଛ' । [illegible] ଚୋଲି ଭର୍ତ୍ତି ହୋଇଥାଏ । ଖାଟ ଝଡ଼ି ପଡ଼ କେତେ [illegible] ହୋଇଥାଏ । ଘୁଘୁରିଗୁଡ଼ାକ ସେ ସବୁ ଫଳ ଖାଉଥାନ୍ତି । [illegible] ଗୋଟାଏ ଘୁଘୁରି ମାରିବାକୁ ଚେଷ୍ଟା କଲୁ । କିନ୍ତୁ ପାରିଲୁ ନାହିଁ । ସେଠୁ ଅ'ନ ପାଖକୁ ଫେରିଲୁ ।

ଭାତ ଥୁଆ ହୋଇଛି । [illegible]ଆଁ ମଧ୍ୟ ଜଳି ଉଠିଲାଣି । ସବୁ ଯୋଗାଡ଼ ସରିଛି । କିନ୍ତୁ ଅ'ନ କାହିଁ ? ତାକୁ ଡାକିଲୁ । ସେ [illegible]ବାଟରେ ବଣରେ ଜବାବ ଦେଲା । ଟିକଏ ପରେ [illegible] [illegible]ରେ ଗୋଟାଏ ଘୁଘୁରି ଛୁଆ ଓଟଲେଇ ଫେରି ଅସିଲା । [illegible] ବୋଲି ତା'ର ଭାରି ଅନନ୍ଦ ।

[illegible]ଙ୍କୁ ଭାରି ବୋଧ କରୁଥାଏ । ଝଡ୍‌ ଝଡ୍‌ ରୋଷାଇର

[illegible]

ଛାତ ଗରିଣ୍ଡା ଉପରେ ରଖି ମାଉଁସଯାକ ଠାଙ୍ଗିଆରେ କୁଟେଇଲୁ । ଫଳମୂଳ ଯାକ ସିଝେଇଲୁ । ମାଉଁସଯାକ ରାନ୍ଧିଲୁ । ଏପରି ଅଚ୍ଛା ଉତ୍ତମ ଭୋଜିଟାଏ ତିଆରି କଲୁ ।

ଭାରି ତ ଭୋକ କରୁଥାଏ । ମନଇଚ୍ଛା ପେଟେ ଲେଖାଁଏ ଖାଇଦେଲୁ । ପଥର ଗୁମ୍ଫାଏ ପାରି ଗୋଟାଏ ଗଛ ମୂଳେ ଶୋଇ-ପଡ଼ିଲୁ । ପବନ ହୋଟେ ମଶା ନଥାନ୍ତି । ସରଗରେ ତାରା ଜହ୍ନି ହୋଇ ଦିଶୁଥାନ୍ତି । ପେଟ ଭରି ହେଲାରୁ ନିଦ କୁଆଡ଼ୁ କୁଆଡ଼ୁ ମାଡ଼ି ଆସିଲା । ଅଳ୍ପ ସମୟରେ ନିଦରେ ଶୋଇପଡ଼ିଲୁ ।

ତହିଁ ଆରଦିନ ସକାଳୁ ନିଦ ଭାଙ୍ଗିଗଲା । ଦେଖିଲୁ କେତେ ଗୁମ୍ଫାଏ ଦିନ ହୋଇ ଗଲାଣି । ଗୁଡ଼ିଆଡ଼େ ଖରା ପଡ଼ିଗଲାଣି । ସୂର୍ଯ୍ୟ ଆକାଶର କେତେ ଉପରକୁ ଉଠି ଗଲେଣି । ଆମ୍ଭେମାନେ ତରତର ହୋଇ ଗାଧୋଇ ପଡ଼ିଲୁ । କିଛି ଜଳଖିଆ ଖାଇଦେଲୁ । ତା'ପରେ ବୁଲିବାକୁ ବାହାରି ପଡ଼ିଲୁ ।

କିଛି ବାଟ ଗଲା ପରେ ଗୋଟାଏ ମୋଡ଼ ପଡ଼ିଲା । ଆମେ ଆଉ ଗୋଟିଏ ଉପତ୍ୟକାରେ ପହଞ୍ଚିଲୁ । ଏଠିକି ସମୁଦ୍ରକୂଳଟା ଦିଶୁଥାଏ । ଦେଖିଲୁ ସମୁଦ୍ର ଭିତରେ ଅନେକ ଛୋଟ ବଡ଼ ଦ୍ୱୀପ । ଏଗୁଡ଼ିକ ପୋହଳା ପାରସ୍ୱର ଆଉ ପାଖରେ । ଏତିକିବେଳେ ଗୋଟାଏ ବଡ଼ ଶବ୍ଦ ହେଲା । ସେଦିନ ରାତିରେ ଯେପରି ଶବ୍ଦ ଶୁଣିଥିଲୁ ଠିକ୍ ସେହିପରି । କିନ୍ତୁ ସେଦିନ ପରି ଆମକୁ ଡର ମାଡ଼ିଲା ନାହିଁ । ବୋଧହୁଏ ସେଦିନ ରାତି ବୋଲି ବେଶି ଡର ମାଡ଼ିଲା । ଆଜି ଦିନବେଳା, ସେତେ ଭୟ ହେଲାନାହିଁ ।

ଆମେ ଏ ଶବ୍ଦର କାରଣ ଖୋଜିଲୁ । ଏତିକିବେ[illegible] ସେହିପରି ଶବ୍ଦ ହେଲା । ଶବ୍ଦଟା ସେଇ ଦ୍ୱୀପ [illegible] ଆସୁଥାଏ । ଆମ୍ଭେମାନେ ସେଇ ଦିଗକୁ ନିକି[illegible]

ଦେଖିଲୁ ଗୋଟିଏ ଦ୍ୱୀପରେ ଯଲେ କଣ ଦିଶୁଛି । ଧାଡ଼ି ଧାଡ଼ି ଛିଡ଼େ ସଙ୍ଗେ ହେଲାପରି ଦିଶୁଥାଏ । ଉପରିଭାଗଟା ନେଳିଆ, ତଳଟା ଧଳା ରଙ୍ଗ ।

ଆଁ'ଦ କହିଲ ବୋଧହୁଏ ଦଳେ ସୈନ୍ୟ । କିନ୍ତୁ ଏଗୁଡ଼ାକ ପେଙ୍ଗୁନ୍ ଚଢ଼ାଇ ବୋଲି ଯାର କହିଲେ । ସେ ଏମାନଙ୍କ ବିଷୟରେ ଆଗରୁ ପଢ଼ିଥିଲେ । କିନ୍ତୁ ସବୁ କଥା ଭଲ ରକମ ମନେ ନଥାଏ । ଆମମାନଙ୍କୁ ଭାରି କୌତୁକ ବୋଧ ହେଲା । ଭାବିଲୁ, ଡଙ୍ଗା ତିଆରି କଲେ ସେ ଦ୍ୱୀପକୁ ଯିବୁ । ଏମାନଙ୍କୁ ପାଖରେ ଦେଖିବୁ ଓ ଏମାନଙ୍କ ବିଷୟରେ ଭଲ ରକମ ଜାଣିବୁ ।

ତା'ପରେ ବଣରେ ଅମେ ଅନେକ ସମୟ ବୁଲିଲୁ । କିନ୍ତୁ ବେଶି କିଛି ଦେଖିବାକୁ ପାଇଲୁ ନାହିଁ । ନଡ଼ିଆ ଗଛ ଗୁଡ଼ାକ ଗୁହଅଡ଼େ ଉଠି ଥିବାର ଦେଖିଲୁ । ଏମିତି କି ପୋଖରୀ ପାଟେରିରେ, ସମୁଦ୍ର କୂଳରେ, ପାହାଡ଼ ଉପରେ ମଧ୍ୟ ଉଠିଥାଏ । ସବୁଠି ବେଶ୍ ସତେଜରେ ବଢ଼ିଥାଏ । ଏହିପରି ବଣରେ ବୁଲି ବୁଲି ସଞ୍ଜ ହୋଇଗଲା । ଅମ୍ଭେମାନେ ମୁଁ ଦିନ ପରି ସାରା ରାତି କୂଳରେ ରହିଲୁ ।

ତହିଁ ଅର ଦିନ ଫେରି ବୁଲିବାକୁ ବାହାରିଲୁ । କେତେ ଜାଗାରେ ଘୁଷୁରି ପଲ ସବୁ ଦେଖିଲୁ । ଅଉ ଗୋଟାଏ ଜାଗାରେ ଗୋଟେ ଛୋଟ ଚତୁଷ୍ପଦ ପ୍ରାଣୀର ପାଦଚିହ୍ନ ଦେଖିବାକୁ ପାଇଲୁ । ଭାବିଲୁ, ଘୁଷୁରି ଛଡ଼ା ଅଉ କିଛି ଚତୁଷ୍ପଦ ଜୀବ ଏ ବଣରେ ଅଛନ୍ତି । କଣ ହେବାକି ଜାଣିବାକୁ ଅମର ଆଗ୍ରହ ହେଲା । ସେ ପାଦଚିହ୍ନ ଦେଇ ଅଡ଼କୁ ପଛେଇ ସେ ଅଡ଼କୁ ଗଲୁ ।

ଯାଉଁ ଯାଉଁ ଦେଖିଲୁ, ବଣରେ କେତେଗୁଡ଼ାଏ କୁକୁଡ଼ା ବୁଲି ବୁଲି ଚରୁଛନ୍ତି । ପାଖକୁ ଯାଇ ଦେଖିଲୁ, ଏଗୁଡ଼ାକ କୁକୁଡ଼ା ନୁହେଁ

କଟା ଯାଇଛି । କୁରାଢ଼ି ଚୋଟର ଚିହ୍ନ ଅଛି । ଅନେକ ଦିନ ଖରା ବାତର ଖାଇଥିବାରୁ ସେଥିରେ ଛତୁ ଉଠି ଗଲାଣି । ଆମ୍ଭେ ଆଶ୍ଚର୍ଯ୍ୟ ହେଲୁ । "ଭାବିଲୁ ଏ କଣ ! ଏ ବଣରେ କୁରାଢ଼ିରେ ଗଛ କାଟିଲା କିଏ !! ଏଠି କଣ ମଣିଷ ଥିଲେ !!!"

ଏସବୁ ଅନେକ କଥା ଭାବିବାରୁ ଆମର କୌତୁହଳ ହେଲା । ଆମେ ସେ ପାଦ ଚିହ୍ନକୁ ଗୋଡ଼େଇ ଗୋଡ଼େଇ ଗଲୁ । ବହୁଦୂର ଗଲାପରେ ଖଣ୍ଡେ ଫଳା ହୋଇଥିବା ଜାଗା ଦେଖିଲୁ । ଏଥିରୁ ଗଛ ବୁଦା କଟାଯାଇ ପରିଷ୍କାର ହୋଇଥାଏ ।

ଏତିକିବେଳେ ମିଉଁ ମିଉଁ ଶବ୍ଦ ହେଲା । ଦେଖିଲୁ ଗୋଟିଏ ବୁଦା ତଳେ କଳା ବିଲେଇଟିଏ । ବୀର ତା' ଉପରକୁ ଗୋଟିଏ ଶର ମାରିଲା । ଶରଟି ତା' ଦେହରେ ବାଜିଲା ନାହିଁ, ତା ପାଖରୁ ଦୁଇହାତ ଦୂରରେ ପଡ଼ିଲା । କିନ୍ତୁ ବିଲେଇଟି ଭୟରେ ପଳାଇ ଗଲାନାହିଁ । ସେ ଯାଇ ଶରଟାକୁ ଶୁଙ୍ଘିଲା । ଆମେ ଆଶ୍ଚର୍ଯ୍ୟ ହେଲୁ ।

ଅସ୍ତେ ଅସ୍ତେ ତା' ପାଖକୁ ଗଲୁ । ତେବେ ସୁଦ୍ଧା ସେ ପଳାଉ ନ ଥାଏ । ଭାବିଲୁ ଏଟା କାଲ ଓ କଣା । ତା'ର ଖୁବ୍ ନିକଟରେ ପହଞ୍ଚିଲାରୁ ସେ ରାଗିଉଠି ଫଁ ଫଁ ହେଲା । ଆନନ୍ଦ ତାକୁ ତୁ ତୁ କଲା । ସଙ୍ଗେ ସଙ୍ଗେ ସେ ତା' ପାଖକୁ ଦୌଡ଼ି ଆସିଲା । ରାଗ ଫାଗ କୁଆଡ଼େ ଚାଲିଗଲା । ଅତି ଶରଧାରେ ତା' ପାଖରେ ଲସର ପସର ହୋଇ ମିଉଁ ମିଉଁ ହେଲା । ଆମେ ତୁହେଁ ଅବାକ୍ ହୋଇ ଅନାଇଥାଉ । ଭାବିଲୁ ବିଲେଇଟି ପୋଷା । ମଣିଷ ଚିହ୍ନେ । ବୋଧହୁଏ କେହି ଏହାକୁ ପାଳିଥିଲା ।

ଆମ୍ଭେମାନେ ଆଉ ଟିକିଏ ଆଗକୁ ଗଲୁ । ଦେଖିଲୁ ଗୋଟିଏ ଛୋଟ ଝରଣା ବହି ଯାଉଛି । ଏଥିରେ ଗୋଟିଏ [illegible] ପୋଲଟି ଲାଗି ଯାଇଛି । ପଥର ଖୁଣ୍ଟକ [illegible]

ପୋଲର ଆର ପାଖରେ ମସ୍ତବଡ଼ ବୁଟି ଗଛଟିଏ । ବୁଟି ଗଛର ପାଖକୁ ଲାଗି ଆଉ କେତେ ଗଡ଼ ବଡ଼ ଗଛ । ସେଥିଯୋଗେ ଗଛ ତଳ ଜାଗାଟା ଭାରି ଅନ୍ଧାରୁଆ ।

ଏଇ ବୁଟିଗଛ ତଳେ ଗୋଟିଏ ଭଙ୍ଗା କୁଡ଼ିଆ ଠିଆ ହୋଇଛି । କୁଡ଼ିଆ ଉପରେ ସବୁ ଛୋଟ ଛୋଟ ଗୁଳ୍ମ ଉଠି ଗଲେଣି । ଗହଳ ଲତା ଏକରକମ କୁଡ଼ିଆଟିକୁ ଲୁଚାଇ ପକାଇଲେଣି । ବୁଟିଗଛର ଡାଳ ମଧ୍ୟ ଘରକୁ ଲାଗି ବଢ଼ିଛି । ଘର କାଠର ଖାଇ ଛପରଟା ନାହାଳ ପାପର ହୋଇ ଗଲାଣି । ତଳେ ଯଡ଼ସାଅନ୍ତାଣି । ଖାଲି ଏ ଲତା ଗୁଡ଼ାକ ଘୁଡ଼େଇ ହୋଇ ମାଡ଼ିଥିବାରୁ ଏହାର ଏ ଗୁମ୍ଫଟା ଅଛି ।

ଆମେମାନେ କୁଡ଼ିଆ ପାଖକୁ ଗଲୁ । ଭିତରକୁ ଯିବାକୁ ଭୟ ଲାଗୁଥାଏ । ସେ ଜାଗା ଭାରି ନିଗୁଢ଼ିଆ । କିଏ ଯେମିତ ଆମକୁ ଚେଇଁ ଦେଉଥାଏ । କେତେବେଳେ ଡର ଡର ଦୁଆର କବାଟ ମେଲା କଲୁ । ଖୁବ୍ ଧୀରେ, ଖୁବ୍ ହୁସିଆରରେ ଭିତରକୁ ପାଦ ପକାଇଲୁ । ଦେଖିଲୁ, ଘରଅଡ଼ ଶୁନ୍‌ଶାନ୍ । ଅଳିଆ ଜମା ହୋଇଛି । କେଉଁ କାଳରୁ ମଣିଷର କାରବାର ନାହିଁ ।

ଆମେ ଘରର ଏପାଖ ସେପାଖ ବୁଲିଲୁ । ଦେଖିଲୁ, ଘରର ଗୋଟିଏ ପାଖରେ ଖଣ୍ଡିଏ ଉଚ୍ଚା ଖଟ ପଡ଼ିଛି । ତା' ଉପରେ ଦୁଇଟା ପଞ୍ଜର । ଗୋଟିଏ ମଣିଷ ପଞ୍ଜର ଓ ଅନ୍ୟଟି କୁକୁରର । ହାଡ଼ଗୁଡ଼ାକ ଯେଉଁଠି ଯେମିତି, ଠିକ୍ ସେମିତି ଅଛି । ଖାଲି ମାଉଁସ ଗୁଡ଼ାକ ପଚି ମିଳେଇ ଯାଇଛି । କୁକୁରଟି ମଣିଷର ଗୋଡ଼ ଉପରେ ମୁହଁଟି ଲଦି ଦେଇ ମରିଛି ।

ଭାବିଲୁ, ଏ ଲୋକଟି ଥିଲେ ନିଶ୍ଚୟ ଏ ଘରର ମାଲିକ । ଏ କୁଡ଼ିଆରେ ଏଠି ଜୀବନ କଟାଉ ଥିଲେ । ବୋଧହୁଏ ଆମରି ପରି [illegible] [illegible] ଭୟରୁ ଏଠି ଆସି ପହଞ୍ଚିଥିଲେ । ନ ହେଲେ କିଏ

ଦଣ୍ଡ ଦେଇ ଏଠି ସ୍ଥିରହୋଇ ଯାଇଥିଲେ । ସଙ୍ଗରେ ଥିଲେ କୁକୁର-ଟିଏ ଓ ବିଲେଇଟି । ଶେଷରେ ସମସ୍ତଙ୍କ ଅଜଣାରେ ଓ ଅଶୁଣାରେ ନିର୍ଜନ ଜାଗାରେ ମଲେ ।

କେହି ତାଙ୍କର ଶବକୁ ପୋଡ଼ିଲେ ନାହିଁ—କି ପୋତିଲେ ନାହିଁ । କେହି ବି ଟିକିଏ କାନ୍ଦି ନ ଥିବେ । ଏଠି ତାଙ୍କର କେହି ନ ଥିଲେ । ଏ ବଣର କଥା ଗଛଯାକ ବୋଧହୁଏ ଏ ଲେଖଟି କାଟିଥିଲେ । ନ ହେଲେ ଆଉ କିଏ କାଟିବ ।

କୁକୁରଟି ତା' ପ୍ରଭୁର ମରଣ ଦେଖି ନ ଖାଇ ନ ପିଇ ମରିଗଲା । ମରିଗଲାବେଳେ ଆପଣା ପ୍ରଭୁ ପାଖରେ ତାଙ୍କର ଛାତି ଉପରେ ମୁହଁ ଲଗାଇ ମରିଛି । ବାସ୍ତବିକ କୁକୁର ଭାରି ପ୍ରଭୁଭକ୍ତ । ବିଲେଇ ଛୁଆଟି ଏ ବଣରେ ବୁଲିବୁଲି ନିଜର ପେଟ ପୋଷୁଛି । ସେ ବି ଆସି ଧରମଲା ବୁଢ଼ାଙ୍କ ପରି ହୋଇଗଲାଣି । ଆମ ମନରେ ଭାରି କଷ୍ଟ ହେଲା ।

ଭଗବାନ କା' ଭାଗ୍ୟରେ କଣ ରଖିଛନ୍ତି । କିଏ କେତେ ରକମରେ ମରୁଛି । କିଏ କେମିତି ଜୀବନ କଟାଉଛି । ଆମ ତିନିଙ୍କୁ ମଧ୍ୟ ଏହିପରି ଦିନେ ମରିବାକୁ ହୋଇପାରେ । ବନ୍ଧୁ ଦେଖିବୁ ନାହିଁ, ବାନ୍ଧବ ଦେଖିବୁ ନାହିଁ, ସାଇ ପଡ଼ିଶା ଦେଖିବୁ ନାହିଁ, ବାପା ମାଙ୍କୁ ଦେଖିବୁ ନାହିଁ, ନିଜର ଜନ୍ମଭୂଇଁ, ନିଜର ବାସସ୍ଥାନ ଦେଖିବୁ ନାହିଁ; ଏଇ ନିର୍ଜ୍ଜନ ଦ୍ୱୀପରେ ଅଜଣା ଅଶୁଣା ଭାବରେ ଚିରଦିନକୁ ଆଖି ବୁଜିଦେବୁ । କେହି ଟିକିଏ ହେଲେ କାନ୍ଦିବେ ନାହିଁ । ପୋଡ଼ିବ ବା ପୋତିବ କିଏ ।

ହଁ ଭଗବାନ ଲୀଳାମୟ, ତାଙ୍କର ମହିମା ଅପାର ଓ ଅନନ୍ତ । ତାଙ୍କ ଇଚ୍ଛା । ସେ ମଙ୍ଗଳମୟ, ଯାହା କରନ୍ତି [illegible]

ମଙ୍ଗଳ ପାଇଁ । ଏହା ଭାବି ମନକୁ ଟିକିଏ ଆଶ୍ୱାସନା ଦେଲୁ । ଦୁଃଖ କମାଇବାକୁ ଚେଷ୍ଟା କଲୁ ।

ସେ ଘରେ ଜିନିଷପତ୍ର ବେଶି କିଛି ନଥିଲା । ଖଣ୍ଡିଏ ଭାଠ ବଇଠି, ଖଣ୍ଡିଏ ଲୁହା ଥାଳିଆ, ଖଣ୍ଡିଏ ଟାଙ୍ଗିଆ, ଏତିକି ମାତ୍ର ଦେଖିଲୁ । ସେଗୁଡ଼ିକ ଯେମିତି ଥୁଆ ହୋଇଥିଲା, ସେମିତି ଥିଲା । କିନ୍ତୁ ବାସନ ଓ ଟାଙ୍ଗିଆରେ କଳଙ୍କି ଲାଗି ଯାଇଥିଲା । ଆଉ ସବୁ ଜିନିଷପତ୍ର ଖୋଲେଇ ଦେଖିଲୁ । ତା' ଭିତରୁ ଖଣ୍ଡେ ପିସ୍ତଲ ବାହାରିଲା । କିନ୍ତୁ ଗୁଳି ଗୋଲା କିଛି ନାହିଁ । ପିସ୍ତଲଟାରେ କଳଙ୍କି ଲାଗି ଯାଇଥାଏ ।

ଘରର ଏପାଖ ସେପାଖ ଭଲରକମ ବୁଲିଲୁ । ଲୋକଟିର ନାଁ କେଉଁଠି ଲେଖାଥିବ ବୋଲି ଖୋଜିଲୁ । କିନ୍ତୁ କେଉଁଠି ମିଳିଲା ନାହିଁ । ଶେଷକୁ ଆମେ ବାହାରକୁ ଆସିଲୁ । ଆସିଲାବେଳେ ଦ୍ୱାର ମୁଣ୍ଡରେ ଢୁଅର ବଡଟା ବାଜିଲା । ସେଇଟା ଆଗରୁ ଖୁବ୍ ପାସରା ହୋଇଥିଲା । ଏତିକିରେ ଭାଙ୍ଗିଗଲା । ସାଙ୍ଗେ ସାଙ୍ଗେ ଗୁଳିଟା ବଙ୍କା ହୋଇଗଲା । ସେଇଠୁ ଆମେ ଭାବିଲୁ ଗୁଳି ଏ ଘରଟା ଭାଙ୍ଗି ଦେବା । ଯାକୁ ଭାଙ୍ଗିଦେଲେ ଏ ଲୋକର ଅସ୍ଥି ଉପରେ ସବୁ ଜମା ହୋଇଯିବ । ସେ ଏକପ୍ରକାର ସମାଧି ପାଇଯିବେ ।

ସେଇଆ କଲୁ । ତା'ପରେ ସେ ପିସ୍ତଲ ଖଣ୍ଡିକ, ଲୁହା ବାସନଟି ଓ କୁରାଢ଼ିଟି ସାଙ୍ଗରେ ନେଲୁ, ଦରକାରବେଳେ କାମରେ ଆସିବ ବୋଲି । ଆନନ୍ଦ ସେ ବିଲେଇଟିକୁ ସାଙ୍ଗରେ ଆଣିଲା । ସେତେବେଳକୁ ଦିନ କେତେଘଡ଼ିଏ ଥାଏ । ଆମେ

ଆହୁରି ଅନେକଆଡ଼ ବି ବୁଲିଲୁ । ବେଳ ବୁଡ଼ିଲାବେଳକୁ କୁଡ଼ିଆକୁ ଫେରିଲୁ । କୁଡିଆରେ ପହଞ୍ଚିଲାବେଳକୁ ଫୁଲସଞ୍ଜ । ଦେଖିଲୁ ଜନାର୍ଦନ ଆଗରେ କୁଡିଆରେ ଯାହା ଯେମିତି ରଖି ଯାଇଥିଲୁ, ତାହା ସବୁ ଠିକ୍ ସେମିତି ଅଛି ।

# ସାତ

ପରିଶ୍ରମ ପରେ ବିଶ୍ରାମଟା ଭାରି ଭଲ ଲାଗେ । ଭାରି ସୁଖ ଓ ଆରାମ ହୁଏ । ମନର ଉତ୍ସାହ ଦୁଇଗୁଣ ବଢ଼ିଯାଏ । ଦେହରେ ନୂଆ ବଳ ଆସିଲା ପରି ବୋଧହୁଏ । ନୂଆ ଉତ୍ସାହରେ ନୂଆ ନୂଆ କାମ କରିବାକୁ ଇଚ୍ଛା ହୁଏ ।

ଆମେ ଦିନଯାକ ଖାଲି ବହୁତ ବୁଲିଥିଲୁ । ଅନେକ ଜିନିଷ ଦେଖି ଅନେକ କଥା ଭାବିଥିଲୁ । ସେଥିଯୋଗେ ଦେହ ଓ ମନ କ୍ଲାନ୍ତ ହୋଇ ଯାଇଥିଲା । ଫୁଲ୍ ସଞ୍ଜବେଳେ ବସାରେ ପହଞ୍ଚିଥିଲୁ । ଝଟ୍ ଝଟ୍ ଗଣ୍ଡାଏ ଖାଇଦେଲୁ । ତା'ପରେ ଟିକ୍‌କଣ କରି ନଡ଼ିଆ ପତର ଚଟେଇ ବିଛେଇ ଦେଲୁ । ରାତି ଦୁଇ ଘଡ଼ି ନ ହେଉଣୁ ତିନିଜଣ ଯାକ ଶୋଇ ପଡ଼ିଲୁ ।

ମୁଁ ତ ନିତି ରାତିରେ ଶୁଏ । କିନ୍ତୁ ଆଜିକାର ନିଦଟା କାହିଁକି ଭାରି ଭଲ ଲାଗିଲା । ଏପରି ଆଗରୁ କେବେ ବୋଧ କରି ନ ଥିଲି ।

ଏକା ମୋର ନୁହେଁ, ମୋର ସାଙ୍ଗ ଦୁହିଁଙ୍କି ସେମିତ ଭଲ ଲାଗିଲା ବୋଲି ସେମାନେ କହୁଥିଲେ । ବୁଲିବୁଲି କରି ଥକି ପଡ଼ିଥିବାରୁ ନିଦଟା ଏତେ ଭଲ ଲାଗିଲା ବୋଲି ବୀର କହିଲା । ଯାହାହେଉ ଆମେ ଏକାବେଳକେ ଶୋଇଗଲୁ ଯେ ତହିଁଆରଦିନ ସଞ୍ଜବେଳକୁ ଆମ ନିଦ ଟିକିଏ ଭାଙ୍ଗିଲା । ତେବେ ଭଲ କରି ନିଦ ଛାଡ଼ି ନ ଥାଏ । ଆହୁରି ଶୋଇବାକୁ ମନ ହେଉଥାଏ । ଆଖିପତା ବେଳେ ବେଳେ ଆପଣା ମନକୁ ଢାଙ୍କି ହୋଇ ପଡ଼ୁଥାଏ । ଟିକିଏ ଟିକିଏ ଭୋକ ମଧ୍ୟ ହେଉଥାଏ ।

ଆମେ ଆଉ ବେଶି କିଛି କଲୁ ନାହିଁ । ରୋଷେଇ କରିବାକୁ ମନ ହେଲା ନାହିଁ । କାହିଁକି ନା ନିଦ ଛାଡୁଥିଲା । ନଡ଼ିଆ, କଦଳୀ ପ୍ରଭୃତି ଫଳ ଥିଲା । ସେଥିରୁ କିଛି କିଛି ଖାଇଦେଲୁ । ଫେର୍ ଯାଇ ବିଛଣାରେ ଶୋଇ ପଡ଼ିଲୁ ।

ଉଠିଲୁ ତହିଁଆର ଦିନ ଖରା ବେଳକୁ । ଏଥା ଭିତରେ ଆଉ କାହାରି ନିଦ ଭାଙ୍ଗି ନାହିଁ । ଯେତେବେଳେ ଉଠିଲୁ ଆମ-ମାନଙ୍କୁ କିମିତି କିମିତି ଲାଗିଲା । କେତେ ସମୟ ଶୋଇଛୁ କିଛି ଠିକ୍ କରି ପାରିଲୁ ନାହିଁ । ଶେଷରେ ମନେ ପଡ଼ିଗଲା କାଲିଆ ଖାଇବା କଥା । ଏଣିକି ସବୁ ବୁଝି ପାରିଲୁ । ଏତେଗୁଡ଼ାଏ ଶୋଇ ପଡ଼ିଥିଲେ ସୁଦ୍ଧା ମନରେ ଫୁର୍ତ୍ତି ଥାଏ । ଦେହରେ ନୂଆ ବଳ ହେଲା ପରି ବୋଧ ହେଉଥାଏ, ଆଉ ନିଦ ନ ଥାଏ । ଅଳସ ବି ଲାଗୁ ନ ଥାଏ ।

ଆମେ ଉଠିଲାକ୍ଷଣି ସିଧା ଆମ ପୋଖରୀକୁ ଗାଧୋଇ ଚାଲିଗଲୁ । ଦମେ ମନଇଚ୍ଛା ବୁଡ଼ାବୁଡ଼ି କଲୁ । ଭାରି ଆରାମ ଲାଗିଲା । ଲୁଗାପଟା ପାଲଟିଲୁ । ବସାକୁ ଫେରି ଆସିଲା ବେଳକୁ ମୋ ମନେ ପଡ଼ିଗଲା, ମୋର ଛୋଟ ପୋଖରୀ କଥା । ପୋଖରୀ

କୂଳରେ ମୁଁ ଘୁରିଲାବେଳେ ଗୋଟିଏ ଗାତ ଖୋଲା ସମୁଦ୍ର ପାଣି ଭର୍ତ୍ତି କରିଥିଲା । କେତେ ରକମର ମାଛ ଓ କଙ୍କଡ଼ା ଘୁରୁଥିଲେ । ସମୁଦ୍ର ଦଳ ମଧ୍ୟ ଲଗାଇଥିଲି । ମୋ ଛୋଟ ପୋଖରୀଟି ଦେଖିବାକୁ ମୁଁ ଛୁଟିଗଲି ।

କିନ୍ତୁ ଦେଖିଲି ଏଥିରେ ଯେତେ ମାଛ ଘୁରୁଥିଲେ ସବୁ ମରି ଯାଇଛନ୍ତି । କାହିଁକି ମରିଗଲେ ? ସମୁଦ୍ରର ଲୁଣି ପାଣିରେ ବଞ୍ଚିଛନ୍ତି । ସେହି ଲୁଣି ପାଣିରେ ଏଠି ମରିଗଲେ କାହିଁକି ? କାରଣ ମୁଁ ଠିକ୍ କରି ପାରିଲି ନାହିଁ । ଏଥିରୁ ମଧ୍ୟ କେତେଗୁଡ଼ାଏ ପାଣି ଶୁଖି ଯାଇଥାଏ । ମାଛ ମରିବାର କାରଣ ମୁଁ ବାପାଙ୍କୁ ପଚାରିଲି । ସେ ମତେ ବୁଝାଇ ଦେଲେ ଯେ—"ଖରାରେ ଏଥିରୁ ପାଣି ବାଷ୍ପ ହୋଇ ଉପରକୁ ଉଡିଗଲା । କିନ୍ତୁ ଏଥିରେ ଯେତେ ଲୁଣ ଥିଲା ସେ ସବୁ ରହିଲା । କାହିଁକି ନା, ଲୁଣ ଖରାତାତରେ ବାଷ୍ପ ହୋଇ ଉପରକୁ ଉଡିଯାଏ ନାହିଁ । ପାଣି କମିଗଲା, ଯେତେ ଲୁଣ ଥିଲା ସବୁଯାକ ରହିବାରୁ ପାଣିଟା ସମୁଦ୍ର ପାଣି ଅପେକ୍ଷା ବେଶି ଲୁଣିଆ ହୋଇଗଲା । ସେଥିଯୋଗେ ମାଛଗୁଡ଼ା ମରିଗଲେ ।"

ଆମେ ସେ ଗାତ ପାଖରୁ ବାହାରି ଆସିବାକୁ ବସିଛୁ ସେତିକି ବେଳେ ଗୋଟିଏ କଙ୍କଡ଼ା ବାହାରି ଆସିଲା । କେବଳ ଏ କଙ୍କଡ଼ାଟି ଏଥିରେ ବଞ୍ଚିଥିଲା । ଦେଖିଲୁ ସେ ସଙ୍ଗେ ସଙ୍ଗେ ଉପର ଖୋଳପା ଛାଡ଼ି ମାଉଁସ ମେଞ୍ଚାଏ ହୋଇ ବାହାରି ପଡ଼ିଲା । ଅଳ୍ପେ ଅଳ୍ପେ ସେ ମାଂସ ପେଣ୍ଡୁଳାଟି ବଡ଼ ଦେଖାଗଲା । ସେଥିରୁ ଗୋଡ଼ ଗୁଡ଼ାଏ ବାହାରି ପଡ଼ିଲା । ଖୋଳପା ଭଳିଆ ମୋଟା ଚମଡ଼ାଟିଏ ତା' ପିଠି ଉପରେ ହୋଇଗଲା । ଦଣ୍ଡକ ପରେ କଙ୍କଡ଼ାଟି ଖୁଲୁବୁଲୁ ହେଲା ।

ତହୁଁ ଅରବିନ୍ଦ ସକାଳୁ ଦେଖିଲୁ—ସେ କଙ୍କଡ଼ାଟା ପିଠିରେ ଖୋଳପା ହୋଇ ଗଲାଣି । ସ୍ୟାର କହିଲେ ସେ କଙ୍କଡ଼ାମାନେ ଏହିପରି ବଢ଼ନ୍ତି । ସାପ କାତି ଛାଡ଼ିଲା ପରି ତାଙ୍କର ପୁରୁଣା ଖୋଳ ଛାଡ଼ିଯାଏ । ନୂଆ ଖୋଳ ହୁଏ । ମୁଁ ବଡ଼ ଆଶ୍ଚର୍ଯ୍ୟ ହେଲି । ଆଗରୁ ଏକଥା ଜାଣି ନ ଥିଲି । ଏଇ କଥାରୁ ଈଶ୍ୱରଙ୍କ ସୃଷ୍ଟି ବିଷୟରେ କେତେ କଣ ଭାବିଗଲି ।

ଆମେ ସବୁ ବସାକୁ ଫେରି ଆସିଲୁ । କୋଡ଼ିଏ, ପଚିଶ ଦିନ କଟିଗଲା । ଖଣ୍ଡେ ଡଙ୍ଗା ତିଆରି କରିବାରେ ଆମେ ଜୋରସୋରରେ ଲାଗି ପଡ଼ିଥାଉ । ସବୁଦିନେ ଗୋଟାଏ ପ୍ରକାର କାମ କରି ଭାରି ଡିଆଁ ମାଡ଼ୁଥାଏ । କିନ୍ତୁ ସ୍ୟାର ଆମକୁ ଠେକିଠାକି ବେଶ କାମ କରାଇ ନେଉଥାଏ । ଦିନେ ଅନନ୍ଦ ନିହାତି ଅଡ଼ିଲା । କହିଲା, "ମୁଁ ଆଉ ଏ କାମ କରି ପାରିବି ନାହିଁ । ଚାଲ ଦିନେ ଖଣ୍ଡେ କୁଆଡ଼େ ବୁଲିବାଲି ଆସିବା । ମନ ବଦଳାଇ ଟିକିଏ ନ ଖଟିଲେ ଏ କାମ କରି ହେବ ନାହିଁ ।"

ମୋର ମଧ୍ୟ ବୁଲିଯିବାକୁ ମନ ଥାଏ । କୁଆଡ଼େ ଗଲେ ଭଲ ହେବ ବିଚାରିଲୁ । ଶେଷରେ ଠିକ୍ କଲୁ, "ପାଣି ଝୁଅଁଡ଼ା ମୁଣ୍ଡିଆ" ପାଖକୁ ଯିବା । ସେଠି ସମୁଦ୍ର ପାଣିରେ ଯେଉଁ ପାଉଁଶିଆ ଜିନିଷଟା ଦିଶୁଥିଲା ସେଇଟା କଣ ଦେଖିବା । ସେ ଜାଗାଟା ଆମ ବସା ପାଖକୁ ବେଶି ଦୂର ନୁହେଁ । ଆମେ ଲୁଗାପଟା ପିନ୍ଧି ହାତ ହତିଆରରେ ସଜ ହୋଇ ବାହାରିଲୁ ।

କିଛି ସମୟ ପରେ ଆମ୍ଭେମାନେ ଯାଇ ସେଠାରେ ପହଞ୍ଚିଲୁ । ଦେଖିଲୁ, ଯେ ସମୁଦ୍ର ପାଣିରେ ସେ ପାଉଁଶିଆ ଜିନିଷଟା ଯେପରି ଦେଖିଥିଲୁ ସେପରି ଅଛି । ତା' ଉପରକୁ କେତେଥର ବର୍ଚ୍ଛା ଫୋପାଡ଼ିଲୁ । ସେ ଜିନିଷର ମଝାମଝି ବର୍ଚ୍ଛା ଚାଲିଯାଏ । ସେ

କିନ୍ତୁ ଉଠେ ନାହିଁ । ହଲଚଲ ବି ହୁଏ ନାହିଁ । ଶେଷରେ ଠିକ୍ କଲୁ, ସେଠା ଶଙ୍ଖନଗର ନୁହେଁ ।

ମଶାଣିରେ ମଣିଷ ଓ ଜୀବଜନ୍ତୁଙ୍କର ମଢ଼ା ପଡ଼େ । ଏଗୁଡ଼ାକ ପଚି ମାଟିରେ ମିଶିଯାଇ ଗଲେ ଏଥିରୁ କେତେ ଉକମର ବାଷ୍ପ ବାହାରେ । ଫସ୍‌ଫିନ୍ ତା' ଭିତରୁ ଗୋଟିଏ । ଫସ୍ଫରସ ଓ ହାଇଡ୍ରୋଜେନ ଏହି ଦୁଇ ମୂଳ ଉପାଦାନରୁ ଏହି ଯୌଗିକ ବାଷ୍ପର ସୃଷ୍ଟି । ପାଠ, ଜୋର, ଦହ ପ୍ରଭୃତିରେ ଦାଳ, ଡାଳ ପତ୍ର ଆଦି ପଚିଗଲେ ମଧ୍ୟ ଏହି ବାଷ୍ପ ବାହାରେ । ଏହି ବାଷ୍ପ ଅବିଶୁଦ୍ଧ ଅବସ୍ଥାରେ ବାୟୁମଣ୍ଡଳରେ ଜଳି ଉଠେ । ଏହି ବାଷ୍ପ ଗୋଟିଏ ସ୍ଥାନରେ ସ୍ଥିର ନ ଥାଏ ବା ଗୋଟିଏ ସ୍ଥାନରୁ ବାହାରେ ନାହିଁ । ତେଣୁ ଏହା ଗୋଟିଏ ଜାଗାରେ କ୍ଷଣେ ଜଳି ଉଠେ, ପରକ୍ଷଣରେ ପୁଣି ଅନ୍ୟ ଗୋଟିଏ ଜାଗାରୁ ଜଳଜଳ ଲିଭିଯାଏ । ଅଜ୍ଞ ଲୋକେ ଏହାକୁ ଡାହାଣୀ ଅଲୁଅ ବା ଶିବଗୁଣୀ ଅଲୁଅ କହନ୍ତି ।

କିନ୍ତୁ ଡାହାଣୀ ବା ଶିବଗୁଣୀ ଅଲୁଅ ବୋଲି ଗୋଟାଏ କିଛି ନାହିଁ । ମଶାଣିରେ, ପାଠରେ ଓ ଦହ ପାଖରେ ଫସ୍‌ଫିନ୍ ବାଷ୍ପ ଜଳଜଳ ଦେଖାଯାଉଥିବା ଅଲୁଅକୁ ନ ଜାଣିଥିବା ଲୋକେ ଡାହାଣୀ ଅଲୁଅ କହନ୍ତି । ସମୁଦ୍ର ପାଣିରେ ଦିଶୁଥିବା ପାଉଁଶିଆ ଜିନିଷଟା ବୋଧହୁଏ ଫସ୍‌ଫିନ୍ ଜନିତ ଅଲୁଅ ବୋଲି ଭାବ କହିଲ । କିନ୍ତୁ ତାହା ଫସ୍‌ଫିନ୍ ଜନିତ ଅଲୁଅ ଭଳି କ୍ଷଣେ ଜଳଜଳ କ୍ଷଣେ ଲିଭିଯାଉ ନ ଥାଏ । ସେଇ ଗୋଟାକ ଜାଗାରେ ଥିର ହୋଇ ରହୁଥାଏ । ଯାହାହେଉ ତା' ପାଖକୁ ଯିବାକୁ ଭାବ ସାହସ କଲା ।

ସେ ଭଡ଼ଭଡ଼ ହୋଇ ଡୁବ୍ ଦେଇ ପାଣିରେ ପଡ଼ିଲା । ନିମିଷକେ ପହଁରିଯାଇଁ ସେ ପାଉଁଶିଆ ଜିନିଷ ପାଖରେ ପହଞ୍ଚିଲା ।

ଭଲରକମ ନିଶ୍ୱାସଟାଏ ନେଇ ସେଇଠି ଟୁବ୍ କରି ବୁଡ଼ିଗଲା । ଆମେ କୁହେଁ ଉପରେ ଅନାଇ ଥାଉ । ମିନିଟିଏ ଗଲା, ଦି' ମିନିଟ୍ ଗଲା, ତେବେ ସୁଦ୍ଧା ସେ ଉଠିଲା ନାହିଁ । ଆମେ ଧହେଁ ଅବାକାବା ହୋଇଗଲୁ । କଥା କଣ ବୁଝିପାରିଲୁ ନାହିଁ । ଦେଖୁ ଦେଖୁ ତିନି ଚାରି ମିନିଟ୍ ହୋଇଗଲା । ତଥାପି ସେ ଉଠିଲା ନାହିଁ । ଭୟରେ ଆମ ଛାତି ଥରିଗଲା । ଗୋଡ଼ ହାତ ଅବଶ ହୋଇଗଲା । ମୁଣ୍ଡ ଘୂରିଗଲା । ମୁହଁ ମଳିନ ପଡ଼ିଗଲା । କ'ଣ କରିବୁ କିଛି ଠିକ୍ କରିପାରିଲୁ ନାହିଁ ।

ବୀର କଣ ବୁଡ଼ିମଲା ! ଶେଷକୁ ମୁଁ ଭାବିଲି, ବୋଧହୁଏ ପାଣିରେ ଅଣନିଶ୍ୱାସୀ ହୋଇ ଅଚେତ ହୋଇ ପଡ଼ିଗଲା । ମୁଁ ବୁଡ଼ି ତାକୁ ଖୋଜିବି ଭାବି ଭିଡ଼ଭାଡ଼ ହୋଇ ପାଣି କୂଳକୁ ବୁଡ଼ିବାକୁ ଯାଉଛି—ଏତିକିବେଳେ ପାଣି ଭିତରୁ ବୀର ମୁଣ୍ଡ ଟେକିଲା ଓ ମୁଣ୍ଡରୁ ପାଣି ପୋଛୁ ଦୀର୍ଘ ନିଶ୍ୱାସଟାଏ ନେଲା । ତା'ପରେ କୂଳକୁ ଆସି ଧଇଁସଇଁ ହୋଇ ଗୋଟାଏ ପଥର ଉପରେ ବସିପଡ଼ିଲା । ଆମ ମନ ଏତେବେଳକୁ ଭାରି ଖୁସି ହୋଇଗଲାଣି । କିନ୍ତୁ ଭାବୁଥାଏ ବଡ଼ ଅସମ୍ଭବ କଥା । ବୀର ପାଣି ଭିତରେ ଦଶ ମିନିଟ ଖଣ୍ଡେ କାଟରି ରହିଲା !

ବୀର ଟିକିଏ ଦମ୍ ମାରିସାରିଲାରୁ କହିଲା, "ଏ ଜିନିଷଟା ଗୋଟାଏ ଆଲୁଅ । ଗୋଟାଏ ଗୁମ୍ଫା ଭିତରୁ ଏଠିକି ପଡ଼ୁଛି । ସେ ଗୁମ୍ଫାଟା ଆମେ ଠିକ୍ ଯେଉଁଠି ବସିଛେ ତା'ରି ତଳେ । ମୁଁ ସେ ପାଉଁଶିଆ ଆଲୁଅ ପାଖରେ ପହଞ୍ଚି, ଆଲୁଅ ଯେଉଁ ଆଡ଼ୁ ଆସୁଥିଲା ସେଇଆଡ଼କୁ ନିଶାଣ କରି ଗଲି । ଦେଖିଲି, ଗୋଟାଏ ଦୁଆରର ମୁହଁ ପଡ଼ିଲା । ମୁଁ ତା' ଭିତରକୁ ପଶିଗଲି । ତା'ଭିତରେ ସେମିତିକା ଆଲୁଅ । ମୁଁ ଟିକିଏ ଅଣନିଶ୍ୱାସୀ ହେଲେ-

ଗଲି । ଫେର ଆସୁଥିଲି । କିନ୍ତୁ କାହିଁକି କେଜାଣି ପାଣି ଉପରକୁ ମୁଣ୍ଡ ଟେକି ଦେଲି । ଦେଖିଲି ମୋ ମୁଣ୍ଡ ଉପରେ କଣ ଚକ୍ ଚକ୍ ଦିଶୁଛି । ନିଶ୍ୱାସ ନେବାରୁ ମତେ ଭଲ ଲାଗିଲା । ଉପରକୁ ଅନାଇ ଦେଖିଲି ଯେ ସେ ଆଲୁଅଟା ଉପରୁ ଆସୁଛି । କାଳେ ବାଟ ଭୁଲିଯିବି ବୋଲି । ଫେରିଆସିବାକୁ ବସିଥିଲି, କିନ୍ତୁ ତଳକୁ ଅନାଇ ଦେଖିଲି ଯେ ସେ ଆଲୁଅଟା ଗୁମ୍ଫା ଭିତରୁ ମୁଁ ଯେଉଁଠି ପହଞ୍ଚିଲି, ବୁଡ଼ିଥିଲି ସେ ଯାଏଁ ପଡ଼ୁଛି । ଏତିକିବେଳେ ତମ କଥା ମନେ ପଡ଼ିଗଲା । ତମେ ମୋର ବିଳମ୍ବ ଦେଖି ବ୍ୟସ୍ତ ହେଉଥିବ ଭାବିଲି । ତେଣୁ ଟୁବ୍ କରି ବୁଡ଼ି ଉପରେ ହାଜର ।"

ବୀରୁ ଏକଥା ଶୁଣି ମୋର ଭାରି କୌତୂହଳ ହେଲା । ସେ ଗୁମ୍ଫା ଦେଖିବାକୁ ଇଚ୍ଛା ହେଲା । ମୁଁ ଲୁଗାପଟା ଭିଡ଼ିଭାଡ଼ି ପାଣିରେ ବୁଡ଼ିଲି । କିଛି ସମୟ ପରେ ଫେରିଆସିଲି । ଦେଖିଲି ବୀରୁ କଥା ସବୁ ସତ ।

ଗୁମ୍ଫା ଭିତରଟା ଟିକିଏ ଅନ୍ଧାରୁଆ । ସେଥିଯୋଗେ ଭଲ ରକମ ଦେଖା ଯାଉ ନ ଥିଲା । ତା' ଭିତରକୁ ଗୋଟାଏ ମଶାଲ ନେଇଯିବାକୁ ଆମେ ଦୁହେଁ ବିଚାର କଲୁ । ପାଣିରେ ତ ବୁଡ଼ିକରି ଯିବାକୁ ହେବ । କିମିତି ନବୁ ! ମଶାଲ ତ ଲିଭିଯିବ । ଭାବି ଭାବି ଗୋଟାଏ ଉପାୟ ଠିକ୍ କଲୁ ।

ଶୁଖିଲା ପତର, ଡାଳିକୁଟାରେ ଗୋଟାଏ ମଶାଲ ତିଆରି କଲୁ । ନଡ଼ିଆ ଖୋଳରେ ଦଶ ବାର ପରସ୍ତ ଏ ମଶାଲକୁ ଗୁଡ଼ାଇଲୁ, ଯେମିତି ଓଦା ନ ଯିବ । ଆମ ପାଖରେ ଖଣ୍ଡେ ଶୋଲ ଥାଏ । ଚକମକି ମଧ୍ୟ ଥାଏ । ଆଉ ସେମିତି ନଡ଼ିଆ ଖୋଳରେ ଗୁଡ଼ାଇ ଲୁଗାଟା ବିଡ଼ା କଲୁ । ବୀରୁ ଲୁଗାଟା ବିଡ଼ା ଧରିଲା । ମୁଁ

ଗୋଟାଏ ଧରିଲି। ଭୁଡ଼ୁଭୁଡ଼ୁ ହୋଇ ପାଣିରେ ବୁଡ଼ିଲୁ। ସେ ଗୁମ୍ଫା ଭିତରେ ପାଣି ଭିତରୁ ଉଠିଲୁ। ଗୁମ୍ଫାର କାନ୍ଥରେ ଖଣ୍ଡେ ପଥର ବାହାରିଥିଲା। ତା' ଉପରେ ବସି ମଶାଲ ଲଗେଇଲୁ। ଗୁମ୍ଫା ଭିତର ଆଲୋକିତ ହୋଇଗଲା। ଆମେ ଭଲ ରକମ ଦେଖିପାରିଲୁ। ମଶାଲକୁ ଧରି ଅସ୍ତେ ଅସ୍ତେ ଭିତରକୁ ଗଲୁ।

ଦେଖିଲୁ ଆମ ଉପରେ ସ୍ତମ୍ଭ ପରି ଗୁମ୍ଫାର ଉପରଭାଗ ଦଶ ବାର ହାତ ଉଇଁରେ। ମଝିରେ ମଝିରେ ଖୁଣ୍ଟ ପରି ସୋହଲାପଥର ତଳୁ ଗୁମ୍ଫା ସ୍ତମ୍ଭକୁ ଲାଗିଛି। ଦୁ'କଡ଼ରେ କାନ୍ଥ ପରି ସୋହଲା ପଥର। କାନ୍ଥର ମଝିରେ ମଝିରେ ଗୋଟାଏ ଗୋଟାଏ ବଡ଼ ବଡ଼ କଣା ଅଛି। ବୋଧହୁଏ ସେଠୁ ଆଉ ଗୋଟିଏ ଗୋଟିଏ ଗୁମ୍ଫା ଆରମ୍ଭ ହୋଇଛି। କିନ୍ତୁ ସେଇଣିକି ଆମେ ଗଲୁ ନାହିଁ। କାନ୍ଥ ସ୍ତମ୍ଭ ଓ ଖମ୍ବ ପ୍ରଭୃତି ହୀରା ପରି ଚକ୍‌ଚକ୍‌ ଦେଖାଯାଉଥାଏ। ଆରଶିରେ ଆଲୁଅ ପଡ଼ି ଲେଉଟି ଆସିଲା ପରି ଏଥିରେ ଆଲୁଅ ପଡ଼ି ଲେଉଟି ଆସୁଥିଲା।

ଆମର ମଶାଲ ସରିବା ଉପରେ ହୋଇଗଲା। ଆଉ ବେଶି ଭିତରକୁ ଗଲୁ ନାହିଁ। ସେଇଠୁ ଫେରି ଆସିଲୁ। ଦେଖିଲୁ ଗୁମ୍ଫା ମୁହଁରେ ଗୋଟାଏ ମସ୍ତବଡ଼ ଧଳା ପଥର ଅଛି। ଏଥିରେ ସୂର୍ଯ୍ୟ କିରଣ ପଡ଼ିବାରୁ ତାର ପ୍ରତିବିମ୍ବଟା ଓଲଟି ଆସି ପାଣିରେ ପଡ଼ୁଛି। ସେଥିଯୋଗୁ ପାଣିର ଗୋଟାଏ ଜାଗା ଆଲୋକ ପରି ଦେଖାଯାଉଛି। ଏଇଠାକୁ ହିଁ ଆମେ ଶଙ୍ଖମଗର ଭାବିଥିଲୁ।

ତା'ପରେ ବୁଡ଼ାଟାଏ ମାରି ଉପରକୁ ଉଠିଲୁ। ଆନନ୍ଦ ବୁଡ଼ିଜାଣେ ନାହିଁ। ସେଥିଯୋଗେ ଯାଇ ପାରିଲା ନାହିଁ ବୋଲି ମନ କଷ୍ଟରେ ବସି କଣ ଗୁଡ଼ାଏ ଭାବୁଥିଲା। ଆମକୁ ଉଠିବାର

ଦେଖି ଆମ ପାଖକୁ ଦୌଡ଼ିଗଲା । ଆମେ ଲୁଗାପଟା ପିନ୍ଧି ବସାକୁ ଫେରିଲୁ । ବାଟରେ ଆମେ ଏ ଟୁମ୍ପାର ନାଁ ଦେଲୁ 'ସ୍ୱୀର ଟୁମ୍ପା' । ସ୍ୱୀର ଟୁମ୍ପା ତଥା ଆନନ୍ଦ ଆଗରେ ଟିକକଠୁ ନିଟକ ଯାଏଁ ଭଗିଲ । ଆଉ ଦେଖିଲୁ ଏଠି ସମୁଦ୍ରରେ ବଡ଼ ଜୁଆର ନାହିଁ । ଜୁଆରରେ ପାଣି ଜମା ଦୁଇହାତ ଉପରକୁ ଉଠେ ।

ବସାକୁ ଫେର ଆସୁ ଆସୁ ବାଟରେ ପଲେ ଘୁଷୁରି ହାବୁଡ଼ିଲା । ସେଥିରୁ ଗୋଟାଏ ମାରିବାକୁ ମନ ହେଲା । ସ୍ୱୀର ଘୁଷୁରି ପଲକୁ ଘଉଡ଼ାଇ ଆଣିଲା । ଆନନ୍ଦ ଓ ମୁଁ ଗୋଟିଏ କନ୍ଧ କାଗାରେ ଛକିଲୁ । ଘୁଷୁରି ଗୁଡ଼ାକ ଏ କନ୍ଧରେ ପଶିଲାପରି ମୁଁ ଗୋଟାଏ ବାଡ଼େଇ ପକାଇଲି । ଆନନ୍ଦ ଗୋଟାଏ ବୁଢ଼ା ଘୁଷୁରିକି ତା ବର୍ଚ୍ଛାରେ ମାରିଲା ।

ବୁଢ଼ା ଘୁଷୁରର ମାଂସ କଡ଼ା କଡ଼ା ଲାଗେ । ଏଇଟାକୁ କାହିଁକି ମାରିଲୁ ପଚାରିବାରୁ ସେ କହିଲା, "ମୁଁ ମାଂସ ପାଇଁ ଏହାକୁ ମାରିନାହିଁ । ଏହାର ଚମଡ଼ାରେ ମୋର ଜୋତା ତିଆରି କରିବ ।" ବର୍ଚ୍ଛା ବେଣ୍ଟରେ ଏ ବୁଢ଼ା ଘୁଷୁରିକୁ ବାନ୍ଧି ଓହଳାଇ ଦେଲୁ । ସ୍ୱୀର ଓ ମୁଁ କାନ୍ଧେଇଲୁ । ଆନନ୍ଦ ସାନ ଘୁଷୁରିଟିକୁ ଧରିଲା । ଏମିତି ଆସି ବସାରେ ପହଞ୍ଚିଲୁ ।

ଏହାପରେ କେତେଦିନ କଟିଗଲା । ଆମେ ନାହା ତିଆରି କରିବାରେ ଜୋର୍‌ସୋର୍‌ରେ ଲାଗି ପଡ଼ିଲୁ । ପହିଲୁ ପଟା ଗଛରୁ ଅନେକ ଗୁଡ଼ାଏ ପଟା କାଟିଆଣିଲୁ । ଆମ ପାଖରେ ତ ପେରକଣ୍ଟାକ ଭଅଁର ନ ଥାଏ । ସେଥିଯୋଗେ ଅଙ୍କୁଶୀ ଲୁହାରେ ଗଣ୍ଡେ ନଳ ତିଆରି କଲୁ । ତା' ଭିତରେ ବାଲି ଭର୍ତ୍ତି କଲୁ । ଏହି ନଳକୁ ନିଆଁରେ ପୋଡ଼େଇ ପଟାରେ ଫୋଡ଼ କଲୁ ।

ପଟା ଗୁଡ଼ିକୁ ଯୋଡ଼ିଲାବେଳେ ଧାରକୁ ଧାର ମିଳାଇଲୁ ନାହିଁ । କାହିଁକିନା ଆମର ପେଟକଣ୍ଠା ନ ଥାଏ । ଗୋଟିଏ ପଟାର ଧାର ଉପରେ ଆଉ ଗୋଟିଏ ପଟାର ଧାର ଟିକିଏ ଚଢ଼ାଇଦେଲୁ । ତା'ପଟାରେ କଣା କରି କାଠ ଖିଲ ଗୁଡ଼ିଏ ମାରିଦେଲୁ । ବେଶି ମଜଭୁତ୍ କରିବାକୁ ଏମିତିକା ଫୋଡ଼ କରି ପରସ୍ତେ ନଡ଼ିଆ କତା ଦଉଡ଼ିରେ କଷିକରି ବାନ୍ଧିଦେଲୁ । ନଡ଼ିଆ କତାକୁ ପିଟି ତାର ପାରୁକୁ ବଳି ଏଥିସକାଶେ ଦଉଡ଼ି ତିଆରି କଲୁ । ଯୋଡ଼ିଲାବେଳେ ମଧ୍ୟ ଦୁଇ ପଟାର ସନ୍ଧିରେ ନଡ଼ିଆ କତା ଗୁଡ଼ାଏ ପୂରାଇଦେଲୁ ।

ରୁଟି ଗଛରୁ ଗୋଟିଏ ପ୍ରକାର ଅଠା ବାହାରେ । ଏହି ଅଠା ଆଣି ଆମ ଲୁହା ବାସନରେ ସିଝାଲୁ । ଏଥିରେ ଭଲ ପୁଟ ହେଲା । ପୁଟରୁ ପରସ୍ତେ ଲେଖାଏ ଡଙ୍ଗା ଭିତରେ ଲେପିଲୁ । ତା'ପରେ ପୁଟ ଗରମ ଥିଲାବେଳେ ସେଥିରେ ନଡ଼ିଆ ଛାଲି ପକାଇ ଘାଣ୍ଟିଲୁ । ଏ ଛାଲିରୁ ଦୁଇ ପରସ୍ତ ଡଙ୍ଗା ଭିତରେ ପକାଇଲୁ । ତା'ଉପରେ ଆହୁରି ପରସ୍ତେ ପୁଟ ଦେଲୁ । ଏମିତି ଆମ ଡଙ୍ଗାକୁ ତିଆରି କଲୁ, ଯେମିତି ପାଣି ନ ପଶିବ ।

କିଛିଦିନ ପରେ ଡଙ୍ଗା ତିଆରି ହଇଗଲା । ତା'ପରେ ଚାରିଟା ଆହୁଲା ତିଆରି କଲୁ । କେତେଗୁଡ଼ିଏ ନଡ଼ିଆ ଛାଲି ସିଲେଇ କରି ପାଲ ତିଆରି କଲୁ । ପହିଲୁ ପାଞ୍ଚ ସାତ ଦିନ ହ୍ରଦ ଭିତରେ ଡଙ୍ଗା ଚଲେଇଲୁ । ଆମକୁ ଭାରି ଭଲ ଲାଗୁଥାଏ । ଆନନ୍ଦର ସୀମା ନ ଥାଏ ।

ବାରର ମୁଦଟି ଭାଙ୍ଗି କେତେଗୁଡ଼ିଏ ବନଶୀ କଣ୍ଟା ତିଆରି କଲୁ । ବନଶୀ ଥୋପରେ କେତେ ମାଛ ଧରୁ । ସୋହଲା ପାତରସିରେ ଓହଲାଇ ବୁଲୁ । ଏଠି ସମୁଦ୍ରର ଉପରେ ବଡ଼ ବଡ଼ ଢେଉ ଗୁଡ଼ାକ ପିଟି ହେଉଥାଏ ଦେଖୁ । ଦିନବେଳା ଅନେକ

ସମୟ ଏମିତି କଟାଉ । ଧନେ ଭାବିଲେ, ସମୁଦ୍ର ଭିତରକୁ ଯିବୁ— ଯାଇ ପେଙ୍ଗୁଇନ ଦ୍ୱୀପ ପ୍ରଭୃତିରେ ବୁଲିବୁ । ପରଦିନ ଯିବାକୁ ଠିକ୍ କଲେ । ସବୁ ସଜିଲ୍ ସାଜିଲ୍ କରି ରାତି ସ୍ୱତରେ ଶୋଇବାକୁ ଗଲେ ।

## —ଆଠ—

ତହିଁଆର ଦିନ ଖୁବ୍ ଭୋରରୁ ଉଠିଲୁ । ଗାଧୋଇ ପଡ଼ି ଜଳଖିଆ ଦି'ଟା ଖାଇଦେଲୁ । ଲୁଗାପଟା, ହାତହତିଆର, ଖାଦ୍ୟ ପଦାର୍ଥ ପ୍ରଭୃତି ନେଇ ନାହାରେ ଚଢ଼ିଲୁ । ସକାଳ ସମୟ, ପୁଣି ପାଗଟା ଭଲ୍ ଥାଏ । ଆକାଶରେ ଖଣ୍ଡେ ହେଲେ ବଉଦ ନଥାଏ । ପବନ ବି ଜୋରରେ ବହୁ ନ ଥାଏ । ତୋଫାନର ଭୟ ନ ଥାଏ । ହ୍ରଦର ପାଣି ଥିର, କେବଳ ଧୀର ପବନରେ ଛୋଟ ଛୋଟ ଲହରୀ ତୋଳି କୁଳୁ କୁଳୁ ନାଦ କରୁଥାଏ । ନୀଳସାଗର ଭିତରୁ ସୂର୍ଯ୍ୟ ଉଇଁ ଆସୁଥାନ୍ତି । ତାଙ୍କର ରଙ୍ଗ କିରଣ ପାହାଡ଼ ପର୍ବତ ଓ ଗଛ ପତରରେ ପଡ଼ି ଆସୁଥାଏ । କେତେ ରକମର ପକ୍ଷୀ କଳରବ କରୁଥାନ୍ତି । ସୂର୍ଯ୍ୟଙ୍କର ନାଲି କିରଣରେ ଅଉଟା ସୁନା ପରି ସମୁଦ୍ର ପାଣି ଢଳ ଢଳ ଦିଶୁଥାଏ ।

ବାହାରର ଦୃଶ୍ୟ ସଙ୍ଗେ ଆମ ମନର ଭାବ ମଧ୍ୟ ଖାପ୍ ଖାଇ ଯାଉଥାଏ । ଅଥଳ ସାଗରରେ ଆମେ ନାଆ ଗଣ୍ଡିକରେ ଭାସିବୁ । ବନଶୀରେ ମାଛ ଧରିବୁ । 'ପେଙ୍ଗୁଇନ' ଦ୍ୱୀପରେ ବୁଲିବୁ । ସେ ଚଢ଼ାଇ ଗୁଡ଼ିକୁ ଦେଖିବୁ । ଅଉ ଅଉ ଦ୍ୱୀପ ଗୁଡ଼ିକରେ ବୁଲିବୁ । କେଉଁଠି କଣ ଅଛି ଦେଖିବୁ । ଏହିସବୁ ନୂଆ ନୂଆ କଥା ଭାବି ଆମ ମନ ନୂଆ ଆନନ୍ଦରେ ଭରି ଯାଉଥାଏ । ସେଥିଯୋଗେ ଜଗତଟା ଆନନ୍ଦମୟ ବୋଧ ହେଉଥାଏ ।

ମନ ଖୁସିରେ ନାହା ଫିଟାଇଦେଲୁ । ପହିଲୁ ପେଙ୍ଗୁଇନ ଦ୍ୱୀପକୁ ଯିବାକୁ ବସିଲୁ । ଏ ଦ୍ୱୀପଟା ଆମ ବସାର ଠିକ୍ ସିଧାରେ । ପୋହଳା ପାଟେଶ୍ୱର ଅରପଟରେ । ଆମେ ହ୍ରଦ ଭିତରେ ନାହା ଚଳାଇ ଏ ଦ୍ୱୀପର ସିଧାରେ ଥିବା ମୁହାଣରେ ଯାଇଥିଲେ ପାଖ ପଡ଼ିଥାନ୍ତା । କିନ୍ତୁ ଆମେ ତାହା କଲୁ ନାହିଁ । ପହିଲୁ ସମୁଦ୍ର ଭିତରକୁ ଚାଲିଗଲୁ । ତା'ପରେ ବୁଲିକରି ଏ ଦ୍ୱୀପକୁ ଗଲୁ । ଏମିତି ଆମକୁ ପାଞ୍ଚକୋଶ ଯାଏ ପଡ଼ିଲା । କିନ୍ତୁ ହ୍ରଦ ଭିତରେ ଯାଇଥିଲେ କମା ଦୁଇକୋଶ ପଡ଼ିଥାନ୍ତା ।

ପହିଲୁ କମା ପବନ ନ ଥିଲା । କିନ୍ତୁ କିଛି ସମୟ ପରେ ଭଲ ପବନ ହେଲା । ଆମେ ପାଲ ଟାଣିଦେଲୁ । ଅହୁଲା ବନ୍ଦ କରିଦେଲୁ । ଖାଲି ଗ୍ୱାର ଅଗ ମଙ୍ଗରେ ଖଣ୍ଡେ ଅହୁଲା ଧରି ବସିଥାଏ । ଦରକାରବେଳେ ନାହାକୁ ବୁଲେଇ ଠିକ୍ ବାଟରେ ଚଳାଏ ।

ଦୁଇ ତିନି ଘଣ୍ଟା ପରେ ଅମ୍ଭେମାନେ ସେ ଦ୍ୱୀପରେ ପହଞ୍ଚିଲୁ । ଖଇ ବାଣ୍ଟିଲା ପରି ଅସୁମାରି ପକ୍ଷୀ ଏ ଦ୍ୱୀପଟା ଯାକ ବସିଥାନ୍ତି । ସ୍ଥାନ ଠାରୁ ବହୁ ଯାଏ ଭରତି ହୋଇଥାନ୍ତି । କେଁ କଟର୍ ଶବ୍ଦରେ କାନ ଅତଡ଼ା ପଡ଼ୁଥାଏ ।

ସବୁ ଜହ୍ନାଇଗୁଡ଼ାକ ଏକା ରକମର ନୁହନ୍ତି । ବର୍ଣ୍ଣରେ ପ୍ରଭେଦ ଥାଏ । କେତେକଙ୍କର କୁକୁଡ଼ା ପରି ମୁକୁଟ ଥାଏ । କାହାର ମୁଣ୍ଡ କଳା, କାହାର ନାଲିଆ; କାହା କଣ୍ଠ ହଳଦିଆ, ଅଉ କେତେକଙ୍କର ନେଳିଆ । କିନ୍ତୁ ସମସ୍ତଙ୍କ ଥଣ୍ଟ ନାଲିଆ, ଡେଣାଗୁଡ଼ିକ ସାନ ସାନ, ବେଶି ଉଡ଼ି ପାରନ୍ତି ନାହିଁ । କିନ୍ତୁ ଡେଣା ସାହାଯ୍ୟରେ ଭଲ ପହଁରି ପାରନ୍ତି । ଗୋଡ଼ ଦୁଇଟି ଠିକ ଏ ପଛପଟକୁ । ସେଥିପାଇଁ ବସିଲାବେଳେ ସମସ୍ତ ଦେହଟାକୁ ଟେକି କରି ବସନ୍ତି । ଚାଲିଲାବେଳେ ଗୋଡ଼ ଓ ଡେଣାରେ ଭର ଦେଇ ଚାଲନ୍ତି ।

ଦେଖିଲୁ—ମା'ଚଢ଼େଇ ବଡ଼ ଆଶ୍ଚର୍ଯ୍ୟ ଧରଣରେ ଛୁଆକୁ ଆଧାର ଦିଏ । ମା' ଗୋଟିଏ ଉଚ୍ଚ ଜାଗାରେ ବସେ । ଛୁଆ ତଳେ ଥାଏ । ମାଆ ଖିବି ଖିବି ଆଁ କରିଦିଏ । ଛୁଆ ତା' ଥଣ୍ଟ ଭିତରେ ନିଜ ଥଣ୍ଟଟି ଗଳାଇଦିଏ । କଣ ଖାଏ ସେ ଜାଣେ ।

ପୁଣି ଦେଖିଲୁ ମା'ମାନେ ଛୁଆକୁ ପହଁରା ଶିଖାଇବାକୁ ପାଣିକୁ ଠେଲିଦିଅନ୍ତି । ଛୁଆ ପହିଲୁ ଡରି ଡରି ପାଣିକୁ ଯାଉ ନ ଥାଏ । କିନ୍ତୁ ପାଣିରେ ପଡ଼ିଗଲେ ଜୀବନ ବିକଳରେ ପହଁରି କୂଳକୁ ଚାଲିଆସେ । ଏମିତି କରୁ କରୁ ସେ ଭଲ ରକମ ପହଁରା ଶିଖିଯାଏ ।

ଆମେ ଦ୍ୱୀପର କୂଳକୁ ଗଲୁ । କୂଳର ଗୋଟାଏ କାଦ ଜାଗାକୁ ନାହା ଟାଣିନେଲୁ । ଗୋଟାଏ ପଥରରେ ନାହାକୁ ଭଲ ରକମ ବାନ୍ଧିଲୁ । ତା'ପରେ ସେ ଜହ୍ନାଇ ପଲ ଭିତରେ ପଶିଲୁ । ସେମାନେ ଆମକୁ କିଛି ଆଘାତ କଲେ ନାହିଁ । ଡର କରି ମଧ୍ୟ ପଳାଇଲେ ନାହିଁ । ଖାଲି ଆମ ଆଡ଼କୁ ବଲ ବଲ କରି ଚାହିଁଲେ ।

ବୋଧହୁଏ କେବେ ମଣିଷ କି ଅନ୍ୟ ଜୀବ ଦେଖି ନ ଥିଲେ । ସେଥିଯୋଗେ ତାଙ୍କର ଭୟ ନଥାଏ ।

ତା’ପରେ ଆମେ ଦ୍ୱୀପଟାସାରା ବୁଲିଲୁ । କେତୋଟି ବୁଦା ଛଡ଼ା ଏଥିରେ ଆଉ କିଛି ଗଛ ବୃକ୍ଷ ନ ଥାଏ । ଏ ଦ୍ୱୀପରୁ ଆମ୍ଭମାନଙ୍କର ଦ୍ୱୀପଟା ସଫା ଦିଶୁଥାଏ । ପାହାଡ଼, ପର୍ବତ, ବୃକ୍ଷଲତାରେ ଭରି ହୋଇ କେଡ଼େ ସୁନ୍ଦର ଦିଶୁଥାଏ । ଆମେ ପନ୍ଦର ଘଣ୍ଟେ ଏ ଦ୍ୱୀପରେ ରହିଲୁ । ତା’ପରେ ନାହାରେ ଚଢ଼ି ନାହା ଫିଟାଇଦେଲୁ ।

କୋଶେ ଘଣ୍ଟେ ଦୂରରେ ଆଉ ଗୋଟିଏ ଦ୍ୱୀପ ଦିଶୁଥାଏ । ସେଥିରେ ଅନେକ ନଡ଼ିଆ ଗଛ ଥାଏ । ଆଉ ଅନେକ ଗଛ ମଧ୍ୟ ଭର୍ତ୍ତି ହୋଇଥାଏ । ସେଇ ଦ୍ୱୀପକୁ ଯାଇ ସେଠି ରାତିରେ ରହିବୁ ବୋଲି ସ୍ଥିର କଲୁ । କିନ୍ତୁ ଆମେ ଜାଣି ନ ଥିଲୁ ଯେ ଆମ କପାଳରେ ଏତେ ବିପଦ ଅଛି ବୋଲି !

ଆମେ ମାଇଲିଏ ଘଣ୍ଟେ ଆସିଛୁ କି ନାହିଁ ପବନ ଖୁବ୍ ଜୋରରେ ବୋହିଲା । ପାହାଡ଼ ପରି ସମୁଦ୍ରରେ ଢେଉ ଉଠିଲା । ଆମେ ଆଉ ଯାଇପାରିଲୁ ନାହିଁ । ପେଙ୍ଗୁଇନ ଦ୍ୱୀପକୁ ଫେରିଯିବାକୁ ବସିଲୁ । କିନ୍ତୁ ପବନ କ୍ରମେ ଖୁବ୍ ଜୋରରେ ବହିଲା । ବଡ଼ ବଡ଼ ଲହରି ଆମ ନାହାକୁ ଏପାଖ ସେପାଖ ଦୋହଲାଇ ଦେଲା । ସବୁଆଡ଼େ ଫେଣମୟ ହୋଇଗଲା । ବଡ଼ ବଡ଼ ଢେଉ ବାଜି ନାହାରେ ପାଣି ପଶିଯାଉଥାଏ । ମୁଁ ବେଦମରେ ପାଣି ବୋହି ପକାଉ ଥାଏ ।

ଚାହୁଁ ଚାହୁଁ ସବୁଆଡ଼ ଅନ୍ଧାର ହୋଇଗଲା । ଆକାଶରେ କଳା ମେଘ ଘୋଟିଆସିଲା । ତୋଫାନ ସୁଉ-ସାଁଆ କରୁଥାଏ । ସମୁଦ୍ର ଗର୍ଜନ ତହିଁରୁ ବଳିଯାଉଥାଏ । ଘନ ଘନ ବିଜୁଳି

ମାରୁଥାଏ । ମେଘ ଘଡ଼ଘଡ଼ି ଶବ୍ଦ ପିଣ୍ଡରୁ ପ୍ରାଣ ଛାଡ଼ି ନେଉଥାଏ । ଆମ୍ଭେମାନେ ଯେତେ ଚେଷ୍ଟା କଲେ ସୁଦ୍ଧା ପେଙ୍ଗୁଇନ ଦ୍ୱୀପକୁ ଯାଇପାରିଲୁ ନାହିଁ । ତୋଫାନ ନାହାଖଣ୍ଡି ଭସାଇ ନେଇଗଲା ।

ଆମେ ଅଣଅକ୍ତିଆର । ଆମର ଆଉ କିଛି ସୁଧ ନ ଥାଏ । କେବଳ ଭଗବାନଙ୍କୁ ଡାକୁଥାଉ ଓ ନାହାରୁ ପାଣି ବୋହିବାରେ ଲାଗିଥାଉ । ଆମ୍ଭେମାନେ କୁଆଡ଼କୁ ଭାସିଯାଉଛୁ କିଛି ଠିକ୍ କରିପାରିଲୁ ନାହିଁ । ଆଗରେ ଦ୍ୱୀପ କି ଟାପୁ ଦେଖିବାକୁ ପାଇଲୁ ନାହିଁ । ଏ ଅଥଳ ସାଗରରେ ବୁଡ଼ିମରିବୁ ବୋଲି ଭାବିଲୁ । ଏତିକିବେଳେ ଦୂର ଖଣ୍ଡେ ଟାପୁ ଦେଖିଲୁ । ଏଇଟା ବୋଧେ ସମୁଦ୍ରରେ ଥିବା ଗୋଟାଏ ପାହାଡ଼ର ଶିଖ । ଗଛ ବୁଦା କିଛି ନ ଥାଏ । ସମୁଦ୍ର ପାଣି ଅପେକ୍ଷା ଜମା ଦ'ତିନି ହାତ ଉଚା । ତୋଫାନବେଳେ ବଡ଼ ବଡ଼ ଲହଡ଼ିଗୁଡ଼ାକ ଏହା ଉପରକୁ ସୁଦ୍ଧା ମାଡ଼ିଯାଉଥିଲା । ଅନ୍ଧାରୁଆ ଯୋଗେ ଆମ୍ଭେମାନେ ଏ ଥଳଭାଗ ଖଣ୍ଡି ଦେଖିପାରୁ ନ ଥିଲୁ । ଏଇଟି ଦେଖିଲାରୁ ମନରେ ଟିକିଏ ବଞ୍ଚିବାର ଆଶା ଆସିଲା ।

ଆମେ ଏ ଟାପୁର ପଛପଟରେ ନାହା ଲଗେଇଲୁ । କାରଣ ପଛପଟରେ ଲହଡ଼ିର ବେଶି ତୋଡ଼ ନ ଥାଏ । କୂଳରୁ ଟାପୁ ଭିତରକୁ ଖଣ୍ଡେ ଛୋଟ ନାଳ ଥିଲା । ସେଇ ନାଳରେ ନାଆଟିକୁ ଭର୍ତ୍ତି କଲୁ । ଉପରକୁ ଯାଇ ଦେଖିଲୁ ଏ ଟାପୁରେ ବେଳେ ବେଳେ ଲହଡ଼ି ପାଣି ମାଡ଼ିଯାଉଛି । ଠିକ୍ ଏ ନାଳ ଉପରେ ଖଣ୍ଡେ ଉଚା ଜାଗାକୁ ପାଣି ଆସୁ ନଥିଲା । ସେଥିଯୋଗେ ସେ ଜାଗା ବାଛିଲୁ । ଜାଗା ଖଣ୍ଡି ଆଡ଼ ଦୀର୍ଘରେ ମୋଟେ ଚଉଦ ହାତ ହେବ । ଯାହାହେଉ ଏଇଠି ରହିବା ଛଡ଼ା ଆଉ ଉପାୟ ନ ଥିଲା ।

ନାଅକୁ ଖଣ୍ଡେ ପଥରରେ ବାନ୍ଧିଲୁ । ଠାପୁର ଶୁଖିଲା ଜାଗାକୁ ଯାଇ ଦେଖିଲୁ ଏହାର ଉପର ପଟରେ ଗୋଟିଏ ଖୋଲ ଅଛି । ଖୋଲ ଉପରେ ପଥର ଢାଙ୍କି ହୋଇଛି । ଖୋଲ ଭିତରଟା ଶୁଖିଲା । ଏଇ ଖୋଲରେ ପଶିଲୁ । ପାଲ ଖଣ୍ଡିକ ତଳେ ବିଛେଇ ଦେଲୁ । ପାଖରେ ଖାଇବା ଜିନିଷ ଢେର ଥିଲା । କିଛି ଖାଇଦେଲୁ । ଶୋଇବାକୁ ଚେଷ୍ଟା କଲୁ । କିନ୍ତୁ ନିଦ କି ମାଡ଼େ ?

ଆମ ଚାରିପାଖେ ଯାକ ସମୁଦ୍ର ଗର୍ଜୁଥାଏ । ଲହରୀ ମାଡ଼ି ଆସୁଥାଏ । ବେଳେ ବେଳେ ଖୋଲ ଭିତରକୁ ପାଣି ପଶିଆସୁଥାଏ । ଘଡ଼ଘଡ଼, ଚଡ଼ଚଡ଼ ଶବ୍ଦ କାନ ଅତଡ଼ା ପକାଇଦେଉଥାଏ । ଅନବରତ ପବନ ସୁଉସାଅ ଗର୍ଜୁଥାଏ । ଘନ ଘନ ବିଜୁଳି ଚମକରେ ଛାତି ଥରି ଉଠୁଥାଏ । କେତେବେଳେ ଯେ କଣ ହେବ ଠିକ୍ ନାହିଁ । ଏଥିପାଇଁ ଛାତି ଧକ୍‌ଧକ୍ । ଭୟରେ ରକତ ପାଣି ହୋଇଯାଉଥାଏ । ନିଦ ଆସିବ କୁଆଡ଼ୁ !

ପୁଣି ଏଡ଼େ କଟିକଟିଆ ଅନ୍ଧାର ଯେ ମୁହଁକୁ ମୁହଁ ଦିଶୁ ନ ଥାଏ । ଆମେ ଆପଣା ଆପଣା ଭିତରେ ବେଳେ ବେଳେ ଉଣ୍ଡୁଳା ଉଣ୍ଡୁଳି ହେଉଥାଉ । କାହିଁକି ନା କଥା କହିଲେ ବି ତୋଫାନ ଯୋଗେ ଶୁଭୁ ନ ଥାଏ । ଏମିତି ରାତି ହୋଇଗଲା । ରାତି ହେଲାରୁ ଆମର ଭୟ ବଢ଼ିଗଲା । କଣ କରିବୁ ? ଜୀବନ ବିକଳରେ ସେ ଖୋଲରେ ପଡ଼ିଥାଉ ।

ଏଇ ରକମ ତିନି ଦିନ ତିନି ରାତି କଟିଗଲା । ତେବେ ସୁଦ୍ଧା ତୋଫାନ କମିଲା ନାହିଁ । କିନ୍ତୁ ଚତୁର୍ଥଦିନ ସକାଳୁ ତୋଫାନ ବନ୍ଦ ହୋଇଗଲା । ମେଘ ଛାଡ଼ିଗଲା । ଆକାଶ ନିର୍ମଳ ଦିଶିଲା । ଆମେମାନେ ଖୋଲରୁ ବାହାରିଲୁ । ଦେଖିଲୁ ଏତେବେଳଯାଏ ସୁଦ୍ଧା ଲହରୀର ଜୋର କମିନାହିଁ । ପହର ଖଣ୍ଡିକ ପରେ ସମୁଦ୍ର ଧୀରେ ଧୀରେ

ଥମିଆସିଲା । ଅନେଇ ଦେଖିଲୁ, ପୂର୍ବ ଦିଗ୍‌ବଳୟ ପାଖରେ ଆମ୍ଭମାନଙ୍କର ଦ୍ୱୀପ ଦିଶୁଛି । ଆମ୍ଭେମାନେ ଆଶ୍ୱସ୍ତ ହେଲୁ । କାହିଁକି ନା, ଆମ୍ଭେମାନେ ଭାବିଥିଲୁ ଯେ କୁଆଡ଼େ ବୋଲି କୁଆଡ଼େ ଭାସି ଆସିଚୁ ।

ନାଆରେ ପାଣି ଗୁଡ଼ାଏ ପଶିଯାଇଥିଲା । ତାକୁ ବୋହି ପକାଇଲୁ । ନାଆରେ ଚଢ଼ି ନାଆ ଫିଟାଇ ଦେଲୁ । ଅଦୌ ପବନ ନ ଥାଏ । ଆହୁଲା କରି କରି ଆମ ଦ୍ୱୀପ ଆଡ଼କୁ ଆସିଲୁ । ବାଟରେ ନେପଚୁନ୍‌ ଦ୍ୱୀପ ଓ ଆଉ କେତେଗୁଡ଼ିଏ ଦ୍ୱୀପ ପଡ଼ିଲା । କେତେଦୂର ଗଲାପରେ ଟିକିଏ ପବନ ହେଲା । ସଙ୍ଗେ ସଙ୍ଗେ ପାଲ ଟାଣିଦେଲୁ । କେତେଘଡ଼ି ପରେ ମୁହାଣ ବାଟେ ଆମ ହ୍ରଦ ଭିତରକୁ ପଶିଲୁ । ଫେର ପବନ ଥମିଗଲା । ଆମେ ଆହୁଲା ଚଳେଇଲୁ । ସେତେବେଳକୁ ସଞ୍ଜ ହୋଇଗଲାଣି । ଜହ୍ନ ପଡ଼ିଥାଏ । ଆକାଶରେ ତାରା ଗୁଡ଼ିକ ଟିକ୍ ଟିକ୍ ଦିଶୁଥାନ୍ତି । କିଛି ସମୟ ପରେ କୂଳରେ ଲାଗିଲୁ ।

ନାହାରୁ ଓହ୍ଲାଇବାରୁ ପିଣ୍ଡରେ ପ୍ରାଣ ପଶିଲା ପରି ଲାଗିଲା । ମୁଣ୍ଡରୁ ବୋଝ ଉତରିଗଲା ପରି ଉଶ୍ୱାସ ଲାଗିଲା । ଭଗବାନ ଏତେ ବଡ଼ ବିପଦରୁ ରଖିଲେ । ଆମ୍ଭେମାନେ ଜୀବନ ଘେନି ପୋହଳା ଦ୍ୱୀପକୁ ଫେରି ଆସିଲୁ । କୂଳରେ ଲାଗିଲାକ୍ଷଣି ନାଆ ଖଟେଇ ଦେଲୁ । ସଙ୍ଗେ ସଙ୍ଗେ କୁଡ଼ିଆକୁ ଧାଇଁଗଲୁ । ଦେଖିଲୁ ଯେଉଁଠି ଯାହା ରଖିଥିଲୁ, ସେଇଠି ତାହା ଥୁଆ ହୋଇଛି । ଅଁଧର କାଳିଆ ବିଲେଇଟି ମୋଡ଼ିମାଡ଼ି ହୋଇ ଶୋଇଛି । ମନଟା ଖୁସି ହେଲା । ରୋଷାଇ ଯୋଗାଡ଼ରେ ଲାଗିଗଲୁ ।

## —ନଅ—

ଏଇ ଘଟଣା ପରେ ଅନେକ ଦିନ ଯାଏଁ ଆମେମାନେ ବେଶ୍ ଖୁସିରେ ଦିନ କଟାଇଥିଲୁ । ଏହା ଭିତରେ କିଛି ବିପଦ ଘଟି ନ ଥିଲା । ସମୁଦ୍ର ଭିତରକୁ ଆଜି ମଧ୍ୟ ନାଆ ପିଟାଇ ନ ଥିଲୁ । ବେଳେ ବେଳେ ମନେ ହେଲେ ହ୍ରଦ ଭିତରେ ନାଆ ମେଲି ଦେଉ । ନାଆରେ ବସି ମାଛ ଧରୁ । ଆମର ଜଳ-ବଗିଚାରେ ନିତ ଗାଧୋଉ । ମନ ଇଚ୍ଛା ବୁଡ଼ାବୁଡ଼ି କରୁ । ପାଣି କୂଳରେ ଚଢ଼ାଇ ଶିକାର କରୁ । ମନ ହେଲେ ବଣକୁ ଯାଇ ଘୁଷୁରି ମାରି ଆଣୁ । ଦିନେ ଦିନେ ବୁଲି ବୁଲି ଯାଉ । ପାହାଡ଼ ଉପରକୁ ଉଠି ଚାରିଆଡ଼ର ଦୃଶ୍ୟ ଦେଖୁ । ସମୟେ ସମୟେ ପାଣିଛୁଅଁଡ଼ା-ମୁଣ୍ଡିଆରେ ବସି ସମୁଦ୍ରର ଦୃଶ୍ୟ ଦେଖୁଁ ।

ଦିନେ ବାପ ଓ ମୁଁ ଏ ନାସିରେ ବସିଛୁ । ଆନନ୍ଦ ପାଣି କୂଳରେ ଲୁଗା ଶୁଖୁଛୁ । ଏତିକିବେଳେ ଜାହାଜ ନଜରରେ

କଣ ଦୁଇଟା ଦେଖାଗଲା । କଳା କଳା ଦିଶୁଥାଏ । ଆମେମାନେ ଭାବିଲୁ, ଯଲେ ପାଣି ଚଢ଼ାଇ । କିନ୍ତୁ ଅସ୍ତେ ଅସ୍ତେ ଦେଖିଲୁ ତାହା ନୁହେଁ—ଦୁଇଟା ଡଙ୍ଗା ଆମମାନଙ୍କ ଆଡ଼କୁ ଆସୁଥାଏ । ତାହାର ଡଙ୍ଗା, କିଏ ଆସୁଛି, ଏହା ଭାବି ମୁଁ ଓ ଆନନ୍ଦ କୌତୂହଳରେ ଅନେଇଲୁ । କିନ୍ତୁ ବୀରର ମୁହଁ ମଉଳିଗଲା । ସେ ଆଗରୁ ଜାଣିଥିଲା ଯେ ଅଣ୍ଡମବାସୀମାନେ ଏଇ ଭଳିଆ ଡଙ୍ଗାରେ ସମୁଦ୍ରରେ ଯା'ଆସ କରନ୍ତି । ସେମାନେ ମଣିଷ ମାଂସ ଖାଆନ୍ତି । ସେମାନଙ୍କର ଟିକିଏ ହେଲେ ଦୟାମାୟା ନାହିଁ । ଆମେ ତାଙ୍କ ଆଗରେ ପଡ଼ିଲେ ଆମ ଅବସ୍ଥା କଣ ହେବ ଭାବି ସେ ଭୟରେ କାତର ହୋଇଗଲା । ଶେଷରେ ଆମକୁ ଏଇସବୁ କଥା କହିଲା ।

ଡଙ୍ଗା ଦୁଇଟା ଅସ୍ତେ ଆସ୍ତେ ଆମମାନଙ୍କର ନିକଟବର୍ତ୍ତୀ ହେଲା । ଆମେମାନେ ଗୋଟାଏ ଉପାୟ ପାଞ୍ଚିଲୁ । ପାଖ ବଣକୁ ଦଉଡ଼ି ଯାଇ ଗୋଟିଏ ବଡ଼ ପଥର ତଳେ ଲୁଚିଗଲୁ । ଏପରି-ଭାବେ ଲୁଚିଲୁ ଯେ ଆମମାନଙ୍କୁ କେହି ସହଜରେ ଦେଖି ପାରିବେ ନାହିଁ । କିନ୍ତୁ ଆମେମାନେ ସବୁ ଦେଖି ପାରିବୁ । ଲୁଚିଗଲା ବେଳେ ହାତ ହତିଆର ଛାଡ଼ିଗଲୁ । ଆଉ ମଧ୍ୟ ଫେରି ଆସି ନେଇଯିବାକୁ ସାହସ ହେଲାନାହିଁ । କାରଣ ପଦାକୁ ଗଲେ ତାଙ୍କ ହାବୁଡ଼ରେ ପଡ଼ିଯିବୁ ।

ଯା' ହେଉ, ଆମମାନଙ୍କୁ ବେଶି କିଛି ଚିନ୍ତା କରିବାକୁ ପଡ଼ିଲା ନାହିଁ । ଆମମାନଙ୍କ ନିକଟରେ ଅନେକ ଗୁଡ଼ାଏ ଚଞ୍ଚା ଠେଙ୍ଗା ପଡ଼ିଥିଲା । ଅନ୍ୟ ଦିନେ ବୁଲି ଆସିଲା ବେଳେ ଆନନ୍ଦ ଏଗୁଡ଼ିକ ଉଠେଇଥିଲା । ଆମର ଯେ କିଛି ଦରକାରରେ ଆସିବ ବୋଲି ଉଠେଇ ଥିଲା, ତାହା ନୁହେଁ । ତା' ହାତ ସବୁବେଳେ ଖଲବଲ୍ ହେଉଥାଏ । କିଛି କାମ ନ ଥିବାରୁ ଠେଙ୍ଗାଟେ ଉଠେଇ



[ ଆଗ ଡଙ୍ଗାର ଲୋକେ ହୋ ହୋ ପାଟି କରି ପଛ ଡଙ୍ଗାର
ଲୋକମାନଙ୍କ ଉପରକୁ ଢ଼ିମା ଫୋପାଡ଼ିଲେ ]

ଏଠି ଷକାଇ ଦେଇ ଯାଇଥିଲା । ତିନିହେଁ ଏଇଥିରୁ ଖଣ୍ଡେ ଖଣ୍ଡେ ଧରିଲୁ । ପାଟି ଗୋଳ ନ କରି ଥିର ହୋଇ ବସି ରହିଲୁ । କିନ୍ତୁ ଏକ ଦୃଷ୍ଟିରେ ଡଙ୍ଗା ଦୁଇଟିକୁ ଅନାଇ ରହିଥାଉ । ଶେଷରେ ଡଙ୍ଗା ଦୁଇଟି ଆମ ହ୍ରଦ ଭିତରେ ପଶିଲା ।

ଆଗ ଡଙ୍ଗାରେ ଚାଳିଶ ଜଣ ଯାଏ ଲୋକ ଥାନ୍ତି । ପଛଟିରେ ମଧ୍ୟ ସେତିକି ହେବେ । କିନ୍ତୁ ପଛ ଡଙ୍ଗାର ଲୋକଗୁଡ଼ିକ ମଙ୍ଗୁଡ଼ିଆ । ଠେଙ୍ଗା ବାଡ଼ି ଧରିଥାନ୍ତି । ସବୁଗୁଡ଼ା ଦେଖିବାକୁ ବିକଟ କଳା । କି ବିକଟାଳ ରୂପ ତାଙ୍କର ! ଦେଖିଲେ ଡର ମାଡ଼ିବ । ଅନେଇ ଅନେଇ ଦେଖିଲୁ ଯେ ଆଗ ଡଙ୍ଗାକୁ ପଛ ଡଙ୍ଗାର ଲୋକଗୁଡ଼ାକ ଗୋଡ଼ାଇଛନ୍ତି । ଆଗ ଡଙ୍ଗାର ଲୋକେ ଓହ୍ଲାଇବେ ବୋଲି ଜୀବନ ବଳରେ ଆହୁଲା ମାରୁଛନ୍ତି । ପଛ ଡଙ୍ଗାଟା ଆଗ ଡଙ୍ଗାଠାରୁ ଅଧମାଇଲିଏ ଦୂରରେ ଥାଏ ।

କିଛି ସମୟ ପରେ ଆଗ ଡଙ୍ଗାଟି ଅଗରେ ଆସି କୂଳରେ ଲାଗିଲା । ସେଥିରୁ ଲୋକଗୁଡ଼ାକ କୂଳ ବାଲିକୁ ଡେଇଁ ପଡ଼ିଲେ । ତା' ଭିତରେ ତିନିଜଣ ସ୍ତ୍ରୀ ଲୋକ ଥିଲେ । ଦୁଇଜଣଙ୍କ କୋଳରେ ଦୁଇଟି ଛୁଆ ଥାନ୍ତି । ଛୁଆକୁ ଘେନି ତିନିହେଁ ଯାକ ଲୁଚିବାପାଇଁ ବଣ ଭିତରକୁ ପଳାଇଲେ । ପୁରୁଷମାନେ ଠେଙ୍ଗାବାଡ଼ି, ଟେକା-ପଥର ଧରି ପାଣି କୂଳରେ ଠିଆ ହେଲେ, ଟେକା ପଥର ଫିଙ୍ଗି ପଛ ଡଙ୍ଗାର ଲୋକଙ୍କୁ କୂଳରେ ଉତୁରେଇ ନ ଦେବାକୁ ।

ଚାହୁଁ ଚାହୁଁ ପଛ ଡଙ୍ଗାଟି କୂଳ ପାଖକୁ ଚାଲି ଆସିଲା । ଆଗ ଡଙ୍ଗାର ଲୋକେ ହୋ ହା ପାଟି କରି ସେମାନଙ୍କ ଉପରକୁ ଟିମା ଫୋପାଡ଼ିଲେ । ସେଥିରେ ସୁଦ୍ଧା ସେମାନେ ଡରିଲେ ନାହିଁ । ଶେଷରେ ସେ ଡଙ୍ଗା ଖଣ୍ଡି କୂଳରେ ଲାଗିଲା । ଦୁଇ ପକ୍ଷର ଲଢ଼େଇ ହେଲା । ସ୍ତ୍ରୀଲୋକ ତିନୋଟିଙ୍କୁ ଖୋଜିବାକୁ ପଛ ଡଙ୍ଗାର ଲୋକ-

ମାନଙ୍କ ମଧ୍ୟରୁ ଦୁଇଜଣ ବଣ ଭିତରକୁ ଛୁଟିଗଲେ । ଏତେବେଳକୁ ଆମମାନଙ୍କର ଦେହ ଥରୁଥାଏ—ତାଲେ ଆମମାନଙ୍କୁ ଦେଖି ପକାଇବେ । ପ୍ରାଣ ଭୟରେ କାଠ ପରି ସେ ପଥର ତଳେ ଲୁଚେଇ ପଡ଼ିଥାଉ ।

ପଛ ଡଙ୍ଗାର ଲୋକଙ୍କ ମଧ୍ୟରେ ଜଣେ ମୋଟାସୋଟା ଶାର୍ଦ୍ଦୁଳିଆ ଚେହେରା ଥାଏ । ତା' ଦେହଟା କଟିକଟିଆ କଳା । କୁଞ୍ଚୁକୁଞ୍ଚିଆ ମୁଣ୍ଡ ବାଳଗୁଡ଼ାକ କହରା କହରା ଦେଖା ଯାଉଥାଏ ବୋଧହୁଏ ରଙ୍ଗ ବୋଳିଥାଏ । ବାଳଗୁଡ଼ାକ ଖୁବ୍ ବଢ଼ିଥାଏ । ବାଘୁର ପରି ଦେଖା ଯାଉଥାଏ । କଳା, ଧଳା ଓ ନାଲିଆ ରଙ୍ଗରେ ତା' ଦେହଟାକୁ ଚିତ୍ରେଇ ଥାଏ । ହାତରେ ମୁଦ୍‌ଗର ଭଳିଆ ଖଣ୍ଡେ ମୋଟା ଠେଙ୍ଗିଣିଆ ଧରିଥାଏ । ଏ ଜଣକ କଥାକୁ ସମସ୍ତେ ମାନୁଥାନ୍ତି । ଏ ସେମାନଙ୍କ ସର୍ଦ୍ଦାର ।

ଘଣ୍ଟାଏ ଖଣ୍ଡେ ଦୁଇଦଳ ମଧ୍ୟରେ ମରାମରି ହେଲା । ଆଗ ଦଳରୁ ଅନେକ ମରିଗଲେ । ପନ୍ଦର ଜଣ ଗଣ୍ଡିଆଖାକରା ହୋଇଗଲେ । ଏମାନଙ୍କୁ ପଛ ଦଳର ଲୋକେ ବାନ୍ଧି ପକାଇଲେ । ପଛ ଦଳରୁ ମଧ୍ୟ କେତେକ ମରିଗଲେ । ବାକି ଅଠେଇଶ ଜଣ ବଞ୍ଚିଥାନ୍ତି । ସେମାନେ ବନ୍ଦୀ ପନ୍ଦର ଜଣଙ୍କୁ ବଣ ଭିତରକୁ ନେଇଗଲେ । ବାନ୍ଧବାନ୍ଧି ଗୋଟାଏ ଜାଗାରେ ଶୁଆଇ ଦେଇ ଆସିଲେ ।

ତା'ପରେ କେତେଜଣ ବଣକୁ ଯାଇ ଶୁଖିଲା କାଠ ଆଣିଲେ । ଏଥିରେ ନିଆଁ ଲଗାଇଦେଲେ । ନିଆଁ ହୁ ହୁ ଜଳିଲା । ସେଇଠୁ ବନ୍ଦୀ ଭିତରୁ ଜଣକୁ ଟେକି ଆସିଲେ, ତାକୁ ନିଆଁରେ ଜୀଅନ୍ତା ପୋଡ଼ି ଖାଇବେ ବୋଲି । ଆମ ମନ ଦହଗି ହୋଇଯାଉଥାଏ । ବଡ଼ ବିକଳ ଲାଗୁଥାଏ । ଭାବୁଥାଉଁ ଏ ନିଷ୍ଠୁର ଗୁଣ୍ଡାଙ୍କ ସଙ୍ଗେ

ଲଢ଼ାଇ କରିବୁ । କିନ୍ତୁ ଆମେ ଜମା ତିନିଜଣ । ସେମାନଙ୍କ ସଂଖ୍ୟା ଏତେ ବେଶି । ଆମେ କଣ ପାରିବୁ ! ସେଥିପାଇଁ ଚୁପ୍ ଚାପ୍ ହୋଇ ଥାଉ ।

ସେମାନେ ସେ ବନ୍ଦୀ ଲୋକଟାକୁ ଆଣି ନିଆଁ ପାଖରେ ଥୋଇଦେଲେ । ସେ ଜୀଇଁ ଥାଏ । ସେମାନଙ୍କ ମଧ୍ୟରୁ ଜଣେ ତା' ମୁଣ୍ଡରେ ଠେଙ୍ଗାରେ ପାହାରେ ପକାଇଲା । ସେ ପାଟିକରି ଛଟର ପଟର ହୋଇ ମରିଗଲା । ତା' ଦେହ ସମସ୍ତେ ଖଣ୍ଡେ ଖଣ୍ଡେ କାଟିନେଇ ନିଆଁରେ ପୋଡ଼ି ଖାଇଲେ ।

ଏତିକିବେଳେ ବଣକୁ ଯାଇଥିବା ଲୋକ ଦି'ଜଣ ସେ ସ୍ତ୍ରୀ ଲୋକ ତିନି ଜଣଙ୍କୁ ନେଇ ଆସିଲେ । ଯେଉଁ ଦି'ଜଣ ସ୍ତ୍ରୀଲୋକଙ୍କର କୋଳରେ ପିଲାଥିଲା, ସେମାନଙ୍କ ବୟସ ଚବିଶ ପଚିଶ ହେବ । ଆରଟିର ବୟସ ଜମା ପନ୍ଦର ଷୋଳ ହେବ । ସେମାନେ ଏ ବୁଢ଼ାଙ୍କ ପରି ନିପଟ୍ଟ କଳା ନୁହନ୍ତି, ସାବନ ରଙ୍ଗ । ଦେଖିବାକୁ ଏକ ପ୍ରକାର ସୁନ୍ଦର । ବୋଧହୁଏ ଭେଡ଼ା ଜାତିଅ ଲୋକ ନୁହଁନ୍ତି ।

ପହିଲୁ ବଡ଼ ସ୍ତ୍ରୀ ଦି'ଜଣଙ୍କ ଭିତରୁ ଜଣକ ପାଖକୁ ଭେଡ଼ା ସର୍ଦ୍ଦାର ଗଲା । ତାକୁ କ'ଣ କହିଲା । ଆମେ ବୁଝିପାରିଲୁ ନାହିଁ । ଭାବଭଙ୍ଗୀରୁ ଦେଖିଲୁ ସ୍ତ୍ରୀ ଲୋକଟି ତା' କଥା ମାନିଲା ନାହିଁ । ଏଥିରେ ସର୍ଦ୍ଦାର ରାଗିଯାଇ ତା' ଛୁଆଟିକୁ ନେଇ ସମୁଦ୍ର ପାଣିକୁ ଫିଙ୍ଗିଦେଲା । କିନ୍ତୁ ପରମୁହୂର୍ତ୍ତରେ ଢେଉ ଛୁଆଟିକୁ ଆଣି ବାଲିରେ ଫୋପାଡ଼ି ଦେଲା । ଛୁଆଟି ଜୀଇଁ ଥାଏ ।

ତା' ପରେ ସେ ସର୍ଦ୍ଦାର ସବା ସାନ ସ୍ତ୍ରୀ ଲୋକଟିକୁ କ'ଣ କହିଲା । ସେ ନ ମାନିବାରୁ ତାକୁ ନିଆଁକୁ ଫୋପାଡ଼ି ଦେବ ବୋଲି ଡରେଇଲା । ବୀର ଆଉ ଏତେବେଳେ ସମ୍ଭାଳି ପାରିଲା ନାହିଁ ।

ସେ ଘଗରେ ସାଇଁ ସାଇଁ ହେଉଥାଏ । ଆମ ପାଖରେ ଛୁରୀ ଖଣ୍ଡିକ ଥାଏ । ଛପି ଛପି ଯାଇ ସେ ବନ୍ଦୀମାନଙ୍କ ଦଉଡ଼ି ସେଥିରେ କାଟି ପିଟେଇ ଦବାକୁ ଆମ ଦୁହିଙ୍କି କହିଲା । ଆମେ ଦହେଁ ଗୁଲିଗଲୁ ।

ଏତକବେଳେ ସାନ ସ୍ତ୍ରୀଟିକୁ ମାରିବାକୁ ଜଣେ ତା' ଉପରକୁ ଠେଙ୍ଗା ଉଠେଇଲା । ବୀର ବାଘପରି ଡିଆଁ ଟିଏ ମାରି-ଦେଇ ତା' ପାଖକୁ ଦଉଡ଼ି ଗଲା । ସାଙ୍ଗେ ସାଙ୍ଗେ ତା' ମୁଣ୍ଡରେ ଠେଙ୍ଗାଏ ପକାଇଲା । ସେତିକିରେ ତା'ର ଶେଷ । ସେମାନେ ଛାଟିକା ହୋଇ ଅନାଇଥାନ୍ତି । ବୀର ସାଙ୍ଗରେ ଲଢ଼ିବାକୁ କାହାର ହାତ ଚଳୁ ନ ଥାଏ । ବୀର ସେ ସର୍ଦ୍ଦାର ପାଖକୁ ଧାଇଁ ଗଲା । ଦଣ୍ଡେ ଖଣ୍ଡେ ଦୁହିଁଙ୍କ ଭିତରେ ଲଢ଼େଇ ହେଲା । ଆଉ ସମସ୍ତେ ଅନେଇଥାନ୍ତି ।

ଶେଷରେ ସର୍ଦ୍ଦାର ହଟିଯିବାର ଦେଖି ସମସ୍ତେ ବୀରକୁ ଘେରିଗଲେ । ଗୋଟାଏ ଝୁଣ୍ଟା ଲୋକ ବୀର ମୁଣ୍ଡ ଉପରକୁ ଠେଙ୍ଗା ଉଠେଇଲା ଏତକବେଳେ ସେ ଗଳି ପଡ଼ି ତା' ଆଖିରେ ଢିଅଟାଏ ମାରିଦେଲା । ସେ ଲୋକଟା ମୋହ ହୋଇ ତଳେ ପଡ଼ିଗଲା । ବୀର ମଧ୍ୟ ଲପଟେଇ ପଡ଼ି ସେ ଲୋକର ଗଣ୍ଡି ତଳେ ଛପିଗଲା ।

ଏତକବେଳକୁ ମୁଁ ଆ'ଧ ଓ ବନ୍ଦୀଯାକ ଛୁଟିଯାଇ ସେ ଲୋକଗୁଡ଼ାକଙ୍କ ଉପରେ ଚଢ଼ାଉ କଲୁ । ଆମକୁ ଦେଖି ବୀର ଉଠିପଡ଼ି ଫେର ଯୁଝିଲା । ଦୁ ଘଡ଼ିଯାଏ ମରାମରି ହେଲୁ । ସେମାନଙ୍କ ମଧ୍ୟରୁ ଚାରିଜଣ ମରିଗଲେ । ଆମମାନଙ୍କ ଭିତରୁ କାହାର କିଛି ହେଲାନାହିଁ । ସେମାନେ ହାରିଗଲେ । ଆମେମାନେ ସେମାନଙ୍କୁ ବାନ୍ଧି ପକାଇଲୁ ।

ତା'ପରେ ସେମାନେ ଆମକୁ କେତେ କ'ଣ ପଚାରୁଥାନ୍ତି । ଆମେମାନେ କିଛି ବୁଝିପାରୁ ନ ଥାଉ । ୱାର ଭେଡ଼ା ସର୍ଦ୍ଦାରଙ୍କୁ କେତେ କଥା ପଚାରିଲା । ସେମାନେ ବୁଝିପାରିଲେ ଯେ ଆମେ ସେମାନଙ୍କୁ ଆଉ ମାରିବୁ ନାହିଁ, ଯଦି ସେମାନେ ବନ୍ଧୁ ଭଳିଆ ବ୍ୟବହାର କରିବେ । ବନ୍ଧୁରେ ବନ୍ଧୁରେ ଯେପରି କୁଣ୍ଢାକୁଣ୍ଢି ହୁଅନ୍ତି ସେହିପରି ସମସ୍ତେ ଆମମାନଙ୍କୁ କୁଣ୍ଢେଇ ପକାଇଲେ ।

ଅମେମାନେ ସେମାନଙ୍କୁ ମୁକୁଳେଇ ଦେଲୁ । ତାପରେ ସେ ସ୍ତ୍ରୀଲୋକ ଭନୋଟିଙ୍କୁ ଅଶ୍ୱାସନା ଦେଲୁ । ସେ ଛୁଅଟି ବାଲିରେ ପଡିଥିଲା । ଏତେବେଳଯାଏ ସୁଙ୍କା ବଞ୍ଚିଥିଲା । ୱାର ଛୁଅଟିକୁ ନେଇ ତା' ମା କୋଳରେ ଦେଲା । ତା' ମାଅ ଭାରି ଖୁସି ହେଲା । ସମସ୍ତଙ୍କୁ ଅମ ବସାକୁ ଯିବାକୁ କହିଲୁ । ସେମାନେ ରାଜି ହେଲେ । ବସାରେ ଅନେକ ପ୍ରକାର ଖାଇବା ଜିନିଷ ତିଆରି କରି ସେମାନଙ୍କୁ ଖୁଆଇଲୁ । ସେମାନେ ଭାରି ଖୁସି ହେଲେ । ତାପରେ ଅମମାନଙ୍କୁ ବନ୍ଧୁଭାବ ଦେଖାଇଲେ । ତାପରେ ବୁଝିଲୁ ଯେ ତାଙ୍କ ସର୍ଦ୍ଦାରର ନାମ 'ଭଗ୍ୱସ' । ସବା ସାନ ସ୍ତ୍ରୀଲୋକଟିର ନାମ 'ଟିକଲ୍' ।

ଖାଇସାରିଲାରୁ ଅମକୁ ନିଦ ମାଡ଼ିଲା । ଅମେ କୁଡ଼ିଆ ଭିତରେ ଶୋଇଲୁ । ସେମାନେ ବାହାରେ ଲମ୍ବଲମ୍ବ ହୋଇ ଶୋଇଲେ । ତହିଁଆରଦିନ ଉଠିଲାବେଳକୁ ଦିନ ପହରେ ଗଡ଼ି ହୋଇଯାଇଥିଲା । ଅମେ ତନିହେଁ ଚାଧୋଇ ପାଧୋଇ ଅସିଲୁ । ସେମାନଙ୍କୁ ଖାଇବାକୁ ଦେଲୁ । ନିଜେ ଖାଇଲୁ । ତା'ପରେ ଲଢ଼େଇ ଜାଗାକୁ ଗଲୁ । ଯେତେ ମଡ଼ାଥିଲେ ସେ ସବୁକୁ ସେମାନଙ୍କ ହାତରେ ପୋଡ଼େଇଲୁ । ତାପରେ ସେମାନଙ୍କୁ ବୁଝେଇ ଦେଲୁ ଯେ ମଣିଷ ମାଂସ ଖାଇବ ନାହିଁ । ମଣିଷ

ମରିଗଲେ ଏମିତ ପୋଡ଼ି ଦେବ । ସେମାନେ ବୁଝିପାରିଲେ ଓ ଆମ କଥା କରିବାକୁ ମଙ୍ଗିଲେ ।

ସେମାନେ ଆମ ଦ୍ୱୀପରେ ଭଲାଧନ ରହିଗଲେ । ସେମାନଙ୍କର ଡଙ୍ଗା ଭାଙ୍ଗି ତୁଟି ଯାଇଥିଲା । ମରାମତି କଲେ । ଆମେ ସେମାନଙ୍କୁ ଭଲରକମ ଖାଇବାକୁ ଦେଉଥାଉ, ଶେଷରେ ସେମାନେ ଯିବାକୁ ବସିଲେ । ଆମେମାନେ ଅନେକ ପ୍ରକାର ଫଳମୂଳ ଓ ମାଂସ ରାନ୍ଧି କରି ସେମାନଙ୍କୁ ଖାଇବାକୁ ଦେଲୁ । ସେ ଦିନ ଡଙ୍ଗା କୁଡ଼ିଆ ଘରୁ ଆଣିଥିବା ଚାଙ୍ଗିଆ ଖଣ୍ଡି ସେମାନଙ୍କୁ ଦେଲୁ । ସେମାନେ ଭାରି ଖୁସି ହେଲେ । ଠାରରେ ସେମାନଙ୍କ ଦ୍ୱୀପକୁ ଯିବାକୁ କହିଲେ । ଆମେମାନେ ମନା କଲୁ । ଗଲାବେଳେ ସତରେ ସେମାନଙ୍କ ମନରେ କଷ୍ଟ ହେଲା । ସେମାନେ ବିଦାୟ ନେଇ ଡଙ୍ଗାରେ ଚଢ଼ି ଚାଲିଗଲେ । ଆମେମାନେ ବସାକୁ ଫେରି ଆସିଲୁ ।

— ଦଶ —

ଆଜି କଅଁଳ ସଜ ଫୁଲଟିଏ ଫୁଟି ବାସରେ ଚଉଦିଗ ମହକାଇ ଦେଉଛି । ସକାଳର ସୁଲୁସୁଲିଆ ପବନରେ ଧୀରେ ଧୀରେ ଦୋଳି ଖେଳୁଛି । ତା' ଉପରେ କାକର ବିନ୍ଦୁ ପଡ଼ି ଝକ୍ ଝକ୍ ହସୁଛି । କିନ୍ତୁ କାଲି ସେ ଫୁଲଟିର ବିଭବ କୁଆଡ଼େ ଉଭେଇ ଯାଉଛି । ତା'ର ଆଜ ସେ ଶୋଭା ନାହିଁ କି ବାସ ନାହିଁ । ମଉଳି ତଳେ ପଡ଼ିଯାଉଛି । ବାସ ବଦଳରେ ସେଥିରୁ ବାହାରୁଛି ଗନ୍ଧ ।

ଚତୁର୍ମାସିଆରେ ଯେଉଁ ନଈ ପାଣିରେ ଭରା—ଏକୂଳ ସେକୂଳ ଖାଇ ପାଣି ଉଚ୍ଛୁଳି ପଡୁଛି—ସୁଅରେ ସାପ ମୁଣ୍ଡ ଦୁ'ଖଣ୍ଡ ହୋଇଯାଉଛି—ଖରାଦିନେ ସେଇ ନଈ ସେଇଠି ଥାଇ—ଶୁଖିଲା ଠକ୍ ଠକ୍—ଖାଲି ଚଉଆଡ଼େ ବାଲି, କୁହୁଡ଼ି ପରି ମୃଗତୃଷ୍ଣାର ଖେଳ । ପୁଣି ବର୍ଷାଦିନ ହେଲେ ସେଇ ନଈ ପାଣିରେ ଭରା ହୋଇ ଉଛୁଳି ପଡ଼ଇ ।

ଏଇତ ସଂସାରର ରୀତି ? ମନୁଷ୍ୟ ଦଶା ସବୁ ଏଇଆ । ଜୀବନ ସୁଖ ଦୁଃଖ-ଭରା । ସୁଖ ଚିରଦିନ ରହେ ନାହିଁ । ଦୁଃଖ ବି ଚିରଦିନ ରହେ ନାହିଁ । କୁମ୍ଭାର ଚକ ପରି ମନୁଷ୍ୟର ଭାଗ୍ୟଚକ୍ର ବୁଲୁଛି । ଆଜି ସେ ରଜା, କାଲି ସେ ଫକୀର । ଆଜି ସେ ପିଲା, କାଲି ସେ ବୁଢ଼ା । ଆମେ ବା ଏଥିରୁ କିପରି ଛାଡ଼ି ଯିବୁ ?

ଆମର ସୁଖ ପରେ ଦୁଃଖ ଲାଗି ରହିଛି । ପହିଲୁ ମହାଖୁସିରେ ଦେଶ ବିଦେଶ ବୁଲିବାକୁ ଆସିଲୁ । କିନ୍ତୁ ଦିନେ ସେ ସୁଖ ଚାଲିଗଲା । ଆମର ବୋଇତଟି ଭାଙ୍ଗିଗଲା । ଆମେ ଅଥଳ ସାଗରରେ ଭାସିଲୁ । ଈଶ୍ବରଙ୍କ କୃପାରୁ ଏ ଦ୍ବୀପରେ ଲାଗିଲୁ । ଏଠାରେ କିଛି ଅଭାବ ନ ଥିଲା । ସବୁ ପାଇଲୁ । କିଛିଦିନ ଏକ ରକମ ସୁଖରେ ରହିଲୁ ।

କିନ୍ତୁ ପୁଣି ଦୁଃଖ ଆସିଲା । ଆମେ ନାହାରେ ସମୁଦ୍ର ଭିତରକୁ ଗଲୁ । ଝଡ଼ ତୋଫାନ ହେଲା । ଆମେ ମରୁ ମରୁ ବଞ୍ଚିଗଲୁ । ଏଠିକି ଫେରି ଆସିଲୁ । କିଛିଦିନ ଭଲରେ ରହିଲୁ ।

ଫେର୍ ବିପଦ ପଡ଼ିଲା । ବେଡ଼ା ଲୋକଗୁଡ଼ାଏ ଡଙ୍ଗାରେ ଆସି ପହଞ୍ଚିଲେ । ସେମାନଙ୍କ ସଙ୍ଗେ ଯୁଦ୍ଧ ହେଲା । ଈଶ୍ବରଙ୍କ ଦୟାରୁ କୌଣସିମତେ ମରଣରୁ ଉଧୁରି ଗଲୁ ।

ଦିନେ 'ପାଣିଛୁଅଁଡ଼ା' ମୁଣ୍ଡିଆ ଉପରେ ବସି ଏଇସବୁ କଥା ଭାବୁଛୁ । ଏଇ କଥା ନେଇ ଗପସପ ଚାଲିଛି, ଏତିକିବେଳେ ଦୂର ସମୁଦ୍ର ପାଣିରେ ପାଲଟେଣା ବୋଇତ ଭଳିଆ କ'ଣ ଗୋଟାଏ ଦେଖାଗଲା । ଆମେମାନେ ପାହାଡ଼ ଉପରକୁ ଉଠିଗଲୁ । ଦେଖିଲୁ, ଗୋଟିଏ ପାଲଟେଣା ବୋଇତ ଆମ ଆଡ଼କୁ ଆସୁଛି । ମନଟା ଖୁସି ହେଲା ।

ଭାବିଲୁ, ଆମ ଦେଶର କି ଭାରତର ଆଉ କୌଣସି ରାଜ୍ୟର ବୋଇତ ହୋଇଥିବ । ଏ ଦ୍ୱୀପକୁ ଆସିଲେ ସେଥିରେ ଆମେମାନେ ନିଜ ଦେଶକୁ ଫେରିଯିବୁ । ଏଇ କଥା ଭାବୁ ଭାବୁ ନିଜ ଦେଶକଥା ମନେ ପଡ଼ିଗଲା । ନିଜ ନିଜର ବାପ ମା, ବନ୍ଧୁ ବାନ୍ଧବଙ୍କୁ ଆଖି ଆଗରେ ଦେଖିଲା ପରି ମନେ ମନେ ଦେଖିଗଲୁ ।

କ୍ରମେ ବୋଇତଟି ହ୍ରଦର ମୁହାଣ ପାଖରେ ପହଞ୍ଚିଲା । ଭାବିଲୁ କାଳେ ବୋଇତର ଲୋକେ ଏ ଦ୍ୱୀପରେ ନ ଓହ୍ଲାଇବେ । ଆମେମାନେ ତ ଆଉ ଯାଇ ପାରିବୁ ନାହିଁ । ଏଇକଥା ଭାବି ତିନିହେଁ ନଡ଼ିଆଛାଲି ପତାକା ତିନିଖଣ୍ଡ ଉଡ଼ାଇଲୁ । ସେମାନେ ଆମ ପତାକା ଦେଖିପାରିଲେ । ସାଙ୍ଗେ ସାଙ୍ଗେ ଉତ୍ତରରେ ସେମାନଙ୍କ ପତାକା ଉଡ଼ିଲା । ବୋଇତରୁ ଖଣ୍ଡିଏ ନାହାରେ କେତେଜଣ ଲୋକ କୂଳ ଆଡ଼କୁ ଆସିଲେ । ଏହା ଦେଖି ଆମମାନଙ୍କ ମନ ଆନନ୍ଦରେ ପୂରି ଉଠିଲା ।

କିନ୍ତୁ କିଛି ସମୟ ପରେ ଦେଖିଲୁ ବୋଇତରେ କଳା ପତାକା ଉଡ଼ୁଛି । ପତାକାରେ ମଣିଷ ମୁଣ୍ଡ ଚିହ୍ନ ଅଛି । ଆମମାନଙ୍କର ବୁଦ୍ଧି ହଜିଗଲା । ଆଖିବାଟେ ଜୁଳୁଜୁଳିଆ ବାହାରିଗଲା । ବୁଝିନେଲୁ ଯେ ଏଇ ବୋଇତଟି ଜଳ ଡକାଇତଙ୍କର । ସେମାନଙ୍କ ଠାରୁ ବଳି ନିଷ୍ଠୁର ଲୋକ ନାହାନ୍ତି । ଆମେମାନେ ସେମାନଙ୍କ ହାତୁଡ଼ରେ ପଡ଼ିଲୁଣି । ଆଉ କି ରକ୍ଷା ଅଛି !

ଏଇକଥା ଭାବୁଣୁ ନ ଭାବୁଣୁ ଗୁଡ଼ାଏ ଠି' ଢା ଶବ୍ଦ ହେଲା । ବୋଇତ ପାଖରେ ଧୂଆଁ ଦେଖାଗଲା । ଅନାଇ ଅନାଇ ଆମମାନଙ୍କ ନିକଟରେ ସର୍ ସାର୍ ହୋଇ ଗୁଳି ପଡ଼ିଲା । ଭାଗ୍ୟ ବଳରୁ ଦେହରେ ବାଜିଲା ନାହିଁ । କଣ କରିବୁ ଠିକ୍ କରି ପାରିଲୁ ନାହିଁ । ଡଙ୍ଗାଟା ଆସି କୂଳରେ ଲାଗିଲା । ନାହାର ଲୋକେ ବାଲି

ଉପରକୁ ଖପ୍ ଖାପ୍ ଡେଇଁ ପଡ଼ିଲେ । ଧାଡ଼ି ହୋଇ ଆମ ବସା ପାଖକୁ ଦୌଡ଼ଗଲେ । ସେତେବେଳକୁ ଆମେମାନେ ଛପି ଯାଇଥାଉ । କିନ୍ତୁ ସେମାନଙ୍କୁ ଖଞ୍ଜରେ ଅନାଇଥାଉ ।

କିଛି ସମୟ ପରେ ସେମାନେ ନାଆ ପାଖକୁ ଫେରିଲେ । ସେମାନଙ୍କ ଭିତରୁ ଜଣେ ଲୋକ ଆମମାନଙ୍କ ବିଲେଇଟାକୁ ଘେନି ଆସିଥାଏ । ସେ ବିଲେଇର ଲାଞ୍ଜ ଧରି ବୁଲେଇ ବୁଲେଇ ହ୍ରଦ ପାଣିକୁ ଫୋପାଡ଼ି ଦେଲା । ତା'ପରେ ସେମାନେ କଣ କଥାବାର୍ତ୍ତା ହେଲେ । ସେ ବୋଇତଟା ଆସି କୂଳରେ ଲାଗିଲା । ସେଥିରୁ ସମସ୍ତେ ଓହ୍ଲାଇଲେ । ଆମମାନଙ୍କୁ ଖୋଜିବାକୁ ଚାରିଆଡ଼କୁ ବାଣ୍ଟି ହୋଇଗଲେ ।

ଆମେ ଭାରି ଡରିଲୁ ! ବଣରେ ଛପିଲେ ତ ଖୋଜି ବାହାର କରି ମାରିପକାଇବେ । ଶେଷରେ ଗୋଟିଏ ଉପାୟ ଠିକ କଲୁ । ଘାସଗୁମ୍ଫାରେ ଲୁଚିଲେ ସେମାନେ ପାଇପାରିବେ ନାହିଁ । ସେଇଆ କରିବୁ ବୋଲି ଭାବିଲୁ । କିନ୍ତୁ ସେଠାକୁ ପାଣିରେ ବୁଡ଼ି କରି ଯିବାକୁ ହେବ । ଆ'ନ ବୁଡ଼ି ଜାଣେ ନା' । ତାକୁ ଆମେ ଦୁହେଁ ଧରି କରି ନେବୁ । ଏଥିରେ ସେ ପହିଲୁ ଅମଙ୍ଗ ହେଲା । କିନ୍ତୁ ଆଉ କିଛି ଉପାୟ ନ ଥିବାରୁ ଶେଷରେ ମଙ୍ଗିଲା ।

ସେତେବେଳକୁ ପାଞ୍ଚଜଣ ଲୋକ ଆମମାନଙ୍କୁ ଦେଖି ସାରିଲେଣି । ତେଣୁ ଧରିବାକୁ ଧାଇଁ ଆସନ୍ତି । ଏମାନେ ଯେତେବେଳେ ପାହାଡ଼ ତଳେ ପହଞ୍ଚିଲେ ଆମେମାନେ ସେତେବେଳେ ବୁଡ଼ା ମାରି ଲୁଚିଗଲୁ । ସେମାନେ ଆଉ ଦେଖିପାରିଲେ ନାହିଁ । ସେମାନେ ପାହାଡ଼ ଉପରକୁ ଉଠିବାକୁ ଲାଗିଲେ । ଆମେମାନେ ଡର ଡର ହୋଇ ପାଣିରେ ବୁଡ଼ିଗଲୁ । ନିମିଷକେ ଯାଇ ଘାସ ଗୁମ୍ଫାରେ ଉଠିଲୁ ।

ଏଇ ଗୁହା କାନ୍ଥିରେ ବଡ଼ ବଡ଼ ପଥର ଖଣ୍ଡ ପଦାକୁ ବାହାରିଥାଏ । ଏଭଳିଆ ଖଣ୍ଡେ ବଡ଼ ପଥର ଉପରେ ବସିଲୁ । ଅନ୍ଧାର ହୋଇଥାଏ । ମୁଁ ଓ ବାପା ଏଠିକି କେତେଥର ମଶାଲ ଧରି ଆସିଥିଲୁ । କେତେଟା ମଶାଲ ଏଇ ପଥର ଉପରେ ରଖିଦେଇ ଯାଇଥିଲୁ । ମଜ୍ଜା କରିବା ନିମନ୍ତେ ଥରେ ଥରେ ଏଠିକି ଫଳ-ମୂଳ ପ୍ରଭୃତି ଆଣୁ । କିଛି ଖାଉ, ବାକି ଯାହା ବଳେ ରଖି ଦେଇ ଯାଉ । କେତେବେଳେ ଯଦି ଡକାମାନେ ତଡ଼ି ଦେବେ, ତେବେ ଆମେମାନେ ଆସି ଏଇ ଗୁହାରେ ରହିବୁ । ଏଇ ଫଳମୂଳ ସବୁ ଖାଇବୁ । ଏଇ ମଶାଲ ଜାଳିବୁ । ଏଇଆ ଭାବି ଏଗୁଡ଼ିକ ରଖିଥାଉ ।

ସତକୁ ସତ ସେଇଆ ଘଟିଲା । ଏଥକି ସେ ଡକାମାନଙ୍କ ବଦଳରେ ଆମରି ଜାତିର ଲୋକ—ଆମରି ଜାତିର ଜଳଦସ୍ୟୁ ଆମକୁ ଏଠାକୁ ତଡ଼ିଲେ । ଯାହାହେଉ ଗୋଟାଏ ମଶାଲ ଲଗାଇଲୁ । ନଡ଼ିଆ, କଦଳୀ ପ୍ରଭୃତି ଫଳମୂଳ ଥିଲା । ସେଥିରୁ ପେଟେ ଲେଖାଏଁ ଖାଇଲୁ । ନଡ଼ିଆ ଛାଲି ଆଗରୁ କେତେଖଣ୍ଡ ସେଠି ରଖିଥିଲୁ । ସେଗୁଡ଼ିକ ଏତେବେଳେ ଆମର ଦରକାରରେ ଆସିଲା ।

ଗୁମ୍ଫା ଭିତରଟାରେ ତଳେ ପାଣି । ଖରା ତେଜ ପଡ଼େ ନାହିଁ । ସେଥିଯୋଗୁ କାନ୍ଥିରୁ ବାହାରିଥିବା ପଥର ଗୁଡ଼ିକ ହେମାଳିଆ ଲାଗୁଥାଏ । ଆମେ ନଡ଼ିଆ ଛାଲିରୁ କେତେଖଣ୍ଡ କମ୍ବଳ ଭଳିଆ ବିଛାଇଲୁ । ତା'ଉପରେ ଶୋଇଲୁ । କିଛି ସମୟ ପରେ ସମୁଦ୍ର ପାଣିରେ ଯେଉଁ ଆଲୁଅ ପଡ଼ିଥିଲା ତାହା ଲିଭିଗଲା । ତେଣୁ ରାତି ହେଲା ବୋଲି ଜାଣି ପାରିଲୁ । ଈଶ୍ୱରଙ୍କୁ ଡାକି ସେଇଠି ଶୋଇଗଲୁ ।

ସେତେବେଳେ ଉଠିଲୁ, ଦେଖିଲୁ ସେ ସମୁଦ୍ର ପାଣିରେ ସେମିତ ଆଲୁଅ ପଡ଼ୁଛି । ଜାଣିଲୁ ଦିନ ହେଲା । କିନ୍ତୁ କେତେଟା ସମୟ ବୁଝିପାରିଲୁ ନାହିଁ । ପଦାକୁ ଯିବାକୁ ମନ ହେଉଥାଏ । କିନ୍ତୁ ଡର ହେଉଥାଏ । କାଳେ ଜଳଡକାୟତଙ୍କ ଆଗରେ ପଡ଼ିଯିବୁ । ଶେଷରେ ମୁଁ ଯିବାର ଠିକ୍ ହେଲା । ଖୁବ୍ ହୁସିଆରରେ ଯିବାକୁ ସାର ଉପଦେଶ ଦେଲା ଓ ଛପି ଛପି ଗଛରେ ଚଢ଼ି କେତେଟା ନଡ଼ିଆ ତୋଳି ଆଣିବାକୁ କହୁଥାଏ ।

ମୁଁ ବୁଡ଼ାଟାଏ ମାରି ପଦାକୁ ଆସିଲି । ଖୁବ ଆସ୍ତେ ଆସ୍ତେ ପାଣି ଭିତରୁ ଉଠିଲି । ଦେଖିଲି କେହି ନାହାନ୍ତି । ତା'ପରେ ଛପି ଛପି ପାହାଡ଼ ଉପରକୁ ଉଠିଲି । କାହାରିକୁ ଦେଖିବାକୁ ପାଇଲି ନାହିଁ । ଭାବିଲି ବୋଧହୁଏ ଜଳଦସ୍ୟୁମାନେ ପଳାଇଲେଣି । ସମୁଦ୍ରକୁ ଅନାଇ ଦେଖିଲି ଯେ ଦୂର ଦିଗ୍‌ବଳୟ ତଳେ ସେମାନଙ୍କର ବୋଇତ ଦିଶୁଛି । ମନଟା ଖୁସି ହେଲା । ଆନନ୍ଦରେ ଚିତ୍କାର କରି କହିପକାଇଲି, "ବଦ୍‌ମାସ୍‌ଙ୍କୁ ଆଚ୍ଛାକରି ଠକିଲୁ !" ଏତିକି କଥା ମୋ ପାଟିରୁ ଶେଷ ହେଉଣୁ ନ ହେଉଣୁ ଜଣେ କିଏ ପଛଆଡ଼ୁ ଆସି ମୋ ବେକସନ୍ଧାରେ ହାତ ପକାଇ ଖୁବ୍ ଜୋରରେ ଚିପି ଧରିଲା ।

ମୁଁ ଚମକି ପଡ଼ିଲି । ବୁଲିପଡ଼ି ଦେଖିଲି ଜଣେ ପାଞ୍ଚହାତିଆ ଲୋକ ମତେ ଧରିଛି । ମୁଁ ଆବାକାବା ହୋଇଗଲି । ସେ ବିକଟ ହସଟାଏ ହସି କହିଲା, "ଆଚ୍ଛା କିଏ କାହାକୁ ଠକିଛି ଦେଖିବା !"

ସେ ଲୋକଟାକୁ ଦେଖି ମୋର ପିଳେହି ପାଣି ହୋଇଗଲା । ଖୁବ୍ ମୋଟା ସୋଟା ଡେଙ୍ଗା ମଣିଷଟାଏ । ନାଲି ଦାଢ଼ି ରଖିଛି, ଆମରି ଜାତିର ଲୋକ, ଆମରି ଭାଷା କହୁଥାଏ, ଦାମିକା ପୋଷାକ ପିନ୍ଧିଥାଏ, ମୁଣ୍ଡରେ ପାଗ ଥାଏ । କମରରେ ଝଣ୍ଡେ ପାଟ କମର-

ବନ୍ଧ ଭିଡ଼ିଥାଏ । ସେଥିରେ ଦୁଇଟା ପିସ୍ତଲ ଓ ଗୋଟାଏ ଗୁପ୍ତି ଝୁଲୁଥାଏ ।

ମତେ ଧରିଲାକ୍ଷଣି ସେ ସିଟି ମାରିଦେଲା । ସାଙ୍ଗେ ସାଙ୍ଗେ ଜଙ୍ଗଲରେ ସିଟି ବାଜିଲା । ନାଆରେ ଅଉ କେତେଜଣ ଡକାୟତ ଚାଲିଆସିଲେ । ଆମ ପାଖ କୂଳରେ ନାଆ ଲାଗିଲା । ସେମାନେ ଓହ୍ଲାଇ ଆମ ଦି' ଜଣଙ୍କ ପାଖରେ ପହଞ୍ଚିଲେ । କେତେଜଣ ଗଦାଏ ନିଆଁ ଲଗାଇଲେ । ନିଆଁ ହୁ ହୁ ଜଳିଲା । ଅନେଇ ଦେଖିଲି —ନିଆଁ ଦେଖି ସେମାନଙ୍କର ବୋଇତ ଖଣ୍ଡି ସମୁଦ୍ରରୁ କୂଳକୁ ଫେରି ଆସିଲା ।

ମତେ ଯେଉଁ ଲୋକଟି ଧରିଥିଲା, ତାକୁ ସମସ୍ତେ ଆଜ୍ଞା ଆଜ୍ଞା କହୁଥାନ୍ତି । ସେ ବୋଧହୁଏ ଜଳ ଡକାୟତ ଦଳର ସରଦାର ।

ସେ ସରଦାର ମୋ ସାଙ୍ଗ ଦି'ଜଣଙ୍କ କଥା ପଚାରିଲା । ମୁଁ ନ କହିବାରୁ ପିସ୍ତଲ ଦେଖାଇ ମୋତେ ଧମକ ଦେଲା । ମୋ ମୁଣ୍ଡକୁ ପିଟି ଛତୁ କଢ଼ାଇଦେବ ବୋଲି କହିଲା । ମୁଁ କିନ୍ତୁ ଡରିଲି ନାହିଁ । ମୋତେ ସମୁଦ୍ର ପାଣିକୁ ଫୋପାଡ଼ିଦେବେ ବୋଲି କହିଲେ । ମୁଁ ଡରୁ ନ ଥାଏ । ମୁଁ ତ ସେଇଆ ଖୋଜୁଥାଏ— କାହିଁକି ନା, ମୋତେ ପାଣିକୁ ଫୋପାଡ଼ିଦେଲେ ମୁଁ ସୁରୁଖୁରୁରେ ଯାଇ ଧୀବର ଗୁମ୍ଫାରେ ଉଠିବି । ମୋର ଠାଣି ଦେଖି ସରଦାରଙ୍କ ହୁକୁମରେ ମୋତେ ପାଣିକୁ ପକାଇଦେବାକୁ ନେଉଥିଲେ । ଫେର କାହିଁକି ସରଦାର ମନା କଲେ । ମୋ ନଖରେ ବେତ କଣ୍ଟା ଗଲେଇ ତା'ପରେ ଶଙ୍ଖମଗର ମୁହଁରେ ପକାଇ ଦେବାକୁ କହିଲେ ।

ଶେଷରେ ସରଦାରଙ୍କ ହୁକୁମରେ ମତେ ଟେକି ନେଇ ନାଅରେ ବସାଇଲେ । ସେମାନେ ମଧ୍ୟ ବସିଲେ । ତା'ପରେ ନାଅ ଖଣ୍ଡି ବୋଇତ ପାଖକୁ ବାହି ନେଲେ । ଜଣେ ମୋତେ ନେଇ ବୋଇତ ଉପରେ ଧୁମ୍ କରି କଚାଡ଼ି ଦେଲା । ଭାରି ବାଜିଲା । ଘଡ଼ିଏ ଯାଏ ଉଠିପାରିଲି ନାହିଁ । ତା'ପରେ ସେମାନେ ନାଅଟିକୁ ବୋଇତ ଉପରେ ନେଇ ଥୋଇଲେ । ବୋଇତରେ ସବୁମୋଟ ଚାଳିଶଜଣ ଥାନ୍ତି । ବୋଇତରେ ପାଲ ଟାଣିଲେ । ପବନ ବହୁଥାଏ । ବୋଇତଟି ସମୁଦ୍ର ଭିତରକୁ ଭାସି ଭାସି ଗଲା ।

ବୋଇତ ଚାଲୁଥାଏ । ମୁଁ ଦ୍ୱୀପ ଆଡ଼କୁ ଅନାଇ ରହିଥାଏ । କେତେ ଘଡ଼ି ପରେ ଦ୍ୱୀପଟି ଆଖି ଆଗରୁ ଲୁଚିଗଲା । ମୋର ସଙ୍ଗୀମାନଙ୍କ କଥା ମନେ ପଡ଼ିଗଲା । ମତେ ଭାରି କାନ୍ଦ ମାଡ଼ିଲା । ମୁଁ କାନ୍ଦ ପକାଇଲି । ମୋର ଆଖିରୁ ଧାର ଧାର ହୋଇ ଲୁହ ଗଡ଼ିଗଲା । ସରଦାର ମୋର ଲୁହବୁହା ଦେଖି ଦୌଡ଼ିଆସି ମୋ ଗାଲରେ ଚାପୁଡ଼ାଏ ପକାଇଲେ । ମୋ କାନମୂଳ ଝାଇଁ ଝାଇଁ ହୋଇଗଲା । ଆଖିରୁ ଜୁଳୁଜୁଳିଆ ବାହାରିଗଲା । ମୁଣ୍ଡ ଘୂରିଗଲା । ମୁଁ ଭାରି ରାଗିଗଲି । କିନ୍ତୁ ଭୟରେ ତୁନିହୋଇ ରହିଲି । ଜଳକୁ ଯିବାକୁ ସେ ମୋତେ ହୁକୁମ ଦେଲେ । ମୁଁ କଳ ଚାଲିଲା ପରି ତାଙ୍କ କଥା ମାନି ଥିର୍ କରି ଚାଲିଗଲି ।

ଯାଉଁ ଯାଉଁ ଗୋଟାଏ କାଠ ବାକ୍ସ ଦେଖିଲି । ସେଥିରେ ଲେଖା ହୋଇଥାଏ ଗୋଳା ବାରୁଦ । ଆମ ଦ୍ୱୀପ ଆଡ଼କୁ ପବନ ଦେଉଥାଏ । ମୁଁ ଭାବିଲି—ଏଇଟାକୁ ସମୁଦ୍ରରେ ପକାଇଦେଲେ ଭସି ଭସି ଯାଇ ଆମ ଦ୍ୱୀପରେ ଲାଗିବ । ମୋ ସାଙ୍ଗ ଦହେଁ ପାଇପାରନ୍ତି । ତାଙ୍କର ତ ପିସ୍ତଲ ଅଛି । ଗୋଳାବାରୁଦ ପାଇଲେ ଭାରି ଖୁସି ହେବେ । ଏଇଆ ଭାବି ସେ ବାକ୍ସଟାକୁ

ପାଣିରେ ପକାଇଦେଲି । ମୋର ଜୀବନକୁ ଆଶା ନ ଥାଏ । ଉଠିବ ବା ଭାବୁଁକି ? ମୋର ଏପରି କାମ ଦେଖି ସମସ୍ତେ ଦୌଡ଼ି ଆସିଲେ । ସରଦାର ମୋତେ ମାରିବାକୁ ବସିଲେ । ଏମିତି କରିବାର କାରଣ ପଚାରିଲେ । ମୁଁ ନିର୍ଭୟରେ ସଫା କଥା କହିଗଲି । ଏଥର ସେ ବେଶୀ ନ ରାଗି ଆଶ୍ଚର୍ଯ୍ୟ ହୋଇଗଲେ । ମୋତେ ଆଉ ମାରିଲେ ନାହିଁ ।

ତା'ପରେ ମୁଁ ଯାଇ ତଳମହଲରେ ବସିଲି । ମୋତେ କେତେ ଗୁଡ଼ାଏ ଲୋକ ଘେରି ବସିଲେ । କେତେ କଥା ପଚାରିଲେ ମୁଁ ଟିକିଏ ହେଲେ ନ ଡରି ଉତ୍ତର ଦେଉଥାଏ । ସେମାନେ ଖାଇବାକୁ ଆଣିଦେଲେ । ମୋତେ ଭାରି ଭୋକ କରୁଥିଲା । ପେଟେ ଖାଇଲି । ସେମାନେ ଠାରଠୁରରେ କଣ କଥାବାର୍ତ୍ତା ହେଉଥାନ୍ତି । କହୁଥାନ୍ତି—"ଅଚ୍ଛା ଗୋଟାଏ ହେବ ? କଣ ହାତୀ ବଳେ ପୋଷା ମାନିଯିବ ସେ ?

ଉପର ଓଳଟା ମୁଁ ଏକାକି ବସି ରହିଲି । କେତେ କଥା ଭାବୁଥାଏ, ମୋ ଜୀବନ କଥା, ସାଙ୍ଗମାନଙ୍କ କଥା, ବାପା ବୋଉ କଥା, ସାଇ ପଡ଼ିଶା କଥା ଆଉ ବନ୍ଧୁ ବାନ୍ଧବଙ୍କ କଥା । କ୍ରମେ ସଂଜ ହୋଇଗଲା । ରାତି ଦି'ଘଡ଼ି ବେଳେ ସରଦାର ମୋତେ ଡାକି ପଠାଇଲେ । ମାଧବୋଲି ସେ ବୋଇତରେ ଗୋଟିଏ ଲୋକ ଥାଏ । ସେ ସରଦାରଙ୍କ କୋଠରୀକୁ ମୋତେ ବାଟ ଦେଖାଇ-ଦେଲେ ।

ମୁଁ ସରଦାରଙ୍କ ପାଖରେ ପହଞ୍ଚିଲି । ସରଦାର ଖଣ୍ଡିଏ ଚୌକିରେ ବସିଥିଲେ । ମେଜ ଉପରେ ଖଣ୍ଡେ ପ୍ରଶାନ୍ତ ମହାସାଗରର ନକ୍ସା ପକାଇ କଣ ଦେଖୁଥିଲେ । ଗୋଟାଏ ରୁପା ଝାଡ଼ ଛାତରୁ ଝୁଲୁଥିଲା । ଝାଡ଼ ଆଲୁଅରେ କୋଠରୀଟି ଆଲୋକିତ ହେଉଥିଲା ।

ସରଦାର ମୋତେ ବସିବାକୁ କହିଲେ । ମୁଁ ବସିଲି । ସେ ଚୌକିରୁ ଉଠିଯାଇ ଖଟ ଉପରେ ଶୋଇଲେ । ମୋ ଘର କେଉଁଠି, ଏଠିକି କିପରି ଆସିଲି, ନାଁ କଣ, ଏମିତି କେତେକଥା ପଚାରିଲେ । ମୁଁ ସତକଥା କହିଗଲି । କେବଳ 'ହୀରାଗୁମ୍ଫା' କଥା ଲୁଚାଇ ଥାଏ ।

ତା'ପରେ ସେ ମୋତେ କହିଲେ ଯେ ଏ ବୋଇତ ଜଳ ଡକାୟତଙ୍କର ନୁହେଁ । ସେ ଜଣେ ଚନ୍ଦନକାଠ ବେପାରୀ । ଅନେକ ଲୋକ ଗୁଡ଼ିଏ ତାଙ୍କ ଅଧୀନରେ କାମ କରନ୍ତି । ତାଙ୍କ ବେପାରର ଲାଭରୁ ଭାଗ ନିଅନ୍ତି । ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜରେ ସେମାନଙ୍କ ବେପାର ଚଳେ । ତାଙ୍କର ଚାକରମାନେ ଲୋକଙ୍କୁ ଡରାଇବା ଲାଗି ବେଳେବେଳେ କୌତୁକରେ ବୋଇତରେ କଳା ପତାକା ଉଡ଼ାନ୍ତି କିନ୍ତୁ ପ୍ରକୃତରେ ସେମାନେ ଜଳ ଡକାୟତ ନୁହଁନ୍ତି । ମୁଁ ତାହାଙ୍କ କଥା ନ ମାନିବାରୁ ସେ ମୋ ସହିତ ଏପରି ବ୍ୟବହାର କଲେ ।

ଶେଷରେ ମୋ ଉପରେ ତାଙ୍କର ଭାରି ବିଶ୍ୱାସ ହେଲା ବୋଲି କହିଲେ । ତାଙ୍କର କାଠ ବେପାରର ଲାଭରୁ ମୋତେ ଭାଗ ଦେବେ ବୋଲି ଜବାବ ଦେଲେ । ମୋର ପହିଲୁ ମନ ହେଉ ନ ଥିଲା । ମନରେ ଭାବିଲି, ଏହି ବୋଇତରେ ଯାଇ ଗୋଟାଏ ଶିକ୍ଷିତ ଦେଶରେ ପହଞ୍ଚି ପାରିବି । ସେଠାରୁ ଆମ ଦେଶକୁ କୌଣସି ମତେ ଫିରିବାକୁ ଚେଷ୍ଟା କରିବି । ଏଇକଥା ଭାବି ତାଙ୍କ କଥାରେ ରାଜି ହେଲି । ସେ ଭାରି ଖୁସି ହେଲେ ଓ ମୋତେ ମୋ କୋଠରୀକୁ ବିଦା କରିଦେଲେ ।

## —ଏଗାର—

ଏ ଘଟଣା ପରେ ଅନେକ ଦିନ କଟିଗଲା । ମୁଁ ସୁଟେଙ୍କୁଃଙ୍ଗେ ବୋଇତରେ ଥାଏ । ଦିନକର ଖରାବେଳ, ଭାରି ଟାଣ ଖରା, ଭାରି ଗରମ । ବୋଇତର ଲୋକ ଗୁଡ଼ାକ ଶୋଇ ପଡ଼ିଥାନ୍ତି । ଚାରିଆଡ଼ ନିଶୂନ ବୋଧ ହେଉଥାଏ । ପ୍ରକୃତି ମଧ୍ୟ ଥିର ଥାଏ, ସତେ ଯେପରି ଶୋଇ ପଡ଼ିଛନ୍ତି । ପବନ ଟିକିଏ ହେଲେ ନ ଥାଏ । ବାୟୁମଣ୍ଡଳ ଗୁମ୍ ଖାଇଲା ପରି ବୋଧ ହେଉଥାଏ । ସମୁଦ୍ରରେ ଲହରି ନ ଥାଏ । ଆକାଶ ନିର୍ମଳ । ସମୁଦ୍ର ପାଣିରେ ସୂର୍ଯ୍ୟ କିରଣ ପଡ଼ି ଚକ୍ ଚକ୍ ଦିଶୁଥାଏ । କୁଆଡ଼େ କିଛି ଶବ୍ଦ ନ ଥାଏ । କେବଳ ବୋଇତର ପାଲଟା ମାସ୍ତୁଲ ଦେହରେ ପିଟି ହୋଇ ଧଡ଼ ଧଡ଼ ଶବ୍ଦ କରୁଥାଏ । ବେଳେ ବେଳେ ଗୋଟାଏ ଦି'ଟା ମାଛ ସମୁଦ୍ର ପାଣିରେ ଡେଇଁ ପଡ଼ି ଚବ୍ ଚୁବ୍ କରୁଥାନ୍ତି ।

ମୁଁ ଉପର ଡେକ୍ ବାରଣ୍ଡାରେ ଥାଏ । ବାରଣ୍ଡା ବାଡ଼ାକୁ ଆଉଜି ଘଣ୍ଡ଼ ସମୁଦ୍ର ପାଣିକୁ ଚାହିଁଥାଏ । ମାଧ ସେଠି ଥିଲା । ଆଉ କେହି ନ ଥାନ୍ତି । ସେ ଭାରି ଗମ୍ଭୀର ସ୍ୱଭାବର ଲୋକ । କାହାରି ସାଙ୍ଗରେ ମିଶେନାହିଁ । ଖୁବ୍ କମ୍ କଥା କହେ । ସବୁବେଳେ କ'ଣ ଗୁଡ଼ାଏ ଭାବିଲା ପରି ମୁହଁରୁ ଜଣାପଡ଼େ । ବୋଇତର ଅଉସବୁ ଗୁଣ୍ଡାଙ୍କର ସ୍ୱଭାବ ଭଲ ନୁହେଁ । ଭଲ ହେଉ ନ ହେଉ, ମତେ ଭଲ ଲାଗୁ ନ ଥିଲା । ଭାରି ଉଦ୍ଧତ ସେମାନେ । ଭାରି ନିଷ୍ଠୁର ଓ କୁଟ ପ୍ରକୃତିର ଲୋକ ସେମାନେ । ମତେ ସେମାନଙ୍କ ସଙ୍ଗ ଭଲ ଲାଗେନା । ଏମିତି କି ସେମାନଙ୍କୁ ବେଶି କଥା କୁହେନା । ମୋର ଏମିତିକା ଗୁଣରୁ ସେମାନେ ବି ମୋ ସହିତ ମିଶିବାକୁ ଇଚ୍ଛାକରନ୍ତି ନାହିଁ ।

ଏଇ ମାଧ ସାଙ୍ଗରେ ମିଶିବାକୁ ମୋର ଟିକିଏ ଇଚ୍ଛା ହୁଏ । ତା' ସାଙ୍ଗେ ଦୁଇପଦ ଗପସପ ହେବାକୁ ମୋର ମନହୁଏ । କିନ୍ତୁ ସେ ସବୁବେଳେ ତୁନ୍ ତାନ୍ ଥାଏ । ଆଜି ଉପର ଡେକ୍‌ରେ ଆମେ ଦୁହେଁ ଥିଲୁ । ମାଧ ତା' ଜାଗାରେ ବସିଥାଏ । ବେଳେ ବେଳେ ଶୂନ୍ୟକୁ ଅନାଇଁ କ'ଣ ଗୁଡ଼ାଏ ଭାବୁଥାଏ । ମଝିରେ ମଝିରେ ଛେପ ପକାଇବାକୁ ଡେକ୍ ବାଡ଼ା ପାଖକୁ ଆସେ । ଥରେ ଛେପ ପକାଇବାକୁ ଆସି ମୋ ପାଖରେ ଛିଡ଼ା ହେଲା । ବାଡ଼ାକୁ ଆଉଜି ଥାଏ । ଥିର ଆଖିରେ ସମୁଦ୍ରର ନୀଳ ପାଣିକୁ ଚାହିଁ ରହିଥାଏ । ତାକୁ ଏକୁଟିଆ ପାଇ ମୁଁ କଥା କହି ବସିଲି ।

ସେ କାହିଁକି ସମସ୍ତଙ୍କୁ ଆଡ଼ଆଡ଼ ହୋଇ ରହେ, କାହାସଙ୍ଗେ ମିଳାମିଶା ଗପସପ କରେ ନାହିଁ, ଦୁଃଖରେ ମନମାରି ମଉନ ରହିଲା ପରି ରହିଥାଏ, ଏମିତି କେତେ କଥା ପଚାରିଗଲି । ସେ ଶୁଣିଲା, କିଛି କହୁ ନ ଥିଲା । ଫେର କଣ ବଡ଼ର ଦୀର୍ଘ ନିଶ୍ୱାସଟିଏ ପକାଇ

କହିଲା—"ଆମ ବୋଇତର ଲୋକ ଗୁଡ଼ାକ ଭଲ ନୁହଁନ୍ତି । ବାଘ-ସିଂହଠାରୁ ବଳି ସେମାନଙ୍କର ସ୍ୱଭାବ । ମୁଁ ସେଇଥିଲାଗି ସେମାନଙ୍କ ସଙ୍ଗେ ମିଶେ ନାହିଁ । ମୋ କର୍ମ ଅବଳକୁ, ମୋର ଦୁର୍ଭାଗ୍ୟରୁ ମୁଁ ଏଇ ବୋଇତରେ ଅଛି ।"

ତା' କଥାରେ ମୋ ମନ ମାନିଗଲା । ବୋଇତର ଲୋକ ଗୁଡ଼ାକଙ୍କର ଯେ ଧରଣ, ତା' ମୁଁ ଆଗରୁ ଅନୁମାନ କରି ନେଇଥିଲି । ସେ ବି ସେଇଆ କହିଲା । ତା' କଥା ଆଉ ମୋ କଥା ଖାପ ଖାଇ-ଗଲା । କିନ୍ତୁ ମତେ ସେମାନଙ୍କ ପରି ନ ଭାବି ମୋ ସଙ୍ଗେ ମିଳାମିଶା କରିବାକୁ ତାକୁ କହିଲି । ମୁଁ ଏଠିକି କପରି ଆସିଲି, ତା' ସେ ପଚାରିଲା । ମୁଁ ଲୁଚାଇଲି ନାହିଁ । ଗୋଟି ଗୋଟି କରି ସବୁ କହିଲି । ଶେଷରେ କହିଲି ଯେ ସର୍ଦ୍ଦାର କହୁଛନ୍ତି ଏ ବୋଇତ ଗୋଟିଏ ଭଲ ଦେଶରେ ପହଞ୍ଚିଲେ ସେ ମୋତେ ଛାଡ଼ିଦେବେ । ଟଙ୍କା ପଇସା ବି କିଛି ଦେବେ । ସେ କୁଆଡେ଼ ଜଣେ ଚନ୍ଦନ କାଠ ବେପାରୀ ।

ଏଥିରେ ମାଧ କ'ଣ ଭାବିଲା କେଜାଣି, ମୁଣ୍ଡ ଝୁଙ୍ଗାଇ କହିଲା, "କ'ଣ ଛାଡ଼ିଦେବେ ? ମିଛ କଥା । ଅସମ୍ଭବ । ସେ ଚନ୍ଦନ କାଠ ବେପାରୀ ସତ, କିନ୍ତୁ—"

ଆଉ କ'ଣ କହିବାକୁ ଯାଉଥିଲା, ଏତିକିବେଳେ ବୋଇତର ମାନମନ୍ଦିର ଉପରେ ବସି ଅନାଇ ଥିବା ଲୋକଟା ପାଟିକଲା । ହୁରି ପକାଇ କହିଲା ଯେ ଦୂରରେ ଆଉ ଗୋଟିଏ ବୋଇତ ଦିଶୁଛି । ତା' ପାଟି ଶୁଣି ଆମେ ଧାଇଁ ଗଲୁ । ଆଉ ଯେ ଯେଉଁଠି ଘୁମାଇ ପଡ଼ିଥିଲେ କାଲ୍‌କାଲିଆ ହୋଇ ଡେକ୍ ଉପରକୁ ଚାଲି ଆସିଲେ । ସର୍ଦ୍ଦାର ମଧ୍ୟ ଆସିଲେ । ବୋଇତର ମାନମନ୍ଦିରରେ

ଦୂରବୀକ୍ଷଣରେ ଅନାଇ ସେ କଣ ଦେଖିଲେ । ସେଇ ବୋଇତ ଆଡ଼କୁ ଆମ ବୋଇତକୁ ଚଳାଇବାକୁ ଆଦେଶ ଦେଲେ ।

କିଛି ସମୟ ପରେ ଆମ ବୋଇତ ସେ ବୋଇତ ପାଖକୁ ଚାଲି ଆସିଲା । ଦୁ' ବୋଇତ ଭିତରେ ଅଧ ମାଇଲ୍‌ଏ ତଫାତ ଥାଏ । ସର୍ଦ୍ଦାରଙ୍କ ହୁକୁମରେ ଆମ ବୋଇତରେ କଳିଙ୍ଗ ପତାକା ଉଡ଼ିଲା । ଏମିତି ପତାକା ଉଡ଼ାଇ ଦୁଇଟି ବୋଇତର ଲୋକେ ଚିହ୍ନା ପରିଚୟ ହୁଅନ୍ତି । ଆମ ପତାକା ଉଡ଼ିଲା । ଉତ୍ତରରେ ସେମାନେ ପତାକା ଉଡ଼ାନ୍ତେ, କିନ୍ତୁ ସେମାନେ ତା' କଲେ ନାହିଁ । ବରଂ କିପରି ଦୂରକୁ ପଳାଇବେ ସେଥିପାଇଁ ଜୋରରେ ବୋଇତ ଚଳାଇଲେ ।

ଆମ ସର୍ଦ୍ଦାରଙ୍କର ସନ୍ଦେହ ହେଲା । ସେ କ'ଣ ହୁକୁମ ଦେଲେ । ସାଙ୍ଗେ ସାଙ୍ଗେ ବୋଇତ ଭିତରୁ ମସ୍ତବଡ଼ ତୋପଟାଏ ବାହାରିଲା । ବୋଇତ ଭିତରେ ଏଇଟାକୁ ଲୁଚାଇ ରଖିଥିଲେ । ଏଥିରେ ଗୋଳା ବାରୁଦ ଭର୍ତ୍ତି କଲେ । ସେ ବୋଇତର ଖଣ୍ଡେ ଦୂର ଆଗକୁ ଲକ୍ଷ୍ୟ କରି ତୋପ ଦାଗି ଦେଲେ । ମେଘ ଘଡ଼ଘଡ଼ି ପରି ଶବ୍ଦଟାଏ ହେଲା । ସେ ବୋଇତର ଆଗରେ ପାଣି ଭିତରେ ଗୋଳାଟା ଗୁଡ଼ୁମ୍ କରି ଶବ୍ଦ କରି ପଡ଼ିଲା । ସେମାନେ ଡରିଗଲେ । ପଳାଇଲେ ସେମାନଙ୍କ ବୋଇତକୁ ତୋପ ମାରି ଚୂନା କରିଦେବେ ଭାବି ସେଇଠି ବୋଇତ ଅଟକାଇଲେ । ମୁହୂର୍ତ୍ତକ ମଧ୍ୟରେ ସେମାନଙ୍କ ବୋଇତ ପାଖେ ଆମ ବୋଇତ ଆସି ପହଞ୍ଚିଲା । ଆମ ବୋଇତର ତକ୍ତା ଖଣ୍ଡେ ବାହାରି ପାଣିରେ ପଡ଼ିଲା । କେତେଜଣ ଲୋକ ଓ ସର୍ଦ୍ଦାର ସେଥିରେ ଚଢ଼ିଲେ । ସେମାନେ ତରବାରି ଓ ପିସ୍ତଲ ଧରିଥାନ୍ତି । ସର୍ଦ୍ଦାରଙ୍କ ହୁକୁମରେ ମୁଁ ମଧ୍ୟ ଚାଲିଲି ।

ଆମେ ଭାବିଥିଲୁ, ସେଇଟା ବେପାରି ବୋଇତ । ବୋଧହୁଏ ଭାରତୀୟ ବେପାରି ହୋଇଥିବେ । କିନ୍ତୁ ସେଥିରେ ଜମା ଦଶ ପନ୍ଦର ଜଣ ଅଧା-ଦକ୍ଷିଣୀ ଲୋକ ଥିଲେ । ସେମାନଙ୍କର ହାତ ହତିଆର କିଛି ନ ଥିଲା । ଆମ ସର୍ଦ୍ଦାର ସେ ବୋଇତକୁ ଘେରିଲେ । ସେମାନଙ୍କର ଜଣେ ସର୍ଦ୍ଦାର ଥାଏ । ସେ ମଧ୍ୟ ଜଣେ ଅଧା-ଦକ୍ଷିଣୀ । କେତେ ବର୍ଷ ହେଲା ବୌଦ୍ଧ ହୋଇ ଧର୍ମ ପ୍ରଚାର କରୁଛନ୍ତି । ସେ ଟିକେ ଟିକେ ଓଡ଼ିଆ ଜାଣନ୍ତି । ସେ ବୋଇତଟି ଗୋଟିଏ ବୌଦ୍ଧ ସଂଘର । ବୌଦ୍ଧଧର୍ମ ପ୍ରଚାର କରିବାକୁ ଯାଏ । ମାଲମତା ଭିତରେ ଶହେପଚାଶ ମହଣ ନଡ଼ିଆ ଓ ଦୋଉଏଟା ଚାଉଳ । ସେ ବୋଇତର ନାମ 'ମୁକ୍ତି' । ଆମ ସର୍ଦ୍ଦାର କ'ଣ ଭାବି ସେ ସର୍ଦ୍ଦାରକୁ ଭାରି ଆଦର କଲେ । ଦଣ୍ଡେ ଘଣ୍ଟେ ତାଙ୍କ ସଙ୍ଗେ କଣ ଚୁପ୍‌ଚାପ୍ କଥାବାର୍ତ୍ତା କଲେ । ତା'ପରେ ଆମେମାନେ ଆମ ଡଙ୍ଗାରେ ଚଢ଼ି ସର୍ଦ୍ଦାରଙ୍କ ସଙ୍ଗେ ଫେରି ଆସିଲୁ । 'ମୁକ୍ତି' ବୋଇତଟି ତା' ବାଟରେ ଚାଲିଗଲା । ଆମେ ଆମ ବାଟରେ ବୋଇତ ଚଳାଇଲୁ ।

ସେଇଦିନ ସାଧୁଆବେଳେ ମୁଁ ଖାଇ ବସିଥିଲି । ବୋଇତର ଆଉସବୁ ନାବିକ ମଧ୍ୟ ଖାଇ ବସିଥାନ୍ତି । ସେମାନଙ୍କ ମଧ୍ୟରେ କେତେ ଗପ ଚାଲିଥାଏ । ମୁଁ ନୀରବ ଥାଏ କିନ୍ତୁ ସେମାନଙ୍କ ଗପ ପ୍ରତି କାନ ଦେଇଥାଏ । ସେମାନଙ୍କ କଥାବାର୍ତ୍ତାରୁ ମୋଟାମୋଟି ବୁଝିଲି ଯେ ବୌଦ୍ଧଧର୍ମ ପ୍ରଚାରକଙ୍କ ବୋଇତ ହୋଇ ନ ଥିଲେ ତାକୁ ଲୁଟି କରିବାକୁ ସର୍ଦ୍ଦାର ହୁକୁମ ଦେଇଥାନ୍ତେ । ବୋଇତଟିକୁ ମଧ୍ୟ ତୋପ ମାରି ପାଣିରେ ବୁଡ଼ାଇ ଦିଆଯାଇ ଥାନ୍ତା ।

ଏଥିରେ ମୋର ସନ୍ଦେହ ବଢ଼ିଗଲା । ପ୍ରକୃତରେ ଆମ ସର୍ଦ୍ଦାର ଜଣେ ସାଧବ କି ଜଳଦସ୍ୟୁଙ୍କ ସର୍ଦ୍ଦାର, ଠିକ୍ କରି ପାରିଲି ନାହିଁ । ସେଇଦିନ ଦ୍ୱିପ୍ରହର ବେଳା ଏକୁଟିଆ ବେଳେ ମାଧବଙ୍କୁ ଏଇ କଥା ପଚାରିଲି । ତା' କଥାରୁ ବୁଝିଲି ଯେ ଆମ ସର୍ଦ୍ଦାର ଜଣେ ଚନ୍ଦନ କାଠ ବଣିକ । କିନ୍ତୁ ତାଙ୍କର ପ୍ରଧାନ ପେଶା ଡକାୟତି । ଡକାୟତି ନ ମିଳିଲା ବେଳେ ଚନ୍ଦନ କାଠ ବେପାର କରନ୍ତି । ସେ ଅନ୍ୟ କୌଣସି ବେପାରୀ ବୋଇତ ଦେଖିଲେ ତା' ଉପରେ ଚଢ଼ାଉ କରନ୍ତି । ସେଥିରୁ ସବୁ ମାଲମତା ଲୁଟି ନିଅନ୍ତି । ନାଉରିଗୁଡ଼ାକୁ ମାରିପକାନ୍ତି । ବୋଇତକୁ ପାଣିରେ ବୁଡ଼ାଇ ଦିଅନ୍ତି । ସମୟ ସମୟରେ କୌଣସି ଦ୍ୱୀପରେ ବୋଇତ ଲଗାନ୍ତି । ସେଠାକାର ଲୋକମାନଙ୍କର ଧନ ସମ୍ପତ୍ତି ଲୁଟି ଆଣନ୍ତି । ସେମାନଙ୍କ ପ୍ରତି ବହୁତ ଅତ୍ୟାଚାର କରନ୍ତି । ଏପରି ନୃଶଂସ ଅତ୍ୟାଚାର ଦେଖିଲେ ଛାତି ଥରି ଉଠିବ । ଆଖିରେ ଲୁହ ଭରି ଆସିବ ।

ପ୍ରଶାନ୍ତମହାସାଗରର ଅଧିକାଂଶ ଦ୍ୱୀପର ଅଧିବାସୀ ଦ୍ୱୀପାନ୍ତରୀ (Indonesian) କିମ୍ବା ଆଦ୍ୟ-ଦକ୍ଷିଣୀ (Proto-Australoid) । କିନ୍ତୁ ଅନେକ ଦ୍ୱୀପର ଅଧିବାସୀ ଭେଡ଼ା ଜାତିର (Veddoid) ଲୋକ । ସେମାନେ ମଣିଷ ମାଂସ ଖାଆନ୍ତି । ବିଦେଶୀ ଲୋକଙ୍କ ଉପରେ ଭାରି ଅତ୍ୟାଚାର କରନ୍ତି । କେବଳ ଯେଉଁଠି ବୌଦ୍ଧଧର୍ମ ପ୍ରଚାର ହୋଇଥାଏ ସେଠିକାର ଲୋକେ ଭଲ । ସେମାନେ ଭଲ ବ୍ୟବହାର କରନ୍ତି । ସେଇଥିପାଇଁ ଆମ ସର୍ଦ୍ଦାର ବୌଦ୍ଧଧର୍ମ ପ୍ରଚାରକଙ୍କ ଉପରେ ଅତ୍ୟାଚାର କରନ୍ତି ନାହିଁ । କାରଣ ଦରକାର ବେଳେ ଖାଦ୍ୟ ଓ ଜଳ ଆଣିବା ପାଇଁ ତାଙ୍କୁ କୌଣସି ଦ୍ୱୀପରେ ବୋଇତ ଲଗାଇବାକୁ ପଡ଼େ । ଏଥିପାଇଁ ବୌଦ୍ଧଧର୍ମ ପ୍ରଚାର

ହୋଇଥିବା ସ୍ଥାନଗୁଡ଼ିକ କେବଳ ନିରାପଦ ସ୍ଥାନ । ଏହାପରେ ଗୋଟିଏ ଦ୍ୱୀପରେ ବୋଇତ ଲଗାଇ ଖାଦ୍ୟ ପଦାର୍ଥ ଅଣାଗଲା । ତେଣୁ ସର୍ଦ୍ଦାରଙ୍କର ବୌଦ୍ଧଧର୍ମ ପ୍ରଚାରକଙ୍କ ପ୍ରତି ଏତେ ଶରଧା ।

ଏହାପରେ ଦୁଇ ତିନି ଦିନ ଚାଲିଗଲା । ଆମ ବୋଇତ ଚାଲିଥାଏ । ବାଟରେ କେତେଗୁଡ଼ିଏ ଛୋଟ ଛୋଟ ଦ୍ୱୀପ ପଡ଼ିଲା । ଆମେ ଦ୍ୱୀପର ଖୁବ୍ ନିକଟରେ ବୋଇତ ଚଳାଉଥାଉ । କିନ୍ତୁ ନାଉରିମାନେ ଏଠି ବଡ଼ ହୁସିଆରରେ ଥାନ୍ତି । କାରଣ ଏ ଦ୍ୱୀପଗୁଡ଼ିକରେ ଖାଲି ଡେଙ୍ଗା ବାସିନ୍ଦା । ନିକଟରେ ପାଇଲେ ସେମାନେ ଆମପ୍ରତି ଅତ୍ୟାଚାର କରିପାରନ୍ତି । ତା'ଛଡ଼ା ଏ ସ୍ଥାନରେ ସମୁଦ୍ର ମଝିରେ ଅନେକ ପାହାଡ଼ ପାଣିରେ ବୁଡ଼ିକରି ଥାଏ । ସେଥିରେ ବୋଇତ ବାଜିବାର ଭୟ ମଧ୍ୟ ଥାଏ ।

ଦିନେ ଆମ ବୋଇତରୁ ପିଇବା ପାଣି ସରିଗଲା । ପାଣି ଅଣିବା ପାଇଁ ଗୋଟିଏ ଦ୍ୱୀପର କୂଳକୁ ଗଲୁ । ଛୋଟିଆ ଦ୍ୱୀପଟିଏ । ଅସଂଖ୍ୟ ବୃକ୍ଷଲତା ଭରା । ଗୋଟିଏ ଛୋଟିଆ ଝରଣା ଦ୍ୱୀପରୁ ବୋହିଆସି ସମୁଦ୍ରରେ ପଡ଼ୁଛି । ଆମ ବୋଇତ ଦ୍ୱୀପର କୂଳକୁ ଯାଇପାରିଲା ନାହିଁ । କାରଣ କୂଳରେ ଅଳପ ପାଣି । ସେଥିଯୋଗେ ଖଣ୍ଡିଏ ତରଣୀ କାଢ଼ିବା ପାଇଁ ସର୍ଦ୍ଦାର ହୁକୁମ ଦେଲେ । ତରଣୀ ଖଣ୍ଡି ବାହାରି ପାଣିରେ ପଡ଼ିଲା । ପାଞ୍ଚ ସାତଜଣ ନାଉରି ପାଣି ଅଣିବା ପାଇଁ ସେଥିରେ କୂଳକୁ ବାହାରିଲେ । ସେମାନେ ହାତ ହତିଆର ଓ ବନ୍ଧୁକ ନେଇଥାନ୍ତି । ସେମାନେ କୂଳରେ ପହଞ୍ଚିବା ପୂର୍ବରୁ ଶହେଜଣଯାଏ ଡେଙ୍ଗାଜାତୀୟ ଲୋକ ବଣ ଭିତରୁ କୂଳକୁ ବାହାରି ଆସିଲେ । ନାଉରିମାନଙ୍କ ଉପରକୁ ପାହାଡ଼ ଭଳି ଟେକା ପଥର ଫୋପାଡ଼ିଲେ । ସେଥିଯୋଗେ

ନାଉରୀମାନେ କୂଳକୁ ଯାଇପାରିଲେ ନାହିଁ । ସର୍ଦ୍ଦାରଙ୍କ ହୁକୁମରେ ତରଣୀଟି ବୋଇତ ପାଖକୁ ଫେରି ଆସିଲା ।

ସେଇଠୁ ଆମ ବୋଇତରୁ ତୋପଟା କଢ଼ାଗଲା । ସର୍ଦ୍ଦାରଙ୍କ ହୁକୁମରେ ସେ ବେଙ୍ଗାମାନଙ୍କୁ ଲକ୍ଷ କରାଗଲା । ସେମାନେ ଅବାକାବା ହୋଇ ଅନାଇ ଥାନ୍ତି । ଟେକା ପଥର ଫୋପାଡ଼ୁଥାନ୍ତି । ଏତକବେଳେ ତୋପ ଦଗା ହେଲା । ଘଡ଼ଘଡ଼ି ପରି ଶବ୍ଦ ହେଲା । ତୋପର ଗୋଳରେ ମଣିଷଗୁଡ଼ାକ ଓଲଟି ପଡ଼ିଲେ । ଅଧିକାଂଶ ମରିଗଲେ । କେତେଜଣ ଖଣ୍ଡିଆ ଖାବରା ହୋଇଗଲେ । କେତେଜଣ ଜୀବନ ବିକଳରେ ପଳାଇଲେ । ଆହତ ଲୋକଗୁଡ଼ାକ ଯାଇ ନ ପାରି ପ୍ରାଣବିକଳରେ ଗଡ଼ୁଥାନ୍ତି ।

ତାପରେ ଆମର ତୋପ ବନ୍ଦ କରାଗଲା । ତରଣୀରେ ଥିବା ନାଉରୀଗୁଡ଼ିକ କୂଳକୁ ଯାଇ ପାଣି ଆଣିବାକୁ ସର୍ଦ୍ଦାର ହୁକୁମ ଦେଲେ । ଦଣ୍ଡକ ମଧ୍ୟରେ ସେମାନେ ଖାଇବା ପାଣି ନେଇ ଫେରି ଆସିଲେ । ତରଣୀ ଖଣ୍ଡି ବୋଇତରେ ରଖାଗଲା । ସେଇଠୁ ବୋଇତ ଚଳାଇବାକୁ ସର୍ଦ୍ଦାର ହୁକୁମ ଦେଲେ ।

## —ବାର—

ଆମର ବୋଇତ ଚାଲୁଥାଏ । ଏ ଘଟଣାର ଦୁଇଦିନ ପରେ ମୁଁ ଡେକ ଉପରେ ବସିଥିଲି । ଖରାବେଳ ହୋଇଥାଏ । ଅନେକ ନାବିକ ଶୋଇ ପଡ଼ିଥାନ୍ତି । ମୁଁ କେତେ କଥା ଭାବୁଥାଏ । ସେଦିନର ଘଟଣା କଥା ମନେ ପଡ଼ିଗଲା । ମନଟା ଭାରି କଷ୍ଟ ହେଲା । ମୁଁ ଏ ଡକାୟତ ଦଳରେ କିପରି ରହିବି । ସେମାନଙ୍କ ପରି ନିଷ୍ଠୁର କାମ ତ କରିପାରିବି ନାହିଁ । ଖସି ଯିବାର ଉପାୟ ମନେ ମନେ ଖୋଜୁଥାଏ ।

ଏତିକିବେଳେ ମାଧ ଆସି ପହଞ୍ଚିଗଲା । ମୁଁ ତାକୁ ମନ କଥା କହିଲି । ବୋଇତ କୌଣସି ଦ୍ୱୀପ ପାଖରେ ଗଲାବେଳେ ସେଥିରୁ ଡେଇଁ ପଡ଼ି ପଳାଇ ଯିବାକୁ ଭାବୁଛି ବୋଲି ତାକୁ କହିଲି । ସେ କିନ୍ତୁ ମନାକଲା । କହିଲା ଯେ ଏ ସବୁ ଦ୍ୱୀପର ଅଧିବାସୀ ଆଦି-ଦକ୍ଷିଣୀ (Proto-australoid) କିମ୍ବା ଭେଡ୍ଡା ଜାତିର । ମୁଁ

ପଳାଇଗଲେ ବେଡ଼ାମାନଙ୍କ ହାତୁଡ଼ରେ ପଡ଼ିପାରେ । ସେମାନଙ୍କର ଚିହ୍ନଏ ହେଲେ ଦୟାମାୟା ନାହିଁ । ପୁଣି ସେମାନେ ମଣିଷ ମାଂସ ଖାଆନ୍ତି । ସେମାନେ ମତେ ମାଧି ଖାଇଯିବାର ଆଶଙ୍କା ଅଛି । ଏପରି ପଳାଇ ଯିବାକୁ ସେ ବାରମ୍ବାର ମନାକଲା । କାରଣ ଏପରି କାମ କଲେ କେବଳ ମହୁରଗରୁ ଯାଇ କାନ୍ତାରରେ ପଡ଼ିବାକୁ ହେବ ।

ପଳାଇ ଯିବାର ଅନ୍ୟ କିଛି ଉପାୟ ବାହାର କରିବାକୁ ମାଧିକୁ କହିଲି । ସେ ଭାବି ଭାବି ଗୋଟିଏ କଥା କହିଲା । ବୌଦ୍ଧଧର୍ମ ପ୍ରଚୁର ହୋଇଥିବା ଦ୍ୱୀପ ପଡ଼ିଲେ ପଳାଇ ଯିବାକୁ ସେ ମତ ଦେଲା । କାରଣ ସେଠାକାର ଅଧିବାସୀମାନେ ମଣିଷ ମାଂସ ଖାଆନ୍ତି ନାହିଁ । ସେମାନେ ଅତିଥି ବିଦେଶୀ ଲୋକଙ୍କ ପ୍ରତି ଅତ୍ୟାଚାର କରନ୍ତି ନାହିଁ । କିନ୍ତୁ ପଳାଇ ଗଲାବେଳେ ଛପି କରି ଯିବାକୁ ହେବ, ଯେପରି ସର୍ଦ୍ଦାର ନ ଦେଖନ୍ତି । ତେଣୁ ରାତିରେ ଗଲେ ସୁବିଧା । ଏଇଆ କରିବାକୁ ସେ କହିଲା ।

ଏତିକିବେଳେ ଦୂର ଦିଗ୍‌ବଳୟ ପାଖେ ନିଆଁ ଜଳି ଉଠିଲା ପରି ଦେଖାଗଲା । ଘଡ଼ଘଡ଼ି ଶବ୍ଦ ପରି ଶବ୍ଦ ଶୁଭିଲା । ଚାରିଆଡ଼ ଆଲୋକିତ ହୋଇଗଲା । କାହିଁକି ଏପରି ହେଲା, ମୁଁ ବୁଝିପାରିଲି ନାହିଁ । ଏତିକିବେଳେ ସର୍ଦ୍ଦାର ଓ ଅନ୍ୟ କେତେଜଣ ନାବିକ ଡେକ୍ ଉପରକୁ ଆସିଲେ ।

ସର୍ଦ୍ଦାର ଦୂରବୀକ୍ଷଣରେ କେତେବେଳ ଯାଏ ଅନାଇଲେ । ତା'ପରେ ସେ ଏମିତିଆ ଆଲୋକର କାରଣ ଅଗ୍ନିଉତ୍ପାତ ବୋଲି କହିଲେ । ସତକୁ ସତ କିଛିକ୍ଷଣ ପରେ ପାଉଁଶ ପରି କଣଗୁଡ଼ାଏ ବୃଷ୍ଟି ହେଲା । ଏଗୁଡ଼ାକ ଆଗ୍ନେୟଗିରିରୁ ଉଡ଼ି ଆସୁଥାଏ । କିଛି ସମୟ [illegible] ରହିଲେ ! ଆମ୍ଭେମାନେ ବୋଇତର ସବୁ ପାଲ

ଟାଣିଦେଲୁ । ବୋଇତ ଭାସି ଭାସି ଚାଲିଲା । କ୍ରମେ ଅଗ୍ନେୟଗିରିଟି ଆଖି ଆଗରୁ ଲୁଚିଗଲା ।

ଏହାର ତିନିଦିନ ପରେ ଗୋଟିଏ ଦ୍ୱୀପ ଦେଖାଗଲା । ବଡ଼ ସୁନ୍ଦର ଦ୍ୱୀପଟିଏ । ଦ୍ୱୀପର ଦୁଇପାଖରେ ଦୁଇଟି ପାହାଡ଼ । ପାହାଡ଼ ଦୁଇଟି ପ୍ରାୟ ଚାରିହଜାର ଫୁଟ ଉଚ୍ଚ । ଦୁଇ ପାହାଡ଼ ମଧ୍ୟରେ ପ୍ରଶସ୍ତ ଉପତ୍ୟକାଟିଏ । ଉପତ୍ୟକା ମଧ୍ୟ ଦେଇ ଗୋଟିଏ ନଦୀ ବହି ଆସୁଛି । ନଦୀର ଦୁଇ କୂଳରେ ବୁଦାବୁଦାକିଆ ବଣ । ମଝିରେ ମଝିରେ ଭେଣ୍ଡାମାନଙ୍କର କୁଡ଼ିଆ ।

ସେ ଦ୍ୱୀପର କୂଳକୁ ବୋଇତ ଚଳାଇବାକୁ ସର୍ଦ୍ଦାର ହୁକୁମ୍ ଦେଲେ । ବୋଇତଟି କୂଳରୁ କିଛି ଦୂରରେ ଲଙ୍ଗର କଲା । କାରଣ ଅଳ୍ପ ପାଣି ଯୋଗେ ବୋଇତଟି କୂଳକୁ ଯାଇ ପାରିଲା ନାହିଁ । ତରଣୀ ଖଣ୍ଡିଏ ବୋଇତରୁ ବାହାର କରାଯାଇ ପାଣିରେ ପକାଗଲା । ଏଥିରେ ସର୍ଦ୍ଦାର ଓ ପନ୍ଦର ଜଣ ନାବିକ କୂଳକୁ ଗଲେ । ସେମାନେ ହାତ ହତିଆର ନେଇଥାନ୍ତି । ସର୍ଦ୍ଦାରଙ୍କ ଆଦେଶରେ ମୁଁ ମଧ୍ୟ ଗଲି ।

ଅଧମାଇଲିଏ ଗଲା ପରେ ସେ ଦ୍ୱୀପର ଭେଡ଼ା ସର୍ଦ୍ଦାରଙ୍କ ଘର ପଡ଼ିଲା । ଆମ୍ଭେମାନେ ତାଙ୍କ ଘରକୁ ଗଲୁ । ତାଙ୍କ ନାମ 'ରେମାଡ଼ା' । ସେ ଆମ୍ଭମାନଙ୍କୁ ଆଦର, ଅଭ୍ୟର୍ଥନା କଲେ । ବସିବାକୁ ବିଛଣା ଦେଲେ । ଆମ ସର୍ଦ୍ଦାରଙ୍କ ସଙ୍ଗେ ତାଙ୍କର କେତେ ଗପସପ ହେଲା । ସେମାନଙ୍କ କଥା ମୁଁ ବୁଝିପାରୁ ନ ଥାଏ । ଆମ ସର୍ଦ୍ଦାର ସେମାନଙ୍କ ଭାଷା ଜାଣନ୍ତି । ସେଇ ଭାଷାରେ ତାଙ୍କ ସଙ୍ଗେ କଥାବାର୍ତ୍ତା କରୁଥାନ୍ତି । ମାଝି ମଧ୍ୟ ସେମାନଙ୍କ ଭାଷା ଜାଣେ । ସେମାନେ ଯାହା କଥାବାର୍ତ୍ତା ହେଲେ ସେ ମୋତେ ପରେ ବୁଝାଇଦେଲା ।

ଏ ଦ୍ୱୀପରେ ଅନେକ ଚନ୍ଦନ ଗଛ । ଏଠାରୁ ଆମ ସର୍ଦ୍ଦାର ଅନେକଥର ଚନ୍ଦନ କାଠ ନିଅନ୍ତି । ଏଥର ମଧ୍ୟ ସେଇ ଚନ୍ଦନ କାଠ ପାଇଁ ବୋଇତ ଲଗାଇଲେ । ସେ ଚନ୍ଦନ କାଠ ନେଇ ଅନେକଥର ଏ ଦ୍ୱୀପର ବେଢ଼ା ସର୍ଦ୍ଦାରଙ୍କୁ ଠକିଥିଲେ । ସେଥିଯୋଗେ ଗଲାଥର ଦୁଇଜଣଙ୍କ ମଧ୍ୟରେ ଟିକିଏ କଲିକଜିଆ ହୋଇଥିଲା । କିନ୍ତୁ ଏଥର ଏ ଦ୍ୱୀପର ସର୍ଦ୍ଦାର ଗଲା କଥା ଧରିଲେ ନାହିଁ । ଆମ ସର୍ଦ୍ଦାରଙ୍କୁ ଆଦର ଅଭ୍ୟର୍ଥନା କଲେ । ଚନ୍ଦନ କାଠ କାଟି ନେବା ପାଇଁ ସାହାଯ୍ୟ ଦେବେ ବୋଲି କହିଲେ । ଦରଦାମ୍ ଛିଡ଼ିଗଲା ।

କିଛି ସମୟ ପରେ ଜଣେ ଲୋକ ମାଂସ ଭଜା ଓ କିଛି ଫଳମୂଳ ନେଇ ପହଞ୍ଚିଲା । ବେଢ଼ା ସର୍ଦ୍ଦାରଙ୍କ ଅନୁରୋଧରେ ଆମେମାନେ ସେ ସବୁ ଖାଇଲୁ । ତା'ପରେ ବୋଇତକୁ ଫେରି ଆସିଲୁ । ଆମ ସଙ୍ଗରେ ଏ ଦ୍ୱୀପର ସର୍ଦ୍ଦାର ଓ ତାଙ୍କର କେତେଜଣ ଲୋକ ବୋଇତକୁ ଆସିଲେ । ଦୁଇ ସର୍ଦ୍ଦାରଙ୍କର କେତେବେଳଯାଏ ଗପସପ ହେଲା । ବେଢ଼ା ସର୍ଦ୍ଦାରଙ୍କର ଦ୍ୱୀପକୁ ତାଙ୍କର ଜଣେ ବନ୍ଧୁ ଆସିଥିଲେ । ସେ ଆଉ ଗୋଟିଏ ଦ୍ୱୀପର ସର୍ଦ୍ଦାର । ତାଙ୍କର ଆମ ସର୍ଦ୍ଦାରଙ୍କ ସଙ୍ଗେ ଚିହ୍ନା ପରିଚୟ ହେବାକୁ ମନ ଥିଲା ବୋଲି ବେଢ଼ା ସର୍ଦ୍ଦାର ଜଣାଇଲେ । ତାଙ୍କୁ ବୋଇତକୁ ଆଣିବାକୁ ଆମ ସର୍ଦ୍ଦାର ଅନୁମତି ଦେଲେ ।

ସଙ୍ଗେ ସଙ୍ଗେ କେତେଜଣ ଲୋକ ଗୋଟିଏ ନାଆରେ ଯାଇ ତାଙ୍କୁ ନେଇ ଆସିଲେ । ସେ ଦେଖିବାକୁ ଭାରି ମୋଟାସୋଟା । ଦେହସାକ ରଙ୍ଗରେ ଚିତ୍ର କରିଥାନ୍ତି । ଗୋଟିଏ ଗାଲରେ ଧଳା ଓ ଆଉ ଗୋଟିଏ ଗାଲରେ ନାଲି ବୋଳିଥାନ୍ତି । ମୁଣ୍ଡରେ ବାବୁରି ପରି କୁଞ୍ଚୁକୁଞ୍ଚିଆ ବାଳ ଗୁଡ଼ାଏ । ଖଣ୍ଡେ କରିଆ ପିନ୍ଧିଥାନ୍ତି । ମୁଣ୍ଡ

ଡାଳରେ ସୁଖଚଣ୍ଡ ଲମ୍ବର ଖଣ୍ଡିଏ କାଠି ଖୋସିଥାନ୍ତି । ଭଉଣୀ ଡାମ୍ଫୁଡ଼ିଲେ ସେ ଖଣ୍ଡିକ ଦରବାରରେ ଅଟେ ।

ସେ ଆଗରୁ କେବେ ବୋଇତ ଦେଖି ନ ଥିଲେ । ତାଙ୍କୁ ଭାରି ଆଶ୍ଚର୍ଯ୍ୟ ଲାଗୁଥାଏ । ଯାହା ଆଖି ଆଗରେ ପଡ଼ୁଥାଏ ନିରେଖି କରି ଦେଖୁଥାନ୍ତି । ଭାରି କୌତୂହଳ ବୋଧ କରୁଥାନ୍ତି । କିଛି ସମୟ ପରେ ଭେଡ଼ା ସର୍ଦ୍ଦାର ଦୁଇଜଣ ଯିବାକୁ ଚାହିଁଲେ । ସେମାନଙ୍କ ସମ୍ମାନ ପାଇଁ ତୋପ ଫୁଟାଇବାକୁ ଆମ ସର୍ଦ୍ଦାର ହୁକୁମ୍ ଦେଲେ । ତୋପ ସଜଡ଼ାଗଲା । ସେମାନେ ତୋପକୁ ଦେଖି ତାଟକା ହୋଇଗଲେ । ଗୋଟିଏ ପାହାଡ଼ ଶିଖକୁ ଲକ୍ଷ କରି ତୋପ ଦଗାଗଲା । ପାହାଡ଼ଟି ଦୁଇ ମାଇଲ ଦୂରରେ । ଗୋଳା ବାଜିବାରୁ ପାହାଡ଼ ଶିଖଟି ଭାଙ୍ଗିପଡ଼ି ଚୁନ୍‌ଚୁନ୍ ହୋଇଗଲା । ସର୍ଦ୍ଦାର ଦୁଇଟି ଚମକି ପଡ଼ିଲେ । ଭାରି ଭୟ କରିଗଲେ । ତା'ପରେ ସେମାନେ ବିଦା ହୋଇ ଚାଲିଗଲେ ।

ତହିଁଆରଦିନ ସକାଳୁ ଆମ୍ଭେମାନେ ଚନ୍ଦନ କାଠ କାଟିବାକୁ ବାହାରିଲୁ । ସେ ଦ୍ୱୀପର ଦଳେ ବାସିନ୍ଦା ଆମକୁ ସାହାଯ୍ୟ କରିବାକୁ ଆସିଲେ । ସେମାନଙ୍କୁ ସେମାନଙ୍କ ସର୍ଦ୍ଦାର ପଠାଇ ଦେଇଥିଲେ । ସମସ୍ତେ ଚନ୍ଦନ କାଠ କାଟୁଥାନ୍ତି । ମାଧ ଓ ମୁଁ ଟିକିଏ ବୁଲି ବାହାରିଲୁ ।

ବଣରେ ବହୁତ କଦଳୀ ଗଛ । ନଡ଼ିଆ ଗଛ ଓ ରୁଟି ଗଛ ମଧ୍ୟ ଭର୍ତ୍ତି ହୋଇଥାଏ । ବୁଲିବୁଲି ଆମେ ଦୁହେଁ ଗୋଟିଏ ଖୋଲା କୂଳରେ ପହଞ୍ଚିଲୁ । ସେଠାରେ ଗୋଟିଏ ଭେଡ଼ା ବାଳକ ଠିଆ ହୋଇଥିଲା । ମାଧ ତାକୁ କଣ କହିବାରୁ ସେ ସୁସୁର ମାରିଲା ପରି ଗୋଟିଏ ଶବ୍ଦ କଲା ।

ସଙ୍ଗେ ସଙ୍ଗେ ବଡ଼ ଡିଙ୍କି ପରି ଗୋଟିଏ ଜଳଜନ୍ତୁ ପୋଖରୀ କୂଳକୁ ଚାଲି ଆସିଲା । ଏହାକୁ 'ଗଧବ' କହନ୍ତି । ଏହା ଲୋକମାନଙ୍କର ଦେବତା । ଏହାକୁ ସେମାନେ ବହୁତ ଭକ୍ତି କରନ୍ତି । ଏହାର ଖାଦ୍ୟ ପାଇଁ ସମୟେ ସମୟେ ନିଜର ଛୁଆଙ୍କୁ ଆଣି ତା' ମୁହଁକୁ ଫୋପାଡ଼ି ଦିଅନ୍ତି । ଏପରି କି ମାଆମାନେ ଆନନ୍ଦରେ ନିଜ ନିଜର ଛୁଆଙ୍କୁ ଏ ଭୀଷଣ ଦେବତା ମୁହଁରେ ଦେଇ ଯାଆନ୍ତି । ଟିକିଏ ମନ କଷ୍ଟ ନ ଥାଏ । ଏପରି କଲେ ବରଂ ନିଜକୁ ଭାଗ୍ୟବାନ ବୋଲି ମନେ କରନ୍ତି ।

ମୁଁ ଶୁଣି ଅବାକ୍ ହେଲି । କିଛି ସମୟ ପରେ ଆମେ ଦୁହେଁ ଅନ୍ୟାନ୍ୟ ନାବିକମାନଙ୍କ ନିକଟକୁ ଫେରିଗଲୁ । ସେମାନେ କାଠ କାଟି ସାରିଥିଲେ । ସଞ୍ଜ ମଧ୍ୟ ହୋଇ ଆସୁଥାଏ । ତେଣୁ ସମସ୍ତେ ବୋଇତକୁ ଫେରି ଆସିଲୁ ।

—ତେର—

ଡନ୍ଦୁଁଅରଡନ ନାଉରିମାନେ ଚନ୍ଦନ କାଠ କାଟିବାକୁ ବଣକୁ ଗଲେ । ମୁଁ ମଧ୍ୟ ସେମାନଙ୍କ ସଙ୍ଗେ ଗଲି । ସେଦିନ ଖାଦ୍ୟବେଳେ ସମସ୍ତେ ଗୋଟିଏ ଗଛମୂଳେ ଖାଇ ବସିଲେ । ମୋର ଖାଇବାକୁ ମନ ନ ଥିଲା । ତେଣୁ ଖାଇ ବସିବା ଅପେକ୍ଷା ଟିକିଏ ବୁଲି ଆସିବାକୁ ମନ ହେଲା । ମାଧ ଓ ମୁଁ ବୁଲି ବୁଲି ଗଲୁ । ଯାଇଁ ଯାଇଁ ସମୁଦ୍ର କୂଳରେ ପହଞ୍ଚିଗଲୁ । ଏଠାରେ ଏ ଦ୍ୱୀପର ଲୋକମାନେ ଖଣ୍ଡିଏ ଯୁଦ୍ଧ ନାହା ତିଆରି କରୁଥିଲେ । ପ୍ରକାଣ୍ଡ ନାହାଟାଏ । ପାଞ୍ଚ ଶହେ ଜଣରୁ ଅଧିକ ଲୋକ ବସିବେ ।

ଆମେ ଜୁହେଁ କେତେ ସମୟ ଠିଆ ହୋଇ ନାହା ତିଆରି ଦେଖିଲୁ । ତା'ପରେ ସମୁଦ୍ର କୂଳଯାଏଁ ଗଲୁ । ବାଟରେ ଗୋଟିଏ ବଡ଼ ପଡ଼ିଆ ପଡ଼ିଲା । ପଡ଼ିଆରେ ଅନେକଗୁଡ଼ାଏ ବଡ଼ବଡ଼ [illegible] । ବରଗଛ ମୂଳେ [illegible]ଏ ଖେଳୁଥାନ୍ତି । ଲୁଚକାଳି,

କୁସ୍ତି-କସରତ, ବାଢ଼-ଖେଳ ପ୍ରଭୃତି ପ୍ରଧାନ ଖେଳ । ବାଳକ ବାଳିକା ଉଭୟେ ଥା'ନ୍ତି ।

ସମୁଦ୍ରରେ ପହଁରିବା ସେମାନଙ୍କର ଗୋଟିଏ ମଜାର ଖେଳ। ସମୁଦ୍ରରେ ଢେଉ ଭାଙ୍ଗନ୍ତି । ଢେଉରେ ଭାସି ଭାସି ସମୁଦ୍ର ଭିତରକୁ ଚାଲି ଯାଆନ୍ତି ଓ ଲହରୀ ଆସିଲା ବେଳେ କୂଳକୁ ଚାଲି ଆସନ୍ତି । ବଡ଼ ମଣିଷ ବି ଏମିତି ପହଁରୁଥାନ୍ତି । ଖଣ୍ଡେ ପଟା ପେଟତଳେ ଦେଇ ପହଁରନ୍ତି । ସେମାନଙ୍କର ପାଣିକୁ ଟିକିଏ ହେଲେ ଡର ନ ଥାଏ । କୁମ୍ଭୀର, ଶଙ୍ଖମଗର ପ୍ରଭୃତି ହିଂସ୍ର ଜଳଜୀବ ସମୁଦ୍ରରେ ଭରି । କିନ୍ତୁ ସେମାନଙ୍କର ସେ ପ୍ରତି ଡର ନ ଥାଏ । ପହଁରି ପହଁରି ସମୁଦ୍ର ଭିତରକୁ ଅନେକ ଦୂରକୁ ଚାଲି ଯାଆନ୍ତି । ଢେଣ ସମୁଦ୍ର ଭିତରୁ ଗୋଟାଏ ବଡ଼ ଢେଉରେ ଭାସି ଭାସି ଆସି କୂଳରେ ଲାଗନ୍ତି । ସ୍ତ୍ରୀ ଓ ପୁରୁଷ ଲୋକ ଉଭୟ ପହଁରୁଥାନ୍ତି ।

ସେମାନଙ୍କର ଏପରି ପହଁରା ଦେଖିବାକୁ ମତେ ଭଲ ଲାଗିଲା । ମୁଁ ଘଡ଼ିଏ ଖଣ୍ଡେ ଏକ ମନରେ ଦେଖିଲି । ଦେଖୁ ଦେଖୁ ହଠାତ୍ ଗୋଟିଏ ଢେଉ ଆସି ମୋ ଗୋଡ଼ରେ ବାଜିଲା । ସେଥିରେ ଗୋଟିଏ ଲୋକ ଭାସି ଆସି ବାଲିରେ ପଡ଼ିଲା । ଲୋକଟା ଦେଖିବାକୁ ମୋଟା-ସୋଟା । ମୁଣ୍ଡରେ ବାବୁରି ପରି କୁଞ୍ଚୁକୁଞ୍ଚିଆ ବାଳ । ଦେହଯାକ ରଙ୍ଗରେ ଚିତ୍ର କରିଥିଲା । କିନ୍ତୁ ପାଣିରେ ବୁଡ଼ାବୁଡ଼ି କରି ରଙ୍ଗଯାକ ଅଧା ଧୋଇ ହୋଇ ଯାଇଥାଏ । ମୁଁ ଲୋକଟିକୁ ଚିହ୍ନି ପାରିଲି । ତାକୁ ଆମେ ପୋହଲା ଦ୍ୱୀପରେ ଦେଖିଥିଲୁ । ସାର, ଅ'ଦ ଓ ମୁଁ ଏହା ସଙ୍ଗେ 'ପୋହଲା' ଦ୍ୱୀପରେ ଲଢ଼ାଇ କରିଥିଲୁ । କିନ୍ତୁ ଶେଷରେ ବନ୍ଧୁ ପାଲଟି ଯାଇ ବିଦା ହୋଇଥିଲୁ । 'ଟିକ୍ସନ' [illegible] ଗୋଟିଏ ଝିଅ ଓ ଅଉ ଦୁଇଟି ସ୍ତ୍ରୀ ଲୋକ ଯୋଗେ ଏକାଠି [illegible] ଅଉ ଗୋଟିଏ ଦଳ ଭିତରେ [illegible] ହୋଇଥିଲା । ଏ [illegible]

ଗୋଡ଼ାଗୋଡ଼ି ହୋଇ ବୁଲିଛି ନାହାରେ ଯାଇ ଅମ ପୋକଲା ଦ୍ୱୀପରେ ପହଞ୍ଚି ସେଠାରେ ଲଢ଼ାଇ କରିଥିଲେ ।

ଏ ଲୋକଟି ଗୋଟିଏ ଦ୍ୱୀପର ସର୍ଦ୍ଦାର । ତା' ନାଁ 'ଉଗ୍ରସ' । ଏହି ଲୋକଟି ଏ ଦ୍ୱୀପର 'ରଙ୍ଗତୀର୍' ବା ସର୍ଦ୍ଦାରଙ୍କର କୁଣିଆ ହୋଇ ଅସିଥିଲା । ସେ ଦିନ ଏହି ଲୋକଟି ଅମ ସର୍ଦ୍ଦାରଙ୍କ ସଙ୍ଗେ ଚିହ୍ନା ପରିଚୟ ହେବାକୁ ଅମ ବୋଇତକୁ ଯାଇଥିଲା । ମୁଁ ତାକୁ ସେ ଦିନ ଚିହ୍ନି ପାରିଲି ନାହିଁ । କିନ୍ତୁ ଅଜି ଚିହ୍ନି ପାରିଲି । ସେ ମଧ୍ୟ ମତେ ଚିହ୍ନିପାରି ହଠାତ୍ କୁଣ୍ଢାଇ ପକାଇଲା ।

ସେ ମତେ କେତେ କ'ଣ କହିଲା । ମୁଁ ବୁଝି ପାରୁ ନ ଥାଏ । ମାଧ ସଙ୍ଗରେ ତାର ଗପସପ ହେଲା । ମତେ କପର ଚିହ୍ନିଲା, ସେ ବିଷୟ ସେ ମାଧକୁ କହିଲା । ମୁଁ ତାକୁ 'ଟିକିଲି' କଥା ପଚାରିବାକୁ ମାଧକୁ କହିଲି । ମାଧ ତାକୁ ପଚାରିଲା । ସେ 'ଟିକିଲି' ନାଁ ଶୁଣି ଖାର ଖାଇଗଲା ।

ସେ କହିଲା—ଟିକିଲି ଜଣେ ଜାଙ୍ଗଲ ଦେଶର ଅଦ୍ଧ-ଦକ୍ଷିଣୀ ଜାତୀୟ ବାଳିକା । ସେ ଗୋଟିଏ ଯୁଦ୍ଧରୁ ତାକୁ ଅଣିଥିଲା । ସେ-ଦିନରୁ ତାକୁ ଝିଅ କରି ରଖିଛି । ଅଉ ଗୋଟିଏ ଦ୍ୱୀପର ସର୍ଦ୍ଦାରକୁ ତାକୁ ବିବାହ ଦେବାକୁ ତା'ର ମନ । କିନ୍ତୁ ସେ ତାକୁ ବିଭା ହେବାକୁ ମଙ୍ଗୁ ନାହିଁ ।

ଟିକିଲି ଅଉ ଗୋଟିଏ ଦେଢ଼ା ସର୍ଦ୍ଦାରକୁ ଭଲ ପାଏ । ତାକୁ ବିଭା ହେବାକୁ ତାର ମନ । 'ଉଗ୍ରସ'ର ସେ ସର୍ଦ୍ଦାର ସଙ୍ଗେ ପସନ୍ଦ ନାହିଁ । ତେଣୁ ତା' ସଙ୍ଗେ ବିବାହ ଦେବାକୁ ସେ ଅମଙ୍ଗ । ଟିକିଲି ତା' କଥା ନ ମାନି ଅବାଧ୍ୟ ହେଉଛି । ସେଥିଯୋଗେ ଟିକିଲି ତା' ଉପରେ ଖାର ଖାଉଛି । ତାକୁ ଛଅ ମାସ ସମୟ

ଦେଇଛନ୍ତି । ଏହା ଭିତରେ ସେ ତା' କଥାରେ ରାଜି ନ ହେଲେ ସେ ଯେଉଁ ବର ଠିକ୍ କରିଛନ୍ତି ତା' ପାଖକୁ ତାକୁ ଜବରଦସ୍ତି ପଠାଇ ଦେବ । ସେ ବର ତାକୁ ବଶ ନ ହୋଇ ମାରି ପକାଇବ ଓ ତାର ମାଂସ ଖାଇବ । କିନ୍ତୁ 'ଟିକିଲି' ତା' କଥାରେ ଆଜଯାଏ ମାନି ନାହିଁ । ସେଥିଲାଗି ତା'ର ଏତେ ବିରକ୍ତି ।

ଆମେମାନେ ତା' ସଙ୍ଗେ ଏଇସବୁ କଥା ଗପସପ ହେଉଛୁ— ଏତିକି ବେଳେ ପହଁରାଳିମାନେ 'ହୋ' 'ହୋ' ପାଟି କଲେ । କଥା କଣ ଆମେମାନେ ବୁଝି ପାରିଲୁ ନାହିଁ । ପରେ ବୁଝିଲୁ ସେ ଗୋଟିଏ ଲୋକକୁ ଶଙ୍ଖମଗର ନେଇଗଲା । ତେବେ ସୁଦ୍ଧା ସେମାନେ ଡରୁ ନ ଥାନ୍ତି । ସେମିତି ଆଗ ପରି ପହଁରୁଥାନ୍ତି ।

ଘଡ଼ିକ ପରେ ଆମେ ଦୁହେଁ କାଠକଣ୍ଟାଲିଙ୍କ ପାଖକୁ ଫେରି ଆସିଲୁ । ସଞ୍ଜ ହେବାରୁ ସମସ୍ତେ ବୋଇତକୁ ଆସିଲୁ । ଆସିଲା-ବେଳେ ଦେଖିଲୁ 'ସେମାତା' ମଦ ଖାଇ ବାଉଳା ପରି ବୁଲୁଛି । ତା' ହାବୁଡ଼ରେ ଭେଡ଼ା ଛୁଆଟିଏ ପଡ଼ିଗଲା । କ'ଣ ଭାବି ସେ ଦୌଡ଼ିଯାଇ ତାକୁ ଠେଙ୍ଗିଣିଅରେ ପାହାରେ ପକାଇଲା । ସେ ଛଟପଟ ହୋଇ ମରିଗଲା ।

ମତେ ଭାରି ବିକଳ ଲାଗିଲା । ମୁଁ ଏହାର କାରଣ ମାଝିକୁ ପଚାରିଲି । ସେ କହିଲା ଯେ ସେ ମଦ ଖାଇଛି । ମଦରେ ମାତାଲ ହୋଇ ତାକୁ ମାରି ପକାଇଲା । ସେଥିପାଇଁ ତାକୁ କେହି କିଛି କହି ପାରିବେ ନାହିଁ । କାରଣ ସେ ସେମାନଙ୍କର 'ରଙ୍ଗସାର' ବା ସର୍ଦ୍ଦାର । ସର୍ଦ୍ଦାରର ଇଚ୍ଛା ହେଲେ ସେ ଦଶ ପାଞ୍ଚ ଜଣ ଛୁଆଙ୍କୁ ଭିତରୁ ମାରି ଖାଇ ଯାଇପାରେ । ସେଥିଲାଗି କେହି ତାକୁ ଦୋଷ ଦେବେ ନାହିଁ । ବରଂ ସର୍ଦ୍ଦାରଙ୍କ ଭୋଜରେ [illegible]

ହେବେ । ଏପରି ନିଷ୍ଠୁର କଥା ଶୁଣି ମୋ ମନ ଭଣ ହୋଇଗଲା । ଭାବିଲି ଏଗୁଡ଼ାକ ମଣିଷ ନା ଅସୁର !

ତହିଁଆରଦିନ ସକାଳୁ ନାଉରୀମାନେ ଚନ୍ଦନ କାଠ କାଟି ଯିବାକୁ ବାହାରିଲେ । ମୋର ଯିବାକୁ ମନ ନ ଥାଏ । ଏତିକି ବେଳେ ଆମ ସର୍ଦାର ଆସି ମୋ ପାଖରେ ପହଞ୍ଚିଗଲେ । ସେ ଦିନକ ବୋଇତରେ ରହିବା ପାଇଁ ତାଙ୍କର ହୁକୁମ ମାଗିଲି । ସେ ଭାରି ରାଗିଗଲେ । ମତେ ଲାଲ ଆଖି ଦେଖାଇଲେ । ଶୀଘ୍ର ନାଉରୀମାନଙ୍କ ସଙ୍ଗେ ଯିବାକୁ ଆଦେଶ ଦେଲେ ।

ତାଙ୍କ ରାଗର ଗୋଟିଏ କାରଣ ଥିଲା । ପୂର୍ବଦିନ ରାତିରେ ତାଙ୍କର 'ରେମାତା' ସଙ୍ଗରେ କଜିଆ ହୋଇଥିଲା । ଯୁଦ୍ଧ ନାଆ ଆଣି ଆମ ବୋଇତକୁ ଭାଙ୍ଗି ଦେବାକୁ 'ରେମାତା' ଧମକାଇଲା । ଏ ତା' କଥାକୁ ହସରେ ଉଡ଼ାଇ ଦେଲେ । ତୋପ ମାରି ତା' ଦ୍ୱୀପକୁ ଛାରଖାର କରିଦେବେ ବୋଲି କହିଲେ । 'ରେମାତା' ରାଗରେ ଓ ଭୟରେ ପଳାଇଗଲା ।

ସର୍ଦାରଙ୍କର ସେଇ ରାଗଟା ଯାଇ ନ ଥାଏ । ସେଇଥିପାଇଁ ମୋ ଉପରେ ଖୁସିଲାରେ ରାଗିଗଲେ । ଯାହାହେଉ କାଠ କାଟିଲା ବେଳକୁ ମତେ ତାଙ୍କ କୋଠରୀକୁ ଡାକିଲେ । କେତେଗୁଡ଼ିଏ ଧଳା ଓ ରଙ୍ଗିନ୍ ହମିମାଛ ଦାନ୍ତ ଦେଲେ । ଏହାକୁ ନେଇ ଭେଡ଼ା ସର୍ଦାର ରେମାତାଙ୍କୁ ଦେବାକୁ ହୁକୁମ ଦେଲେ ।

ତାଙ୍କ ହୁକୁମ ମୁତାବକ ମାଧ ଓ ମୁଁ ଭେଡ଼ା ସର୍ଦାରଙ୍କ ଘରକୁ ଗଲୁ । ସେ ପହିଲୁ ଆମ ପ୍ରତି ବିରକ୍ତ ହେଲେ । ବିରକ୍ତିର କାରଣ ଗଲା ରାତିର କଜିଆ । କିନ୍ତୁ ହମି ଦାନ୍ତଗୁଡ଼ିକ ପାଇବାରୁ ଟିକିଏ ଶାନ୍ତ ହେଲେ । ଆମ ସର୍ଦାର ଆଜି ଦିନକ ଚନ୍ଦନ କାଠ କାଟି ନେଇ ପାରିବେ ବୋଲି ହୁକୁମ୍ ଦେଲେ । ତାଙ୍କ ଠାରୁ

ବନ୍ଧା ହୋଇ ଅମେ ତୁହେଁ ବଣକୁ ଗଲୁ । କାଠ କାଟିସାରି ସମସ୍ତେ ସନ୍ଧ୍ୟା ବେଳକୁ ବୋଇତକୁ ଫେରି ଅସିଲୁ ।

ସେଇଦିନ ସଞ୍ଜବେଳେ ମୁଁ ଅମ ସର୍ଦ୍ଦାରଙ୍କର ଗୋଟିଏ ମନ୍ତ୍ରଣା ଶୁଣିପାରିଲି । ସେ ଗୋଟିଏ ନାଉରୀ ସଙ୍ଗେ ତୁନି ତୁନି କଥାବାର୍ତ୍ତା ହେଉଥାନ୍ତି । ମୁଁ ତାଙ୍କ କଥାକୁ କାନେଇଥାଏ ।

ସେ କହିଲେ—"ଅଜି ରାତିରେ ଚନ୍ଦନ କାଠ ଯେଉଁଠି କଟା ହୋଇ ପଡ଼ିଛି, ସେଇ କୂଳକୁ ବୋଇତଟି ବାହିନେବା । କୂଳର କିଛି ଦୂରରେ ଲଙ୍ଗର କରିବା । ସମସ୍ତେ ଗୋଟିଏ ତରଣୀରେ କୂଳକୁ ଯିବା । ସାଙ୍ଗରେ ହାତହତିଆର ଓ ବନ୍ଧୁକ ନେଇ ଯାଇଥିବା । ଜଣେ ଦି'ଜଣ ତରଣୀ ପାଖରେ ରହିବେ । ବୋଇତର ତୋପ ଫାୟର୍ କରିବାକୁ ସଜାଡ଼ା ହୋଇ ରହିଥିବ । ଦରକାର ପଡ଼ିଲେ ସେମାନେ ତରଣୀରୁ ବୋଇତକୁ ଅସି ତୋପ ଦାଗିବେ । ଅମ୍ଭେମାନେ ତରଣୀରୁ କୂଳକୁ ବତୁରି ଯିବା । ରାତିରେ ଅନ୍ଧାରରେ ଲୁଚି ଲୁଚି ଯାଇ ବେଡ଼ା ଗାଁରେ ପହଞ୍ଚିବା । ସେମାନେ ମେଳା ବାନ୍ଧି ମଣିଷ ମାଂସ ଖାଉଥିବେ । ଏକାବେଳେକେ ବନ୍ଧୁକ ଲିଛୁ ପନ୍ଦରଜଣ ଯାଏ ମାରିପକାଇବା । ତା'ହେଲେ ଅଉସବୁଡ଼ାକ ପାହାଡ଼ ଉପରକୁ ପଳାଇଯିବେ । ଅମ୍ଭେମାନେ ନିର୍ବିଘ୍ନରେ ବୋଇତକୁ ଚନ୍ଦନ କାଠ ବୋହିଅଣିବା । ତା'ପରେ ବୋଇତ ସମୁଦ୍ରରେ ମେଲିଦେଇ ପଳାଇବା ।"

ତାଙ୍କର ଏ ପ୍ରସ୍ତାବରେ ସେ ନାଉରୀଟି ରାଜି ହେଲା । ମୁଁ ଏପରି ବିଚାର ଶୁଣି ଚମକି ପଡ଼ିଲି । ମଣିଷ ମାରିବାକୁ ଏମାନଙ୍କର ଟିକିଏ ହେଲେ କୁଣ୍ଠା ନାହିଁ । ବାଘ, ସିଂହଠାରୁ ବଳି ଏହାଙ୍କର ସ୍ୱଭାବ । ମୋ ମନ ଭାରି କଷ୍ଟ ହେଲା । ମାଧକୁ ଏକୁଟିଆବେଳେ

ସବୁକଥା କହିଲି । ଭେଡ଼ାମାନଙ୍କୁ ମରଣରୁ ରକ୍ଷା କରିବାକୁ ସେ ଗୋଟିଏ ଉପାୟ କରିବ ବୋଲି କହିଲା ।

କି ଉପାୟ ବୋଲି ମୁଁ ପଚାରିବାରୁ ସେ କହିଲା ଯେ ରାତିରେ ସମସ୍ତଙ୍କ ଅଜଣାରେ ସେ ବୋଇତରୁ କୂଳକୁ ପହଁରିଯିବ । ସାଙ୍ଗରେ ଗୋଟିଏ ବନ୍ଧୁକ ନେଇଥିବ । ବନ୍ଧୁକରେ ଗୁଳି ଭର୍ତ୍ତି କରି ଗୋଟିଏ ଗଛରେ ରଖିଦେବ । ବନ୍ଧୁକରେ ଗୋଟିଏ ଡୋର ଲଗାଇ ଏମାନଙ୍କର ଯିବା ବାଟରେ ସେ ଡୋରଟାକୁ ନେଇ ଅଉ ଗୋଟିଏ ଗଛରେ ବାନ୍ଧି ଦେବ । ଡୋରଟିକୁ ଏପରି ଭାବରେ ବାନ୍ଧିଥିବ ଯେ ଟିକିଏ ଟାଣି ହୋଇଗଲେ ବନ୍ଧୁକଟି ଫାଏର ହୋଇଯିବ । ଏମାନେ ଅନ୍ଧାରରେ ଯିବେ । ଗଲାବେଳେ ସେ ଡୋରକୁ ଦେଖି ପାରିବେ ନାହିଁ । ଡୋର ଏମାନଙ୍କ ଦେହରେ ବାଜି ଟାଣିହୋଇ ଯିବ । ତା'ହେଲେ ବନ୍ଧୁକଟି ଫାଏର ହୋଇଯିବ । ବନ୍ଧୁକ ଶବ୍ଦ ଶୁଣି ଏ ଦ୍ୱୀପର ଲୋକମାନେ ହୁସିଆର ହୋଇଯିବେ । ତା'ହେଲେ ନାବିକମାନେ ସେମାନଙ୍କର କିଛି କରି ପାରିବେ ନାହିଁ ।

ମାଧ କଥା ମୋ ମନକୁ ପାଇଲା । ମୁଁ ସେଥିରେ ଅନୁକୂଳ ମତ ଦେଲି । ଆମ ସର୍ଦ୍ଦାର ଯାହା କହୁଥିଲେ ତାହା କରିବାକୁ ହୁକୁମ ଦେଲେ । ବୋଇତ ଖଣ୍ଡି ଚନ୍ଦନ ବଣ ପାଖକୁ ଚଲା । ଖଣ୍ଡିଏ ତରଣୀରେ ସର୍ଦ୍ଦାର ଓ ଅଉସବୁ ନାବିକମାନେ କୂଳକୁ ଗଲେ । ମୁଁ ଏକାକୀ ତରୀଟିରେ ରହିଲି । ସଙ୍କେତ ପାଇଲେ ବୋଇତକୁ ଯାଇଁ ତୋପ ଦାଗି ଦେବାକୁ ସର୍ଦ୍ଦାର ମତେ ହୁକୁମ ଦେଲେ । ରାତି ଅଧ ହୋଇଥାଏ । କଟିକଟିଆ ଅନ୍ଧାର । ଗଛପତ୍ର ଜଙ୍ଗଲରେ ବାଟ ଦିଶୁ ନ ଥାଏ । ନାବିକମାନେ ବନ୍ଧୁକରେ ଗୁଳି ଭର୍ତ୍ତି କରି ଭେଡ଼ାମାନଙ୍କ ଗାଁ ଅଡ଼କୁ ଚାଲିଲେ । ମାଧ ତା' କହିବା ମୁତାବକ କାମ କରିଥିଲା ।

ମୁଁ ଝଡ଼୍‌ବୁଦାରେ ରହିଥାଏ । ବନ୍ଧୁକ ଶବ୍ଦକୁ କାନ ପାରି-ଥାଏ । ଭୟ ଓ ବାଦଲରେ ଖୁବ ଥରୁଥାଏ । ମାଧ ରଖିଥିବା ବନ୍ଧୁକଟି କେତେବେଳେ ଫୁଟିବ ଜାଣେନାଇ ଥାଏ । କିନ୍ତୁ ସେ ବନ୍ଧୁକର ଶବ୍ଦ ଶୁଣିବାକୁ ପାଇଲି ନାହିଁ । ବୋଧହୁଏ ଏମାନେ ସେବାଟେ ଗଲେ ନାହିଁ ବୋଲି ଭାବିଲି । ଘଡ଼ିକ ପରେ ଗୁଡ଼ାଏ ବନ୍ଧୁକ ଶବ୍ଦ ଶୁଭିଲା । ହୋ’ ହୋ’ ପାଟି ହେଲା । ବୋଧହୁଏ ଭେଣ୍ଡାମାନଙ୍କ ଉପରେ ଚଢ଼ାଉ ହେଲା ବୋଲି ଭାବିଲି ।

କିଛି ସମୟ ପରେ କୂଳ ପାଖରେ ଭୁସ୍ ଭାସ୍ ଶବ୍ଦ ହେଲା । ଦେଖିଲି, ହଜାର ଜଣ ଯାଏ ଭେଣ୍ଡା ଆମ ନାଉରୀମାନଙ୍କୁ ପଛରୁ ଚଢ଼ାଉ କରିବାକୁ ଧାଇଁଛନ୍ତି । କିଛି ସମୟ ପରେ ନାଉରୀମାନଙ୍କର ବିକଳ ଧ୍ୱନି ଶୁଣି ପାରିଲି । ଭାବିଲି ଭେଣ୍ଡାମାନେ ଏମାନଙ୍କୁ ମାରି ପକାଇଲେ । ଏତିକିବେଳେ ଜଣେ ଲୋକ କୂଳ ପାଖକୁ ଛୁଟି ଆସିଲା । ମୁଁ ଭୟରେ ତରଣୀ ଫିଟାଇ ଦେଉଥିଲି । କିନ୍ତୁ ମାଧର ସ୍ୱର ଶୁଣିପାରି ଟିକିଏ ଅପେକ୍ଷା କଲି । ମାଧ ତରଣୀକୁ ଉଠିଲା । ସଙ୍ଗେ ସଙ୍ଗେ ତରୀଟିକୁ ବୋଇତ ପାଖକୁ ବାହିନେଲୁ ।

ଆମେ ଦୁହେଁ ବୋଇତକୁ ଉଠି ଦେଖିଲୁ ସେ ହଜାରେ କି ଦୁଇହଜାର ଲୋକ କୂଳରେ ଜମା ହୋଇ ଗଲେଣି । ସେମାନେ ଆମକୁ ଧରିବାକୁ ପାଣିରେ ପଡ଼ିଲେ । ଆମେ ତରବର ହୋଇ ତୋପ ଦାଗିଦେଲୁ । ସେମାନଙ୍କ ମଧ୍ୟରୁ ଅନେକ ମରି-ଗଲେ । ଆଉ ଗୁଡ଼ାକ ଛତ୍ରଭଙ୍ଗ ହୋଇ ପଳାଇଲେ । ଆମେ ବୋଇତରେ ପାଲ ଟାଣି ଦେଲୁ । ଘଡ଼ିକ ପରେ ସେ ଦ୍ୱୀପର ଅନେକ ଦୂରକୁ ଚାଲିଗଲୁ । ଏତେବେଳକେ ଆମ ଦେହରେ

ପ୍ରାଣ ପଶିଲା । ମୁଁ ମାଧ ଅଡ଼କୁ ଅନାଇ ଦେଲି । ଦେଖିଲି ସେ ଭୟଙ୍କରଭାବେ ଆହତ । ତା’ ଦେହରୁ ରକ୍ତଧାର ବହୁ ଯାଉଛି । ତା’ର ଅଙ୍ଗ ଉଠିବାକୁ ଶକ୍ତି ନାହିଁ ।

## —ଚଉଦ—

ମାଧକୁ ଦେଖି ମୋର ମନ କ'ଣ ହୋଇଗଲା । ନିରାଶାରେ ହୃଦୟ ପୂରିଗଲା । ମତେ ଘୁରିଅଜ ଅନ୍ଧାର ଦେଖାଗଲା । କିଛି ବୁଦ୍ଧି ଦିଶିଲା ନାହିଁ । ମୁଁ ଦଣ୍ଡେ ଅବାକ୍ ହୋଇଗଲି । ମୋର ଅଜାଣାରେ ଆଖିରୁ ଲୁହ ଗଡ଼ିଗଲା । ଭବିଷ୍ୟତ ଅନ୍ଧାର ଦେଖାଗଲା ।

ଦଣ୍ଡେ ଗଲା, ଘଡ଼ିଏ ଗଲା । ତେବେ ସୁଦ୍ଧା ମୁଁ କଥା କହି ପାରୁ ନ ଥାଏ । କିଛି ସମୟ ପରେ ମାଧ ମତେ କ୍ଷୀଣ କଣ୍ଠରେ ଡାକିଲା । ମୁଁ ଯାଇ ତା' ପାଖରେ ବସି ପଡ଼ିଲି । ଦେଖିଲି, ରକ୍ତରେ ତା'ର ମୁଣ୍ଡ ବାଳ ଜଟା ହୋଇ ଯାଇଛି । ଗାଲରେ, ଦେହରେ ମଧ୍ୟ ଶୁଖିଲା ରକ୍ତ ଲାଗିଛି । ଦେହ ମୁଣ୍ଡରେ ଅନେକ ଜାଗା ଖଣ୍ଡିଆ ଖାବରା ହୋଇ ଯାଇଛି । କିନ୍ତୁ ଡାହାଣ ପାଖ ସ୍କନ୍ଧରେ ଗୋଟିଏ ବଡ଼ ଘା' ହୋଇଛି । ଟିକିଏ ନିରିଖେଇ ଦେଖି

ବୁଝିନେଲି ସେ ଘା'ଟା ପିସ୍ତଲ ଗୁଳି ବାଜି ହୋଇଛି । ଘାଇଲା ଘା'ଟାଏ । ଝରଝର ଝରଝର ବହୁଥାଏ । ମୋର ହୃଦୟ ଶୁଖିଗଲା । ମୁଁ କେବଳ ମୂର୍ତ୍ତି ପରି ତା' ପାଖରେ ବସି ରହିଲି ।

କିଛି ସମୟ ପରେ ମାଧ କହିଲା—"ଭାଇ ! ଭାରି ଶୋଷ । ଟିକିଏ ପାଣି ।"

ତା' କଥା ଶୁଣି ମୋ ଦେହରେ ଚେତନା ପଶିଲା । ମୁଁ ଦଣ୍ଡିକ ମଧ୍ୟରେ ଯାଇ ବୋଇତରେ ତଳ ମହଲାରୁ ପାଣି ନେଇ ଆସିଲି । ସେ ଅଟେ ପାଣି ଗୁଡ଼ାଏ ପିଇଗଲା । ଦଣ୍ଡିକ ପରେ ଦୀର୍ଘ ନିଶ୍ୱାସଟାଏ ମାରିଲା । ସେ ନିଶ୍ୱାସଟିରେ କେତେ ବ୍ୟଥା ଓ ନିରାଶା ପୂର୍ଣ୍ଣ ଥିଲା । ସେ ନିଶ୍ୱାସଟି ମାରିବାରୁ ତାଙ୍କୁ ଯେପରି ଟିକିଏ ଭଲ ବୋଧ ହେଲା । ସେ ଟିକିଏ ଆଶ୍ୱସ୍ତି ବୋଧ କଲା । ତା'ପରେ ଧୀର କଣ୍ଠରେ ମୋତେ କହିଲା, "ଭାଇ ବରଜ ! ବ୍ୟସ୍ତ ହୁଅନା, ପାପୀର ଉପଯୁକ୍ତ ଦଣ୍ଡ—"

ଅଉ କଣ କହୁଥାନ୍ତା, ନିରାଶାରେ— ବ୍ୟଥାରେ— ଅନୁତାପରେ—ତା' ଆଖି ଛଳ ଛଳ ହୋଇଗଲା । କଣ୍ଠ ରୁଦ୍ଧ ହୋଇଗଲା । ସେ ଅଉ କିଛି କହି ପାରିଲା ନାହିଁ । କେବଳ ଅପଲକ ଆଖିରେ ମୋ ଆଡ଼କୁ ବଲବଲ କରି ଅନାଇ ରହିଲା ।

ଏତେବେଳକୁ ମୋର ମନରେ ଟିକିଏ ସ୍ଫୂର୍ତ୍ତି ଆସିଥାଏ । ଦେହରେ ଟିକିଏ ବଳ ଆସିଥାଏ । ନୂତନ ଆଶା ମୋର କାନରେ ଆଶ୍ୱାସନାର ବାଣୀ ଶୁଣାଉ ଥାଏ । ମୁଁ ସାହସ ଓ ଧୈର୍ଯ୍ୟ ଧରି ତାଙ୍କୁ ପଚାରିଲି—'ମାଧ, ତୁ ଏପରି ଆହତ ହେଲୁ କେଉଁଠି ? ପିସ୍ତଲ ଗୁଳି ତୋ ଛାତିରେ କେମିତି ବାଜିଲା ?"

ମୋ କଥା ଶୁଣି ସେ ଟିକିଏ ମନରେ ଆଶ୍ୱସ୍ତି ପାଇଲା । ପ୍ରାଣରେ ଟିକିଏ ଶାନ୍ତି ବୋଧ କଲା । ଧୀରେ ଧୀରେ ସବୁକଥା

କହୁଥାଉ ବସିଲା । ମୁଁ ବୁଝିଲି ଯେ—ସେ ପହଞ୍ଚିଲୁ ଅ
ଡକାଇତର ସର୍ଦ୍ଦାର ଓ ନାବିକମାନଙ୍କ ସହିତ ଗଲା । ସେ
ଯେଉଁ ବାଟରେ ବନ୍ଧୁକଟି ଖଞ୍ଜିଥିଲା—ସମସ୍ତେ ସେଇବାଟେ
ଗଲେ । ବନ୍ଧୁକରେ ଲାଗିଥିବା ଡୋର ଖଣ୍ଡିକ ମଧ୍ୟ ମଣିଷ
ଦେହରେ ବାଜି ଟାଣି ହୋଇଗଲା । କିନ୍ତୁ ବନ୍ଧୁକଟି ଫୁଟିଲା
ନାହିଁ । ବୋଧହୁଏ କାହର ପଡ଼ି ବାରୁଦ ଗୁଣ୍ଡକ ଓଦା ହୋଇ
ଯାଇଥିଲା ।

ବନ୍ଧୁକ ନ ଫୁଟିବାରୁ ତା' ମନ ଭାରି ବ୍ୟସ୍ତ ହେଲା ।
କିପରି ସେ ଏ ଦ୍ୱୀପର ଲୋକମାନଙ୍କୁ ବଞ୍ଚାଇବ ସେଥିପାଇଁ ତା'
ମନ ଘାଣ୍ଟି ଚକଟି ହେଲା । ଶେଷରେ ସେ ଗୋଟିଏ ପାଞ୍ଚ ପାଞ୍ଚିଲା ।
ତରତର ହୋଇ ସମସ୍ତଙ୍କ ଆଗରେ ଦ୍ରୁତ ପଦରେ ଚାଲିଲା, ସତେ
ଯେପରି ଏ ଦ୍ୱୀପର ଲୋକମାନଙ୍କ ଉପରେ ସବା ଆଗ ଚଢ଼ାଉ
କରିବାକୁ ତା'ର ମନ । ଯାଉଁ ଯାଉଁ ଜାଣି ଜାଣି ବାଟରେ ଝୁଣ୍ଟି
ପଡ଼ିଲା । ପଡ଼ିଯିବା ସଙ୍ଗେ ସଙ୍ଗେ ଖଞ୍ଜରେ ବନ୍ଧୁକଟି ଫୁଟାଇ ଦେଲା
—ଯେପରି ସମସ୍ତେ ଭାବିବେ ପଡ଼ିଗଲା ବେଳେ ତା' ଅଜାଣତରେ
ବନ୍ଧୁକଟି ବାଜି ହୋଇଗଲା ।

କିନ୍ତୁ ଆମ ସର୍ଦ୍ଦାର ଏକଥା ଜାଣି ପାରିଲେ । ସେ ସଙ୍ଗେ
ସଙ୍ଗେ ତା' ଉପରକୁ ଗୁଳି ମାରିଦେଲେ । ଗୁଳିଟା ତା' ଛାତିରେ
ବାଜିଲା । ସେ ମୋହ ହୋଇ ପଡ଼ିଗଲା ।

ଏତିକିବେଳେ ସେ ଦ୍ୱୀପର ଲୋକମାନଙ୍କ ଭିତରେ ଢୋ
ଢା' ଶବ୍ଦ ଶୁଭିଲା । ସେମାନେ ଦୁଇଦଳ ହୋଇ ନାବିକମାନଙ୍କୁ
ଆକ୍ରମଣ କଲେ । ନାବିକମାନେ ସେମାନଙ୍କ ଭିତରୁ କେତେଜଣଙ୍କୁ
ମାରି ପକାଇଲେ ସତ କିନ୍ତୁ ସେଥିରେ ସେମାନେ ଡରିଲେ ନାହିଁ ।
ଘଣ୍ଟାକ ମଧ୍ୟରେ ଆମ ନାବିକମାନେ ପରାସ୍ତ ହେଲେ ।

ଯେତେବେଳେ ମାଧର ଚେତନା ହେଲା ସେ ଦେଖିଲା ସେ ସର୍ଦ୍ଦାର ଓ ନାବଗ୍ରମାନେ ଗୋଟିଏ ଗୋଟିଏ ଗଛରେ ବନ୍ଧା ହୋଇଛନ୍ତି । ଗ୍ରରିପାଖରେ ହଜାର ହଜାର ଭେଡ଼ା ଲୋକ ଘେରି ରହିଛନ୍ତି । ସେ ଅନାଇଁ ଅନାଇଁ ଜଣେ ଭେଡ଼ା ଲୋକ ଖଣ୍ଡିଏ ଛୁରି ସର୍ଦ୍ଦାରଙ୍କ ଛାତିରେ ଭୁସିଦେଲା । ସେତିକିରେ ତାଙ୍କର ଶେଷ ।

ଏ ଘଟଣା ଦେଖି ମାଧର ଦେହ ଥରିଗଲା । କିନ୍ତୁ ପ୍ରାଣ ଭୟରେ ପଳାଇ ଯିବାକୁ ଦେହରେ କାହୁଁ କାହୁଁ ବଳ ଆସିଲା । ସେ ଛପି ଛପି ଡଙ୍ଗା ପାଖକୁ ଗ୍ରଲି ଆସିଲା । ଭେଡ଼ାମାନେ ତାକୁ ଦେଖିପାରି ଗୋଡ଼ାଇ ଆସିଲେ । ସେ କିନ୍ତୁ ତାଙ୍କ ହାତରେ ପଡ଼ିଲା ନାହିଁ । ତା'ପରେ ଆମେ ଦୁହେଁ ବୋଇତକୁ ଆସି ତୋପ ଦାଗି ଦେଲୁ । ତୋପ ମାରିବାରୁ ଏ ଦ୍ୱୀପର ଲୋକମାନେ ଛନ୍ନଛତର ହୋଇ ପଳାଇଗଲେ ।

ମାଧ ଏ କଥାଗୁଡ଼ିକ ବହୁତ କଷ୍ଟରେ ମୋ ପାଖରେ କହି ପକାଇଲା । କିନ୍ତୁ ତା' କଥା ଶେଷ ହେଉଣୁ ନ ହେଉଣୁ ସେ ମୋହ ଗ୍ରଲିଗଲା । ମୁଁ ପାଣି ଆଣି ତା' ମୁହଁରେ ଓ ମୁଣ୍ଡରେ ଛାଟିଲି । ଘଡ଼ିଏ ପରେ ତା'ର ଚେତ୍ ଆସିଲା ।

ସେ ଆଖି ପିଟାଇ ଅନାଇଲା । କ'ଣ ଗୁଡ଼ାଏ କହିବ ବୋଲି ଝିଙ୍କଏ ଚେଷ୍ଟା କଲା । ତାପରେ ମତେ ପାଖକୁ ଡାକି କହିଲା— "ଭାଇ, ମୋର ଆଉ ବେଶୀ କିଛି ନାହିଁ । କିପରି ସେ ସମୟ ଆସିବ ଅନାଇଛି । ମୋ ଠାରୁ ବଳି ପାପୀ ଜଗତରେ ନ ଥିବେ । ଏଇ ହାତରେ କେତେ ଲୋକଙ୍କର ଜୀବନ ନେଇଛି । କେତେ ଲୋକଙ୍କର ରକ୍ତରେ ଏଇ ହାତକୁ କଳୁଷିତ କରିଛି । ସେ କଥା ଭାବିଲାରୁ ହୃଦୟରେ ନିରାଶା, ଭୟ ଓ ଅନୁତାପ ଭରିଯାଉଛି ।"

ଟିକିଏ ଚୁପ ରହି ପୁଣି କହିଲେ—"ମୁଁ ଥିଲି ଜଣେ ନାବିକ । ଜଣେ ସାଧବଙ୍କ ବୋଇତରେ କାମ କରୁଥିଲି । ଅନେକ ଦିନ ବର୍ଷ ହେଲାଣି—କୃଷ୍ଣ ଅବଳକୁ ଆମ ବୋଇତଟି ଏ ଡକାୟତ ସର୍ଦ୍ଦାରଙ୍କ ହାତୁଡ଼ରେ ପଡ଼ିଲା । ସେ ସବୁ ମାଲମତା ଲୁଟିନେଲେ । ବୋଇତଟିକୁ ସମୁଦ୍ରରେ ବୁଡ଼ାଇ ଦେଲେ । ନାବିକମାନଙ୍କୁ ମାରି ପକାଇଲେ । ସାଧବ ମଧ୍ୟ ତାଙ୍କରି ହାତରେ ମଲେ ।"

ପୁଣି ଟିକିଏ ରହିଯାଇ କହିଲା—"କେବଳ ମତେ ସେମାନେ ନ ମାରି ତାଙ୍କ ବୋଇତକୁ ଆଣିଲେ । ତାଙ୍କ ଡକାୟତ ବ୍ୟବସାୟରେ ସାହାଯ୍ୟ କରିବାକୁ ମୋତେ କହିଲେ । ମୁଁ ରାଜି ହେଉ ନ ଥିଲି । ପରେ ଦେଖିଲି ଆଉ କିଛି ଉପାୟ ନାହିଁ । ତେଣୁ ଅନିଚ୍ଛା ସତ୍ତ୍ୱେ ତାଙ୍କ କଥାରେ ରାଜି ହେଲି । ସେହିଦିନ ଠାରୁ କେତେ କୁକର୍ମ କରିଛି । କେତେ ମଣିଷ ମାରିଛି । ଏ ସବୁ ପାପର ଫଳ କିଏ ଭୋଗିବ ? ମୋତେ ହିଁ ଭୋଗିବାକୁ ହେବ । ଏହି ପାପ ଯୋଗୁଁ ଆଜି ମୋର ଏହି ଅବସ୍ଥା । ଭଗବାନ କରନ୍ତୁ—ଶୀଘ୍ର ଏ ପିଣ୍ଡରୁ ପ୍ରାଣ ଚାଲିଯାଉ । ଭାରି କଷ୍ଟ । ଭାରି ଯନ୍ତ୍ରଣା ହେଉଛି । ଓଃ । ଭଗବାନ ।।"

ମୁଁ ମାଧକୁ ଆଶ୍ୱାସନା ଦେଲି । ତା'ର ଶୁଶ୍ରୂଷା କଲି । ପୂର୍ବ ଦିଗରେ ସିନ୍ଦୂରା ଫାଟି ଆସୁଥାଏ । ଧୀର ପବନରେ ବୋଇତଟି ବେଶ୍ ଚାଲିଥାଏ ।

ମାଧ ଟିକିଏ ଆରାମରେ ଶୋଇ ପଡ଼ିଲା । ମୁଁ ବେଳେ ବେଳେ ବୋଇତର ମାନ-ମନ୍ଦିରରେ ବସି ଦିଗ ନିର୍ଣ୍ଣୟ କରୁଥାଏ । ଅନ୍ୟ ବେଳେ ମଙ୍ଗ ପାଖକୁ ଆସି ବୋଇତର ଗତି ନିୟନ୍ତ୍ରଣ କରୁଥାଏ । ମଝିରେ ମଝିରେ ମାଧ ପାଖକୁ ଆସି ତା'ର ଶୁଶ୍ରୂଷା କରି ତାକୁ

ଖାଇବାକୁ ଦେଉଥାଏ । ସେଦିନ ଅଉ ବେଟେପଇ କଲି ନାହିଁ । ଜଳଖିଆ ଯଥେଷ୍ଟ ଥିଲା । ପେଟେ ଖାଇଦେଲି ।

ଅପରବେଳା ମୁଁ ମାଧ ପାଖରେ ଥିଲି । ଏତିକିବେଳେ ଟଗୋଟାଏ ତୋଫାନ ଉଠାଇଲା । ମୁଁ ବୋଇତର ପାଲ ଖୋଲି ଦେବାକୁ ଚାଲିଗଲି । ଏକାକୀ ପାଲ ଖୋଲି ଖୋଲି ଦେଇ ଛାଡ଼ି ଆସିଲି । ଏକୁଟିଆ ଏତେବଡ଼ ବୋଇତର ପାଲଗୁଡ଼ାକ ଖୋଲିବାକୁ ବଡ଼ କଷ୍ଟ ହେଲା । ଶେଷରେ ଘଣ୍ଟେ ଲାଗିପଡ଼ି ପାଲଗୁଡ଼ା ଖୋଲିଦେଲି ।

ଏତେବେଳକୁ ତୋଫାନ ଖୁବ୍ ଜୋରରେ ବହୁଥାଏ । ସମୁଦ୍ରରେ ପାହାଡ଼ ପରି ଢେଉ ଉଠୁଥାଏ । ଚୂରଅନ୍ଧ ଅନ୍ଧାର । ଆକାଶରେ ତାରା ନ ଥାନ୍ତି । ଭୈରବ ତାନରେ ତୋଫାନ ଗର୍ଜୁଥାଏ । ତା' ସଙ୍ଗେ ସମୁଦ୍ର ଗର୍ଜନ ମିଶିବାରୁ ଅଦ୍ଭୁତ ଭୀଷଣ ଶୁଭୁଥାଏ । ସତେ ଯେପରି ପ୍ରଳୟ କାଳ ପହଞ୍ଚିଲା । ତୋଫାନ ଓ ଢେଉରେ ବୋଇତ ଖଣ୍ଡି ନାଚୁଥାଏ । ସମୟ ସମୟରେ ଦଶ ବାର ହାତ ଉପରକୁ ଉଠି ଯାଉଥାଏ । ବୋଇତରେ ଢେଉ ବାଜି ଡେକ୍ ଉପରକୁ ପାଣି ଛିଟିକି ଆସୁଥାଏ ।

ମୁଁ ବୋଇତର ଗୋଟିଏ ବାଡ଼ାକୁ ଧରି ଧରି ମାଧ ପାଖକୁ ଗଲି । ଯାହା ଦେଖିଲି ସେଥିରେ ମୋର ଛାତି ଥରି ଉଠିଲା । ତା' ଦେହଟା ସାରା କୁଆପଥର ପରି ହେମାଳ । ଛାତିରେ ହାତ ଦେଲି । ଦେଖିଲି ହୃତ୍‌ସ୍ପନ୍ଦନ ନାହିଁ । ନିଶ୍ୱାସ ମଧ୍ୟ ବନ୍ଦ । ଯେଉଁ ପଲଙ୍କ ଉପରେ ଶୋଇଥିଲା ସେଥିରୁ ଗଡ଼ିଗଡ଼ି ତଳେ ପଡ଼ିଛି । ମୋର ବୁଝିବାକୁ ବାକି ରହିଲା ନାହିଁ ଯେ ତୋଫାନରେ ବୋଇତ ଖଣ୍ଡି ନାଚୁଥିବାରୁ ମାଧ ତଳେ ପଡ଼ିଯାଇଛି । ସେହି ଧକ୍କାରେ ତା'ର ପ୍ରାଣ ଛାଡ଼ି ଯାଇଛି ।

ମତେ କିଛି ବୁଦ୍ଧି ଦିଶିଲା ନାହିଁ । ସେଇଠି ବସି ପଡ଼ିଲି । ସେମିତି ତୋଫାନ ବହୁଥାଏ । ବୋଇତ ଖଣ୍ଡି ସେଥିରେ ପଡ଼ୁଥାଏ, ଉଠୁଥାଏ । ଚାରିଆଡ଼ୁ ଭୀମଗର୍ଜନ ଶୁଭୁଥାଏ । ଅନନ୍ତ ସାଗର ମଝି । ଏତେବଡ଼ ବୋଇତଟାଏ । ମୁଁ ଏକାକୀ । ବୋଇତ ଭଲ ରକମ ଚଳାଇ ଜାଣେନା' । କିପରି ଭାବେ କୁଆଡ଼େ ଯିବି ? ତୋଫାନର ପୁଣି ଏ ଦାଉ । ମୋର ଉପାୟ କଣ ?'

ସେଇ ଗୋଟିଏ ଜାଗାରେ ବସି ଗୋଟିଏ ରାତି ଓ ଗୋଟିଏ ଦିନ କଟାଇ ଦେଲି । ତହିଁ ଆରଦିନ ରାତିରୁ ତୋଫାନ କମିଗଲା । ଢେଉ ମଧ୍ୟ କମିଗଲା । ଆଶା ମୋ ମନରେ ବଳ ଆଣି ଦେଲା । ମୁଁ ସାହସ ଧରି ଉଠିଲି । ମାଧିର ଶବଟିକୁ ସମୁଦ୍ର ପାଣିରେ ପକାଇ ଦେଲି । ଖାଇବା ପଦାର୍ଥ ଯଥେଷ୍ଟ ଥାଏ । ମତେ ଭାରି ଭୋକ କରୁଥାଏ । କିଛି ଖାଇଦେଲି । ପବନ କୋହୁଥାଏ । ଆକାଶ ନିର୍ମଳ ଦେଖାଗଲା । ପାଲ କେତେଖଣ୍ଡ ଟାଣିଦେଲି । ପ୍ରଶାନ୍ତ ମହାସାଗରର ନକ୍ସା ଥିଲା । ସେଥିରେ ଆମ ପୋହଲା-ଦ୍ୱୀପ କେଉଁଠି ଥିଲା, ଠିକ କଲି । ସେଇ ଆଡ଼କୁ ବୋଇତଟି ବାଗେଇ ଦେଲି ।

ଅଁଳ ଓ ବାର କଥା ମନେ ପଡ଼ିଗଲା । ସେମାନେ କିପରି ଭାବେ କ'ଣ କରୁଥିବେ । ମତେ ନ ପାଇ କଣ ଭାବୁଥିବେ— ଏଇସବୁ କଥା ଭାବିବାକୁ ଲାଗିଲି । କ୍ରମେ ରାତି ପାହିଗଲା । ମୋ ବୋଇତଟି ଚାଲିଥାଏ । ପୂର୍ବ ଦିଗରେ ସମୁଦ୍ର ଭିତରୁ ସୂର୍ଯ୍ୟ ଉଇଁ ଆସିଲେ । ତାଙ୍କର ରଙ୍ଗ କିରଣ ସମୁଦ୍ର ପାଣିରେ ରଙ୍ଗ ଢାଳିଦେଲା । ମୋ ହୃଦୟରେ ଆଶାର ସୂର୍ଯ୍ୟ ଉଇଁ ଆସିଲେ । ମୁଁ ତେଇଁ

ଉଠିଲି । ଦେହରେ କେତେ ବଳ ଓ ସାହସ ଆସିଲା । ଜ୍ୱର ଭଲ ହୋଇଥିଲା । ଖେଚେଡ଼ି ଯୋଗାଡ଼ କଲି । ଖେଚେଡ଼ି ରାନ୍ଧି ଗଣ୍ଡାଏ ଖାଇଦେଲି । ତା'ପରେ ନକ୍ସା ଦେଖି 'ପୋହଳା ଦ୍ୱୀପ' ଆଡ଼କୁ ବୋଇତ ଚଳାଇବାରେ ଲାଗିଲି ।

ଏଇପରି ଭାବରେ ପନ୍ଦର ଦିନ କଟିଗଲା । ଏହା ଭିତରେ ଆଉ କିଛି ଘଟି ନାହିଁ । ପନ୍ଦର ଦିନ ରାତି ଦଶ ଘଡ଼ି ଯାଏ ଚେଇଁଥିଲି । ତା'ପରେ ନିଦ ଘାରିଲା । ଟିକିଏ ଶୋଇ ପଡ଼ିଲି । ଉଠିଲା ବେଳକୁ ରାତି ପାହିଲାଣି । ସୂର୍ଯ୍ୟ ଉଇଁ ଆସୁଥାନ୍ତି । ମୁଁ ଡେକ୍ ଚାରଣ୍ଡା ଉପରକୁ ଉଠି ଚାରିଆଡ଼କୁ ଅନାଇଲି । ଯାହା ଦେଖିଲି ସେଥିରେ ମୋ ହୃଦୟ ଆନନ୍ଦରେ ନାଚି ଉଠିଲା । କିଛି ଦୂରରେ ପୋହଳା ଦ୍ୱୀପର ପର୍ବତ ଶିଖର ଦେଖା ଯାଉଥିଲା । ମୁଁ ନିମିଷକେ ଚିହ୍ନି ନେଲି । ଆନନ୍ଦରେ ଅଧୀର ହୋଇ ପଡ଼ିଲି । ଡମେ ଡେକ୍ ଉପରେ ଦଉଡ଼ିଲି । ପାଟିକରି ଚିତ୍କାର କଲି । ବୋଇତଟି ଚାଲିଥାଏ । କିଛି ସମୟ ପରେ ପୋହଳା ଦ୍ୱୀପର ପାଖରେ ହୋଇଗଲା । ମୁଁ ହ୍ରଦ ଭିତରକୁ ବୋଇତଟି ମୁହାଁଇ ଦେଲି ।

ତା'ପରେ ତୋପ ପାଖକୁ ଗଲି । ଦେଖିଲି ସେଥିରେ ଗୋଳା ବାରୁଦ ଭର୍ତ୍ତି ହୋଇ ଠିକ୍ ଅଛି । କିଛି ସମୟ ପରେ ପୋହଳା ଦ୍ୱୀପର ପାହାଡ଼କୁ ଲକ୍ଷ୍ୟ କରି ଦାଗି ଦେଲି । ବୀର ଓ ଆନନ୍ଦ କୁଡ଼ିଆ ପାଖରେ ଠିଆ ହୋଇଥିଲେ । ତୋପଆବାଜ୍ ଶୁଣି ବଣରେ ଲୁଚି ଯିବାକୁ ଦଉଡ଼ିଲେ । ମୁଁ 'ବୀର', 'ବୀର', 'ଆ'ନ', 'ଆ'ନ' ବୋଲି ହୁରି ପକାଇଲି । ମୋ ପାଟି ଶୁଣି ବୀର ପାଣିରେ ପହଁରି ପହଁରି ବୋଇତ ପାଖକୁ ଆସୁଥାଏ । ଆନନ୍ଦ ଆନନ୍ଦରେ ବେଳା ଭୂମିରେ ନାଚୁଥାଏ । ମୁଁ ଆଉ ସମ୍ଭାଳି

ପାରିଲି ନାହିଁ । ପାଣିକୁ ଡେଇଁ ପଡ଼ିଲି । ପାଣି ଭିତରେ ସାରସ ମୋର ଭେଟ ହେଲା । ସେ ଆନନ୍ଦରେ ମତେ କୁଣ୍ଢାଇ ପକାଇଲା ; ମୁଁ ମଧ୍ୟ ତାକୁ କୁଣ୍ଢାଇ ପକାଇଲି । ତା'ପରେ ଦୁହେଁ କୂଳକୁ ଗଲୁ ; ଆନନ୍ଦ ଆନନ୍ଦରେ ଭୋଳ ହୋଇ ମତେ କୁଣ୍ଢେଇ ପକାଇଲା ।

## — ପନ୍ଦର —

କିଛି ସମୟ ପରେ ଆମେ ତିନିଜଣ ସାଙ୍ଗ କୁଣ୍ଡଆକୁ ଗଲୁ । କୁଣ୍ଡଆରେ ଏକାଠି ବସିଗଲୁ । ମତେ ସବୁ କଥା ବୀର ପଚାରିଗଲା । ମୁଁ ସବୁ କହିଗଲି । ସେମାନେ ଟିକ୍ଲିର କଥା ଶୁଣି ଭାରି ବ୍ୟସ୍ତ ହେଲେ ।

ମୁଁ ଗଲାପରେ ସେମାନେ କ'ଣ କଲେ ଓ କିପରି ରହୁଥିଲେ, ମୁଁ ପଚାରିଲି । ବୀର ସବୁ କହିଲା । ମୁଁ ହୀରାଗୁମ୍ଫାରୁ ଆସିଲା ପରେ ସେମାନେ ଘଣ୍ଟାଏ ଯାଏ ଅପେକ୍ଷା କଲେ । ଡେରି ହେବାରୁ ମୋତେ ଗାଳି ଦେଲେ । କିନ୍ତୁ ଦୁଇ ତିନିଘଣ୍ଟା ଗଲାରୁ ସେମାନଙ୍କ ମନ କଷ୍ଟ ହେଲା । ମୋର ଅନିଷ୍ଟ ଆଶଙ୍କା କରି ସେମାନେ କାତର ହେଲେ । ତା'ପରେ ବୀର ଏକୁଟିଆ ଗୁମ୍ଫାରୁ ଆସିଲା । କିନ୍ତୁ ମୋତେ ନ ଦେଖି ସେ ଭାରି କାନ୍ଦିଲା । ଦି'ଘଣ୍ଟା ଯାଏ ଖୋଜିଲା । କିନ୍ତୁ ମତେ

ପାଇଲି ନାହିଁ । କେବଳ ଦୂରେ ଦିଗ୍‌ବଳୟ ପାଖେ ଜଳଦସ୍ୟୁଙ୍କ ବୋଇତଟି ଦେଖିଲି । ତା'ପରେ ଗ୍ରାମଗୁମ୍ଫାକୁ ଫେରିଗଲି ।

ଅ'ଧକୁ ସବୁ କଥା କହିଲି । ଦିହେଁ ଯାକ ଭାରି ଚିନ୍ତିଲେ । ଦ୍ୱୀପଟା ଯାକ ତନ୍ନ ତନ୍ନ କରି ଖୋଜିବେ ବୋଲି ଠିକ୍ କଲେ । ସେଥିଲାଗି ଦୁହେଁଯାକ ଗୁମ୍ଫାରୁ ଅସିବାକୁ ବସିଲେ । କିନ୍ତୁ ଅ'ଧ ଯହିଁର ଜାଣେନା' କି ବୁଢ଼ା ଜାଣେନା' । ଶାର ବହୁତ କଷ୍ଟରେ ତାକୁ ଉପରକୁ ଅଣିଲି । ସେହିଦିନ ଠାରୁ ଦିହେଁଯାକ ମାସକଯାଏ ମୋତେ ବଣବୁଦାରେ ଖୋଜିଲେ । କିନ୍ତୁ ପାଇଲେ ନାହିଁ । ଶେଷରେ ଠିକ୍ କଲେ ଯେ ଡକାଏତମାନେ ମୋତେ ଧରି ନେଇ ଯାଇ-ଛନ୍ତି । ତେଣୁ ନିରାଶ ହୋଇ କର୍ମକୁ ଆଦରି ରହିଲେ । ମୁଁ ଗଲାଦିନ ଠାରୁ ତାଙ୍କର ସବୁ ସରାଗ ଚାଲିଗଲା । କୌଣସି ବୋଇତ ଆସିବ ବୋଲି ଅନାଇ ଥାନ୍ତି । ଅସଥିଲେ ଚାଲି ଯାଇଥାନ୍ତେ । କିନ୍ତୁ କୌଣସି ବୋଇତ ସେଦିନ ଯାଏ ଅସିଲା ନାହିଁ । ଶେଷରେ ମୁଁ ଫେରି ଅସିଲି ।

ତା'ପରେ ଅମେ ତିନିହେଁ ସେମେଇ କରି ଖାଇଲୁ । ବର୍ତ୍ତମାନ କଣ କରିବୁ ଭାବିଲୁ । ବୋଇତରେ ଚଢ଼ି ପ୍ରଶାନ୍ତ ମହାସାଗରର ଅନ୍ୟାନ୍ୟ ଦ୍ୱୀପ ଗୁଡ଼ିକରେ ବୁଲିବୁ ବୋଲି ଭାବିଲୁ । ପହିଲେ କେଉଁଠିକି ଯିବୁ, ଏଇକଥା ଉଠିଲା । ଶାର କହିଲା 'ତସ୍ପର'ର ଦ୍ୱୀପକୁ ଯିବାକୁ । ସେଠାକୁ ଯାଇ ଟିକିଲିକୁ ରକ୍ଷା କରିବାକୁ, ଯେପରି ସେ ନ ମରେ ତା'ର ଉପାୟ କରିବୁ ବୋଲି । ତାକୁ ମଧ୍ୟ ଅଣି ତା' ମନୋନୀତ ବରକୁ ବାଛି ଦେବାକୁ ଅମର ଇଚ୍ଛା ଥାଏ ।

ତସ୍ପରର ଦ୍ୱୀପ ନା 'ଅମ୍ବେ' । ଶୋହଲା ଦ୍ୱୀପକୁ ପଚାଶ ମାଇଲ ହେବ । ସେ ଦ୍ୱୀପର ଦକ୍ଷିଣ ଅଂଶର ଅଧିବାସୀମାନେ

ବୌଦ୍ଧ ହୋଇଛନ୍ତି ବୋଲି ମୁଁ ଶୁଣିଥିଲି । କିନ୍ତୁ ତସ୍ମସ ଓ ତାହାର ପ୍ରଜାମାନେ ସେମାନଙ୍କ ଧର୍ମ ଛାଡ଼ି ନ ଥାନ୍ତି । ଏକଥା ସାର ଓ ଅ'ଢକୁ ମୁଁ କହିଲି । ଶେଷକୁ ସେହି 'ଅମ୍ବେ' ଦ୍ୱୀପକୁ ଯିବାକୁ ଠିକ୍ କଲୁ ।

ଆମେମାନେ 'ପୋହଲାଦ୍ୱୀପ'ରେ ଅଉ ତିନିଦିନ ରହିଲୁ । ଦ୍ୱୀପର ଚାରିଆଡ଼େ ଭଲ ରକମ ବୁଲିଲୁ । ଗଲାବେଳେ ଗୋଟିଏ ବଡ଼ ବରଗଛରେ ଲେଖି ଦେଇଗଲୁ—

ଶ୍ରୀ ବାରବର ଜିଣଙ୍କ ମହାପାତ୍ର ।
ବ୍ରହ୍ମ ଶ୍ରୀ ବ୍ରଜକିଶୋର ପଟ୍ଟନାୟକ ।
ସାମନ୍ତ ଶ୍ରୀ ଆନନ୍ଦ ଚନ୍ଦ୍ର ଜଗଦେବ ।

ତା'ପରେ କୁଡ଼ିଆରେ ଯାହାସବୁ ଥିଲା ତାକୁ ବୋଇତରେ ବୋଝେଇ କଲୁ । ଅନେକ ଫଳମୂଳ ଓ ଖାଇବା ଜିନିଷ ନେଲୁ । ବୋଇତର ଲଙ୍ଗର ଉଠାଇ ଦେଲୁ । ପାଲ ଟାଣି ଦେଲୁ । ସକାଳ ବେଳା । ଧୀର ପବନ ବହୁଥାଏ । ବୋଇତଟି ସମୁଦ୍ର ଭିତରକୁ ଭାସି ଭାସି ଗଲା । ଆମେମାନେ ପୋହଲା ଦ୍ୱୀପ ଆଡ଼କୁ ଅନାଇ ଥାଉ । କିଛି ସମୟ ପରେ ଦ୍ୱୀପଟି ସମୁଦ୍ର ଭିତରେ ଦିଗ୍‌ବଳୟ ତଳେ ଲୁଚିଗଲାପରି ଜଣାଗଲା । ଆମେମାନେ ଗୋଟିଏ ଗୋଟିଏ ଦୀର୍ଘ ନିଶ୍ୱାସ ମାରିଲୁ ।

ଏହାପରେ ବୋଇତ ଖଣ୍ଡି "ଅମ୍ବେ" ଦ୍ୱୀପ ଆଡ଼କୁ ଚଳାଇବାରେ ଲାଗି ପଡ଼ିଲୁ । ପବନ ବହୁଥାଏ । ବୋଇତଟି ସୁଖସୁଖରେ ଚାଲୁଥାଏ । ଆମେ ତିନିଜଣଯାକ ବେଳେ ବେଳେ ବସି ଖୁସିଗପ କରୁଁ । ବେଳେ ବେଳେ 'ଟିକଲି'ର ଅବସ୍ଥା କଣ ହୋଇ ସାରବଣି ବୋଲି ଭାବୁ । ସୋଏଇବେଳେ ସୋଏଇବାସ କରୁ । କାମ କଲାବେଳେ କାମ କରୁଁ । ଏହିପରି ଭାବେ ଦୁଇଦିନ

କଟିଗଲା । ତା'ପରେ 'ଅମ୍ବେ ଦ୍ୱୀପ' ନିକଟରେ ଆମ ବୋଇତ ପହଞ୍ଚିଲା ।

ମୋର କହିବା ମୁତାବକ ଅମ୍ବେ ଦ୍ୱୀପର ଦକ୍ଷିଣ ଅଞ୍ଚଳକୁ ବୋଇତ ଚଳାଇଲୁ । କାରଣ ଦକ୍ଷିଣ ପାଖର ଅଧିବାସୀମାନେ ବୌଦ୍ଧ ଧର୍ମ ଗ୍ରହଣ କରିଥାନ୍ତି । ସେମାନେ ମଣିଷ ମାଂସ ଖାଆନ୍ତି ନାହିଁ । ବିଦେଶୀମାନଙ୍କ ପ୍ରତି ଭଲ ବ୍ୟବହାର କରନ୍ତି । ଦୁଇ ତିନି ଘଡ଼ି ପରେ ଦକ୍ଷିଣ ଉପକୂଳରେ ବୋଇତଟି ଲାଗିଲା । ଆମେମାନେ ଲଙ୍ଗର ପକାଇଲୁ । ସେଠାକାର ଅଧିବାସୀମାନଙ୍କର ଅପେକ୍ଷାରେ ରହିଲୁ ।

ପହରକ ପରେ ଦେଖିଲୁ, ଖଣ୍ଡେ ନାହା ଆମ ବୋଇତ ଆଡ଼କୁ ଆସୁଛି । ଆମେମାନେ ନାହା ଖଣ୍ଡିକୁ ଅପେକ୍ଷା କଲୁ । କିଛିକ୍ଷଣ ପରେ ନାହା ଖଣ୍ଡି ବୋଇତ ପାଖରେ ଲାଗିଲା । ନାହାରୁ ଜଣେ ଲୋକ ବୋଇତ ଉପରକୁ ଆସିଲେ । ତାଙ୍କୁ ପ୍ରାୟ ତିରିଶ ବର୍ଷ ହେବ । ବୌଦ୍ଧ ଶ୍ରମଣଙ୍କ ପରି ପୋଷାକ ପିନ୍ଧିଥାନ୍ତି । ଲୋକଟି ଆମମାନଙ୍କୁ ବିନୀତ ଭାବରେ ପ୍ରଣାମ କଲା । ସେ ଓଡ଼ିଆରେ କଥା କହୁଥାନ୍ତି । ଆମେମାନେ ଶେଷରେ ବୁଝିଲୁ ଯେ ପ୍ରକୃତରେ ସେ ଜଣେ ଦ୍ୱୀପାନ୍ତରୀ ବା ଦ୍ୱୀପ-ଭାରତୀ (INDONESIAN) । ଦଶବର୍ଷ ହେଲା ବୌଦ୍ଧଧର୍ମ ଗ୍ରହଣ କରିଛନ୍ତି । କଳିଙ୍ଗୀ ବୌଦ୍ଧ-ଶ୍ରମଣମାନଙ୍କ ଠାରୁ ଓଡ଼ିଆ ଭାଷା ଶିଖିଛନ୍ତି ।

ବୁଝିଲୁ ଯେ ତାଙ୍କର ଉଦ୍ୟମରେ ଏହି ଦ୍ୱୀପର ଦକ୍ଷିଣ ଅଂଶରେ ପାଞ୍ଚ ବର୍ଷ ହେଲା ବୌଦ୍ଧଧର୍ମ ପ୍ରଚାର ହୋଇଛି । ସେ ବହୁତ କଷ୍ଟ ସହି ଏଠି ଧର୍ମ ପ୍ରଚାର କରିଛନ୍ତି । କିନ୍ତୁ ଏ ଦ୍ୱୀପର ଅନ୍ୟାନ୍ୟ ଅଂଶର ଲୋକମାନେ ବୌଦ୍ଧଧର୍ମ ଗ୍ରହଣ କରି ନାହାନ୍ତି । 'ତମ୍ବସ' ସେମାନଙ୍କର ସର୍ଦ୍ଦାର । ସେ ଜଣେ ବୌଦ୍ଧଧର୍ମ ବିରୋଧୀ ।

ତା'ର ଅନେକ ପ୍ରଜା । ଦ୍ୱୀପରେ ବୌଦ୍ଧ-ପନ୍ଥୀଙ୍କ ସଂଖ୍ୟା କମ୍ । ସେ ଅନେକ ଥର ଏମାନଙ୍କ ଉପରେ ଅତ୍ୟାଚାର କରିବ ବୋଲି ଚେଷ୍ଟା କରିଛି । କିନ୍ତୁ ତଥାଗତଙ୍କ କୃପାରୁ କିଛି କରିପାରି ନାହିଁ ।

ବାର ସେ ବୌଦ୍ଧ ସନ୍ନ୍ୟାସୀଙ୍କୁ ଟିଙ୍କଲ୍ କଥା ପଚାରିଲି । ସେ କହିଲେ ଯେ 'ଏଣ୍ଡ୍ରୁ' ଦ୍ୱୀପର ସର୍ଦ୍ଦାରଙ୍କୁ ବାହା ହେବାକୁ ତା'ର ମନ । ସେ ଜଣେ ବୌଦ୍ଧ-ପନ୍ଥୀ । ତାଙ୍କ ଦ୍ୱୀପ ଅନ୍ୟ ଦ୍ୱୀପକୁ ପଚାଶ କୋଶ । କିନ୍ତୁ 'ଇସ୍ରସ'ର 'ଏଣ୍ଡ୍ରୁ' ଦ୍ୱୀପର ସର୍ଦ୍ଦାରଙ୍କ ସଙ୍ଗେ ପଡ଼େ ନାହିଁ । କାରଣ ସେ ଜଣେ ବୌଦ୍ଧ । ସେଥିଯୋଗେ ତା' ସଙ୍ଗେ ବାହା ଦେବାକୁ ସେ ଅମଙ୍ଗ । ସେ ଆଜ ଗୋଟିଏ ବର ଠିକ୍ କରିଛି । ସେ ବରଟି ବୌଦ୍ଧ ନୁହେଁ । ତାଙ୍କୁ ବାହା ହେବାକୁ ରାଜି ନ ହେଲେ ସେ ଜୋର କରି ସେ ବରର ଖାଇବା ସକାଶେ 'ଟିଙ୍କିଲ୍'କୁ ପଠାଇ ଦେବ । କିନ୍ତୁ ସେ ଅଜ୍ଞା-ଯାଏ ଏ ଦ୍ୱୀପରେ ଅଛି ।

ଆମେମାନେ ସେ ବୌଦ୍ଧ ସନ୍ୟାସୀଙ୍କ ଅନୁରୋଧରେ ତାଙ୍କ ନାହାରେ କୂଳକୁ ଗଲୁ । ଆମମାନଙ୍କୁ ଦେଖି କେତେ ଗୁଡ଼ାଏ ବୌଦ୍ଧଧର୍ମାବଲମ୍ବୀ ଭେଡ଼ା ଲୋକ ଜମା ହୋଇଗଲେ । ଆମେମାନେ ସେମାନଙ୍କ ସଙ୍ଗରେ ଗଲୁ । କିଛି ସମୟ ପରେ ସେମାନଙ୍କ ଗାଁରେ ପହଞ୍ଚିଲୁ ।

ଗାଁ ଖଣ୍ଡି ମାଇଲ୍ଏ ଲମ୍ବ । ମଝିରେ ଗୋଟିଏ ସଡ଼କ । ସଡ଼କର ଦୁଇ ପାଖରେ ଘର ଗୁଡ଼ାଏ । ଘରଗୁଡ଼ିକ ବେଶ୍ ପରିଷ୍କାର ଓ ପରିଚ୍ଛନ୍ନ । କାନ୍ଥଗୁଡ଼ିକ ଚୂନବୋଳା । ଘରେ ଅନେକ ଗୁଡ଼ାଏ ଝିଡ଼ିକି ଥାଏ । ଘର ଗୁଡ଼ିକ ଗହଳ ପତରରେ ବା ନଡ଼ାରେ ଛପର ହୋଇଥାଏ । ଘର ନିକଟରେ କଦଳୀ, ଲେମ୍ବୁ ଆଦି ଫଳଗଛର ବଗିଚା । ଗାଁ ମଝିରେ ଗୋଟିଏ ବୌଦ୍ଧ ମନ୍ଦିର । ମନ୍ଦିରଟି ଛୋଟ ।

ବଡ଼ ସୁନ୍ଦର ସ୍ଥାନଟିଏ । ଘୁର ସାଖରେ ଫୁଲ ବଗିଗ୍ଥ । ମନ୍ଦର ଅଗରେ ଓସାରିଆ ଅଗଣାଟିଏ । ଗାଁ ପଛପଟରେ ବଣ । ବଣ ପଛ-ପଟେ ଗୋଟିଏ ପାହାଡ଼ । ଏଇ ପାହାଡ଼ର ଅରପଟରୁ ଭଗ୍ୱସର ରାଜ୍ୟ ।

ଆମମାନଙ୍କୁ ବୌଦ୍ଧ ସନ୍ୟାସୀ ବଡ଼ ଅଦର ଯନ୍ କଲେ । ତାଙ୍କ ଘରକୁ ନେଇଗଲେ । ବସିବାକୁ ବିଛଣା ପତର ଦେଲେ । କେତେ ସମୟ ଆମମାନଙ୍କ ଭିତରେ ଦେବତାମାନଙ୍କ ବିଷୟ ନେଇ ଗପସପ ଗ୍ଲିଲ । ମୁଁ ଟିକଲର ଉଦ୍ଧାର ସମ୍ବନ୍ଧେ ଚେଷ୍ଟା କରିବ ବୋଲି କହିଲି । କିନ୍ତୁ ସେଥିରେ ମନ ନ ବଳାଇବାକୁ ସନ୍ୟାସୀ ଉପଦେଶ ଦେଲେ । ସେ କହିଲେ—ଭଗ୍ୱସ ଜଣେ ନିଷ୍ଠୁର ପ୍ରକୃତିର ଲୋକ । ସେ ଟିକିଏ ହେଲେ ମୋହ ମମତା ରଖିବ ନାହିଁ । ତା' ସନ୍ଧୁଖରେ ଶବ୍ଦା ଥିଲେ ଯାହା, ନ ଥିଲେ ମଧ ସେଇଆ ।

ଯେତେ ଯାହା ହେଲେ ସୁଦ୍ଧା ଟିକଲର ଉଦ୍ଧାର ଲାଗି ଯିବୁ ବୋଲି ବୀର କହିଲା । ସନ୍ୟାସୀ ଆମମାନଙ୍କ ସଙ୍ଗରେ ଯିବେ ବୋଲି ଜଣାଇଲେ । ସେ କହିଲେ, "ପଅର ଦିନ ଭଗ୍ୱସର ଅଉ ଜଣେ ସର୍ଦାରଙ୍କ ସଙ୍ଗେ ଯୁଦ୍ଧ ହେବାର ଅଛି । ସେଥିଯୋଗେ ସେ ବର୍ତ୍ତମାନ ବ୍ୟସ୍ତ ଅଛି । ଆମେମାନେ ଯୁଦ୍ଧ ପରେ ଯିବା ।"

ଏଥିରେ ଆମେମାନେ ରାଜି ହେଲୁ । ଏତିକିବେଳେ ଗୋଟିଏ ଲୋକ ଖାଇବା ଜିନିଷ ଆଣି ପହଞ୍ଚାଇଲା । ଆମେମାନେ ଖାଇବାକୁ ଗଲୁ । ସନ୍ୟାସୀ କୌଣସି କାର୍ଯ୍ୟରେ ସ୍ଥାନାନ୍ତରକୁ ଗ୍ଲିଗଲେ । ଖାଇ ସାରିଲା ପରେ ବୀର କହିଲା ଦେବତାମାନଙ୍କର ଯୁଦ୍ଧ ଦେଖି ଯିବାକୁ । ମୁଁ ମନାକଲି । କିନ୍ତୁ ସେ ମାନିଲା ନାହିଁ । ଏକଜିଦ୍ ଧରିଲା । ଶେଷରେ ତିନିଜଣ ଯାକ ଯିବୁ ବୋଲି ଠିକ୍ କଲୁ । ଯୁଦ୍ଧ ଭୁଇଁ ଟି କେଉଁଠି, ଅଗରୁ ସନ୍ୟାସୀଙ୍କ ଠାରୁ ବୁଝିଥିଲୁ । ଯୁଦ୍ଧ ଦିନ

ଆମେମାନେ ସମସ୍ତଙ୍କ ଅଜ୍ଞାତରେ ସେଠାକୁ ଗଲୁ । ଯୁଦ୍ଧ ଭୂଇଁ ନିକଟବର୍ତ୍ତୀ ଗୋଟିଏ ବଣରେ ସେଠି ଲୁଚି ରହିଲୁ । ଆମମାନଙ୍କୁ କେହି ଦେଖି ପାରିବାର ଆଶଙ୍କା ନ ଥାଏ । କିନ୍ତୁ ଆମେମାନେ ସବୁ ଦେଖୁଥାଉ ।

ସେମାନଙ୍କ ଯୁଦ୍ଧରେ କିଛି ଆଶ୍ଚର୍ଯ୍ୟ କଥା ନାହିଁ । ବୁଦ୍ଧିବୃତ୍ତିର ବିଶେଷ ପ୍ରୟୋଗ ନାହିଁ । ସାଧାରଣତଃ ଚାରି ଧାଡ଼ିରେ ସେମାନେ ଯୁଦ୍ଧ କରନ୍ତି । ପ୍ରଥମ ଧାଡ଼ିର ଲୋକେ ବର୍ଚ୍ଛା ଧରି ଲଢ଼ନ୍ତି । ସେମାନଙ୍କ ପଛକୁ ଆଉ ଧାଡ଼ିଏ ଲୋକ ଠେଙ୍ଗା ବାଡ଼ି ଧରି ଯୁଦ୍ଧ କରନ୍ତି । ତୃତୀୟ ଧାଡ଼ିରେ ଦଳେ ଟୋକା ଛୁରି ଟିକିଣିରେ ଲଢ଼େଇ କରନ୍ତି । ସମସ୍ତଙ୍କ ପଛରେ ଧାଡ଼ିଏ ସ୍ତ୍ରୀଲୋକ ଢେଲା ପଥର ଧରି ଯୁଝନ୍ତି । ଯୁଦ୍ଧର କଳ କୌଶଳ ସେମାନେ ଜାଣନ୍ତି ନାହିଁ । ଖାଲି ଆଗ ଆଗ ହୋଇ ପିଟାପିଟି ହୁଅନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଲୋକ ନିଜର ଦେହକୁ ରଙ୍ଗରେ ଚିତ୍ର କରି ଥାଆନ୍ତି ।

ଯୁଦ୍ଧ ଆରମ୍ଭ ହେଲା । ଆମେମାନେ ଦେଖୁଥାଉଁ । ଘଣ୍ଟାକ ମଧ୍ୟରେ ଯୁଦ୍ଧ ଶେଷ ହେଲା । 'ଉଗ୍ରସ'ର ପକ୍ଷ ଜିତିଲେ । ଯୁଦ୍ଧରେ ଅଠର ଜଣ ମରିଗଲେ । ଏତିକିବେଳକୁ ସଞ୍ଜହୋଇ ଆସୁଥାଏ । ଆମେମାନେ ବୌଦ୍ଧ ପଣ୍ଡାକୁ ଫେରି ଆସିବାକୁ ବାହାରିଲୁ ।


ତହିଁ ଆରଦିନ ଉଗ୍ରସର ରାଜ୍ୟକୁ ଯିବାକୁ ବାହାରିଲୁ । ବୋଇତ ସଜିଲ ହେଲା । ସନ୍ନ୍ୟାସୀ ଆମମାନଙ୍କ ସଙ୍ଗରେ ବୋଇତରେ ଚଢ଼ିଲେ । ତାଙ୍କ ସଙ୍ଗରେ ପନ୍ଦର ଜଣ ବୌଦ୍ଧପନ୍ଥୀ ବେଢ଼ା ବୋଇତ ଚଳାଇବାକୁ ଆସିଲେ । ସମୁଦ୍ରର କୂଳେ କୂଳେ ବୋଇତ ଚାଲିଲା । ଖରାବେଳକୁ ଆମେମାନେ ଉଗ୍ରସର ରାଜ୍ୟରେ ପହଞ୍ଚିଲୁ । ତୋପ ଫୁଟାଇ ଆମମାନଙ୍କ ଆସିବା ସେମାନଙ୍କୁ ଜଣାଇ ଦେଲୁ । କୂଳର କିଛି ଦୂରରେ ବୋଇତଟି ଲଙ୍ଗର କଲା ।

ଘଣ୍ଟାଏ ଦୁଇଘଣ୍ଟା ପରେ ଗୋଟିଏ ନାହ୍ଵା ଆମ ବୋଇତ ଆଡ଼କୁ ଆସିଲା । ସେଥିରୁ କେତେଜଣ ଲୋକ ଆସି ଆମ ବୋଇତରେ ଚଢ଼ିଲେ । ଆମେମାନେ ମିତ୍ରଭାବେ ଆସିଛୁ ବୋଲି ସନ୍ୟାସୀ ସେମାନଙ୍କୁ ବୁଝାଇ ଦେଲେ । 'ତଗ୍ରସ'କୁ ଡାକି ଦେବାକୁ ଆମେ-ମାନେ ସେମାନଙ୍କୁ କହିଲୁ । ସେମାନେ ତା' ନିକଟକୁ ଖବର ନେଇ ଫେରିଗଲେ । ଫେର ଦୁଇ ତିନି ଘଣ୍ଟା ପରେ ଖଣ୍ଡିଏ ନାହ୍ଵା ନେଇ ବୋଇତକୁ ଆସିଲେ । 'ତଗ୍ରସ' ଆଜି ବୋଇତକୁ ଆସି ପାରିବ ନାହିଁ ବୋଲି ଜଣାଇଲେ । କାରଣ ଆଜି ତାଙ୍କର ଠାକୁରଙ୍କ ପାଖରେ ଗୋଟିଏ ଉତ୍ସବ ଅଛି ।

ସେମାନଙ୍କ କଥା ଶୁଣି ଆମେମାନେ 'ତଗ୍ରସ' ନିକଟକୁ ଯିବୁ ବୋଲି ବାହାରିଲୁ । ଆ'ନ୍ଦ ହାତରେ ପିସ୍ତଲ ନେବାକୁ ବସିଥିଲା । କିନ୍ତୁ ବୀର ମନାକଲା । କାରଣ ପିସ୍ତଲ ଦେଖିଲେ ସେ ବିଗିଡ଼ି ଯାଇ ପାରେ । ତେଣୁ ଖାଲି ହାତରେ ଖଣ୍ଡିଏ ତରଣୀରେ ଚଢ଼ି କୂଳକୁ ଗଲୁ ।

ସେଠାରୁ ସେ ଲୋକମାନଙ୍କ ସଙ୍ଗରେ ତଗ୍ରସର ଘରକୁ ଗଲୁ । ସେମାନେ ଆମମାନଙ୍କୁ ଫଳମୂଳ ପ୍ରଭୃତି ଖାଇବାକୁ ଦେଲେ । ଆମେମାନେ ଖାଇଲୁ । ତା'ପରେ ବୀର 'ତଗ୍ରସ' ସଙ୍ଗେ ଦେଖା କରିବାକୁ ଚାହିଁଲା । କିନ୍ତୁ ସେ ଲୋକଗୁଡ଼ାକ କହିଲେ ଯେ, ବର୍ତ୍ତମାନ ତାଙ୍କର ଭେଟ ମିଳିବ ନାହିଁ । କିଛି ସମୟ ପରେ ତାଙ୍କ ସଙ୍ଗେ ଭେଟ ହେବ । ଏସନ୍ଧି ସେ ଠାକୁର ମନ୍ଦିରକୁ ଯାଇଛନ୍ତି ।

ବୀର ସେମାନଙ୍କ କଥା ଶୁଣି ମନ୍ଦିରକୁ ଯିବାକୁ ବସିଲା । ସେମାନଙ୍କ ଉତ୍ସବ ଦେଖିବାକୁ ତା'ର ଭାରି ମନ ଥାଏ । ଆ'ନ୍ଦ ଓ ମୁଁ ତା'ସଙ୍ଗେ ବାହାରିଲୁ । ସନ୍ୟାସୀ ଆମମାନଙ୍କ ସଙ୍ଗେ ଯିବାକୁ



[ ଦୁଇଜଣ ଆଦିବାସୀ ଗୋଟିଏ ଜୀଅନ୍ତା ମଣିଷକୁ ବାନ୍ଧିପକାଇ
ନେଇ ଯାଉଛନ୍ତି.........ତାକୁ ଜୀଅନ୍ତା ସମାଧି ଦେଇ
ଠାକୁର ଘର ତୋଳାର ଶୁଭ ଦେବେ ]

ମନା କଲେ । କାରଣ ଠାକୁର ମନ୍ଦିରରେ ଏ ଲୋକମାନେ ଅମାନୁଷିକ କାମ କରନ୍ତି । ସେପରି କାମ ଦେଖିବାକୁ ସେ ଘୃଣା କରନ୍ତି । ସେଥିଯୋଗେ ସେ ବୋଇତକୁ ଫେରି ଆସିଲେ ।

ଆମେ ତିନିହେଁ ଭେଡ଼ାମାନଙ୍କ ଠାକୁର ମନ୍ଦିରକୁ ଗଲୁ । ବାଟରେ ଯାଉଁ ଯାଉଁ ଭାରି ଗୋଳମାଳ ଶୁଭିଲା । ବାଜା ବାଜୁଥାଏ । ଆନନ୍ଦରେ ଲୋକମାନେ ଧୂଆଁ ଘାଣ୍ଟୁଥାନ୍ତି । ଆମେମାନେ ବାଟ ପାଖରେ ଗୋଟିଏ ଗଛମୂଳେ ଛପିଗଲୁ ।

ଅସଂଖ୍ୟ ଲୋକ ମନ୍ଦିରକୁ ଛୁଟିଥାନ୍ତି । ସେମାନଙ୍କ ଭିତରୁ କେତେକଜଣ କେତେଖଣ୍ଡ ବାଉଁଶ କାନ୍ଧେଇ ଥାନ୍ତି । ସେଥିରେ କେତେକଜଣ ଲୋକ ବସିଥିଲା ପରି ଦେଖାଗଲା । ପାଖରେ ପହଞ୍ଚିଲାରୁ ଦେଖିଲୁ ସେ ସେଗୁଡ଼ାକ ମୁର୍ଦ୍ଦାର । ବସିଲା ପରି ରଖି ବାଉଁଶରେ ବାନ୍ଧି ଦେଇଛନ୍ତି । ଏଗୁଡ଼ାକ ଲଢ଼େଇରେ ଯୁଦ୍ଧରେ ମରିଥିଲେ । ଠାକୁରଙ୍କ ପାଖରେ ଭୋଗ ଲଗାଇବାକୁ ସେମାନଙ୍କୁ ମନ୍ଦିରକୁ ନେଉଥାନ୍ତି । ଭୋଗ ଲଗାଇ ସାରି ସେ ମୁର୍ଦ୍ଦାରଗୁଡ଼ିକ ନିଆଁରେ ପୋଡ଼ି ଖାଇବେ ।

ସବା ପଛରେ ଆଉ ଗୋଟିଏ ବାଉଁଶରେ କ'ଣ ବାନ୍ଧି ଦୁଇଜଣ ଲୋକ ଆଣୁଥିଲେ । ଆମମାନଙ୍କ ପାଖରେ ହେବାରୁ ଦେଖିଲୁ ସେ ସେଥିରେ ଗୋଟିଏ ଜିଅନ୍ତା ମଣିଷ ବନ୍ଧା ହୋଇଛି । ବୋଧହୁଏ ତାକୁ ବଳି ଦେବାକୁ ନେଉଥାଆନ୍ତି । ଆମେ ସବୁ ସେମାନଙ୍କ ପଛେ ପଛେ ଠାକୁର ମନ୍ଦିରକୁ ଗଲୁ । ଦେଖିଲୁ ସେମାନେ ମୁର୍ଦ୍ଦାର ଗୁଡ଼ାକୁ ଠାକୁରଙ୍କ ପାଖରେ ଥୋଇଦେଲେ । ଠାକୁରଙ୍କ ପୂଜାରୀ ଏଗୁଡ଼ିକୁ ଭୋଗ ଲଗାଇ ଦେଲା । ତା'ପରେ ଗଦାଏ ନିଆଁ ଲଗା ହେଲା । ସମସ୍ତେ ମୁର୍ଦ୍ଦାରରୁ ଖଣ୍ଡେ ଖଣ୍ଡେ

କାଟିଆଣି ନିଆଁରେ ପୋଡ଼ି ଖାଇବାକୁ ଲାଗିଲେ । ଆମମାନଙ୍କ ମନ ଘୃଣାରେ ପୂରିଗଲା ।

ଏତିକି ବେଳେ ଠାକୁର ମନ୍ଦିର ପାଖରେ ଆଉ ଗୋଟିଏ ସ୍ଥାନରେ ଗୁଡ଼ାଏ ଲୋକ ହୋ’ ହୋ’ ପାଟି କଲେ । ଯାଇ ଦେଖିଲୁ ସେଠାରେ ଗୋଟିଏ ଘର ତିଆରି ହେଉଛି । ଘରର ଖୁଣ୍ଟ ପଡ଼ିବ ବୋଲି ଗୋଟିଏ ମସ୍ତବଡ଼ ଗାତ ଖୋଳା ଯାଇଛି । ସେଥିରେ ଖୁଣ୍ଟ ପଡ଼ିଲା । ସେ ଗାତରେ ଯେଉଁ ଜୀଅନ୍ତା ଲୋକଟିକୁ ବାଉଁଶରେ ବାନ୍ଧି ଆଣିଥିଲେ ତାକୁ ପୂରାଇଲେ । ତା’ପରେ ମାଟି ପଣି ଦେଲେ । ଲୋକଟି ଖୁଣ୍ଟ ମୂଳେ ଜିଅନ୍ତା ସମାଧି ଦେଲା । ସେମାନଙ୍କର ଏହିପରି ପ୍ରଥା ଅଛି । କୌଣସି ଠାକୁର ଘର କିମ୍ବା ସର୍ଦ୍ଦାରଙ୍କର ଘର ତିଆରି ହେଲେ, ସେଥିରେ ଜିଅନ୍ତା ମଣିଷ ସମାଧି ଦିଆ ହୁଅନ୍ତି । ଏସବୁ ଦେଖି ଆମମାନଙ୍କ ମନରେ ଘୃଣା ଓ ଭୟ ଜାତ ହେଲା । ସେଠାରେ ଆଉ ରହିବାକୁ ମନ ହେଲା ନାହିଁ । ତେଣୁ ବୋଇତକୁ ଫେରି ଆସିଲୁ ।

## —ଷୋଳ—

ବୋଇତକୁ ଆସି ଯାହା ଦେଖିଲୁ ବୌଦ୍ଧ ଶ୍ରମଣଙ୍କ ଆଗରେ କହିଲୁ । କିନ୍ତୁ ବେଶି ବେଳ ଗପସପ ହୋଇ ପାରିଲା ନାହିଁ । କାରଣ ତରସ ଆସି ବୋଇତରେ ପହଞ୍ଚିଲା । ତାକୁ ପାଛୋଟି ଆଣିବାକୁ ଡେକ୍ ବାରଣ୍ଡା ଉପରକୁ ଆସିଲୁ । ସେ ଆମମାନଙ୍କୁ ଦେଖି ଭାରି ଖୁସି ହେଲେ । ଆସିବାର କାରଣ ପଚାରିଲେ । ଆମେମାନେ ତାଙ୍କ କଥା ବୁଝି ପାରୁ ନ ଥାଉ । ବୌଦ୍ଧ ସନ୍ନ୍ୟାସୀ ବୁଝାଇ ଦେଉଥାନ୍ତି ।

ବୀର ସନ୍ନ୍ୟାସୀଙ୍କୁ କହିଲୁ ଯେ ଆମମାନଙ୍କର ଗୋଟିଏ ଅନୁରୋଧ ତରସକୁ ରଖିବାକୁ କୁହ । ଆମେମାନେ ଟିକଲର ପ୍ରାଣଭିକ୍ଷା କରୁଛୁ । ତାକୁ ଡେଙ୍ଗା ସର୍ଦ୍ଦାରଙ୍କର ଖାଦ୍ୟ ସକାଶେ ନ ପଠାଇବାକୁ ଅନୁରୋଧ କରୁଛୁ । ତାକୁ ତା'ର ମନୋମତ ବରକୁ ବିଭା ଦିଅନ୍ତୁ ।

ସନ୍ନ୍ୟାସୀ ଆମମାନଙ୍କର ପ୍ରାର୍ଥନା ଡଗ୍ରସକୁ ବୁଝାଇ ଦେଲେ । ସେ ଟିକିଏ ନା' ଶୁଣି ବିରକ୍ତ ହେଲା ଓ ଆମମାନଙ୍କର ପ୍ରାର୍ଥନା ପୂରଣ କରି ପାରିବ ନାହିଁ ବୋଲି ଜଣାଇ ଦେଲା ।

ଆମେମାନେ ପୋହ୍ଲା ଦ୍ୱୀପରେ ଡଗ୍ରସକୁ ଏତେ ବଡ଼ ବିପଦରୁ ରକ୍ଷା କରିଥିଲୁ । ତା'ର ପ୍ରାଣ ବଞ୍ଚାଇଥିଲୁ । ଭାବିଥିଲୁ ଆମମାନଙ୍କର ପ୍ରାର୍ଥନା ପୂରଣ କରିବାକୁ ସେ ଟିକିଏ ମାତ୍ର କୁଣ୍ଠିତ ହେବ ନାହିଁ । କିନ୍ତୁ ଦେଖିଲୁ ତା'ର ଟିକିଏ ହେଲେ ଉପରୋଧ ନାହିଁ । ଟିକିଏ ହେଲେ କୃତଜ୍ଞତା ନାହିଁ । ସେ ମୁହେଁ ମୁହେଁ ମନା କରିଦେଲା । ଓଲଟି ରାଗିଲା ।

ତା'ର ଏ ବ୍ୟବହାରରେ ବୀର ଚିଡ଼ିଗଲା । ସନ୍ନ୍ୟାସୀଙ୍କୁ କହିଲା—ଡଗ୍ରସକୁ କୁହ ସେ ଆମ କଥା ନ ରଖିଲେ ଆମେ ତା' ସଙ୍ଗେ ଯୁଦ୍ଧ କରିବୁ । ଆମର ଗୋଟେ ବଡ଼ ତୋପ ଅଛି । ସେ ତୋପ ମାରି ତାର ଦ୍ୱୀପ ଉଡ଼ାଇ ଦେବୁ । କିନ୍ତୁ ସନ୍ନ୍ୟାସୀ ତାକୁ ଏ କଥା କହିଲେ ନାହିଁ । କାରଣ ସେ ଜାଣନ୍ତି—ଡଗ୍ରସ ଏ କଥା ଶୁଣିଲେ ଆମେମାନେ ଜୀବନ ଘାଇ ପାରିବୁ ନାହିଁ । ଆମର ତୋପ ଥିଲେ ସୁଦ୍ଧା ତା'ର ହଜାର ହଜାର ଲୋକ ଅଛନ୍ତି । ଆମେ ତିନି ଚାରିଜଣ କଣ କରିବୁ ।

ବୀର ରାଗି ଯିବାରୁ ତା'ର ମୁହଁ ଲାଲ ପଡ଼ିଗଲା । ତା'ର ଭଙ୍ଗଚାଙ୍ଗରୁ ଡଗ୍ରସ ଜାଣି ପାରିଲା ଯେ ସେ ରାଗି ଗଲାଣି । ବୀର କଣ ଚାହେଁ ବୋଲି ସେ ସନ୍ନ୍ୟାସୀଙ୍କୁ ପଚାରିଲେ । ସନ୍ନ୍ୟାସୀ ତାକୁ ବୁଝାଇ ଦେଲେ ଯେ ବୀର ତାଙ୍କ କଥାରେ ବଡ଼ ଦୁଃଖିତ ।

ଏତିକିବେଳେ ସମୁଦ୍ର କୂଳରେ ଗୁଡ଼ାଏ ଲୋକ ଜମା ହୋଇଗଲେ । ସେମାନେ ଗୁଡ଼ାଏ ଫଳମୂଳ ଆଣିଥାନ୍ତି । ସେଗୁଡ଼ାକ ବାଲିରେ ଗଦା କଲେ । ସେମାନଙ୍କ ସଙ୍ଗରେ ଗୋଟିଏ ସ୍ତ୍ରୀ ଲୋକ

ଥିଲା । ଆମେମାନେ ତାକୁ ଦେଖିଲାକ୍ଷଣି ଚିହ୍ନି ପାରିଲୁ । ସେ ଟିକଲି ଛଡ଼ା ଆଉ କେହି ନୁହେଁ । ତାକୁ ଏଠିକି ଆଣିବାର କାରଣ ଆମେମାନେ ସନ୍ନ୍ୟାସୀଙ୍କୁ ପଚାରିଲୁ । ସନ୍ନ୍ୟାସୀ କହିଲେ— “ବୋଧହୁଏ ଆଜି ତାକୁ ତରାସ ଠିକ୍ କରିଥିବା ବର ନିକଟକୁ ପଠାଇ ଦେବେ । ସେଠିକି ଗଲେ ତା’ର ବଞ୍ଚିବାର ଆଶା ନାହିଁ ।”

ଏତକ ଶୁଣିଲାକ୍ଷଣି ବୀର ରାଗରେ ଚୁର୍ ହୋଇଗଲା । ତା’ର ଫାଇଁ ଫାଇଁ ନିଶ୍ୱାସ ବୋହିଲା । ସେ ଭୂତ ଲାଗିଲା ପରି ଅସ୍ଥିର ହେଲା । ନିମିଷକ ମଧ୍ୟରେ ଟିକଲି ପାଖକୁ ଛୁଟିଗଲା । ଲୋକ-ଗୁଣ୍ଡାଙ୍କୁ ଠେଲିଠାଲି ଦେଇ ତାକୁ ଘେନି ଆସିଲା । ତାକୁ ଗୋଟିଏ ଗଛ ଅଢ଼ୁଆଳରେ ରଖି ଲୋକମାନଙ୍କ ପାଖକୁ ଛୁଟିଗଲା । ଜଣଙ୍କଠୁ ଖଣ୍ଡେ ଠେଙ୍ଗୁଣିଆ ଛଡ଼ାଇ ଆଣି ଭୀମ ବେଗରେ ବୁଲାଇଲା । ଲୋକ ଗୁଡ଼ାକ ତାଟକା ହୋଇ ଅନାଇଥାନ୍ତି ।

ଶେଷରେ ତାକୁ ମାରିବାକୁ ସମସ୍ତେ ଘେରିଗଲେ । ତାକୁ ମାରି ପକାଇଥାନ୍ତେ କିନ୍ତୁ ଏତିକିବେଳେ ସନ୍ନ୍ୟାସୀ ସେମାନଙ୍କ ଭିତରେ ପଶିଗଲେ । ସମସ୍ତଙ୍କୁ ବଡ଼ ପାଟିରେ କହିଲେ—‘ଟିକିଏ ସମ୍ଭାଳି ଯାଅ । ତା’ ବିଷୟ ତମର ସର୍ଦ୍ଦାର ବିଚାର କରିବେ ।” ସନ୍ନ୍ୟାସୀଙ୍କ କଥାରେ ଭେଡ଼ାମାନେ ଟିକିଏ ହଟିଗଲେ । ବୀର କିନ୍ତୁ ଘାଇଲା ବାଘ ପରି ଗର୍ଜୁଥାଏ । ବାଡ଼ି ମଧ୍ୟ ଖୁବ୍ ଜୋରରେ ବୁଲାଉଥାଏ । ‘ତରାସ’ ତାକୁ କ୍ଷମା ମାଗିବାକୁ କହିଲା । ବୀର କିନ୍ତୁ ଶୁଣିଲା ନାହିଁ । ରାଗରେ ତା’ର ବୁଦ୍ଧିବୃତ୍ତି ନ ଥାଏ । ଶେଷରେ ସନ୍ନ୍ୟାସୀଙ୍କ କଥାରେ ଥିର ହେଲା ।

ତରାସକୁ ସନ୍ନ୍ୟାସୀ ଟିକିଏ ବୁଝାଇ ସୁଝାଇ କହିଲେ । ସେଥିରେ ସେ ଟିକିଏ ଶାନ୍ତ ହେଲେ । ବୀରକୁ ଜୀବନରେ ମାରିବେ ନାହିଁ

ବୋଲି କହିଲେ । ଟିକିଲିକୁ ମଧ୍ୟ ଅଉ ତଣ୍ଡାଦନ ଯାଏ ସେ ଠିକ୍ କରିଥିବା ବର ପାଖକୁ ପଠାଇବେ ନାହିଁ ବୋଲି କହିଲେ । କିନ୍ତୁ ଆମ ବୋଇତ ଖଣ୍ଡି ଅଟକାଇ ରଖିଲେ । ସେ ହୁକୁମ୍ ଦେଲେ ଆମେ ବୋଇତ ଛାଡ଼ିବୁ । ନଇଲେ ଦଣ୍ଡ ପାଇବୁ ବୋଲି ଆଦେଶ ହେଲା ।

ଆମେମାନେ ବୋଇତକୁ ଫେରି ଆସିଲୁ । ତସ୍ୱସ ଟିକିଲିକୁ ଘେନି ତା' ଘରକୁ ଚାଲିଗଲା । ଲୋକମାନେ ସେମାନଙ୍କ ଘରକୁ ଗଲେ ।

ବୀର ବୋଇତକୁ ଆସି ଖଣ୍ଡିଏ ଖଟ ଉପରେ ଶୋଇ ପଡ଼ିଲା । ଭାରି ଅସ୍ଥିର ହେଉଥାଏ । ସନ୍ନ୍ୟାସୀ ତା' ନିକଟରେ ଯାଇ ବସିଲେ । ଧୀର ସ୍ଥିର ହେବାକୁ ତାକୁ ଉପଦେଶ ଦେଲେ । ଟିକିଲିକୁ ରକ୍ଷା କରିବାକୁ ତାକୁ ଗୋଟିଏ ଉପାୟ ବତାଇଲେ । ସେ କହିଲେ, "ଟିକିଲିକୁ ଲୁଚେଇ ଆଣି ବୋଇତରେ ଚାଲିଯିବାର ଆଶା ନାହିଁ । କାରଣ ଲଙ୍ଗରର ଝଣ୍ ଝଣ୍ ଶବ୍ଦ ଶୁଣିଲେ ହଜାର ହଜାର ଲୋକ ଜମା ହୋଇଯିବେ । ସେମାନଙ୍କ ପାଖରୁ ଉଧୁଡ଼ିଯିବା ଅସମ୍ଭବ । କିନ୍ତୁ ଆଉ ଗୋଟିଏ ଉପାୟ ଅଛି ।

ରାତିରେ ଖଣ୍ଡିଏ ନାଆରେ ଟିକିଲିକୁ ଘେନି ଚାଲିଗଲେ କେହି ଜାଣି ପାରିବେ ନାହିଁ । ଯେଉଁ ବରକୁ ବାଗ୍‌ଦା ହେବାକୁ ତା'ର ଇଚ୍ଛା ଅଛି, ତା' ଦ୍ୱୀପ ଏଠାକୁ ପଚିଶ କୋଶ ହେବ । ତାକୁ ସେଇ ଦ୍ୱୀପକୁ ନେଇଗଲେ ସେ ରକ୍ଷା ପାଇବ ।" ଏହି ଉପାୟରେ ପଳାଇଯିବା କଥା ସେ ଟିକିଲିକୁ ଗୋପନରେ କହିଛନ୍ତି ବୋଲି ଜଣାଇଲେ ।

ବୀର ଏକଥା ଶୁଣି ଉଚ୍ଛୁଳ ହେଲା । ସେ ଏହା କରିବାକୁ ଟିକିଏ ହେଲେ ଡରିବ ନାହିଁ ବୋଲି କହିଲା । ଶେଷରେ ଏଇକଥା

ଠିକ୍ ହେଲା । ସନ୍ନ୍ୟାସୀ ସବୁକଥା ଗୋପନରେ ଟିକିଲକୁ କହିଦେଇ ଆସିଲେ । ତହିଁ ଆରଦିନ ରାତିରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବାକୁ ସେ କବାବ ଦେଲା ।

ତହିଁ ଆରଦିନ ରାତି ପହରକ ବେଳକୁ ଆମେମାନେ ଡଙ୍ଗା ଖଣ୍ଡିଏ ଘେନି ବାହାରିଲୁ । ସନ୍ନ୍ୟାସୀ ବୋଇତରେ ରହିଲେ । ତାଙ୍କ ଠାରୁ ବିଦାୟ ନେଲୁ । ଅନ୍ଧାର ହୋଇଥାଏ । ଟିକିଏ ଟିକିଏ ପବନ ବୋହୁଥାଏ । ସମୁଦ୍ର ଗର୍ଜନ ଯୋଗେ ଆମ ଅହୁଲ ଶବ୍ଦ ଶୁଭୁ ନ ଥାଏ । ଆମେମାନେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଟିକିଲିକି ଅପେକ୍ଷା କଲୁ । ସେ କିଛି ସମୟ ପରେ ଆସିଲା । ତାକୁ ନାଆ ଭିତରକୁ ଘେନି ଆସିଲୁ ।

ତା'ପରେ ସମୁଦ୍ର ଭିତରକୁ ନାଆ ମେଲିଦେଲୁ । ପ୍ରାଣ-ପଣେ ଅହୁଲ ମାରୁଥାଉ । ଏମିତି ଗୋଟାଏ ଦିନ ଗୋଟାଏ ରାତି କଟିଗଲା । ତହିଁଆରଦିନ ସନ୍ଧ୍ୟା ବେଳକୁ ଆମେମାନେ ଦମ୍ଭ ମାରିଲୁ । ପାଖରେ ଖାଇବା ଜିନିଷ ଥିଲା । ଯେତେ ଲେଖାଏଁ ଖାଇଲୁ । ଟିକିଲିକୁ ମଧ୍ୟ କିଛି ଖାଇବାକୁ ଦେଲୁ । ସେ ଖାଇସାରି ଶୋଇ ପଡ଼ିଲା । ଆମେମାନେ ଅହୁଲ ମାରିବାରେ ଲାଗିଗଲୁ । ଏହିପରି ଭାବେ ରାତି ପାହିବାକୁ ବସିଲା । ପୂର୍ବ ଦିଗରେ ସିନ୍ଦୁର ଫାଟିଲା । କ୍ରମେ ସୂର୍ଯ୍ୟ ଉଠି ଆସିଲେ ।

ଏତିକି ବେଳେ ଆମେମାନେ ଦିଗ୍‌ବଳୟ ପାଖରେ ଗୋଟିଏ ନାଆ ଦେଖିଲୁ । ନାଆ ଖଣ୍ଡି ଆମର ଆଡ଼କୁ ଆସୁଥାଏ । ଭାବିଲୁ, ବୋଧହୁଏ ତସ୍କର ଲୋକମାନେ ଆମମାନଙ୍କୁ ଧରିବାକୁ ଗୋଡ଼ାଇଛନ୍ତି । ସେଥିପାଇଁ ପଳାଇ ଯିବାକୁ ପ୍ରାଣପଣେ ଅହୁଲ ଚଳାଇଲୁ । ଏମିତି ପହରେ ଖଣ୍ଡେ ଗଲା । ଶେଷରେ ଆମେମାନେ

ଥକି ପଡ଼ିଲୁ । ହାତ ଗୋଡ଼ ଅବଶ ହୋଇଗଲା । ଆଉ ବଳ ପାଇଲା ନାହିଁ । ତଥାପି ଲଢ଼ି ପଡ଼ୁଥାଉ ।

ଘଡ଼ିଏ ଦୁ'ଘଡ଼ି ପରେ ସେମାନେ ଆମ ପାଖାପାଖି ହୋଇଗଲେ । ଆମେମାନେ ନିରୁପାୟ । ସେମାନେ ପ୍ରାୟ ଶହେ ଜଣ ଥାନ୍ତି । ତଥାପି ତାଙ୍କ ସଙ୍ଗେ ଯୁଦ୍ଧ କରିବାକୁ ଅସ୍ତ୍ର ଖଣ୍ଡିଏ ଖଣ୍ଡିଏ ଧରି ଠିଆ ହୋଇଗଲୁ । କିନ୍ତୁ ତାଙ୍କ ନାଆ ଖଣ୍ଡି ଆମ ନାଆରେ ଜୋରରେ ଧକ୍କା ଖାଇଲା । ସେଇ ଧକ୍କାରେ ଆମ ନାଆ ଖଣ୍ଡି ଓଲଟି ପଡ଼ିଲା । ଆମେମାନେ ପାଣିରେ ବୁଡ଼ିଗଲୁ । ତା'ପରେ କ'ଣ ହେଲା ଜାଣିନା' ।

ଯେତେବେଳେ ଆମର ଚେତ୍ ହେଲା, ଦେଖିଲୁ ଆମେ ସେମାନଙ୍କର ନାଆରେ ଶୋଇଛୁ । ଆମର ହାତ ଗୋଡ଼ ବନ୍ଧା ହୋଇଛି । ହଲଚଲ ହେବାକୁ ଜାଗା ନାହିଁ । ତିନିଜଣ ଯାକ ଏକାଠି ଛନ୍ଦା ହୋଇଛୁ କିନ୍ତୁ ଟିକିଲିକୁ ସେମାନେ ବାନ୍ଧି ନ ଥାନ୍ତି । ଆମର କଥା କହିବାକୁ ମଧ୍ୟ ମନ ହେଲା ନାହିଁ । ଭୋକରେ ଓ କଷ୍ଟରେ ଆମେମାନେ କାନ୍ଦି ପକାଇଲୁ । ଦୁଇ ତିନି ଘଡ଼ି ପରେ 'ଅମ୍ବେ' ଦ୍ୱୀପରେ ନାଆ ଖଣ୍ଡିକ ଲାଗିଲା । ସେହିପରି ବନ୍ଧନ କରି ସେମାନେ ଆମମାନଙ୍କୁ ତବ୍ସ ପାଖକୁ ନେଇଗଲେ ।

ତବ୍ସ ଖଣ୍ଡିଏ ଖଟ ଉପରେ ବସିଥିଲା । ତା' ପାଖରେ ବୌଦ୍ଧ ସନ୍ନ୍ୟାସୀଟି ଛିଡ଼ା ହୋଇଥିଲେ । ତାଙ୍କ ମୁହଁଟି ଶୁଖି ଯାଇଥିଲା । ଅନେକ ଗୁଡ଼ିଏ ଲୋକ ସେମାନଙ୍କୁ ଘେରି ବସିଥାନ୍ତି । ଆମକୁ ସେଠିକି ନେଇଗଲେ । ଆମ୍ଭମାନଙ୍କର ଏପରି କାର୍ଯ୍ୟର କୈଫିୟତ୍ ତବ୍ସ ଆମମାନଙ୍କୁ ମାଗିଲା । ଆମେମାନେ ଯାହା କରିଛୁ ତାହା ଠିକ୍ କରିଛୁ ବୋଲି ବୀର କହିଦେଲା । ପୁଣି ସୁଯୋଗ ପାଇଲେ ଭବିଷ୍ୟତରେ ବି ଏପରି କରିବୁ ବୋଲି ସେ ମଧ୍ୟ କହିଦେଲା ।

ଆମ ଯାତ୍ରା କଥା ଶୁଣି ସେ ରାଗିଗଲା । ସଙ୍ଗେ ସଙ୍ଗେ ଆମମାନଙ୍କର ପ୍ରାଣଦଣ୍ଡ ହୁକୁମ ହୋଇଗଲା ।

ତା'ପରେ ଆମମାନଙ୍କୁ ନେଇ ଗୋଟିଏ ଗୁମ୍ଫାରେ ଭର୍ତ୍ତି କରିଦେଲେ । ଗୁମ୍ଫା ମୁହଁରେ ମସ୍ତବଡ଼ ପଥରଟାଏ ଥୋଇଦେଲେ ଯେପରି ଆମେ କାଢ଼ି ନ ପାରିବୁ । ଗୁମ୍ଫା ଭିତରଟା ଭାରି ଅନ୍ଧାର । ସାପ, ବିଛା ପ୍ରଭୃତିର ଭୟ ଥାଏ । ଗୁମ୍ଫା ଭିତର ପରି ନିରାଶାରେ ଆମମାନଙ୍କର ମନ ଅନ୍ଧାର ହୋଇଗଲା । ମୃତ୍ୟୁ ଭୟ ହୃଦୟକୁ ଥରାଇ ଦେଉଥାଏ । ଆମ ଦଶା କ'ଣ ହେବ ଭାବିଲାରୁ ମୁଣ୍ଡ ଘୂରି ଯାଉଥାଏ । ଏ ଲୋକମାନେ ଆମମାନଙ୍କୁ ତାଙ୍କ ଠାକୁରଙ୍କ ପାଖେ ବଳି ଦେବେ । ଆମ ମାଂସ ପୋଡ଼ିକରି ଖାଇଯିବେ ।

ଏ କଥା ଯେତେ ଭାବିଲୁ ସେତେ କଷ୍ଟ ବୋଧ ହେଲା । କେହି ପାଟି ଫିଟାଇ କଥା କହିପାରିଲୁ ନାହିଁ । ଏକପ୍ରକାର ଅଧା ଝାମ ଗଲା ପରି ପଡ଼ିରହିଲୁ । ଯେତେବେଳେ ଚେତନା ଫେରିଲା ସେତେବେଳେ ଦେଖିଲୁ ଯେ ଆମ ଗୁମ୍ଫା ମୁହଁ ପଥର କେତେଜଣ ଲୋକ କାଢ଼ୁଛନ୍ତି । ତା'ପରେ ଦୁଇ ତିନିଜଣ ଲୋକ ଗୁମ୍ଫା ଭିତରକୁ ଆସିଲେ । ସେମାନେ ଆମମାନଙ୍କୁ ଧରି ନେଇଗଲେ ।

ଆମମାନଙ୍କ ହାତ ବନ୍ଧା ହୋଇଥାଏ । ଅଣ୍ଟାରେ ଦଉଡ଼ି ଲଗାଇ ସେମାନେ ଧରିଥାନ୍ତି । ଏତେବେଳକୁ ମୁହଁ ସଞ୍ଜ ହୋଇଗଲାଣି । ଜାଣିପାରିଲୁ ଆମମାନଙ୍କୁ ଠାକୁର ମନ୍ଦିରରେ ବଳି ଦେବାକୁ ନେଉଛନ୍ତି । ଆମମାନଙ୍କର ହଂସା ଉଡ଼ିଗଲା ପରି ଲାଗିଲା । ଏତେବେଳେ ସୁଦ୍ଧା ବଞ୍ଚିବାକୁ ଆଶା ହେଲା । ଜୀବନ ପ୍ରତି କେତେ ମମତା ଲାଗିଆସିଲା । କିନ୍ତୁ ଉପାୟ ନାହିଁ । କେହି ସହାୟ ନାହାନ୍ତି । ଏକା ପରମେଶ୍ୱର । ତାଙ୍କରି କୃପା ପ୍ରାର୍ଥନା କଲୁ ।

ଅଧେ ବାଟ ଯାଇଛୁ ହଠାତ୍ ଝଡ଼ ତୋଫାନ ଉଠାଇଲା । ପ୍ରବଳ ବେଗରେ ତୋଫାନ ବହିଲା । ଘରଦ୍ୱାର ଭାଙ୍ଗିଗଲା । ମୂଷଳ ଧାରରେ ମେଘ ବର୍ଷା ହେଲା । ଘନ ଘନ ବିଜୁଳି ମାରିଲା । ଘଡ଼ଘଡ଼ି ଶବ୍ଦରେ କାନ ଅତଡ଼ା ପଡ଼ିଲା । ଯେଉଁମାନେ ଅମମାନଙ୍କୁ ନେଉଥିଲେ ସେମାନେ ଜୀବନ ବିକଳରେ କୁଆଡ଼େ ପଳାଇଲେ ।

ଏତିକି ବେଳେ ବୌଦ୍ଧ ସନ୍ନ୍ୟାସୀଟି କୁଆଡ଼ୁ ଅସି ପହଞ୍ଚିଗଲେ । ତାଙ୍କ ପାଖରେ ଖଣ୍ଡିଏ ଛୁରୀ ଥିଲା । ସେଥିରେ ଅମମାନଙ୍କର ହାତର ବନ୍ଧନ କାଟିଦେଲେ । ନିକଟରେ ଥିବା କୌଣସି ଗୁମ୍ଫାରେ ଅଶ୍ରା ନେବାକୁ କହି ଚାଲିଗଲେ ।

ଦୁଇଦିନ କାଳ ଏହିପରି ଝଡ଼ ବର୍ଷା ଓ ତୋଫାନ ହେଲା । ଚାରିଆଡ଼ ଜଳମଗ୍ନ ହୋଇଗଲା । ଲୋକଙ୍କର ଘରଦ୍ୱାର ଭାଙ୍ଗିଗଲା । ସମୁଦ୍ରରେ ବଡ଼ ବଡ଼ ଲହରୀ ଉଠିଲା । କ୍ରମେ ସମୁଦ୍ର ବେଳା ଡେଇଁ ମାଡ଼ି ଅସିଲା । ସମୁଦ୍ର ପାଣିରେ ଅନେକ ଲୋକ ଭାସିଗଲେ ।

ଦୁଇଦିନ ପରେ ତୋଫାନ ଟିକିଏ କମିଗଲା । ସମୁଦ୍ରର ଜୁଆର ମଧ୍ୟ କମି ଅସିଲା । ବର୍ଷା ଛାଡ଼ିଗଲା । ଆକାଶରେ ସୂର୍ଯ୍ୟ ଦେଖାଗଲେ । ଅମକୁ ଭାରି ଭୋକ କରୁଥାଏ । ଖାଇବା ପାଇଁ ପାଖ ଗାଁକୁ ଦୌଡ଼ିଗଲୁ । ଅମମାନଙ୍କୁ ଦେଖିଲେ ଗାଁ ଲୋକେ ବାନ୍ଧି ରଖିବେ, ଏ କଥା ଭୁଲି ଯାଇଥାଉ । ପେଟ ବିକଳରେ ସବୁ ଅନ୍ଧାର ଦିଶୁଥାଏ ।

ଗାଁରେ ପହଞ୍ଚି କିଛି ଫଳମୂଳ ଖାଇଲୁ । ଖାଇସାରି ପଳାଇ ଯିବାକୁ ବସିଥିଲୁ । କିନ୍ତୁ ଦୁଇ ତିନିଜଣ ଅମମାନଙ୍କୁ ବାନ୍ଧି ପକାଇ ତରସ ନିକଟକୁ ନେଇଗଲେ । ତା' ହୁକୁମ ଅନୁସାରେ ପୁଣି ଅମମାନଙ୍କୁ ନେଇ ସେଇ ଅନ୍ଧାରୁଆ ଗୁମ୍ଫାରେ ବନ୍ଦୀ କରି ଅସିଲେ ।

## —ସତର—

ଦିନ ପରେ ରାତି, ରାତି ପରେ ଦିନ କଟିଗଲା । ଆମେମାନେ ସେଇ ଅନ୍ଧାରୁଆ ଗୁମ୍ଫାରେ ଥାଉ । କେତେମାସ ବିତିଗଲାଣି—ଆମ ଦେହରେ ଖରାଧାସ ମୋଟେ ପଡ଼ି ନ ଥାଏ । ଆଖିରେ ବାହାର ଜଗତ ଦେଖି ନ ଥାଉ । ସେଇ ଅନ୍ଧାରିଆ ଗୁମ୍ଫାଟି ଆମ ସଂସାର । ତା'ର ଭିତରେ ଆମ ତିନିଜଣଙ୍କର ସବୁ କାରବାର ।

ପ୍ରତିଦିନ ଗୋଟିଏ ଲୋକ ଆସି ଆମକୁ ଖାଇବାକୁ ଦେଇଯାଏ । ପେଟ ପୂରୁ ନ ପୂରୁ ସେତିକ ବାଣ୍ଟି କୁଣ୍ଟି ଖାଇଦେଉ । ପଦାକୁ ତ ବାହାରି ପାରୁନାହୁଁ, ଗାଧୋଇବୁ ବା କେଉଁଠି ? ବାହାରର ମୁକ୍ତ ପବନ ଟିକିଏ ସୁଦ୍ଧା ଦେହରେ ବାଜେ ନାହିଁ । ପହିଲି ପହିଲି ଭାରି ମନ କଷ୍ଟ ହେଲା । ମୁକ୍ତ ହେବାକୁ ମନହେଲା । କିନ୍ତୁ ଭାଳନ୍ତେ ମନକଥା ମନରେ ମରିଗଲା । ଆଉ ଜୀବନ ପ୍ରତି ମମତା ରହିଲା ନାହିଁ । କିପରି ଶୀଘ୍ର ମୃତ୍ୟୁ ହେବ ସେଇକଥା ଭାବିଲୁ ।

ଭଗବାନଙ୍କ ଲୀଳା ! ତାକୁ ବୁଝିବାକୁ ମନୁଷ୍ୟର ସାଧ୍ୟ ନାହିଁ । ଏହିକ୍ଷଣି ଆକାଶ ନିର୍ମଳ ଅଛି । ସୂର୍ଯ୍ୟ ଉଜ୍ଜ୍ୱଳ କିରଣ ଦେଉଛନ୍ତି । ପରମୁହୂର୍ତ୍ତରେ ମେଘ ଘୋଟି ଆସୁଛି । ଚାରିଆଡ଼ ଅନ୍ଧାର ହୋଇ ଯାଉଛି । ସୂର୍ଯ୍ୟ ଲୁଚିଯାଉଛନ୍ତି ।

ଆମର ଭାଗ୍ୟରେ ସେହିପରି ଘଟିଲା । ଆମେମାନେ ବୋଇତ ଖଣ୍ଡେ ପାଇ ଆନନ୍ଦରେ ନାଚି ଉଠିଲୁ । କେତେ ନୂଆ ଆଶା ମନରେ ଜାଗି ଉଠିଲା । କିନ୍ତୁ ସେ ସବୁ ଅଳ୍ପଦିନରେ କୁଆଡ଼େ ଉଭେଇଗଲା । ଶେଷରେ ଏ ଗୁମ୍ଫାରେ ବନ୍ଦୀ ହେଲୁ । ଭବିଷ୍ୟତରେ କ'ଣ ହେବ ଭାବିବାକୁ ମନ ହେଲା ନାହିଁ । ଏଇ ଅନ୍ଧାରରେ ଜୀବନ ଯିବ କିମ୍ବା ଭେଡ଼ାମାନଙ୍କ ଠାକୁରଙ୍କ ପାଖରେ ବଳି ପଡ଼ିବୁ, ଏ କଥା ଭାବିବାରୁ ପ୍ରାଣ ଦହଗି ହୋଇଗଲା ।

ଦିନେ ତିନିଜଣ ଯାକ ଗୁମ୍ଫା ଭିତରେ ବସିଥିଲୁ । ସେ ଦିନ ଖାଇବାକୁ ଦେବାକୁ ଆଉ କେହି ଆସି ନ ଥାନ୍ତି । ଭୋକରେ ପେଟ ଜଳୁଥାଏ । ଅନେକ ଦିନ ଗାଧୋଇ ନ ଥିବାରୁ ଦେହରେ କୁଣ୍ଡିଆ ଭର୍ତ୍ତି ହୋଇ ଯାଇଥାଏ । ସେଗୁଡ଼ାକ ଗଲ ଗଲ ହେବାରୁ ବାମ୍ପୁଥାଉ । ଏତିକିବେଳେ ଆଁନ୍ଦ କହିଲା, "ଭାଇ, ସତେ କ'ଣ ଆମେ ମୁକ୍ତ ହେବା ନାହିଁ ?"

ଏତିକି କହି ସେ କାନ୍ଦି ପକାଇଲା । ତା'ର କୋହ ଉଠିଲା । ମୁଁ ସାନ୍ତ୍ୱନା ଦେବାକୁ ବସିଲି । କିନ୍ତୁ କଣ୍ଠରୁଦ୍ଧ ହୋଇଗଲା । ପାଟି ଫିଟିଲା ନାହିଁ । ପେଟ ଭିତରୁ ହପ୍‌ସା ଉଠିଲା । ବୀର କ'ଣ ତା' କାନରେ ଥିର ଥିର କରି କହିଲା । ସେ ବୀର ଗୋଡ଼କୁ ତଳି ପଡ଼ିଲା । ତା'ର ଦୁଇ ଆଖିରୁ ଲୁହ ଝର ଝର ଗଡ଼ିପଡ଼ିଲା ।

ଏତିକିବେଳେ ପଦାରେ ମନୁଷ୍ୟ ଆସିବାର ଶବ୍ଦ ଶୁଭିଲା । ଭାବିଲୁ, ଖାଇବାକୁ ଦେବାକୁ କେହି ଆସୁଛି । ମୁହୂର୍ତ୍ତିକ ମଧ୍ୟରେ

ଲୋକଟି ଆମ ପାଖରେ ପହଞ୍ଚିଲା । ତା' ହାତରେ ଖଣ୍ଡେ ଛୁରି ଥିଲା । ସେଥିରେ ଆମମାନଙ୍କ ବନ୍ଧନ କାଟିଦେଲା । ଆମମାନଙ୍କୁ ପଦାକୁ ଯିବାକୁ କହିଲା । ମୁଁ ଯତଣ ଅବାକ୍ ହୋଇଗଲି । ଭାବିଲି ଆଜି ବୋଧହୁଏ ବଳି ଦେବେ । କିନ୍ତୁ କିଛି ସମୟ ପରେ ଲୋକଟି କହିଲା—"ଭାଇ, ତୁମେମାନେ ଆଜି ପ୍ରଭୁ ବୁଦ୍ଧଙ୍କ ଦୟାରୁ ମୁକ୍ତ । ତୁମ ଇଚ୍ଛା ମୁତାବକ କାମ କର । ଯେଣିକି ଇଚ୍ଛା ସେଣିକି ଯାଅ ।"

ଏ ସବୁ କଥା ସପନରେ ଶୁଣିଲା ପରି ମତେ ବୋଧ ହେଲା । ଦଣ୍ଡେ ଯାଏ କିଛି ଠିକ୍ କରି ପାରିଲି ନାହିଁ । କିଛି ମଧ୍ୟ କହି ପାରିଲି ନାହିଁ । ପୁଣି ସେ ଲୋକଟି କହିଲା—ତଥାଗତଙ୍କ କୃପାରୁ ଆମ ଦ୍ୱୀପକୁ ଜଣେ ବୌଦ୍ଧ ଶ୍ରମଣ ଆସିଛନ୍ତି । ତାଙ୍କ ଘର କଳିଙ୍ଗ ଦେଶରେ । ତାଙ୍କଠାରୁ ସର୍ଦ୍ଦାର ବୌଦ୍ଧ ଧର୍ମ ଗ୍ରହଣ କରିଛନ୍ତି । ଆମେ ସମସ୍ତେ ମଧ୍ୟ ବୌଦ୍ଧ ହୋଇଯାଇଛୁ । ସର୍ଦ୍ଦାରଙ୍କ ଆଦେଶରେ ତୁମମାନଙ୍କୁ ମୁକ୍ତ କଲି । ଚାଲ ସର୍ଦ୍ଦାରଙ୍କ ଘରକୁ ଯିବା ।

ଆମେମାନେ କିଛି କହି ପାରିଲୁ ନାହିଁ । କଳ ଖୋଲିଲା ପରି ଧୀରେ ଧୀରେ ପଦାକୁ ଆସିଲୁ । ବାହାରେ ସୂର୍ଯ୍ୟଙ୍କ କିରଣ ଆମ ଦେହରେ ପଡ଼ିଲା । ଖୋଲା ପବନ ଦେହରେ ବାଜିଲା । ଅଜାଣତରେ ଦୀର୍ଘ ନିଶ୍ୱାସ ମାରିଲୁ । ଏହି ନିଶ୍ୱାସରେ ଆମର ଦୁଃଖ ତାପ ଉଡ଼ିଗଲା ପରି ଲାଗିଲା । ଭଗବାନଙ୍କ ଦୟା ସ୍ମରି ତନ୍ମୟ ହୋଇଗଲୁ । ଆଖିରୁ କୃତଜ୍ଞତାର ଲୁହଧାର ବହିଗଲା । ବାହାରେ ଅନେକ ଲୋକ ଅପେକ୍ଷା କରିଥାନ୍ତି । ଆମେମାନେ ସେମାନଙ୍କ ସଙ୍ଗରେ ସର୍ଦ୍ଦାରଙ୍କ ଘରକୁ ଗଲୁ ।

ତସ୍ସ ଖଣ୍ଡିଏ ବେଞ୍ଚ ଉପରେ ବସିଥିଲା । ତା'ର ବାମ ପାଖରେ ଜଣେ ବୌଦ୍ଧ ସନ୍ୟାସୀ ଗୋଟିଏ ମୋଡ଼ା ଉପରେ ବସି ତାଙ୍କୁ ଉପଦେଶ ଦେଉଥିଲେ । ଆମର ପୂର୍ବ ପରିଚିତ ବୌଦ୍ଧ ସନ୍ୟାସୀଟି ଛିଡ଼ା ହୋଇଥିଲେ । ତାଙ୍କ ପାଖକୁ ଆଉ ଜଣେ ବୌଦ୍ଧ ଶ୍ରମଣ ଠିଆ ହୋଇଥିଲେ । ପୋଷାକ ପତ୍ରରୁ ଠିକ୍ କରିନେଲୁ ଯେ ମୋଡ଼ାରେ ବସିଥିବା ସନ୍ୟାସୀଟି ଆମରି କଳିଙ୍ଗର ଲୋକ । ଆମମାନଙ୍କୁ ଦେଖି ସନ୍ୟାସୀମାନେ କୁଣ୍ଢାଇ ପକାଇଲେ । ଆନନ୍ଦର ଲୁହଧାର ସେମାନଙ୍କର ଆଖିରୁ ବହିଗଲା । ସମସ୍ତେ ବୁଦ୍ଧଙ୍କର ଦୟା କଥା ଭାବୁଥାଉ । ଏତିକିବେଳେ ତସ୍ସ ଆମମାନଙ୍କୁ ଦେଖି କାନ୍ଦ କାନ୍ଦ ହୋଇ ଆମ ପାଦତଳେ ପଡ଼ିଗଲା, ଆମ ପ୍ରତି କରିଥିବା ଦୋଷ ପାଇଁ କ୍ଷମା ମାଗିଲା । ବୀର ତାକୁ ତଳୁ ଉଠାଇ ନେଇ କୁଣ୍ଢାଇ ପକାଇଲା । ଆମକୁ ଛାଡ଼ି କରୁଣାସିନ୍ଧୁ ସେଇ ତଥାଗତଙ୍କୁ କ୍ଷମାଭିକ୍ଷା କରିବାକୁ ତାକୁ ଉପଦେଶ ଦେଲା । ସେ ଆଶ୍ୱସ୍ତ ହେଲା ।

ପରେ ବୁଝିଲୁ ଯେ ଆମ ଦେଶର ଏ ବୌଦ୍ଧ ଶ୍ରମଣ ଏ ଦ୍ୱୀପକୁ ଆସିବାର ମାସେ ହେଲାଣି, ତାଙ୍କର ଉପଦେଶରେ ତସ୍ସର ପରିବର୍ତ୍ତନ ହେଲା । ସେ ତାଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ କଲା । ତା' ଦେଖାଦେଖି ତା'ର ପ୍ରଜାମାନେ ମଧ୍ୟ ବୌଦ୍ଧ ହେଲେ । ସେଇ ସନ୍ୟାସୀଙ୍କ ଦୟାରୁ ଆମେମାନେ ମୁକ୍ତ ହେଲୁ ।

ବୀର ଝିଙ୍କଲି କଥା ପଚାରିଲା । ଏତିବେଳକୁ ଆମ ଘରପଟେ ଅସଂଖ୍ୟ ଲୋକ ଜମା ହୋଇ ଗଲେଣି । ଝିଙ୍କଲି ସେଇମାନଙ୍କ ମଧ୍ୟରେ ଠିଆ ହୋଇଥିଲା । ତା'ର ଡାହାଣ ପାଖରେ ଜଣେ ଯୁବକ ଠିଆ ହୋଇଥିଲେ । ସେ ତାହାର ସ୍ୱାମୀ । ଏହାକୁ ବାହା ହେବାକୁ, ତା'ର ମନ ଥିଲା । ଆମମାନଙ୍କୁ ଦେଖିପାରି ଝିଙ୍କଲି

ଧାଇଁ ଆସିଲା । ତା'ର ସ୍ୱାମୀ ମଧ୍ୟ ଧାଇଁ ଆସିଲେ । ଦୁହେଁଯାକ ଆମ ଗୋଡ଼ତଳେ ପଡ଼ିଗଲେ । ହୃଦୟର କୃତଜ୍ଞତା ଜଣାଇଲେ । ଆମମାନଙ୍କର ଋଣ ଶୁଝି ପାରିବେ ନାହିଁ ବୋଲି କହିଲେ । ଆମେମାନେ ଦୁହିଁଙ୍କୁ ତଳୁ ଉଠାଇ ନେଲୁ । ସବୁ ବୁଦ୍ଧଙ୍କର ଦୟା, ତଥାଗତଙ୍କର କରୁଣା, ଆମେମାନେ ନିମିତ୍ତମାତ୍ର, ଏହିପରି ଭାବେ ସେମାନଙ୍କୁ ବୁଝାଇଲୁ । ସମସ୍ତେ ଆନନ୍ଦରେ ଗାଇ ଉଠିଲେ—"ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମ୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି ।"

## — ଅଠର —

ଦୁଇଦିନ ପରେ ଆମେ ଆପଣା ଦେଶକୁ ଫେରି ଆସିବାକୁ ବସିଲୁ । ଉଗ୍ରସ ଆମ ବୋଇତ ଖର୍ଚ୍ଚି ଫେରାଇ ଦେଲେ । ଅନେକ ପ୍ରକାରର ଉପହାର ଦେଲେ । ବୋଇତରେ ବହୁତ ଖାଇବା ଜିନିଷ ଭରପୂର କରିଦେଲେ । ବୋଇତ ଚଳାଇବାରେ ଆମକୁ ସାହାଯ୍ୟ କରିବାକୁ କେତେଗୁଡ଼ିଏ ନାଉରୀ ଯୋଗାଇଦେଲେ । ବୋଇତ ବୋଝାଇ ସରିଗଲା । ଆମେମାନେ ସମସ୍ତଙ୍କ ଠାରୁ ବିଦାୟ ମାଗିଲୁ । ସମସ୍ତଙ୍କ ମନ ଦୁଃଖରେ ପୂରିଗଲା । ଆଖିରୁ ବିଦାୟ ଅଶ୍ରୁ ଗଡ଼ିପଡ଼ିଲା । ଏତିକିବେଳେ ସେଇ ତଥାଗତଙ୍କର ନାମ ଓ ମହିମା ସାନ୍ତ୍ୱନା ଦେଲା । ଶେଷଥର ପାଇଁ ପରସ୍ପର କୋଳାକୋଳି ହେଲୁ । ତା'ପରେ ନାଉରୀଙ୍କୁ ନେଇ ତିନିହେଁ ବୋଇତରେ ଚଢ଼ିଲୁ । ବୋଇତରେ ପାଲ ଟାଣିଦେଲୁ । ଆପଣାର ଜନ୍ମଭୂମି କଳିଙ୍ଗ ଦେଶ ଅଡକୁ ବୋଇତ ଚଳାଇଲୁ । ବେଳାଭୂଇଁରେ ହାତ ଟେକି ସମସ୍ତେ ଗାଇ ଉଠିଲେ—

"ବୁଦ୍ଧଂ ଶରଣଂ ଗଚ୍ଛାମି;
ଧର୍ମ୍ମଂ ଶରଣଂ ଗଚ୍ଛାମି;
ସଂଘଂ ଶରଣଂ ଗଚ୍ଛାମି ।"



[ ସନ୍ନ୍ୟାସୀ ତସ୍କରକୁ ଉପଦେଶ ଦେଉଛନ୍ତି—ପାଖରେ ଦୁଇଜଣ ବୌଦ୍ଧ ଶ୍ରମଣ ଓ ପିଲା ତିନିଜଣ ]